

୨ନମ୍ବରରେ ସ୍ମୃତି ମନ୍ଧାନା ପୃଷ୍ଠା ୬

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sanchardisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 272 | ଭାଗ ୩୨ | ସଂଖ୍ୟା୨୭୨ | Bhubaneswar | Thursday 26 December 2024 | Page 8 Rs. 4.00 | ଭୁବନେଶ୍ୱର ଗୁରୁବାର ୨୬ ଡିସେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା




# ବିକଶିତ ଓଡ଼ିଶାକୁ ଗତି ଦେଉଛି ଡବଲ ଇଞ୍ଜିନ




- ସେତୁ ମୁକୁ : ସେନାପତି ମୋହନ
- ଦେଶରେ ଉଦାହରଣ ହେବ ଓଡ଼ିଶା

**ଭୁବନେଶ୍ୱର, ୨୫।୧୨ (ସଂଚାର ବ୍ୟୁରୋ):** ରାଜ୍ୟରେ ବିଜେପି ସରକାର ଗଠନ ହେବାକୁ ଇତି ମଧ୍ୟରେ ଛଅ ମାସ ପୁରିଛି । ଉଭୟ କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ଥିବାରୁ ଓଡ଼ିଶାର ବିକାଶକୁ ଧିରେ ଧିରେ ଗତି ମିଳିବାରେ ଲାଗିଛି। କେନ୍ଦ୍ରର ଫୋକସରେ ରହିଛି ଓଡ଼ିଶା । ମିଶନ ପୂର୍ବୋଦୟର ଓଡ଼ିଶା ପ୍ରୟୋଗଶାଳା ହେବାକୁ ଯାଉଥିବାବେଳେ ଦୁଇ ଇଞ୍ଜିନ ମଧ୍ୟରେ ସେତୁ ସାଜିଛନ୍ତି ସମ୍ବଲପୁର ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରୀୟ ପ୍ରକଳ୍ପ ହେଉ ବା କେନ୍ଦ୍ରୀୟ ନେତା, ଓଡ଼ିଶାକୁ ଯେଉଁଭଳି ଭାବରେ ଆଗମନ ହେଉଛି ତାହା ପଛରେ ରହିଛି ଧର୍ମେନ୍ଦ୍ରଙ୍କ ଅଦୃଶ୍ୟ ଉଦ୍ୟମ । ଆଉ ଓଡ଼ିଶାରେ ବିକାଶର ଗାଡ଼ିକୁ ଆଗେଇ ନେବାରେ ସେନାପତି ସାଜିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ।

ନିର୍ବାଚନ ପୂର୍ବରୁ ଧର୍ମେନ୍ଦ୍ର ସାଜିଥିଲେ ଓଡ଼ିଶାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ହନୁମାନ। ମାରାଥନ ପ୍ରଚାର ସାଙ୍ଗକୁ ଦେଇଥିଲେ ମାଳ ମାଳ ପ୍ରତିଶ୍ରୁତି। ଏବେ ପ୍ରତିଶ୍ରୁତି ପାଳନ କରିବାର ବେଳ। ପାଳନ ବି ହେଉଛି । ପାଳନର କରିବାର ଦାୟିତ୍ୱ ରହିଛି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଉପରେ। ନୂଆ ସରକାରର ସ୍ଲୋଗାନ ହେଉଛି 'ଆମେ ଯାହା ପ୍ରତିଶ୍ରୁତି ଦେଉ, ତାହା ପୂରଣ କରୁ ଓ କରିବୁ'। କେନ୍ଦ୍ରୀୟ ନେତାଙ୍କ ବଳରେ ଆଗକୁ ଆଗକୁ ମାଡି ଚାଲିଛନ୍ତି ମୋହନ।





ନୂଆ ସରକାର ତାଙ୍କର ପ୍ରଥମ ପ୍ରତିଶ୍ରୁତି ପୂରଣ କରିଥିଲେ ଶ୍ରୀମନ୍ଦିରର ଚାରିଦ୍ୱାର ଫିଟାରୁ । ନିର୍ବାଚନ ପ୍ରତିଶ୍ରୁତି ମୁତାବକ ଶପଥ ନେଲାପରେ ଦଳ ବଳ ସହିତ ନୂଆ ସରକାର ପୁରୀ ଯାଇ ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିଥିଲେ। ଭକ୍ତଙ୍କୁ ମିଳିଥିଲା ଆଶ୍ୱସ୍ତି । ଏବେ ଶ୍ରୀମନ୍ଦିରରେ ଚାଲିଛି ଗୋଟିଏ ପରେ ଗୋଟିଏ ସଂସ୍କାର । ଶୁଦ୍ଧ ଘିଅରେ ମହାପ୍ରଭୁମାନଙ୍କର ନୀତିକାନ୍ତି ଠାରୁ ଆରମ୍ଭ କରି ଭକ୍ତଙ୍କ ପାଇଁ ଧାଡି ଦର୍ଶନ ପର୍ଯ୍ୟନ୍ତ ସବୁକିଛି ଗୋଟିକ ପରେ ଗୋଟିଏ ଚାଲିଛି ।

ସେହିଭଳି ନିର୍ବାଚନ ପ୍ରତିଶ୍ରୁତି ମୁତାବକ ରାଜ୍ୟରେ କାର୍ଯ୍ୟକାରୀ ହେଉଛି ସୁଭଦ୍ରା ଯୋଜନା । କୋଟିଏରୁ ଅଧିକ ମହିଳା ଏହି ଯୋଜନାରେ ବାର୍ଷିକ ୫୦୦୦ ଟଙ୍କା କରି ଆର୍ଥିକ ସହାୟତା ପାଇ ସାରିଲେଣି । ଆଗାମୀ ୫ବର୍ଷ ପାଇଁ ଏହି ଯୋଜନା କାର୍ଯ୍ୟକାରୀ ହେବ । ସମସ୍ତ ପୁରୁଣା ଯୋଜନା ସହିତ ମୋହନ ସରକାରଙ୍କର ସୁଭଦ୍ରା ଯୋଜନା ହେଉଛି ଓଡ଼ିଶା ମା' ଭଉଣୀମାନଙ୍କ ପାଇଁ ବଡ ଉପହାର ।

କୃଷି ପ୍ରଧାନ ରାଜ୍ୟ ଓଡ଼ିଶାକୁ ନୂଆ ଗତି ଦେବାପାଇଁ ରାଜ୍ୟ ସରକାର ଅଣ୍ଟା ଭିଡିଛନ୍ତି । ନିର୍ବାଚନୀ ପ୍ରତିଶ୍ରୁତି ମୁତାବକ ଧାନ କୁଇଣ୍ଟାଲ ଦର ୨୩୦୦ ଟଙ୍କାରୁ ୩୧୦୦ ଟଙ୍କାକୁ ବୃଦ୍ଧି କରାଯାଇଛି । ଚଳିତ ଖରିଫ ଋତୁରୁ ଏହା ଲାଗୁ ହୋଇଛି । ଚାଷୀଙ୍କୁ ମିଳିଛି ବଡ। ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ସହିତ ନିମ୍ନମାନର ଧାନକୁ ସରକାର ସଂଗ୍ରହ କରିବେ ବୋଲି ପ୍ରତିଶ୍ରୁତି ବି ଦେଲେଣି । ମିଲରମାନଙ୍କ ମନମାନୀ ଓ କଟନ୍ ଛଟନୀ ଉପରେ ରୋକ୍ ଲଗାଇଛନ୍ତି ନୂଆ ସରକାର । ଆଳୁ ପାଇଁ ଓଡ଼ିଶାବାସୀ ଯେଭଳି ଆଗାମୀ ଦିନରେ ଛଟପଟ ନହେବେ ସେଥିପାଇଁ ପୁଣିଥରେ କାର୍ଯ୍ୟକାରୀ ହେଉଛି ଆଳୁ ମିଶନ । ଉତ୍ପାଦିତ ଆଳୁ ସାଇତି ରଖିବାପାଇଁ ନିର୍ମାଣ ଆରମ୍ଭ ହୋଇଯାଇଛି ଏକାଧିକ ଶୀତଳଭଣ୍ଡାର ।

ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସବୁଠାରୁ ବଡ ସମସ୍ୟା ହେଉଛି ଡାକ୍ତର ଅଭାବ। ➪ପୃଷ୍ଠା-୬

# ବାଜପେୟୀଜୀ ଜଣେ ଦେବୋପମ ବ୍ୟକ୍ତି, ଯୁଗ ପୁରୁଷ, ଅଜାତଶତ୍ରୁ

- ଅଟଳଜୀ ଥିଲେ ଲୋକ ଅଭିବ୍ୟକ୍ତିର ବଡ଼ ପ୍ରତୀକ: ଧର୍ମେନ୍ଦ୍ର
- 'ଅଟଳ ଉଦ୍ୟାନ'ର ଉଦ୍‌ଘାଟନ ଓ 'ଅଟଳ ଛକ'ର ନାମକରଣ
- ଅଟଳଜୀଙ୍କ ବିକାଶ ଧାରାକୁ ତ୍ୱରାନ୍ୱିତ କରୁଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ

**ଭୁବନେଶ୍ୱର/ବୁର୍ଲା, ୨୫।୧୨ (ସଂଚାର ବ୍ୟୁରୋ):** ବାଜପେୟୀ ଜୀ ଥିଲେ ଜଣେ ଦେବୋପମ ବ୍ୟକ୍ତି। ତାଙ୍କ ଜୀବନର ଗଭୀରତା, ସଦ୍‌ଗୁଣ ଓ ଆଦର୍ଶ ତାଙ୍କୁ ଦେବତାଙ୍କ ସହିତ ତୁଳନୀୟ କରିଥିଲା। ତାଙ୍କର ବ୍ୟକ୍ତିତ୍ୱ ଥିଲା ଶାନ୍ତ, ସ୍ନିଗ୍ଧ, ସରଳ ଓ ନମ୍ର । ଦଳମତ ନିର୍ବିଶେଷରେ ସେ ଥିଲେ ସମସ୍ତଙ୍କ ପ୍ରିୟ । ତାଙ୍କର ରାଜନୈତିକ ବିରୋଧୀ ଥିଲେ। କିନ୍ତୁ, କେହି ଶତ୍ରୁ ନଥିଲେ । ତେଣୁ, ସେ ଥିଲେ ଅଜାତଶତ୍ରୁ । ଆଜି ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ସୁଶାସନ ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ସ୍ଥାନୀୟ ଓୟୁଏଟି କୃଷି ସେବା ସଦନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜଣେ ଉଦାର ହୃଦୟ ଜନନାୟକ, ସଫଳ ପ୍ରଧାନମନ୍ତ୍ରୀ, ଓଜସ୍ୱିନୀ ବକ୍ତା ଓ ଜଣେ ପ୍ରସିଦ୍ଧ କବି ଭାବେ ଭାରତ ବର୍ଷର ରାଜନୈତିକ ଇତିହାସରେ ସ୍ୱର୍ଗତ ବାଜପେୟୀଙ୍କ ନାମ ଚିରଦିନ ପାଇଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ସେ ପୁଣି କହିଥିଲେ ଯେ ବାଜପେୟୀଜୀ ଥିଲେ ଜଣେ ଯୁଗପୁରୁଷ । ବିଂଶ ଶତାବ୍ଦୀର ଶେଷ ଭାଗରେ ଓ ଏକବିଂଶ ଶତାବ୍ଦୀର ପ୍ରାରମ୍ଭରେ ସେ ଦେଶର ନେତୃତ୍ୱ ନେଇ ସାରା ଦେଶକୁ ଏକ ନୂଆ ଦିଗ୍‌ଦର୍ଶନ ଦେଇଥିଲେ । ରାଷ୍ଟ୍ର ନାୟକ, ପୂର୍ବତନ ➪ପୃଷ୍ଠା-୬

# ଆହୁରି ୨୪ ଘଣ୍ଟା ବର୍ଷିବ



**ବୁର୍ଲା, ୨୫।୧୨ (ସଂଚାର ବ୍ୟୁରୋ):** ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ରାଜ୍ୟରେ ବର୍ଷା ଜାରି ରହିଛି। ଆସନ୍ତାକାଲି ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିବ। ଆଜି ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାକୁ ଛାଡ଼ିଦେଲେ ବାକି ସମସ୍ତ ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି ଆଜି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆଗାମୀ ୨୪ ଘଣ୍ଟା ପର୍ଯ୍ୟନ୍ତ ରାଜ୍ୟରେ ଅନେକ ସ୍ଥାନରେ ହାଲୁକାର ମଧ୍ୟମ ଧରଣର ବର୍ଷା ଲାଗି ରହିବ। ହେଲେ ଗୋଟିଏ ୨ଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଯେପରିକି ନବରଙ୍ଗପୁର, କଳାହାଣ୍ଡି, ନୟାଗଡ଼, ଖୋର୍ଦ୍ଧା, କଟକ, ଗଞ୍ଜାମ , ଗଜପତି , ରାୟଗଡ଼ା ଓ କେନ୍ଦ୍ରାପଡ଼ାରେ ଜିଲ୍ଲାରେ ମଧ୍ୟମ ଧରଣ ବର୍ଷା ହୋଇପାରେ। କିଛି ସ୍ଥାନରେ ମଧ୍ୟ ପ୍ରବଳ ବର୍ଷା ହୋଇପାରେ। ଆସନ୍ତାକାଲି ଦକ୍ଷିଣ ଓଡ଼ିଶାରେ ଗୋଟିଏ ୨ଟି ସ୍ଥାନରେ ବର୍ଷା ହୋଇପାରେ।

# ଓଡ଼ିଶାକୁ ୪୫୫ କୋଟି ଟଙ୍କା ଅନୁଦାନ

**ଭୁବନେଶ୍ୱର, ୨୫।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ର ସରକାର ଓଡ଼ିଶା ଓ ରାଜସ୍ଥାନର ଗ୍ରାମୀଣ ସ୍ଥାନୀୟ ସଂସ୍ଥାଗୁଡ଼ିକ ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ପଞ୍ଚଦଶ ଅର୍ଥ ଆୟୋଗ ଅନୁଦାନ ରାଶି ପ୍ରଦାନ କରିଛନ୍ତି। ଓଡ଼ିଶାର ଗ୍ରାମୀଣ ସ୍ଥାନୀୟ ସଂସ୍ଥା ଗୁଡ଼ିକ ପାଇଁ ୨୦୨୪-୨୫ ଆର୍ଥିକ ବର୍ଷର ଦ୍ୱିତୀୟ କିସ୍ତି ଅର୍ଥାତ୍ ୩୭୦.୨୦ କୋଟି ଟଙ୍କା ଏବଂ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଅଣବନ୍ଧିତ ଅନୁଦାନର ପ୍ରଥମ କିସ୍ତିର ବକେୟା ରାଶି ୮୪.୫୦୮୬ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହି ପାଣ୍ଠି ରାଜ୍ୟର ସମସ୍ତ ଯୋଗ୍ୟ ୬୭୯୪ ଟି ଗ୍ରାମ ପଞ୍ଚାୟତ, ୩୧୪ ଟି ବ୍ଲକ ପଞ୍ଚାୟତ ଏବଂ ୩୦ ଟି ଜିଲ୍ଲା ପଞ୍ଚାୟତ ପାଇଁ ରହିଛି।

ବେତନ ଏବଂ ଅନ୍ୟାନ୍ୟ ପ୍ରତିଷ୍ଠା ଖର୍ଚ୍ଚ ବ୍ୟତୀତ ସମ୍ବିଧାନର ଏକାଦଶ ଅନୁସୂଚୀରେ ଥିବା ଅଣତିରିଶ (୨୯) ବିଷୟ ଅଧୀନରେ ପଞ୍ଚାୟତିରାଜ ଅନୁଷ୍ଠାନ (ପିଆରଆଇ)/ ଗ୍ରାମୀଣ ସ୍ଥାନୀୟ ସଂସ୍ଥା (ଆରଏଲବି) ଦ୍ୱାରା ସ୍ଥାନ-ନିର୍ଦ୍ଦିଷ୍ଟ ଆବଶ୍ୟକତା ପାଇଁ ଅଣବନ୍ଧିତ ଅନୁଦାନ ବ୍ୟବହାର କରାଯିବ। (କ) ଓଡିଏଫ ସ୍ଥିତିର ପରିମଳ ଏବଂ ରକ୍ଷଣାବେକ୍ଷଣର ମୌଳିକ ସେବା ପାଇଁ ଅନୁଦାନ ବ୍ୟବହାର କରାଯାଇପାରିବ, ଏବଂ ଏଥିରେ ଘରୋଇ ବର୍ଜ୍ୟବସ୍ତୁର ପରିଚାଳନା ଏବଂ ବିଶୋଧନ, ବିଶେଷକରି ମାନବ ମଳ ଏବଂ ବର୍ଜ୍ୟ ପରିଚାଳନା ଏବଂ (ଖ) ପାନୀୟ ଜଳ ଯୋଗାଣ, ବର୍ଷା ଜଳ ସଂରକ୍ଷଣ ଏବଂ ଜଳ ପୁନଃବ୍ୟବହାର ଅନ୍ତର୍ଭୁକ୍ତ ହେବ।

ଭାରତ ସରକାର ପଞ୍ଚାୟତିରାଜ ମନ୍ତ୍ରଣାଳୟ ଏବଂ ଜଳଶକ୍ତି ମନ୍ତ୍ରଣାଳୟ (ପାନୀୟ ଜଳ ଓ ପରିମଳ ବିଭାଗ) ମାଧ୍ୟମରେ ଗ୍ରାମୀଣ ସ୍ଥାନୀୟ ସଂସ୍ଥା ପାଇଁ ରାଜ୍ୟମାନଙ୍କୁ ପଞ୍ଚଦଶ ଅର୍ଥ ଆୟୋଗ (ଏକ୍ସଭି ଏଫସି) ଅନୁଦାନ ପ୍ରଦାନ କରିବାକୁ ସୁପାରିସ କରିଛନ୍ତି ଯାହା ପରେ ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ପ୍ରଦାନ କରାଯାଇଥାଏ। ଆବଣ୍ଟିତ ଅନୁଦାନଗୁଡ଼ିକ ଏକ ଆର୍ଥିକ ବର୍ଷରେ ୨ ଟି କିସ୍ତିରେ ସୁପାରିଶ ଏବଂ ପ୍ରଦାନ କରାଯାଏ ।

# ୨୮ରେ ସମ୍ବଲପୁର ଆସିବେ ଶାହ



**ଭୁବନେଶ୍ୱର, ୨୫।୧୨ (ସଂଚାର ବ୍ୟୁରୋ):** ୨୮ରେ ସମ୍ବଲପୁର ଆସିବେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ । ଏନେଇ ସୂଚନା ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଗସ୍ତ ବେଳେ ଛବିଲ ସାଏଙ୍କୁ ନେଇ ଏକ ପୁସ୍ତକ ଉନ୍ମୋଚନ କରିବା ସହ ଅନେକ ବିକାଶ ମୂଳକ କାର୍ଯ୍ୟର ଉଦଘାଟନ କରିବେ କେନ୍ଦ୍ର ଗୃହମନ୍ତ୍ରୀ। ୩୦ ଡିସେମ୍ବରରେ କୁଡୋପାଲିରେ ୫୬ଜଣ ସହିଦ ଓ ୪ ଜଣଙ୍କୁ ଫାଶୀ ଦେଇଥିଲେ ଇଂରେଜ ସରକାର । ଯାହା ଜାଲିଆନାୱାଲାବାଗ ଘଟଣାକୁ ଦୋହରାଇଥିଲା। ଏହି ଘଟଣାକୁ ନ୍ୟାସନାଲ ବୁକ ଟ୍ରଷ୍ଟରେ ଲିପିବଦ୍ଧ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।

# ମାର୍ଚ୍ଚରେ 'ସୁଭଦ୍ରା'ର ଦ୍ୱିତୀୟ କିସ୍ତି, କୋଟିଏଙ୍କ ଖାତାକୁ ଯିବ ଟଙ୍କା




**ଭୁବନେଶ୍ୱର, ୨୫।୧୨ (ସଂଚାର ବ୍ୟୁରୋ):** ଜାନୁଆରୀ ସୁଦ୍ଧା କୋଟିଏ ମହିଳାଙ୍କୁ ମିଳିବ ପ୍ରଥମ କିସ୍ତି ସହାୟତା। ଏହା ପରେ ମାର୍ଚ୍ଚରେ ମିଳିବ 'ସୁଭଦ୍ରା' ଯୋଜନାର ଦ୍ୱିତୀୟ କିସ୍ତି । ଏଥିରେ ମଧ୍ୟ କୋଟିଏ ହିତାଧିକାରୀ ପାଇବେ ଦ୍ୱିତୀୟ କିସ୍ତି ଟଙ୍କା । ଏକାକାଳୀନ କୋଟିଏ ହିତାଧିକାରୀଙ୍କ ଖାତାକୁ ଯିବ ଟଙ୍କା। ସୁଶାସନ ଦିବସ କାର୍ଯ୍ୟକ୍ରମରେ ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ସୂଚନା ଯୋଗ୍ୟ କିଛି ଦିନ ତଳେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ ଯେ ଜାନୁଆରୀରେ ମିଳିବ 'ସୁଭଦ୍ରା ଯୋଜନା' ପ୍ରଥମ କିସ୍ତିର ୪ର୍ଥ ପର୍ଯ୍ୟାୟ ଟଙ୍କା । ଏହି ପର୍ଯ୍ୟାୟରେ ୨୦ ଲକ୍ଷରୁ ଅଧିକ ମହିଳାଙ୍କ ଖାତାକୁ ଯିବ ସୁଭଦ୍ରା ଟଙ୍କା । ଭେରିଫିକେସନ୍ ପ୍ରକ୍ରିୟା ଡିସେମ୍ବର ୩୦ ସୁଦ୍ଧା ସାରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ଜାନୁଆରୀରେ ସୁଭଦ୍ରା ଯୋଜନା ଟଙ୍କା ଦିଆଯିବ ବୋଲି ପ୍ରଭାତୀ ପରିଡ଼ା କହିଥିଲେ ।

# ସଂସଦ ନିକଟରେ ଦେହରେ ନିଆଁ ଲଗାଇଦେଲେ

## ମିଳିଲା ଅଧା ପୋଡ଼ା ଚିଠି



**ନୂଆଦିଲ୍ଲୀ, ୨୫।୧୨ (ଏଜେନ୍ସି):** ସଂସଦ ନିକଟରେ ଜଣେ ବ୍ୟକ୍ତି ଆତ୍ମାହୁତି ଉଦ୍ୟମ କରିଛନ୍ତି। ଉତ୍ତର ପ୍ରଦେଶର ବାଗପତରେ ରହୁଥିବା ଜିତେନ୍ଦ୍ର ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କିନ୍ତୁ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା କୁହାଯାଉଛି। ଘଟଣା ସ୍ଥଳରୁ ପୁଲିସ୍ ଦୁଇ ପୃଷ୍ଠାର ଅଧା ଲେଖା ଚିଠି ଠାବ କରିଛି। କିନ୍ତୁ ଏଥିରେ ଥିବା ବିଷୟବସ୍ତୁ ସମ୍ପର୍କରେ ଜଣାପଡ଼ି ନାହିଁ। ପୁଲିସ୍ ଘଟଣା ସ୍ଥଳରୁ ପେଟ୍ରୋଲ ଜବତ କରି ଅଧିକ ତଦନ୍ତ କରୁଛି। ପୁଲିସ୍‌ର କହିବା କଥା ଯେ ବ୍ୟକ୍ତି ଜଣଙ୍କ ➪ପୃଷ୍ଠା-୬

# ଖୁବ୍‌ଶୀଘ୍ର ଫେରାଯିବ ଚିଟ୍‌ଫଣ୍ଡ ଟଙ୍କା : ମନମୋହନ



**ଭୁବନେଶ୍ୱର, ୨୫।୧୨ (ସଂଚାର ବ୍ୟୁରୋ):** ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଖୁବ୍‌ଶୀଘ୍ର ସେମାନଙ୍କର ଟଙ୍କା ଫେରାଇ ଦିଆଯିବ। ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏହା କହିବା ସହିତ ଟଙ୍କା ଫେରାଇବା ପାଇଁ ରାଜ୍ୟ ସରକାର ଚିନ୍ତା କରୁଛନ୍ତି ବୋଲି ଆଶ୍ୱାସନା ଦେଇଛନ୍ତି। ବିରୋଧୀ ବିଜେପି ସଭାପତିଙ୍କ ମନ୍ତବ୍ୟକୁ କଟାକ୍ଷ କରିଥିବାବେଳେ ସରକାର କିଛି ନକହିବା ସମସ୍ତଙ୍କୁ ଦ୍ୱନ୍ଦ୍ୱରେ ପକାଇଛି।

ମୁଖ୍ୟମନ୍ତ୍ରୀଙ୍କ ନିଜେ ଚିଟ୍‌ଫଣ୍ଡ ଠକାମିର ଶିକାର ହୋଇଥିବା କହିବା ପରେ ପରେ ଚିଟଫଣ୍ଡ ଜମାକାରୀଙ୍କ ମଧ୍ୟରେ ଏବେ ନୂଆ ଆଶା ସଞ୍ଚାର ହୋଇଛି। ଏବେ ୧୦ ବର୍ଷର ଅପେକ୍ଷା ପରେ ମିଳିବ କି କଷ୍ଟ ଉପାର୍ଜିତ ଟଙ୍କା ? ସରକାର ଆରମ୍ଭ କରିବେ କି ପ୍ରକ୍ରିୟା ? ଏହାକୁ ନେଇ ଜୋରଦାର ଆଲୋଚନା ଆରମ୍ଭ ହୋଇଛି । ରାଜ୍ୟ ବିଜେପି ସଭାପତି ବି ଏ ନେଇ ସକରାତ୍ମକ ସଙ୍କେତ ଦେଇଛନ୍ତି। କହିଛନ୍ତି, ଖୁବଶୀଘ୍ର କ୍ଷତିଗ୍ରସ୍ତଙ୍କୁ ଫେରସ୍ତ ହେବ ଟଙ୍କା। ଖୁବଶୀଘ୍ର ନୀତିଗତ ନିଷ୍ପତ୍ତି ନିଆଯାଇ ପୂରା ପ୍ରକ୍ରିୟାକୁ ଶେଷ କରାଯିବ । ଏଥିସହିତ ପୂର୍ବ ସରକାରଙ୍କୁ ବି ଟାର୍ଗେଟ କରିଛନ୍ତି ମନମୋହନ ସାମଲ ।

ଉଲ୍ଲେଖନୀୟ ଯେ, ୨୦୧୩-୧୪ ମସିହାରେ ରାଜ୍ୟରେ ଚିଟଫଣ୍ଡ ଦୁର୍ନୀତି ହଇଚଇ ସୃଷ୍ଟି କରିଥିଲା। ସାରଦା, ଏଟି, ସିସୋର ଭଳି ପ୍ରାୟ ୧୬୩ଟି ଚିଟଫଣ୍ଡ କମ୍ପାନି ରାଜ୍ୟରେ ଜମାକାରୀଙ୍କୁ ଠକିଥିଲେ। ୨୦୧୪ରେ ସୁପ୍ରିମକୋର୍ଟ ୪୪ଟି କମ୍ପାନି ବିରୋଧରେ ସିବିଆଇ ତଦନ୍ତ ପାଇଁ ନିର୍ଦ୍ଦେଶ ➪ପୃଷ୍ଠା-୬

# ଡିଜିଟାଲ ଆରେଷ୍ଟ ମିଛ ଫାଶରେ ପୂର୍ବତନ ସେନା ଅଧିକାରୀ

## ଦେଇଦେଲେ ୧ କୋଟି

**କଟକ, ୨୫।୧୨ (ସଂଚାର ବ୍ୟୁରୋ):** ଡିଜିଟାଲ ଆରେଷ୍ଟର ମିଛ ଫାଶରେ ପଡ଼ି କଟକର ଜଣେ ପୂର୍ବତନ ସେନା ଅଧିକାରୀ ହରାଇଛନ୍ତି ୧ କୋଟିରୁ ଅଧିକ ଟଙ୍କା। ଏନେଇ ସେ ସାଇବର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଆରମ୍ଭ କରିଛି ତଦନ୍ତ।

କଟକ ଏଡିସିପି ଅମରେନ୍ଦ୍ର ପଣ୍ଡା ଦେଇଥିବା ସୂଚନା ଅନୁଯାୟୀ, ଘଟଣାଟି ଗତ ୧୮ ତାରିଖର। ସେହି ଦିନ ପାଖାପାଖି ଅପରାହ୍ଣ ଗୋଟାଏ ବେଳେ ଏହି ପୂର୍ବତନ ସେନା ଅଧିକାରୀଙ୍କ ପାଖକୁ ଏକ ଭିଡିଓ କଲ୍ ଆସିଥିଲା। ସେ ଉକ୍ତ କଲ୍‌କୁ ରିସିଭ୍ କରିବା ପରେ ➪ପୃଷ୍ଠା-୬

# ନବୀନଙ୍କ ପାଇଁ 'ଭାରତ ରତ୍ନ' ଦାବିକଲେ ଗିରିରାଜ



ରାଜନୀତିରେ କମ୍ପନ

**ନୂଆଦିଲ୍ଲୀ, ୨୫।୧୨ (ଏଜେନ୍ସି): ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ ଆଜି** ନବୀନ ପଟ୍ଟନାୟକଙ୍କୁ ଭାରତ ରତ୍ନ ଦେବାକୁ ଦାବି କରିଛନ୍ତି। ଏଥିସହିତ ସେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ମଧ୍ୟ ଭାରତରତ୍ନ ଦେବାକୁ କହିଛନ୍ତି। ଗିରିରାଜଙ୍କର ଏଭଳି ମନ୍ତବ୍ୟ ଏବେ ଦିଲ୍ଲୀରୁ ଭୁବନେଶ୍ୱର ପର୍ଯ୍ୟନ୍ତ ରାଜନୀତିରେ କମ୍ପନ ସୃଷ୍ଟି କରିଛି। ଏହାକୁ ନେଇ ଉଭୟ ବିଜେପି ଓ ବିଜେଡ଼ି ନେତାମାନେ ତର୍ଜମା ଆରମ୍ଭ କରିଦେଇଛନ୍ତି। ଉଲ୍ଲେଖନୀୟ ଯେ ଓଡିଶାରେ ନବୀନ ପଟ୍ଟନାୟକ ମଧ୍ୟ ଦୀର୍ଘ ବର୍ଷ ଧରି ଲୋକଙ୍କ ସେବା କରିଛନ୍ତି । ସେହିପରି ନୀତୀଶ କୁମାରଙ୍କ ନେତୃତ୍ୱରେ ବିହାରରେ ଅନେକ ପରିବର୍ତ୍ତନ ହୋଇଛି । ତେଣୁ ଉଭୟଙ୍କୁ ଭାରତ ରତ୍ନ ଭଳି ସର୍ବୋଚ୍ଚ ନାଗରିକ ସମ୍ମାନ ପ୍ରଦାନ କରିବା ସପକ୍ଷରେ ଯୁକ୍ତି ବାଢିଛନ୍ତି କେନ୍ଦ୍ରମନ୍ତ୍ରୀ। ଆଜି ନିଜ ନିର୍ବାଚନୀ କ୍ଷେତ୍ର ବିହାର ବେଗୁସରାଇ ଗସ୍ତରେ ଅଛନ୍ତି କେନ୍ଦ୍ର ବୟନ ଶିଳ୍ପ ମନ୍ତ୍ରୀ ଗିରିରାଜ ସିଂ । ଅଟଳ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେଇ ଗଣମାଧ୍ୟମ ଆଗରେ ଏଭଳି ବଡ଼ ବୟାନ ରଖିଛନ୍ତି କେନ୍ଦ୍ରମନ୍ତ୍ରୀ। ଯାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । କାରଣ ଏନଡିଏର ମେଣ୍ଟ ସହଯୋଗୀ ଅଛନ୍ତି ନୀତୀଶ କୁମାର। ଏପରିକି ଆଗାମୀ ବିହାର ବିଧାନସଭା ନିର୍ବାଚନ ନୀତୀଶଙ୍କ ନେତୃତ୍ୱରେ ଲଢିବାକୁ ଯୋଜନା କରୁଛି ବିଜେପି । କିନ୍ତୁ ଓଡିଶାରେ ନବୀନଙ୍କୁ କ୍ଷମତାଚ୍ୟୁତ କରି ସରକାର ଗଢ଼ିଛି ବିଜେପି । ତେଣୁ କେନ୍ଦ୍ରମନ୍ତ୍ରୀଙ୍କ ପ୍ରସ୍ତାବ ପରେ ଚତୁରତାର ସହ ଉତ୍ତର ରଖିଛନ୍ତି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ। କହିଛନ୍ତି ଯିଏ ଯୋଗ୍ୟ, ସେ ସମ୍ମାନ ପାଇବେ ।



## କାନ ଡେରିଥା

ନୂଆଁ ବର୍ଷ ଏବେ ଆସିଯିବ ବୋଲି
କେତେ ମାନସିକ ହୋଇଛି
ଗୁଟଖା, ମଦକୁ ଛାଡ଼ିଦିଅ ବୋଲି
ମାଇକିନା ରାଣ ଦେଉଛି
ଧର୍ମ ପତ୍ନୀ କଥା ଶୁଣିଛି...
ନୂଆଁ ବର୍ଷ ପୂର୍ବ ଦିନ ତା ଅଣ୍ଡିରା
ପ୍ରବଳ ପିଇବ ଭାବୁଛି।
■ ଦେବାଶିଷ

# ଇତିହାସ ପାଲଟିବ ବିଜେଡି

- ଓଡ଼ିଶାରେ ତିଷ୍ଠି ନାହାନ୍ତି ଆଞ୍ଚଳିକ ଦଳ
- ପୂର୍ବତନ ମୁଖ୍ୟମନ୍ତ୍ରୀ ବି ଫେଲ ମାରିଛନ୍ତି




**ଭୁବନେଶ୍ୱର, ୨୫।୧୨ (ସଂଚାର ବ୍ୟୁରୋ):** ବିଜୁ ଜନତା ଦଳ ଓଡ଼ିଶାର ଶେଷ ଆଞ୍ଚଳିକ ଦଳ ଭାବେ ରାଜନୈତିକ ଦୃଶ୍ୟ ପଟରୁ ଲିଭିଯିବ । ଓଡ଼ିଶାରେ କୌଣସି ଆଞ୍ଚଳିକ ଦଳ ତିଷ୍ଠି ନଥିବାରୁ ଇତିହାସର ପୁନରାବୃତ୍ତି ହୋଇ ବିଜେଡି ମଧ୍ୟ ସମଦଶା ଭୋଗିବ ବୋଲି ଆକଳନ କରାଯାଉଛି । ତେବେ ଏହି ବିଲୋପ ପ୍ରକ୍ରିୟା କ୍ଷମତାରୁ ଯିବାପରେ ବିଜେଡିରେ କ୍ଷିପ୍ର ଗତିରେ ଚାଲିଥିବା କୁହାଯାଉଛି ।

ଓଡ଼ିଶାରେ ପ୍ରତିଷ୍ଠା ହୋଇଛି ଏକାଧିକ ଆଞ୍ଚଳିକ ଦଳ । ଭାରତ ସ୍ୱାଧୀନ ହେବା ପୂର୍ବରୁ ପାରଳା ମହାରାଜା ଓଡ଼ିଶାରେ ଗଠନ କରିଥିଲେ ଜାତୀୟ ଦଳ । ସେହିଭଳି ହରେକୃଷ୍ଣ ମହତାବଙ୍କ ଭଳି ନେତା ଗଠନ କରିଥିଲେ ଜନ କଂଗ୍ରେସ । ଜନ କଂଗ୍ରେସର ପ୍ରାର୍ଥୀମାନେ ବି ନିର୍ବାଚନରେ ବିଜୟୀ ହୋଇଥିଲେ । ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ ଗଠନ କରିଥିଲେ ଗଣତନ୍ତ୍ର ପରିଷଦ । ଗଣତନ୍ତ୍ର ପରିଷଦର ପ୍ରାର୍ଥୀମାନେ ବିଧାନସଭାକୁ ନିର୍ବାଚିତ ହୋଇ ସରକାର ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ରାଜେନ୍ଦ୍ର ନାରାୟଣ ସିଂହଦେଓ ଓ ହରେକୃଷ୍ଣ ମହାତାବ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କରିଥିଲେ । ଏହାପରେ ବିଜୁ ପଟ୍ଟନାୟକ ଓ ବୀରେନ ମିତ୍ରଙ୍କ ଭଳି ନେତା ହାତ ମିଳାଇ ଗଠନ କରିଥିଲେ ଆଞ୍ଚଳିକ ଦଳ ଉତ୍କଳ କଂଗ୍ରେସ । ହେଲେ ପରବର୍ତ୍ତୀ ସମୟରେ ଉତ୍କଳ କଂଗ୍ରେସର ଗୋଟିଏ ବଡ ଅଂଶ କଂଗ୍ରେସ ଦଳରେ ମିଶିଯିବା ପରେ ଏହି ଦୁଇଜଣ ଗଠନ କରିଥିଲେ ପ୍ରଗତି ଦଳ । ଉଭୟ ବିଜୁ ➪ପୃଷ୍ଠା-୬

# ଅନ୍ତର୍ଜାତୀୟ ସୁନ୍ଦରୀ ପ୍ରତିଯୋଗିତାରେ କୋରାପୁଟ ଝିଅ




**କୋରାପୁଟ, ୨୫।୧୨ (ସଂଚର ବ୍ୟୁରୋ):** କୋରାପୁଟ ଭଳି ଏକ ଆଦିବାସୀ ପଛୁଆ ଜିଲାର ଝିଅ ରାଜସ୍ଥାନର ଜୟପୁରରେ ଅନୁଷ୍ଠିତ ହୋଇଥିବା ବିୟୁଟି କଣ୍ଟେଷ୍ଟରେ ଓଡ଼ିଶା ପାଇଁ ପ୍ରତିନିଧିତ୍ୱ କରି ସଫଳ ହୋଇଛନ୍ତି। ଯାହା ଜିଲା ପାଇଁ ଗର୍ବ ଓ ଗୌରବର ବିଷୟ। ଆଗକୁ ହେବାକୁ ଥିବା ଅନ୍ତର୍ଜାତୀୟ ବିୟୁଟି କଣ୍ଟେଷ୍ଟରେ ଭାରତ ପାଇଁ ସେ ପ୍ରତିନିଧିତ୍ୱ କରିବେ। ଦାମନଯୋଡିର ଅର୍ଦ୍ଧେନ୍ଦୁ କୁମାର ପାତ୍ର ଓ ଶ୍ରୀଦେବୀଙ୍କ କନ୍ୟା ଅନୁଶ୍ରୀ ଛୋଟ ବେଳୁ ମଡେଲିଂରେ ରୁଚି ରଖିଥିଲେ। ପାଠ ପଢା ସହିତ ମଡେଲିଂରେ ରୁଚି ରଖି ଆଜି ନିଜର ସ୍ୱପ୍ନ ପୂରଣ କରି ପାରିଛନ୍ତି। ୨୦୨୪ ମିଷ୍ଟିକ୍‌ରେ ସଫଳତା ପାଇବା ପରେ ଏବେ ଜାତୀୟ ସ୍ତରରେ ମିସ ୟୁନିଭସ ଓଡ଼ିଶା ପାଇଁ ସଫଳତା ଲାଭ କରିଛନ୍ତି। ରାଜସ୍ଥାନ ଜୟପୁର ଜି ଷ୍ଟୁଡ଼ିଓରେ ଜାତୀୟ ସ୍ତରୀୟ ମିଷ୍ଟିକ୍ ୟୁନିଭସ ହୋଇଥିଲା। ଏଥିରେ କୋଡିଏରୁ ଉର୍ଦ୍ଧ ରାଜ୍ୟର ବିୟୁଟି କଣ୍ଟେଷ୍ଟ ମାନେ ଯୋଗ ଦେଇଥିଲେ। ୨୦ ଜଣଙ୍କ ଭିତରୁ ଅନ୍ତର୍ଜାତୀୟ ସ୍ତରକୁ ଚାରି ଜଣ ମନୋନୀତ ହୋଇଛନ୍ତି। ସେଥି ମଧ୍ୟରୁ ଓଡ଼ିଶାରୁ ଅନୁଶ୍ରୀ ରହିଛନ୍ତି। ଆଗକୁ ଅନ୍ତର୍ଜାତୀୟ ସ୍ତରରେ ହେବାକୁ ଥିବା ମିଷ୍ଟିକ୍ ୟୁନିଭସରେ ଭାରତ ➪ପୃଷ୍ଠା-୬

# ବାଜପେୟୀ ଓଡ଼ିଶା ବିକାଶର ମାଇଲଖୁଣ୍ଟ

**କେନ୍ଦ୍ରାପଡ଼ା, ୨୫।୧୨ (ସଂଚାର ବ୍ୟୁରୋ):** ବୁଧବାର ପୂର୍ବାହ୍ନ ସମୟରେ ଜିଲ୍ଲାପରିଷଦ ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କ ଅଧକ୍ଷତାରେ ଭାରତରତ୍ନ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମଜୟନ୍ତୀକୁ "ସୁଶାସନ ଦିବସ" ଭାବେ ପାଳନ କରାଯାଇଛି । ଉକ୍ତ ଉତ୍ସବରେ କେନ୍ଦ୍ରାପଡ଼ାର ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବାଜପେୟୀଙ୍କ ଜୀବନୀ ଓ ରାଜନୈତିକ ପରାକାଷ୍ଠା ତଥା ବିରୋଧୀ ଦଳ ପ୍ରତି ଥିବା ସମ୍ମାନବୋଧ ବିଷୟରେ ମତବ୍ୟକ୍ତ କରିଥିଲେ । ସେ ଥିଲେ ଜଣେ ରାଷ୍ଟ୍ର ନେତା । ବାଜପେୟୀଙ୍କ ନେତୃତ୍ୱରେ ପ୍ରତିନିଧି ମଣ୍ଡଳୀ ଜାତିସଂଘରେ ଯୋଗ ଦାନ କରିଥିଲେ ବୋଲି ସେ ମତବ୍ୟକ୍ତ କରିଥିଲେ ।

ରାଜ୍ୟ ସରକାରଙ୍କ ୩୨ଗୋଟି ବିଭାଗ ପକ୍ଷରୁ ୪୨୮ ଗୋଟି ସେବା ଜନସାଧାରଣଙ୍କୁ ଯୋଗାଇ ଦିଆଯାଉଛି। ସରକାରଙ୍କ ଜନମଙ୍ଗଳକାରି ଯୋଜନା ଯେପରି ତୃଣମୂଳ ସ୍ତରରେ ପହଞ୍ଚି



ଜିଲ୍ଲାସ୍ତରୀୟ ସୁଶାସନ ଦିବସ

ପାରିବ ସେଥି ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ପ୍ରତି ସୋମବାରରେ ଗ୍ରାମ ପଞ୍ଚାୟତସ୍ତରରେ ମିଳିତ ଅଭିଯୋଗ ଶୁଣାଣି କରାଯାଉଛି । ଏବେ ପ୍ରଶାସନ ହୋଇଛି ଗ୍ରାମାଭିମୁଖୀ । ବାଜପେୟୀଙ୍କ ଦୂରଦର୍ଶୀ ନେତୃତ୍ୱ ବଳରେ ଭୁବନେଶ୍ୱରରେ ଏଆଇଆଇଏମଏସ ପ୍ରତିଷ୍ଠା, ପାରାଦୀପରେ ତୈଳ ବିଶୋଧନାଗାର, ପୂର୍ବତଟ ରେଳପଥ ଡିଭିଜନ ସୃଷ୍ଟି ଓ ଅପହଞ୍ଚ ଅଞ୍ଚଳରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ଓଡ଼ିଶା ପ୍ରଗତିର ଗୋଟିଏ ଗୋଟିଏ ମାଇଲ ଖୁଣ୍ଟ ବୋଲି ଅତିରିକ୍ତ ଜିଲ୍ଲାପାଳ ନିଜ ଅଭିଭାଷଣରେ କହିଥିଲେ। ଏହି ମହାନ ଆତ୍ମାଙ୍କୁ ସଶ୍ରଦ୍ଧ ସମ୍ମାନ ଜଣାଇବା ପାଇଁ ସୁଶାସନ ଦିବସ ପାଳନ ଏକ ଅଭିନନ୍ଦନୀୟ ପଦକ୍ଷେପ। ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅତିଥିମାନେ ସିଦ୍ଧବଳଦେବଜୀଉ ଓ ବାଜପେୟୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ପ୍ରଦାନ କରିବା ସହ ପ୍ରଦୀପ ପ୍ରଯୋଳନ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ଉତ୍ସବରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କଲ୍ୟାଣ ରାୟ,ବରିଷ୍ଠ ଏଆରସିଏସ ସନ୍ତୋଷ ଦାସ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ ।

ଏହି ଦିବସ ପାଳନ ଉପଲକ୍ଷେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର ୬ ଜଣ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଉତ୍ସବରେ ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ,ଛାତ୍ରଛାତ୍ରୀ,ଅଭିଭାବକ ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଯୋଗ ଦେଇଥିଲେ । ଶେଷରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ପାଇଁ ଜବରଦଖଲ ଉଚ୍ଛେଦ

**କେନ୍ଦ୍ରାପଡ଼ା, ୨୫।୧୨ (ସଂଚାର ବ୍ୟୁରୋ):** ନୂତନ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ରାସ୍ତା ପାଇଁ ସରକାରୀ ଜମିରେ ଥିବା ଜବରଦଖଲକୁ ପ୍ରଶାସନ ଉଚ୍ଛେଦ କରିଛି । ଦୀର୍ଘ ଦିନ ଧରି ହୋଇଥିବା ଜବରଦଖଲ ଉଚ୍ଛେଦ ପରେ ରାସ୍ତା ପ୍ରଶସ୍ତି କରଣରେ ସହାୟକ ହୋଇଛି । କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ଅଧୀନ ଥିବା ଦଲୁଆଣି ରୁ ବହୁଦିନ ଧରି ଅବହେଳିତ ଅବସ୍ଥାରେ ପଡ଼ିରହିଥିଲା ଯାହା ଫଳରେ ଗମନା ଗମନ ରେ ବାଧା ସୃଷ୍ଟି ହେଉଥିଲା। ଦଲୁଆଣୀରୁ ଭାୟା କିଣିଲୋ, ଗୋତ୍ରବିଲ ଦେଇ ସନ୍ତରା ଶେଷ ମୁଣ୍ଡ ପର୍ଯ୍ୟନ୍ତ ଏହି ନୂତନ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଛି।

ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ସୁପାରିସ କ୍ରମେ ଗରଦପୁର ବ୍ଲକ ଅଧ୍ୟକ୍ଷ ଅଭୟ କୁମାର ମହାରାଜଙ୍କ ସହଯୋଗ ରେ ପ୍ରଶାସନିକ ଅଧିକାରୀ ବା ଗ୍ରାମ୍ୟ ଉନ୍ନୟନ ବିଭାଗ ହାତକୁ ନେଇଛି । ଉକ୍ତ ରାସ୍ତାରେ ୧୨ ଫୁଟ ତିନି ଇଞ୍ଚି ପ୍ରଶସ୍ତ ଢଳେଇ ଓ ତିନିଫୁଟ ପାଦ ଚଲା ରାସ୍ତା ନିର୍ମାଣ କରାଯିବ । ଏହି କାର୍ଯ୍ୟ ପାଇଁ ବ୍ୟୟ ବରାଦ ଓ ଟେଣ୍ଡର କାର୍ଯ୍ୟ ଶେଷ ହୋଇଛି । ଏହି ରାସ୍ତା କାର୍ଯ୍ୟ ପୂର୍ବରୁ ଜବରଦଖଲ ନିର୍ମାଣରେ ବାଧା ସୃଷ୍ଟି କରିଥିଲା । ଯାହା ଫଳରେ ଗରଦପୁର ତହସିଲଦାର ତୃପ୍ତି ଦାସ ଙ୍କ ନିର୍ଦ୍ଦେଶରେ ରାଜସ୍ୱ ନିରୀକ୍ଷକ ବିଜୟ ଲକ୍ଷ୍ମୀ ଏବଂ ୪ ଜଣ ଅମିନ ଉପସ୍ଥିତ ଥିଲେ।

କିଣିଲୋ ଗ୍ରାମର ମୁରବି ମାନଙ୍କ ସହଯୋଗ ପାଇଁ ପୂର୍ବରୁ ରହିଆସିଥିବା ଭାଗବତ ଘରର ନୂତନ ସ୍ଥାନ କୁ ସ୍ଥାନାନ୍ତର କରାଯିବାକୁ ନିଷ୍ପତ୍ତି ମଧ୍ୟ ନିଆଯାଇଛି । ଏହି ରାସ୍ତା ୫.୫ କି.ମି ସଂଯୋଗ ହେବା ସହ ନିୟମିତ ଏହି ରାସ୍ତା ଦେଇ ବସ୍ ସେବା ଆମ୍ବୁଲାନ୍ସ ସେବାରେ ସହଜ ହେବ। ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ରେ ସ୍ଥାନୀୟ ଯୁବକ ଙ୍କ ସହ



ପଦ୍ମପୁର ପଞ୍ଚାୟତ ସରପଞ୍ଚ ଙ୍କ ପ୍ରତିନିଧି ନିମାଇଁ ଚରଣ ବେହେରା,ପୂର୍ବତନ ସରପଂଚ ରମେଶ ଚନ୍ଦ୍ର ରାଉତ,ବିପିନ ବିହାରୀ ସାମଲ,ରଘୁନାଥ ବାରିକ,ଜୟ ପ୍ରକାଶ ସାହୁ , ଅମୂଲ୍ୟ ଦାସ ପ୍ରମୁଖ ଉପସ୍ଥିତ ରହି ପ୍ରଶାସନର ଉଚ୍ଛେଦ ପ୍ରକ୍ରିୟା କୁ ସହଯୋଗ କରିଥିଲେ ।

# ୯ଟି ବେଆଇନ ଭିଏଚଏଫ ଜବତ

**ରାଜନଗର, ୨୫।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ତନ୍ତିଆପାଳ ସାମୁଦ୍ରିକ ଥାନା ଅଞ୍ଚଳରୁ ଗୋଟିଏ ଭିଏଚଏଫ ଜବତ ହେବାର ୫ଦିନ ପରେ ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳରୁ ୯ଟି ବେଆଇନ ଭିଏଚଏଫ ଜବତ କରାଯାଇଛି। ଗତକାଲି ତାଳଚୁଆ ସାମୁଦ୍ରିକ ଥାନା ଆଇଆଇସି ସଶ୍ମିତା ସାହୁଙ୍କ ନେତୃତ୍ୱରେ ସବଇନିସପେକ୍ଟର ଅନିଲ ମହାପାତ୍ର, ହାବିଲଦାର ପରିକ୍ଷୀତ ସେଠୀ ଓ କନେଷ୍ଟବଳ ଭଗବାନ ସାହୁ ପ୍ରମୁଖ ଥାନା କର୍ମଚାରୀ ତାଳଚୁଆ ସାମୁଦ୍ରିକ ଥାନାର ୫ଟି ଗାଁରୁ ୯ଟି ବେଆଇନ ଭିଏଚଏଫ ଜବତ କରିଛି। ତାଳଚୁଆ ବଜାର



ଉପରୁ ଟ୍ରଲର ମାଲିକ ମଦନ ଦେବନାଥଙ୍କ ଘରୁ ୨ଟି ସ୍ୱଦେଶ ମଣ୍ଡଳଙ୍କ ଘରୁ ଗୋଟିଏ, ସନାତନ ପରିଡ଼ାଙ୍କ ଘରୁ ଗୋଟିଏ ଭିଏଚଏଫ ଜବତ କରିଥିବା ବେଳେ ଅମରାବତୀ ଗାଁରୁ ବୋଟ ଡ୍ରାଇଭର ଗୁରୁପଦ ଦାସଙ୍କ ଘରୁ ଗୋଟିଏ, ଭଞ୍ଜପ୍ରସାଦର ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ଘରୁ ୨ଟି, ଶୈଳେନ୍ଦ୍ରନଗରର ନାସିର ଅଲ୍ଲୀ ଖାଁଙ୍କ ଘରୁ ଗୋଟିଏ ଓ ଗିରିଆପାହିର ଜୟଦେବ ମଣ୍ଡଳଙ୍କ ଘରୁ ଗୋଟିଏ ବେଆଇନ ଭିଏଚଏଫ ଜବତ କରାଯାଇଥିବା ତାଳଚୁଆ ସାମୁଦ୍ରିକ ଥାନା ଆଇଆଇସି ସଶ୍ମିତା ସାହୁ ସୂଚନା ଦେଇଛନ୍ତି। ତାଳଚୁଆ ଅଞ୍ଚଳ ବଂଗୀୟ ଭାଷାଭାଷିଙ୍କ ଅଞ୍ଚଳ ହୋଇଥିବା ବେଳେ ଏ ଅଞ୍ଚଳରୁ ବେଆଇନ ଭିଏଚଏଫ ଜବତ କରାଯିବା ଉପକୂଳ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହୋଇଛି। ବିନା ଲାଇସେନ୍ସରେ କିପରି ଏହି ଭିଏଚଏଫ ଗୁଡ଼ିକ ଦୀର୍ଘଦିନ ହେଲା ଚାଲୁଥିଲା, ତାହାକୁ ନେଇ ପ୍ରଶ୍ନ ଉଠିଛି।

# ବାଜପେୟୀଙ୍କ ଜନ୍ମଜୟନ୍ତୀରେ ପଦଯାତ୍ରା ଓ ଶ୍ରଦ୍ଧାଞ୍ଜଳି ସଭା




**ମହାକାଳପଡ଼ା, ୨୫।୧୨ (ସଂଚାର ବ୍ୟୁରୋ):** ମହାକାଳପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମାର୍ଶାଘାଇର ପ୍ରସିଦ୍ଧ ଶକ୍ତିପୀଠ ମା ଗୋଜବାୟାଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତ ରତ୍ନ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମଜୟନ୍ତୀ ପାଳନ ହୋଇଯାଇଛି।

ଏହି ଉପଲକ୍ଷେ ଦୁମୁକା ଛକ ନିକଟରୁ ଏକ ପଦଯାତ୍ରା ବାହାରି ମନ୍ଦିର ଅଭିମୁଖେ ଯାଇଥିଲା। ସ୍ଥାନୀୟ ମହାକାଳପଡ଼ା ବିଧାୟକ ଡ଼ ଦୁର୍ଗା ପ୍ରସନ ନାୟକ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସ୍ୱର୍ଗତଃ ବାଜପେୟୀଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ବାଜପେୟୀଙ୍କ ଜୀବନୀ ଉପରେ ଆଲୋକ ପାତ କରିଥିଲେ। ସ୍ୱର୍ଗତଃ ବାଜପେୟୀଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ଭାରତରେ ଅନେକ ଲୋକାଭିମୁଖୀ ଯୋଜନା ଗୁଡିକ କାର୍ଯ୍ୟକାରୀ ହୋଇଥିଲା। ବିକଶିତ ଭାରତ ଗଠନରେ ସ୍ୱର୍ଗତଃ ବାଜପେୟୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀଯୁକ୍ତ ନାୟକ ତାଙ୍କ ମନ୍ତବ୍ୟରେ କହିଥିଲେ। ପ୍ରବଳ ବର୍ଷା ସତ୍ତ୍ୱେ ମହିଳା, ଯୁବକ, ସାଧାରଣ ଲୋକ ଆଦି ବହୁମାତ୍ରାରେ କାର୍ଯ୍ୟକ୍ରମରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ ସହଯୋଗ କରିଥିବାରୁ ବିଧାୟକ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଜ୍ଞାନେନ୍ଦ୍ର ସ୍ୱାଇଁ, ବିକ୍ରମ ରାଉତରାୟ,ରଶ୍ମି ରଞ୍ଜନ ରାଉତରାୟ, ଜିତେନ୍ଦ୍ର ନାୟକ, ନିଗମ ପ୍ରସାଦ ରଥ, ପ୍ରଶାନ୍ତ ସେଠୀ, ରାଜୀବ ଲୋଚନ ପୃଷ୍ଟି, ଶଶିକାନ୍ତ ପରିଡ଼ା, ସରୋଜ କାନ୍ତ ସାହୁ, ସୁକାନ୍ତ ପ୍ରଧାନ,ଅମରଜିତ୍ ରାଉତ, କୃଷ୍ଣ ପଦ ମଣ୍ଡଳ, ଜ୍ଞାନ ରଞ୍ଜନ ବସନ୍ତିଆ, ବଳଭଦ୍ର ଦାସ, ଦିବ୍ୟଜ୍ୟୋତି ନାୟକ, ନିଗମ ରଥ, ସୋଭନ ଆଚାର୍ଯ୍ୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବଡପଡା ପଞ୍ଚାୟତରେ ବାଜିଲା ଉପନିର୍ବାଚନ ବିଗୁଲ୍

**କେନ୍ଦ୍ରାପଡ଼ା/ପଟ୍ଟାମୁଣ୍ଡାଇ, ୨୫।୧୨ (ସଂଚାର ବ୍ୟୁରୋ):** ବଡପଡା ଗ୍ରାମ ପଞ୍ଚାୟତରେ ସରପଞ୍ଚ ପଦବୀ ନିମନ୍ତେ ଉପନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ବିଗୁଲ୍ ବାଜିଛି। ସରପଞ୍ଚ ସୌଦାମିନୀ ସେଠୀଙ୍କ ମୃତ୍ୟୁ ପରେ ଅକ୍ଟୋବର ୨୦୨୩ ଠାରୁ ପଞ୍ଚାୟତ ର ସରପଞ୍ଚ ପଦବୀ ଖାଲିପଡ଼ିଥିଲା। ସାଧାରଣ ଲୋକଙ୍କ କାର୍ଯ୍ୟ ବାଧାପ୍ରାପ୍ତ ହେବା ଆଶଙ୍କା ସୃଷ୍ଟି ହେଇଥିଲା। ପରବର୍ତ୍ତୀ ସମୟରେ ସରପଞ୍ଚଙ୍କ ଦାୟିତ୍ୱରେ ନାଏବ ସରପଞ୍ଚ ରହି କାର୍ଯ୍ୟ ଚଳାଇଥିଲେ। ହେଲେ ସରପଞ୍ଚଙ୍କ କାର୍ଯ୍ୟ ନାଏବ ସରପଞ୍ଚ ତୁଲାଇବା ଦ୍ୱାରା ପରିଚାଳନାରେ ବ୍ୟାଘାତ ପହଞ୍ଚିବା ଉଲ୍ଲେଖ କରି କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସାମାଜିକ ସଙ୍ଗଠନ ଉତ୍କଳମଣି ଯୁବକ ସଂଘ ତରଫରୁ ସଭାପତି ଗୌତମ ବେହେରା ବଡପଡା ପଞ୍ଚାୟତରେ ଉପନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନର, ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନସଚିବ ଙ୍କୁ ଅଗଷ୍ଟ ୨୦୨୪ ରେ ଚିଠି ଲେଖିଥିଲେ। ଏହି ଚିଠି ଆଧାରରେ ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନର କେନ୍ଦ୍ରାପଡ଼ା ଜିଲ୍ଲାପାଳ ଙ୍କୁ ଚିଠି ନମ୍ବର ୧୭୫୭ ରେ ଚିଠି ଲେଖିଛନ୍ତି। ସେହି ଚିଠିରେ ଆସନ୍ତା ୨୮ ଜାନୁୟାରୀ ୨୦୨୫ ରେ ବଡପଡା ପଞ୍ଚାୟତର ସରପଞ୍ଚ ପଦବୀ ନିମନ୍ତେ ଉପନିର୍ବାଚନ ଅନୁଷ୍ଠିତ କରାଇବାକୁ ନିର୍ଦ୍ଦେଶ ରହିଛି। ଯେଉଁଥିପାଇଁ ୫ ଗୋଟି ସ୍କୁଲ କୁ ମତଦାନ କେନ୍ଦ୍ର ଭାବରେ ପ୍ରସ୍ତୁତ କରାଯିବା ସହିତ ୨୭ ଜାନୁୟାରୀ ଦିନ ପୋଲିଂ ଅଫିସରମାନେ ପହଞ୍ଚିବେ ବୋଲି ଉଲ୍ଲେଖ ରହିଛି। ଉତ୍କଳମଣି ଯୁବକ ସଂଘ ତରଫରୁ ହୋଇଥିବା ଏହି ପ୍ରୟାସ ପାଇଁ ଆଜି ସରପଞ୍ଚ ପଦବୀ ପୂରଣ ହେବାକୁ ଯାଉଛି ବୋଲି ଖୁସି ବ୍ୟକ୍ତ କରିଛନ୍ତି ପଞ୍ଚାୟତବାସୀ।

**ସରପଞ୍ଚଙ୍କ ମୃତ୍ୟୁ ପରେ ଖାଲି ପଡିଥିଲା ପଦବୀ**

**ଜାନୁୟାରୀ ୨୮ରେ ହେବ ନିର୍ବାଚନ**

# ବକ୍ତାରପୁର ଉଚ୍ଚ ବିଦ୍ୟାଳୟର ୨୦୦୧ ମସିହା ଛାତ୍ରଛାତ୍ରୀଙ୍କ ବଂଧୁ ମିଳନ

**ପଟ୍ଟାମୁଣ୍ଡାଇ, ୨୫।୧୨ (ସଂଚାର ବ୍ୟୁରୋ):** ବକ୍ତାରପୁର ହାଇସ୍କୁଲ ପରିସରରେ ୨୦୦୧ ମସିହା ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ପ୍ରାକ୍ତନ ଛାତ୍ରଛାତ୍ରୀ ଓ ଛାତ୍ର ସଂସଦର ସଭାପତି ମନୋଜ ନାୟକଙ୍କ ଅଧ୍ୟକ୍ଷରେ ଅନୁଷ୍ଠିତ ହୋଇଯାଇଛି।



ଏହି ଅବସରରେ ବିଦ୍ୟାଳୟର ଗୁରୁ ମାନଙ୍କୁ ଗୁରୁ ପୂଜନ ପରେ ପଟାମୁଣ୍ଡାଇ ମେଡିକାଲରେ ରୋଗୀମାନଙ୍କୁ ଫଳ ବଣ୍ଟନ ଓ ଅସହାୟ ଲୋକ ମାନଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା। ଛାତ୍ର ସଂସଦ ତରଫରୁ ସମସ୍ତ ଗୁରୁ ମାନଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ଗୁରୁ ପୂଜନ ଓ ସାମର୍ଦ୍ଧିତ କରାଯାଇଥିଲା। ପଟାମୁଣ୍ଡାଇରର ବରିଷ୍ଠ ସାମ୍ବାଦିକ ପତିତପାବନ ଭଦ୍ର, ଅଖୟ ସାହୁ, ଜଗନ୍ନାଥ ଆଚାର୍ଯ୍ୟ, କୁମାରେସ, ନାୟକ, ଯୁବ ସାମ୍ବାଦିକ ସଞ୍ଜୟ ପଣ୍ଡା, ଯୁବ ସାମ୍ବାଦିକ ହିମାଂଶୁ ମହାନ୍ତି, ହିମାଦିଭୂଷଣ ମାଝୀ,ଶିଶିର ସେଣ, ସମେତ ବହୁ ସମାଜ ସେବୀ ସାମ୍ବାଦିକ ମାନଙ୍କୁ ପୁଷଗୁଚ୍ଛ ଓ ଉତ୍ତରୀୟ ଦେଇ ସାମର୍ଦ୍ଧିତ କରାଯାଇଥିଲା। ନିଜର କର୍ମମୟ ଜୀବନ ମଧ୍ୟରେ ଥାଇ ମଧ୍ୟ୍ୟ ଏଭଳି ବଂଧୁ ମିଳନ କାର୍ଯ୍ୟ ଆଜକୁ ୫ ବର୍ଷ ହେବ ୨୦୦୧ ମସିହା ଛାତ୍ରଛାତ୍ରୀ କରୁଥିବାରୁ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବୁଦ୍ଧିଜିବୀମାନଙ୍କ ପକ୍ଷରୁ ଆଶିର୍ବାଦ ସୁଅ ଛୁଟିଛି।

# ବିଦ୍ୟୁତ୍ ଆଘାତରେ ଛାତ୍ର ଗୁରୁତର

**ରାଜନଗର, ୨୫।୧୨ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ବାଲିସାହିପାଟଣା ପଞ୍ଚାୟତ ଚମ୍ପାଦିଆ ଗାଁର ଗଣେଷ ଚନ୍ଦ୍ର ସାହୁଙ୍କ ପୁଅ ବିଜୟ କୁମାର ସାହୁ (୨୨ବର୍ଷ) ଯୁକ୍ତ ୩ ବାଣିଜ୍ୟ ବିଭାଗରେ ପାଠ ପଢ଼ନ୍ତି। ଏବେ ସେ ଗାଁରେ ଅଛନ୍ତି। ଆଜି ଦିନ ୧୧ଟା ବେଳେ ଗାଁରେ ବୁଲୁଥିବା ସମୟରେ ଗାଁମୁଣ୍ଡରେ ଥିବା ବିଦ୍ୟୁତ ସବ୍‌ଷ୍ଟେସନ ଭିତରକୁ ଚାଲି ଯାଇଥିଲେ। ସେଠାରେ ତାଙ୍କୁ ବିଦ୍ୟୁତ ଆଘାତ ଲାଗିଥିଲା। ଫଳରେ ସେଠାରେ ସେ ଅଚେତ ହୋଇ ପଡ଼ିଥିଲେ। ପରିବାର ଲୋକେ ବିଜୟଙ୍କୁ ସଂଗେ ସଂଗେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟର ଉନ୍ନତି ନ ଆସିବାରୁ ଡାକ୍ତର ତାଙ୍କୁ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଛନ୍ତି।

# ପେଶାରେ ରେଳ କର୍ମଚାରୀ... ନିଶା ସାହିତ୍ୟ ସାଧନା

**ମହାକାଳପଡ଼ା, ୨୫।୧୨ (ସଂଚାର ବ୍ୟୁରୋ):** ପେଶାରେ ସେ ଜଣେ ରେଳ ବିଭାଗର କର୍ମଚାରୀ। ହେଲେ ନିଶା ତାଙ୍କର କବିତା ଓ ସଙ୍ଗୀତ ଲେଖିବା।"କଡ଼ା ଔଷଧ" ନାମରେ ସେ ଏକ ସଚେତନତା ଧର୍ମୀ ପ୍ରୟାସ ଆରମ୍ଭ କରିଛନ୍ତି। ଯାହା ଏବେ ୭୬ ଗୋଟି ସଂଖ୍ୟାରେ ପହଞ୍ଚିଲାଣି। ଏହି "କଡ଼ା ଔଷଧ"କୁ ସମସ୍ତେ ଗ୍ରହଣ ମଧ୍ୟ କରୁଛନ୍ତି। କେବଳ କଡ଼ା ଔଷଧ ମାଧ୍ୟମରେ ସେ କବିତା ଲେଖି ସମାଜକୁ ସଚେତନତାର ବାର୍ତ୍ତା ଦେଉଛନ୍ତି ତାହା ନୁହେଁ ନିଜେ ସଙ୍ଗିତ ଲେଖି ସ୍ୱରରେ ସଜାଉଛନ୍ତି।

ସାମାଜିକ, ରାଜନୈତିକ,ପାରମ୍ପରିକ ଆଦି ସମସ୍ତ କ୍ଷେତ୍ରରେ ଦେଖାଯାଉଥିବା ଅବ୍ୟବସ୍ଥା, ଅନୀତି ଆଦିକୁ ତାଙ୍କର କାବ୍ୟିକ ଲେଖନି ରେ ସଜାଇ ଆରମ୍ଭ କରନ୍ତି ସଚେତନତାର ପ୍ରୟାସ। ବିଗିଡ଼ି ଯାଇଥିବା ବ୍ୟବସ୍ଥା ହେଉ ଅବା ଅପଭ୍ରଂଶ ହୋଇ ପଡୁଥିବା ପରମ୍ପରା। ଆଧୁନିକତାର ସ୍ପର୍ଶ ନେଇ ବଦଳୁଥିବା ପରିବେଶ ହେଉ ଅବା ସାମାଜିକ ସଙ୍ଗଠନ ମାନଙ୍କ ସ୍ପର୍ଶରେ ବିକଶିତ ସମାଜର ସ୍ୱପ୍ନ। ସବୁ ଯେମିତି ଏହି ବ୍ୟକ୍ତିଙ୍କ କାବ୍ୟିକ ଲେଖନିରେ ପୁନଃର୍ଜିବିତ ହୋଇପଡେ। କେବଳ ସେତିକି ନୁହେଁ କେବେ ସେ ଜଗନ୍ନାଥଙ୍କର ଭଜନ ଗାଇ ଭକ୍ତି ଭାବରେ ଭିଜାନ୍ତି ତ ଆଉ କେବେ ପ୍ରେମ ସଙ୍ଗୀତର ମୂର୍ଚ୍ଛନାରେ କରନ୍ତି ଭାବ ବିହ୍ୱଳ। ପେଶାରେ ସିନା ସେ ରେଳ କର୍ମଚାରୀ ହେଲେ ତାଙ୍କର ନିଶା ତାଙ୍କୁ ଅଞ୍ଚଳରେ ଜଣେ କବି ଭାବରେ ପରିଚୟ ଦେଇଛି।



କବିତା ଜରିଆରେ କରୁଛନ୍ତି ସଚେତନ

ଆମେ କହୁଛୁ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ ବଳିପାଳ ପଞ୍ଚାୟତ ଅଧିନସ୍ଥ ପୋଷେଇ ଗ୍ରାମର ରାମଚନ୍ଦ୍ର ବେହେରାଙ୍କ ଜ୍ୟେଷ୍ଠ ପୁତ୍ର ବିରେନ କୁମାର ବେହେରା। ୨ ମାର୍ଚ୍ଚ ୧୯୮୫ ରେ ଜନ୍ମ ହୋଇଥିବା ବିରେନ ପିଲାଟି ବେଳରୁ ସାହିତ୍ୟ ଓ ସଙ୍ଗୀତ ପ୍ରତି ରୁଚି ରଖିଥିଲେ। ୨୦୦୫ ରେ ଠାକୁର ନିଗମାନନ୍ଦ ମହାବିଦ୍ୟାଳୟରୁ କଳା ବିଭାଗରେ ସ୍ନାତକୋତ୍ତର ଓ ପରେ ୨୦୧୩ ରେ ରାଷ୍ଟ୍ର ଭାଷା ପ୍ରଚାର ସମିତି, ୱର୍ଦ୍ଧା, ମହାରାଷ୍ଟ୍ରରୁ ହିନ୍ଦିରେ ରତ୍ନ ହାସଲ କରିଛନ୍ତି। ୧୪ ଅକ୍ଟୋବର ୨୦୧୪ ରେ ସେ ରେଳ ବିଭାଗର ଜଣେ କର୍ମଚାରୀ ଭାବରେ ନିଯୁକ୍ତି ପାଇଛନ୍ତି। ଏବେ ସେ ସିନିଅର ଗୁଡ୍‌ସ୍ ମ୍ୟାନେଜର ଭାବରେ କାର୍ଯ୍ୟ କରୁଛନ୍ତି। ବୀରେନ ଙ୍କ କାବ୍ୟିକ ଲେଖନି ପାଇଁ ସେ ଅଞ୍ଚଳରେ ଯୁବ କବି ଭାବରେ ପରିଚୟ ହାସଲ କରି ପାରିଛନ୍ତି।

# ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜନ୍ମଜୟନ୍ତୀ ପାଳିତ



**ରାଜନଗର, ୨୫।୧୨ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ବିଜେପି ପକ୍ଷରୁ ଭାରତରତ୍ନ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜନ୍ମଜୟନ୍ତୀ ବିଜେପି କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ଯୁବନେତା ସହଦେବ ସାହୁଙ୍କ ନେତୃତ୍ୱରେ ରାଜନଗର ନିର୍ବାଚନମଣ୍ଡଳୀର ପ୍ରଭାରୀ ସୁନାକର ପ୍ରଧାନ, ପୂର୍ବତନ ଜିଲ୍ଲା ସମ୍ପାଦକ ପ୍ରଦୀପ ଦାସ, ଅଲେଖ ପାତ୍ର, ସଂଗ୍ରାମ କୁମାର ବେହେରା, ସୁଲୋଚନା ଦାସ, ଶୂନ୍ୟବାସୀ ରଣା, ସୁବାଷ ଚନ୍ଦ୍ର ସେଠୀ, ମଥୁରାନନ୍ଦ ମଳିକ, ଶିବସ୍ମ ମଳିକ, ଦୀପକ ମଳିକ, ସୁମିତ୍ରା ରାଉତ, ନିତ୍ୟାନନ୍ଦ ସାହୁ, ସୁଦର୍ଶନ ପ୍ରଧାନ, ପଞ୍ଚାନନ ପ୍ରଧାନ, ହେମନ୍ତ କୁମାର ସାହୁ, ବିଚିତ୍ର ରାଉତ, ଅଭୟ ସେଠୀ, ପ୍ରଫୁଲ୍ଲ ସେଠୀ, ସୁକଦେବ ପ୍ରଧାନ, ପ୍ରମୋଦ ଦାସ, ଗୋଲେଖ ସେଠୀ, ଅନିଲ ମଳିକ, ବିକାଶ ମଳିକ, ସୁବାଷ ମଳିକ, ସରୋଜ ମିଶ୍ର, ବେଙ୍ଗୁଲି ସେଠୀ, ଅଜୟ କୁମାର ସେଠୀ, ଦିବାକର ମଳିକ, ନିରଞ୍ଜନ ମଳିକ, ସନାତନ ମଳିକ ପ୍ରମୁଖ ଶତାଧିକ ବିଜେପି କର୍ମୀମାନେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଜୀବନଦର୍ଶନ ଉପରେ ଆଲୋଚନା କରିବା ସହିତ ତାଙ୍କ ଫଟୋ ଚିତ୍ରରେ ପୁଷ୍ପାମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ବରିଷ୍ଠ ବିଜେପି ନେତା ସଦାଶିବ ଜେନାଙ୍କ ସଭାପତିତ୍ୱରେ ଯୁବନେତା ଦିଲ୍ଲୀପ ରଞ୍ଜନ ପାଲ, ବରିଷ୍ଠ ନେତା ବିଜୟ ବଳ, ନୀଳମଣି ସାହାଣୀ, ପ୍ରମୋଦ ଦାସ, କ୍ରୀଷ୍ଣା ବେହେରା, ମଙ୍ଗୁଳି ମହାନ୍ତି, ଚିତ ରଞ୍ଜନ ପାତ୍ର, ଫକୀର ଚରଣ ବେହେରା, ସନ୍ତୋଷ ସାହୁ, ପ୍ରଦୀପ ଦାସ, ସୁମନ୍ତ ସାମଲ, ଶ୍ରୀମନ୍ତ ପରିଡ଼ା, କରୁଣାକର ପରିଡ଼ା, ସର୍ବେଶ୍ୱର ଜେନା, ମନୋଜ ମଳିକ ପ୍ରମୁଖ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜନ୍ମଜୟନ୍ତୀ ପାଳନ କରିବା ସହିତ ଶ୍ରଦ୍ଧା ସୁମନ ଅର୍ପଣ କରିଛନ୍ତି।

## ବରିଷ୍ଠ ନାଗରିକ ମଞ୍ଚ ତରଫରୁ ଶ୍ରଦ୍ଧାଞ୍ଜଳି ସଭା

**ପଟ୍ଟାମୁଣ୍ଡାଇ, ୨୫।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ପଟାମୁଣ୍ଡାଇ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ତରଫରୁ ବରିଷ୍ଠ ନାଗରିକ ମଞ୍ଚ ବରିଷ୍ଠ ଉପଦେଷ୍ଟା ତଥା ରେଭେନ୍ସା ମହାବିଦ୍ୟାଳୟର ଅବସର ପ୍ରାପ୍ତ ରସାୟନ ବିଜ୍ଞାନ ପ୍ରଫେସର ଡ. ବୈଷ୍ଣବ ଚରଣ ସିଂହ ଓ ବରିଷ୍ଠ ସଭ୍ୟ ତଥା ସାମନ୍ତସିଂହାର କେଳୁ ଚରଣ ହାଇସ୍କୁଲ, ପତ୍ରପୁରର ପ୍ରାକ୍ତନ ପ୍ରତିଷ୍ଠାତା ପ୍ରଧାନଶିକ୍ଷକ ଦିବଗଂତ ହରେକୃଷ୍ଣ ଲେଙ୍କାଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ପଟ୍ଟାମୁଣ୍ଡାଇ ସ୍ଥିତ ବରିଷ୍ଠ ନାଗରିକ ମଞ୍ଚ ଚିତ୍ତବିନୋଦନ ଗୃହ ପରିସରରେ ଅନୁଷ୍ଠିତ ହୋଇ ଯାଇଅଛି । ଏହି ଉପଲକ୍ଷେ ଆୟୋଜିତ ସ୍ମୃତି ଚାରଣ ସଭା ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟକାରୀ ସଭାପତି ପ୍ରାକ୍ତନ ପ୍ରଧାନ ଶିକ୍ଷକ କସ୍ତୁରି ଚରଣ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ପାଦକ ପ୍ରଫେସର ଭରତ ଚନ୍ଦ୍ର ପାତ୍ର, ବରିଷ୍ଠ ପ୍ରଶାସନିକ ଅଧିକାରୀ ଡ. କେଳୁ ଚରଣ ସ୍ୱାଇଁ,ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ରମେଶ ଚନ୍ଦ୍ର ଜେନା, ପ୍ରଫେସର ଦେବବ୍ରତ ପ୍ରଧାନ, ଯୁଗ୍ମ ସମ୍ପାଦକ ବିଜୟ କୁମାର ସାହୁ, କୋଷାଧ୍ୟକ୍ଷ ଚର୍ତ୍ତୁଭୂଜ ରାଉଳ, ବିକାଶ ପରିଷଦ ସମ୍ପାଦକ ଗୋପୀନାଥ ତ୍ରିପାଠୀ, ସମାଜସେବୀ ନିରଞ୍ଜନ ପଟନାୟକ ,ଅବସରପ୍ରାପ୍ତ ଆଳି ବ୍ଲକ ଶିକ୍ଷା ଅଧିକାରୀ ଜୟଶ୍ରୀ ଶତପଥୀ ,ଆଳି ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରଦୀପ୍ତ କୁମାର ରଥ, ଇଂ ତପନ କୁମାର ପାତ୍ର, ପ୍ରାବନ୍ଧିକ ପ୍ରଦୀପ କୁମାର ନାୟକ, ଗୋକୁଳ ଚନ୍ଦ୍ର ରାଉତ, ଗର୍ନ୍ଧବ ଚରଣ ଲେଙ୍କା, ରାଜେନ୍ଦ୍ର ପ୍ରସାଦ ସିଂହ,ପ୍ରମୋଦ କୁମାର ସାହୁ,ସଞ୍ଜୟ କୁମାର ବର୍ମା, ଅଭୟକୁମାର ସାହୁ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ମାନେ ଯୋଗଦାନ କରି ସ୍ୱର୍ଗତ ଆତ୍ମା ଦ୍ୱୟଙ୍କର ପଟ୍ଟାମୁଣ୍ଡାଇ ଅଞ୍ଚଳପାଇଁ ଶିକ୍ଷାକ୍ଷେତ୍ରରେ ସୃଷ୍ଟି କରିଥିବା ନୂତନ ଅଧ୍ୟାୟ ବିଷୟରେ ଆଲୋକପାତ କରିଥିଲେ। ବକ୍ତାମାନେ ଦିବଗଂତ ଆତ୍ମାଦ୍ୱୟଙ୍କର ସ୍ମୃତି ଚାରଣ କରିବା ସହିତ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ଆତଙ୍କ ଖେଳାଇଲେ ଡ଼କାୟତ ଗ୍ୟାଙ୍ଗ

**କେନ୍ଦ୍ରାପଡ଼ା, ୨୫।୧୨ (ସଂଚାର ବ୍ୟୁରୋ):** ବିଳମ୍ବିତ ରାତିରେ ଡକାୟତି ଗ୍ୟାଙ୍ଗ ଆତଙ୍କ ସୃଷ୍ଟି କରିଛନ୍ତି । କିଛିଦିନ ଧରି ଏହି ରାକେଟ ସକ୍ରିୟ ଥିବା ଜଣାପଡିଛି। ପୁଲିସ୍‌କୁ ଚ୍ୟାଲେଞ୍ଜ ଦେଇ ଭିନ୍ନ ଭିନ୍ନ ସ୍ଥାନରୁ ଅତି ଚତୁରତାର ସହିତ ଲୁଟ୍ ବା ଡକାୟତି କରିବାରେ ସକ୍ଷମ ହେଉଛନ୍ତି । କେତେବେଳେ ମଠ ମନ୍ଦିରକୁ ଟାର୍ଗେଟ କରୁଛନ୍ତି ତ ଆଉ କେତେବେଳେ ସରକାରୀ କାର୍ଯ୍ୟାଳୟ ତାଲା କାଟି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଚୋରି କରୁଥିବା ଘଟଣା ଏବେ ବାରମ୍ବାର ଘଟୁଥିବା ଦେଖିବାକୁ ମିଳୁଛି। ଏହି ଲୁଟ୍‌ପାଟରେ ସ୍ୱତନ୍ତ୍ର ଏକ ଟିମ୍ କାମ କରୁଥିବା ବେଳେ ସ୍ଥାନୀୟ କିମ୍ବା ଜିଲ୍ଲା ପୋଲିସ କୌଣସି ପଦକ୍ଷେପ ନେବା ତ ଦୂରର କଥା ସେମାନଙ୍କ ଟେର୍ ମଧ୍ୟ ପାଉନି। ବିଶେଷ କରି ଏହି ଲୁଟ୍ ପାଟ ଘଟଣା ଗ୍ରାମାଞ୍ଚଳ ମାନଙ୍କରେ ଦେଖିବାକୁ ମିଳୁଛି।

କେନ୍ଦ୍ରାପଡ଼ା ଜିଲ୍ଲାର ଥିବା ପାଟକୁରା ଏବଂ କୁଦାନଗରୀ ଥାନା ଅଂଚଳରେ ଲୁଟେରା ଗ୍ୟାଙ୍ଗଙ୍କ ପ୍ରଭାବ ବିଶେଷ ଦେଖିବାକୁ ମିଳୁଥିବା ବେଳେ ଗୁରୁବାର ବିଳମ୍ବିତ ରାତିରେ ବିଭିନ୍ନ ମାରଣାସ୍ତ୍ର ଦେଖାଇ ଆତଙ୍କ ସୃଷ୍ଟି କରିଛନ୍ତି । ପାଟକୁରା ଥାନା ଅଧୀନ ବେଢ଼ାରୀ ପଞ୍ଚାୟତ ଦଲୁଆଣୀ ଗ୍ରାମର ଗୋଟିଏ ଦିନରେ ତିନିଜଣଙ୍କ ଘରେ ପଶିଥିଲେ । ଗ୍ରାମର ହୃଷିକେଶ ଦାସଙ୍କ ଘରେ କେହି ନଥିବାର ସୁଯୋଗ ନେଇ ପଡୋଶୀ ଘର ବାହାର ପଟୁ ତାଲା ମାରି ଘର ପଶି କବାଟ ତାଲା କାଟି ଘରେ ଥିବା ଟ୍ରଙ୍ଗରୁ ୧୦ ହଜାର ଟଙ୍କା, ସୁନା ମଙ୍ଗଳସୂତ୍ର, ମୁଦି, ସୁନା ଲକେଟ୍, ପିତଳ ସାମଗ୍ରୀ, ଶାଢ଼ୀ ଅଭୟ ବେହେରାଙ୍କ ଘରୁ ସୁନା ଚେନ ରୂପା ପାଉଁଜ, ରୂପା ପଦକ, ୮ ହଜାର ଟଙ୍କା, ମହେଶ୍ୱର ମଲ୍ଲିକଙ୍କ ଘରୁ ଏକ ମୋଟର ସାଇକେଲ ମଧ୍ୟ ଚୋରି କରି ନେଇଯାଇଛନ୍ତି ।



● ବିଦ୍ୟୁତ୍ କାଟିଲେ ପଡ଼ୋଶୀ ଘର ବାହାରପଟୁ ଲକ୍ କଲେ
● ତାଲା କାଟି ଲକ୍ଷାଧିକ ଟଙ୍କାର ଚୋରି କଲେ
● ବିରି,ମୁଗ ଶୀତବସ୍ତ୍ରକୁ ବି ଛାଡ଼ିଲେନି

ସେହି ପରି ପଦ୍ମପୁର ପଞ୍ଚାୟତ କିଣିଲୋ ଗ୍ରାମର କଣମୁଣ୍ଡ ଛକ ନିକଟରେ ଥିବା ଟ୍ରାନ୍ସଫର୍ମରୁ ପ୍ରଥମେ ବିଦ୍ୟୁତ୍ କାଟ୍ କରି ଏକାଧିକ ଘର ମୁଖ୍ୟ ଦ୍ୱାରାକୁ ବାହାର ପଟୁ ଦୃର୍ବୃତ୍ତ ଲକ୍ କରିଥିଲେ । ଗ୍ରାମର ଥିବା ଛବିନ୍ଦ୍ର ରାଉତ ଘର ବାହାର ପଟୁ ତାଲା ମାରି ବଡ଼ ଭାଇ ରବୀନ୍ଦ୍ର ରାଉତଙ୍କ ଘର ତାଲା କାଟି ଚୋରି ଉଦ୍ୟମ କରୁଥିବା ସମୟରେ ଫେଲ ମାରିଥିଲେ । ଏହା ପରେ ଭିକାରୀ ଚରଣ ବାରିକଙ୍କ ଘରେ ପଶିଥିଲେ। ଭିକାରିଙ୍କ ସ୍ତ୍ରୀ କଳ୍ପନା ବାରିକଙ୍କୁ ମାରଣାସ୍ତ୍ର ଧରି ଭୟଭିତ କରାଇବା ସହ ମାଡ଼ ମାରି ଘର ଗଡ୍ରେଜ୍ ମଧ୍ୟରୁ ସୁନା ମୁଦି ଏବଂ ଏକ ସୁନା ଲକେଟ୍ ନେଇ ଯାଇଛନ୍ତି । ସେହି ପରି ଗୁଣନିଧି ପରିଡ଼ାଙ୍କ ଘରେ ଥିବା ଶୀତବସ୍ତ୍ର ନେବା ସହ ବାନମ୍ବର୍ ଦାସଙ୍କ ଘରେ ପଶି ମୁଗ ଏବଂ ବିରି ବସ୍ତା ପଡୋଶୀ ଅଭୟ ସେନାପତି ଙ୍କ ଘର କବାଟ କାଟିଥିଲେ। ଅଭୟଙ୍କ ଘରେ କୌଣସି ସାମଗ୍ରୀ ନଥିବାରୁ ଶେଷରେ ଅନ୍ୟ ଘର ମାନଙ୍କରେ ବାହାର ପଟୁ ଲକ କରୁଥିବା ସମୟରେ ସ୍ଥାନୀୟ ଲୋକେ ଜାଣିପାରି ହୋହଲ୍ଲା କରିବାରୁ ଦୃର୍ବୃତ୍ତମାନେ ଚମ୍ପଟ ମାରିଥିଲେ ।

କୁଦାନଗରୀ ଥାନା ଅନ୍ତର୍ଗତ ବେହୁଳ ଗ୍ରାମର ହୃଷିକେଶ ମହାଳିଙ୍କ ଘରୁ ଗୁରୁବାର ରାତିରେ ବଡଧରଣର ଚୋରି କରିଛନ୍ତି । ପରିବାର ସଦସ୍ୟ ଶୋଇଥିବା ସମୟରେ ଗ୍ରିଲ ତାଡି ଦୃର୍ବୃତ୍ତ ଘର ମଧ୍ୟକୁ ପଶିଥିଲେ। ଯେଉଁ ଘରେ ପରିବାର ଲୋକେ ସୋଇଥିଲେ ସେହି ଘରର ବାହାର ପଟୁ ପ୍ରଥମେ କବାଟକୁ ତାଲା ମାରି ଅନ୍ୟ ଏକ ଘରେ ଥିବା ସୁନା ଅଳଙ୍କାର ଟଙ୍କା ଲୁଟ କରିଥିବା ଜଣାପଡିଛି । ଏଥିରେ ତିନୋଟି ସୁନା ହାର,ତିନୋଟି ସୁନା ଚେନ,ସାତ ହଳ କାନ ଫୁଲ ,ପାଞ୍ଚ ହଳ ସାଙ୍ଖି,ରୂପା ଅଳଂକାରକୁ ମିଶାଇ ପ୍ରାୟ ୧୦ ଲକ୍ଷ ଟଙ୍କା ସମ୍ପତି ଚୋରି କରି ନେଇଥିବା କୁଦାନଗରୀ ଥାନାରେ ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ପାଇବା ପରେ ଘଟଣା ସ୍ଥଳରେ ସନ୍ଧାନି କୁକୁର ଏବଂ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।



ଓଡ଼ିଶାର ବିକାଶ ପାଇଁ ବାଜପେୟୀଙ୍କ ଅବଦାନ ଅତୁଳନୀୟ

# ୨୦୨୫ ଡିସେମ୍ବର ସୁଦ୍ଧା ସମ୍ବଲପୁରକୁ ଟିବି ମୁକ୍ତ କରିବା

## 'ସୁଶାସନ ଦିବସ' ଅବସରରେ ଟିବି ପୀଡିତଙ୍କୁ ପୁଷ୍ଟି କିଟ୍ ବିତରଣ କଲେ କେନ୍ଦ୍ରମନ୍ତ୍ରୀ

- ଟିବି ମୁକ୍ତ ପାଇଁ ଶପଥ ପାଠ କରାଇଲେ କେନ୍ଦ୍ରମନ୍ତ୍ରୀ
- ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନରେ "ଟିବି ମୁକ୍ତ ଭାରତ ଅଭିଯାନ"ରେ ସାମିଲ ହେବା



**ସମ୍ବଲପୁର,୨୫।୧୨(ସଂଚାର ବ୍ୟୁରୋ):** ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ତଥା ସୁଶାସନ ଦିବସ ଏବଂ ପବିତ୍ର ବଡ ଦିନରେ ସମ୍ବଲପୁର ଜିଲ୍ଲାର ସରକାରୀ ସ୍ତରରେ ପଞ୍ଜିକୃତ ହୋଇଥିବା ଟିବି ପୀଡ଼ିତ ଭାଇ ଭଉଣୀମାନଙ୍କୁ ମାସିକ ପୁଷ୍ଟି କିଟ୍ ପ୍ରଦାନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଅବସରରେ ସମବେତ ଜନସାଧାରଣଙ୍କୁ ଟିବି ମୁକ୍ତ ପାଇଁ ଶପଥ ପାଠ କରାଇବା ସହ ୨୦୨୫ ଡିସେମ୍ବର ସୁଦ୍ଧା ସମ୍ବଲପୁର ଜିଲ୍ଲାକୁ ଟିବି ମୁକ୍ତ କରିବା ପାଇଁ ସଂକଳ୍ପ ନେବାକୁ ସେ ଆହ୍ୱାନ କରିଛନ୍ତି। ଟିବି ମୁକ୍ତ ଭାରତ ଅଭିଯାନ ଅଧୀନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଟିବି ବା ଯକ୍ଷ୍ମା ଏକ ସଂକ୍ରାମକ ରୋଗ ନୁହେଁ। ପରିବେଶ ପ୍ରଦୂଷଣ, ଦାରିଦ୍ର୍ୟ ଓ ସଚେତନତା ଅଭାବରୁ ଲୋକମାନେ ଏହି ରୋଗର ଶୀକାର ହୋଇଥାନ୍ତି। ସମ୍ବଲପୁର ଜିଲ୍ଲାରେ ସରକାରୀ ପଞ୍ଜିକୃତ ହୋଇଥିବା ଯକ୍ଷ୍ମା ରୋଗୀଙ୍କ ସଂଖ୍ୟା ଅଛି ୧୪୩୫। ତନ୍ମଧ୍ୟରୁ ୧୧୮୫ ଜଣ ଯକ୍ଷ୍ମା ରୋଗୀଙ୍କ ଚିକିତ୍ସା କରାଯାଉଛି। ଅଧିକ ୨୫୦ ଜଣ ରୋଗୀ ଏହି ସଂଖ୍ୟାରେ ଯୋଡି ହୋଇଛନ୍ତି। ତେବେ ପୁଷ୍ଟିକର ଖାଦ୍ୟ, ଆଧୁନିକ ଚିକିତ୍ସା ଏବଂ ଜନ ଭାଗିଦାରୀ ବଳରେ ଟିବିର ସମ୍ପୂର୍ଣ୍ଣ ବିଲୋପ କରାଯାଇପାରିବ। ଏଥିପାଇଁ ରୋଗୀଙ୍କୁ ଧୈର୍ଯ୍ୟ ଧରି ସାହସର ସହ ଏହି ରୋଗର ମୁକାବିଲା କରିବାକୁ ପଡ଼ିବ। ସମ୍ବଲପୁର ସମେତ ସମଗ୍ର ଓଡ଼ିଶାକୁ ଟିବି ମୁକ୍ତ କରାଇବା ପାଇଁ ପଡ଼ିବ। ପ୍ରଦୂଷଣକୁ ହ୍ରାସ କରିବା ପାଇଁ ସୁବଜ ପରିବେଶ ସୃଷ୍ଟି କରିବାକୁ ହେବ। ସେ ଆହୁରି କହିଛନ୍ତି ଯେ ସମ୍ବଲପୁର ସମେତ ଓଡ଼ିଶାରେ ନିକ୍ଷୟ ମିତ୍ର ଏବଂ କମ ସମୟରେ ପ୍ରଭାବୀ ଉପଚାର ଭଳି ପଦକ୍ଷେପ ଯୋଗୁଁ ଯକ୍ଷ୍ମା ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଉଛି। ସମ୍ବଲପୁର ଜିଲ୍ଲାକୁ ଟିବି ମୁକ୍ତ କରିବା ପାଇଁ ଜନପ୍ରତିନିଧି ଓ କର୍ପୋରେଟ୍ ସଂସ୍ଥାମାନେ ଦାୟିତ୍ୱ ନେଉଛନ୍ତି। ଏହି ଟିବି ମୁକ୍ତ ଅଭିଯାନରେ ପୀଡିତ ଓ ସେମାନଙ୍କ ପରିବାରର ସେବା ପାଇଁ ସମାଜର ପ୍ରବୃଦ୍ଧ ବ୍ୟକ୍ତି, ଯୁବ ସଂଗଠନ, ସାମାଜିକ ସଂଗଠନ ଓ ନାଗରିକମାନେ ବି ବ୍ୟକ୍ତିଗତ ଭାବରେ ସାମିଲ ହୁଅନ୍ତୁ। ଯକ୍ଷ୍ମା ରୋଗୀଙ୍କ ସହ ସେମାନଙ୍କ ପରିବାରକୁ ଆର୍ଥିକ ଓ ଅନ୍ୟାନ୍ୟ ସହାୟତାର ଦାୟିତ୍ୱ ନେବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଶ୍ର ପ୍ରଧାନ କହିଛନ୍ତି ଯେ ଜିଲ୍ଲା ପ୍ରଶାସନ ଏଥିପାଇଁ ପାରଦର୍ଶୀ ଭାବରେ ପୋର୍ଟାଲର ବ୍ୟବସ୍ଥା ସହ ବିଭିନ୍ନ ଯୋଜନା କରନ୍ତୁ। ଅନ୍ୟର ସେବା କରିବାର ମନୋଭାବ ରହିଲେ ହିଁ ଆମର ସମାଜକୁ ସୁସ୍ଥ କରିବାର ମୂଳ ଲକ୍ଷ୍ୟ ସାଧିତ ହୋଇପାରିବ। ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ସମ୍ବଲପୁର ଏବଂ ଓଡ଼ିଶା ସମେତ ଭାରତକୁ ସଂପୂର୍ଣ୍ଣ ଭାବରେ ଟିବି ମୁକ୍ତ କରିବା ପାଇଁ "ଟିବି ମୁକ୍ତ ଭାରତ ଅଭିଯାନ"ରେ ସାମିଲ ହେବା ଏବଂ ଯକ୍ଷ୍ମା ରୋଗ ଦୂର କରିବା ପାଇଁ ଆମର ଯୋଗଦାନ ଦେବା। ଶ୍ରୀ ପ୍ରଧାନ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ସମଲେଶ୍ୱରୀଙ୍କ ପାଖରେ ପୀଡିତଙ୍କ ଆଶୁ ଆରୋଗ୍ୟ ଓ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ଲାଭ ସହ ପାରିବାରିକ ମଙ୍ଗଳ ପାଇଁ ପ୍ରାର୍ଥନା କରିଛନ୍ତି।

## ଟ୍ୱିନ୍ ସିଟି କ୍ରାଇମ୍

### ଆଲୁମିନିୟମ ତାର ଚାଲାଣ ବେଳେ ଗିରଫ



**ଭୁବନେଶ୍ୱର,୨୫।୧୨(ସଂଚାର ବ୍ୟୁରୋ):** ଜଟଣୀ ଥାନା ପୁଲିସ ମାମଲାର ତଦନ୍ତ କରିବା ସହ ସମ୍ପୃକ୍ତ ଥିବା ଅଭିଯୋଗରେ ଅଭିଯୁକ୍ତ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ଜଟଣୀ ଥାନାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଥାନା ର ଏସଆଇ ସସ୍ମିତା ସାହୁ ଓ ଟୀମ ଥାନା ପରିସରଭୁକ୍ତ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ ଅଭିଯୁକ୍ତ ଜଣକ ଜଟଣୀ ପୋଡପଡା ଖେଳ ପଡିଆ ନିକଟରେ ଏକ ଟାଟା ଏସିଇ ରେ କିଛି ଚୋରୀ ଏଲୁମିନିୟମ ତାର ବୋଝେଇ କରୁଥିବାର ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥେଲେ, ଯାହା ଆଇଆଇଟି ଭୁବନେଶ୍ୱର, ଜଟଣୀ ରୁ ଚୋରୀ ହୋଇଥିବା ଅନୁମାନ କରାଯାଉଥିଲା । ସୂଚନା ଆଧାରରେ ପୁଲିସ ଟୀମ ତୁରନ୍ତ ଘଟଣା ସ୍ଥଳ କୁ ଯାଇଥିଲେ ଓ ଅଭିଯୁକ୍ତ ଙ୍କୁ କାବୁ କରିବା ସହ ତାଙ୍କର ହେପାଜତରୁ ଏଲୁମିନିୟମ ବୋଝେଇ ଟାଟା ଏସିଇ ଗାଡି ଟିକୁ ଜବତ କରିଥିଲେ। ପଚରା ଉଚରା ବେଳେ ଅଭିଯୁକ୍ତ ଜଣକ ନିଜର ଅପରାଧ ସ୍ୱୀକାର କରିବା ସହ ନିଜ ହେପାଜତରେ ଥିବା ସାମଗ୍ରୀ ଚୋରୀ ସାମଗ୍ରୀ ଜାଣିବା ପରେ ମଧ୍ୟ ସେଗୁଡିକୁ ସଂଗ୍ରହ କରି ଅଧିକ ଲାଭ ପାଇଁ ବିକ୍ରୟ ନିମନ୍ତେ ବୋଝେଇ କରୁଥିବା ଦର୍ଶାଇଥିଲେ। ଅଭିଯୁକ୍ତ ର ପୂର୍ବଚରିତ ଅପରାଧିକ ଯାଞ୍ଚ ବେଳେ ତାଙ୍କ ନାମରେ ଜଟଣୀ ଥାନା ରେ ପୂର୍ବରୁ ଗୋଟିଏ ଅପରାଧ ମାମଲା ରହିଥିବା ତଦନ୍ତରୁ ଜଣା ପଡିଥିଲା ।

### ରକ୍ଷକ ସାଜିଲା ଭକ୍ଷକ



**ଭୁବନେଶ୍ୱର,୨୫।୧୨(ସଂଚାର ବ୍ୟୁରୋ):** ଅଭିଯୋଗକାରୀ ମଳୟ କିଶୋର ନାୟକ ଙ୍କର ଏତାଲା ଆଧାରରେ ଇନ୍‌ଫୋସିଟି ଥାନା ପୁଲିସ୍ ମାମଲା ରୁଜୁ କରିବା ସହ ତଦନ୍ତ କରି ସମ୍ପୃକ୍ତି ଥିବା ଅଭିଯୋଗରେ ଅଭିଯୁକ୍ତ ମାନଙ୍କୁ ଗିରଗ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନା ଯୋଗ୍ୟ ଯେ, ଅଭିଯୋଗକାରୀଙ୍କର ଇଚ୍ଛା କମ୍ପାନୀ ଟି ଇନ୍ଫୋସିଟି ରେ ରେ ଥିବା ଏମ୍‌ଯୁଭିଆଇ ସାଇଟ୍ ର ନିର୍ମାଣ ପ୍ରକଳ୍ପ କାର୍ଯ୍ୟ ର କଣ୍ଟ୍ରାକ୍ଟ ନେଇଛନ୍ତି। ଗତ ତା ୨୨.୧୨.୨୦୨୪ ରିଖରେ ଉକ୍ତ ସାଇଟ୍ ରେ କାର୍ଯ୍ୟ କରୁଥିବା ଅଭିଯୁକ୍ତ ସୁରକ୍ଷା କର୍ମୀ ସୁମିତ୍ ଓ ଶ୍ରୀକାନ୍ତ ଉଭୟେ ସେଠାରୁ କିଛି ନିର୍ମାଣ ସାମଗ୍ରୀ ଚୋରି କରି ନେଇ ଯାଇଥଲେ। ପରବର୍ତ୍ତୀ ସମୟେ ଅଭିଯୁକ୍ତ ମାନେ ଚୋରି କରିଥିବା ସାମଗ୍ରୀ କୁ କିଟ୍ ସ୍ଥିତ ମାଉସୀ ମା ମନ୍ଦିର ନିକଟରେ ଥିବା ଅଭିଯୁକ୍ତ ସାନୋଓ୍ୱାରା ହୁସେନ୍ ଙ୍କ କବାଡି ଦୋକାନରେ ବିକ୍ରୟ କରିଥିଲେ। ତଦନ୍ତ ସମୟରେ ପୁଲିସ୍ ଅଭିଯୁକ୍ତ ମାନଙ୍କୁ ଗିରଫ କରିଥିଲେ ଓ ସେମାନଙ୍କ ହେପାଜତରୁ ଚୋରି ନିର୍ମାଣ ସାମଗ୍ରୀ ମଧ୍ୟ ଜବତ କରିଥିଲେ। ପଚରା ଉଚରା ବେଳେ ଅଭିଯୁକ୍ତ ମାନେ ସେମାନଙ୍କର ଅପରାଧ ସ୍ୱୀକାର କରିଥିଲେ।

### ପୋଲିସ ହାତରେ ସାଇକଲ ଚୋର ଗ୍ୟାଙ୍ଗ




**ଭୁବନେଶ୍ୱର,୨୫।୧୨(ସଂଚାର ବ୍ୟୁରୋ):** ଭରତପୁର ଥାନା ପୋଲିସ ଅଭିଯୋଗକାରି ପ୍ରିତମ୍‌ଙ୍କ ଅଭିଯୋଗ କ୍ରମେ ମାମଲାର ତଦନ୍ତ କରିବା ସହ ନିମ୍ନୋକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ଗତ ୨୨ ତା'ରିଖରେ ଅଭିଯୁକ୍ତ ମାନେ ମିଳିତ ଭାବେ ଅଭିଯୋଗକାରୀଙ୍କର ଏସି କମ୍ପ୍ରେସର ଚୋରୀ କରୁଥିବା ସମୟରେ ଅଭିଯୋଗକାରୀ ଦେଖ୍ ନେଇଥିଲେ ଓ ହୁଲା କରିବା ସହ ଅଭିଯୁକ୍ତ ମାନେ ଘଟଣା ସ୍ଥଳ ଛାଡି ଚାଲି ଯାଇଥିଲେ । ଏହି ମାମଲାର ତଦନ୍ତ ସମୟରେ ଏକ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା କୁ ଆଧାର କରି ଅଭିଯୁକ୍ତ ମାନଙ୍କୁ ଗିରଫ କରିଥିଲେ । ଅଭିଯୁକ୍ତଙ୍କର ତଲାସି ବେଳେ ପୁଲିସ ସେମାନଙ୍କର ହେପାଜତରୁ ଚୋରୀ ସାମଗ୍ରୀ ଯଥା ଗୋଟିଏ ବ୍ୟାଟେରୀ, ୨ ଟି ମୋବାଇଲ ଫୋନ ଏବଂ ୨ଟି ବାଇସାଇକଲ ଜବତ କରିଥିଲେ। ତଦନ୍ତ ସମୟରେ ଅଭିଯୁକ୍ତ ମାନେ ଜବତ ସାମଗ୍ରୀ କୁ ଭୁବନେଶ୍ୱର ର ବିଭିନ୍ନ ଅଞ୍ଚଳରୁ ଚୋରୀ କରିଥିବା ସ୍ୱୀକାର କରିବା ସହ ମିଳିତ ଭାବରେ ପୂର୍ବରୁ ଅଭିଯୋଗକାରୀଙ୍କର ଘରୁ ଏସି କମ୍ପ୍ରେସର ଚୋରୀ କରିବା ନିମନ୍ତେ ଉଦ୍ୟମ କରିଥିବା ଦର୍ଶାଇଥିଲେ ।

### ପ୍ରେମିକାର ବାପାଙ୍କୁ ପ୍ରେମିକ ପଠାଇଲା ଅଶ୍ଳୀଳ ଫଟୋ



**ଭୁବନେଶ୍ୱର,୨୫।୧୨(ସଂଚାର ବ୍ୟୁରୋ):** ପ୍ରେମିକାର ବାପାଙ୍କ ଅଶ୍ଳୀଳ ଫଟୋ ପଠାଇ ଥିବା ପ୍ରେମିକ ରାଜେଶକୁ ଭରତପୁର ଥାନା ପୁଲିସ ଅଭିଯୋଗକାରିଣୀଙ୍କ ଅଭିଯୋଗ କ୍ରମେ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ପୀଡ଼ିତା ଏବଂ ଅଭିଯୁକ୍ତ ରାଜେଶଙ୍କ ମଧ୍ୟରେ ପୂର୍ବରୁ ଉତ୍ତମ ସମ୍ପର୍କ ରହିଥିଲା । ଏହାର ସୁଯୋଗ ନେଇ ଅଭିଯୁକ୍ତ ରାଜେଶ ପୀଡ଼ିତାଙ୍କର ଅଜାଣତରେ ତାଙ୍କର କିଛି ଅପତିଜନକ ଫଟୋ ଏବଂ ଭିଡିଓ କୁ କ୍ୟାପଚର କରି ରଖୁଥିଲେ। ପରବର୍ତୀ ସମୟରେ ଅଭିଯୁକ୍ତ ରାଜେଶ ବ୍ଲାକମେଲ କରିବା ଆରମ୍ଭ କରି ବିଭିନ୍ନ ସମୟରେ ପୀଡ଼ିତା ଙ୍କୁ ଟଙ୍କା ମାଗିଥିଲେ ଓ ପୀଡ଼ିତା ମଧ୍ୟ ଚାହିଦା ଅନୁସାରେ ରାଜେଶ ଙ୍କୁ ୨୦ ହଜାର ଟଙ୍କା ଦେଇଥିଲେ । ଏହା ପରେ ଗତ ତା'୨୦ ରିଖରେ ଅଭିଯୁକ୍ତ ରାକେଶ ହ୍ୱାଟସ୍‌ଆପ ମାଧ୍ୟମରେ ପୀଡ଼ିତାଙ୍କର କିଛି ଆପତ୍ତିଜନକ ଫଟୋ କୁ ତାଙ୍କ ବାପା ଙ୍କ ନିକଟକୁ ସେୟାର କରିଥିଲେ । ଏହା ଜାଣିବା ପରେ ପୀଡ଼ିତା ଙ୍କ ମା ଅଭିଯୁକ୍ତ ରାଜେଶ କୁ ୧୦ହଜାର ଟଙ୍କା ଦେଇଥିଲେ ଓ ପୁନର୍ବାର ତାହା ନକରିବାକୁ ଅନୁରୋଧ କରିଥିଲେ। ଏହି ଘଟଣା ପରେ ହଠାତ ଦିନେ ଅଭିଯୁକ୍ତ ରାଜେଶ ପୀଡ଼ିତା ଙ୍କର ଘର ନିକଟକୁ ଆସିଥିଲେ ଓ ଉଚ୍ଚ ସ୍ୱରରେ ଗାଳିଗୁଲଜ କରିବା ସହ ଧମକ ଦେଇ ଅଧିକ ଟଙ୍କା ଦାବି କରିଥିଲେ । ଏଥିରେ ପରିବାର ସଦସ୍ୟ ଓ ପୀଡ଼ିତା କୌଣସି ପ୍ରତିକ୍ରିୟା କରିନଥିବାରୁ ଅଭିଯୁକ୍ତ ଜଣକ ପୀଡ଼ିତାଙ୍କର ଆପତ୍ତିଜନକ ଫଟୋ ସବୁକୁ ତାଙ୍କର ଜଣେ ବନ୍ଧୁ ଙ୍କର ମୋବାଇଲ ଫୋନ ରୁ ପୀଡ଼ିତା ଙ୍କର ମା ଓ ସାଙ୍ଗ ମାନଙ୍କୁ ପଠାଇ ଦେଇଥିଲେ । ଏନେଇ ପୀଡ଼ିତାଙ୍କର ମା ଭରତପୁର ଥାନା ରେ ଲିଖିତ ଅଭିଯୋଗ କରିଥିଲେ ।

## ଅଟଳଜୀ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବେ



**ଭୁବନେଶ୍ୱର,୨୫।୧୨ (ସଂଚାର ବ୍ୟୁରୋ):** ୧୯୨୪ ଡିସେମ୍ବର ୨୫ ତାରିଖରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଜନ୍ମଗ୍ରହଣ କରିଥିଲେ। କୃଷି, ବିଜ୍ଞାନ, ସୁରକ୍ଷା, ଟେଲିକମ, ଖାଦ୍ୟ ସୁରକ୍ଷା, ଶିକ୍ଷା, ଜାତୀୟ ରାଜପଥର ଉନ୍ନତିକରଣ ତଥା ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ଆଦି ଅନେକ କ୍ଷେତ୍ରରେ ବାଜପେୟୀଙ୍କ ଅବଦାନ ଅତୁଳନୀୟ। ପ୍ରଧାନମନ୍ତ୍ରୀତ୍ୱ କାଳରେ ଅଟଳଜୀ ଦେଶରେ ସୁଶାସନ ବ୍ୟବସ୍ଥା କରିଥିଲେ। ସେଥିଲାଗି ପ୍ରତିବର୍ଷ ସାରା ଭାରତରେ ଡିସେମ୍ବର ୨୫ତାରିଖକୁ "ସୁଶାସନ ଦିବସ" ଭାବେ ପାଳନ କରାଯାଉଛି। ଚଳିତ ବର୍ଷ ରାଜ୍ୟ ବିଜେପି କାର୍ଯ୍ୟାଳୟ ପରିସରରେ ସ୍ୱର୍ଗତ ବାଜପେୟୀଜୀଙ୍କ ୧୦୦ ତମ ଜନ୍ମ ଦିବସ ତଥା ଜନ୍ମ ଶତବାର୍ଷିକୀ ପାଳନ ଅବସରରେ 'ଅଟଳ ସମ୍ମାନ -୨୦୨୪' କାର୍ଯ୍ୟକ୍ରମ ଆୟୋଜନ ହେବା ସହ ସୁଶାସନ ଦିବସ ପାଳିତ ହୋଇଥିଲା।ପ୍ରତିକୂଳ ପରିସ୍ଥିତିରେ ଅସାଧାରଣ ବ୍ୟକ୍ତିତ୍ୱ ପ୍ରଦର୍ଶନ, ମହାନୁଭବତା, ମହାନୀୟତା ତଥା ବିକାଶର ଅଭିଳାଷକୁ ବୁଣି ସାରା ଭାରତବର୍ଷଙ୍କ ସକ୍ଷ ପଥରେ ଏକାକାର କରିବାର ଯୁଗପୁରୁଷ, ସ୍ୱାଧୀନ ଭାରତବର୍ଷର ସୁଶାସନର ପ୍ରବର୍ତ୍ତକ, ସାରସ୍ୱତ ସାଧକ, ପାଞ୍ଚ ଦଶନ୍ଧିର ସାଂସଦ, ଯୁଗାନ୍ତକାରୀ, ମହାମାନବ, ଭାରତରତ୍ନ ଭୂତପୂର୍ବ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଆମ ଭାରତବର୍ଷଙ୍କ ପାଇଁ ସର୍ବଦା ଆଦର୍ଶ ପୁରୁଷ ଓ ପ୍ରେରଣାର ଉତ୍ସ ହୋଇ କାଳେ କାଳେ ରହିବେ। ନିଜର ବ୍ୟକ୍ତିତ୍ୱ ବଳରେ ବିରୋଧୀଙ୍କୁ ଆକର୍ଷିତ କରିପାରୁଥିଲେ ଅଟଳଜୀ। ଏନ୍‌ଡିଏ ମେଣ୍ଟ ଗଠନ କରି ସୁଶାସନ ଦେଇ ଉଦାହରଣ ସୃଷ୍ଟି କରିଥିଲେ। ସେଥିପାଇଁ ଅଟଳଜୀଙ୍କୁ ଅଜାତଶତ୍ରୁ ବୋଲି କୁହାଯାଉଥିଲା। ତାଙ୍କ ନୀତି ଓ ଆଦର୍ଶକୁ ଆଧାର କରି ଆଜି ବିଜେପି ବିଶ୍ୱର ସବୁଠୁ ବଡ ରାଜନୈତିକ ଦଳ ଭାବେ ଛିଡା ହୋଇଛି।

## ନଦୀ ସଂଯୋଗୀକରଣ ପ୍ରକଳ୍ପର ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ

### ଓମକାରେଶ୍ୱର ଭାସମାନ ସୌର ପ୍ରକଳ୍ପର ଉଦଘାଟନ



**ନୂଆଦିଲ୍ଲୀ, ୨୫।୧୨:** ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜନ୍ମ ବାର୍ଷିକୀ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ମଧ୍ୟପ୍ରଦେଶର ଖଜୁରାହୋଠାରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି। ଲୋକମାନଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଭାରତ ଓ ସମଗ୍ର ବିଶ୍ୱର ଖ୍ରୀଷ୍ଟିଆନମାନଙ୍କୁ ଖ୍ରୀଷ୍ଟମାସର ଅଭିନନ୍ଦନ ଜଣାଇଛନ୍ତି। ରାଜ୍ୟରେ ମୁଖ୍ୟମନ୍ତ୍ରୀ ଡ. ମୋହନ ଯାଦବଙ୍କ ନେତୃତ୍ୱାଧୀନ ସରକାରର ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ସେ ମଧ୍ୟପ୍ରଦେଶର ଲୋକମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେ କହିଥିଲେ ଯେ ଗତ ଏକ ବର୍ଷ ମଧ୍ୟରେ ନୂଆ ନୂଆ ଭିତ୍ତିଭୂମି ପ୍ରକଳ୍ପ କାର୍ଯ୍ୟକାରୀ ହେବା ସହ ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆଜି ଐତିହାସିକ କେନ-ବେତଓ୍ୱା ନଦୀ ସଂଯୋଗୀକରଣ ପ୍ରକଳ୍ପ, ଦୌଧନ ଡ୍ୟାମ ଓ ମଧ୍ୟପ୍ରଦେଶର ପ୍ରଥମ ଭାସମାନ ସୌର ପ୍ରକଳ୍ପ ଓମକାରେଶ୍ୱର ଭାସମାନ ସୌର ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଏଥିପାଇଁ ସେ ମଧ୍ୟପ୍ରଦେଶ ଲୋକମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଭାରତରତ୍ନ ଶ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ଯୋଗୁଁ ଆଜିର ଦିନକୁ ଏକ ସ୍ମରଣୀୟ ଦିନ ବୋଲି ଅବିହିତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆଜିର ଦିନଟି ହେଉଛି ସୁଶାସନ ଓ ଉତ୍ତମ ସେବା ପ୍ରଦାନର ଉତ୍ସବ ଯାହାକି ଆମ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ। ଶ୍ରୀ ବାଜପେୟୀଙ୍କ ସ୍ମୃତିରେ ଡାକଟିକଟ ଓ ମୁଦ୍ରା ଉନ୍ମୋଚନ କରିବା ଅବସରରେ ତାଙ୍କୁ ସ୍ମରଣ କରି ଶ୍ରୀ ମୋଦୀ କହିଥିଲେ ଯେ ଶ୍ରୀ ବାଜପେୟୀ ବିଗତବର୍ଷମାନଙ୍କରେ ତାଙ୍କପରି ଅନେକ ସାଧାରଣ କର୍ମୀମାନଙ୍କୁ ଗଢିଥିଲେ। ଦେଶର ବିକାଶ ଦିଗରେ ଅଟଳଜୀଙ୍କ ସେବା ଆମ ସ୍ମୃତିରେ ସର୍ବଦା ଅବିସ୍ମରଣୀୟ ରହିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଆଜିଠାରୁ ୧୧୦୦ରୁ ଅଧିକ ଅଟଳ ଗ୍ରାମ ସୁଶାସନ ସଦନର କାମ ଚାଲିବ ଏବଂ ଏଥିପାଇଁ ପ୍ରଥମ କିସ୍ତି ଜାରି କରାଯାଇଛି ବୋଲି ଶ୍ରୀ ମୋଦୀ କହିଥିଲେ। ଅଟଳ ଗ୍ରାମ ସେବା ସଦନ ଗ୍ରାମର ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ସେ ମନ୍ତବ୍ୟ ଦେଇଥିଲେ।

## ଏମ-ପ୍ୟାକ୍ସ, ଦୁଗ୍ଧ ଓ ମତ୍ସ୍ୟ ସମବାୟ ସମିତିର ଉଦ୍‌ଘାଟନ କଲେ ଶାହ




**ନୂଆଦିଲ୍ଲୀ, ୨୫।୧୨:** କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ଆଜି ନୂଆଦିଲ୍ଲୀରେ ୧୦, ୦୦୦ ନବଗଠିତ ବହୁମୁଖୀ ପ୍ରାଥମିକ କୃଷି ଋଣ ସମିତି (ପ୍ୟାକ୍ସ), ଦୁଗ୍ଧ ଏବଂ ମତ୍ସ୍ୟ ଉତ୍ପାଦନ ସମବାୟ ସମିତିର ଉଦଘାଟନ କରିଛନ୍ତି। ଏହି ଅବସରରେ କେନ୍ଦ୍ର ମତ୍ସ୍ୟ, ପ୍ରାଣୀସମ୍ପଦ ଏବଂ ଦୁଗ୍ଧ ଓ ପଞ୍ଚାୟତିରାଜ ମନ୍ତ୍ରୀ ଶ୍ରୀ ରାଜୀବ ରଞ୍ଜନ ସିଂ, କେନ୍ଦ୍ର ସମବାୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ କୃଷ୍ଣପାଲ ଏବଂ ଶ୍ରୀ ମୁରଲୀଧର ମୋହୋଲ ଏବଂ ସମବାୟ ମନ୍ତ୍ରଣାଳୟର ସଚିବଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଶ୍ରୀ ଅମିତ ଶାହ ଦେଶର ଦୁଇ ମହାପୁରୁଷ ପଣ୍ଡିତ ମଦନ ମୋହନ ମାଲବ୍ୟ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତାଙ୍କ ଅଭିଭାଷଣ ଆରମ୍ଭ କରିଥିଲେ। ସେ କହିଥିଲେ ଯେ ପଣ୍ଡିତ ମଦନ ମୋହନ ମାଲବ୍ୟ ଜୀ ଭାରତର ସ୍ୱାଧୀନତା ସଂଗ୍ରାମ ନାୟକମାନଙ୍କ ମଧ୍ୟରେ ଅଗ୍ରଣୀ ସ୍ଥାନ ଅଧିକାର କରିଛନ୍ତି ଏବଂ ସେ ଦେଶର ସ୍ୱାଧୀନତା, ଭାରତୀୟତା, ସଂସ୍କୃତି ଏବଂ ହିନ୍ଦୁ ଧର୍ମର ଚେତନା ଜାଗ୍ରତ କରିବା ପାଇଁ ଆଜୀବନ କାର୍ଯ୍ୟ କରିଥିଲେ। ଶ୍ରୀ ଶାହ କହିଥିଲେ, ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀ ଅଟଳ ବିହାରୀ ବାଜପେୟୀ ଦେଶର ସଂସଦରେ ୫ ଦଶନ୍ଧି ଧରି ଭାରତ ଏବଂ ଏହାର ସଂସ୍କୃତି ପାଇଁ ସ୍ୱର ହୋଇ ସଂସଦକୁ ମାର୍ଗଦର୍ଶନ କରିଥିଲେ। ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ଭାବରେ ଅଟଳଜୀ ଅନେକ ନୂଆ ପ୍ରୟାସ ଆରମ୍ଭ କରିଥିଲେ, ଯେଉଁ କାରଣରୁ ଭାରତ ଆଜି ଶୀର୍ଷ ସଫଳତା ହାସଲ କରିବାରେ ସକ୍ଷମ ହୋଇଛି। ଅଟଳଜୀ ଭାରତକୁ ପରମାଣୁ ଶକ୍ତି ସମ୍ପନ୍ନ କରିବା ଏବଂ କାର୍ଗିଲ ଯୁଦ୍ଧ ସମୟରେ ଦେଶର ଭୂମି ପାଇଁ ଲଢ଼ିବାର ସିଦ୍ଧାନ୍ତ ପ୍ରତିଷ୍ଠା କରିଥିଲେ।

## ଶ୍ରୀ ଶ୍ରୀ ଶିରିଡି ସାଇ ଚାରିଟେବଲ ଟ୍ରଷ୍ଟ ଦ୍ୱାରା ଚିତ୍ରାଙ୍କନ ସଂଗୀତ ଓ ନୃତ୍ୟ ପ୍ରତିଯୋଗୀତ

**ଭୁବନେଶ୍ୱର,୨୫।୧୨(ସଂଚାର ବ୍ୟୁରୋ):** ଶ୍ରୀ ଶ୍ରୀ ଶିରିଡି ସାଇ ଚାରିଟେବଲ ଟ୍ରଷ୍ଟ, ବସନ୍ତପୁର ତରଫରୁ ବିଶିଷ୍ଟ ସାଇଭକ୍ତ ତଥା ସାଇ ଅଧ୍ୟାତ୍ମଦର୍ଶନର ବିଶିଷ୍ଟ ପ୍ରଚାରକ, ଅଧ୍ୟାତ୍ମିକ ଗୁରୁ, ଗୁରୁଜୀ ଡ଼କ୍ଟର ଚନ୍ଦ୍ରଭାନୁ ଶତପଥୀଙ୍କ ୭୬ ତମ ଜନ୍ମଦିନ ଉପଲକ୍ଷେ ଚିତ୍ରାଙ୍କନ, ଗୀତ ଓ ନୃତ୍ୟ ପ୍ରତିଯୋଗିତା ୟୁନିଟ-୧, ଭୁବନେଶ୍ୱର ସ୍ଥିତ କସ୍ତୁରବା ନାରୀ ମହଲ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମାନ୍ୟବର ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥିବୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱୋଳନ କରି ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଭୁବନେଶ୍ୱର ମଧ୍ୟ ବିଧାୟକ ଶ୍ରୀ ଅନନ୍ତନାରାୟଣ ଜେନା, ଭୁବନେଶ୍ୱର ଏକ୍ରମ ବିଧାୟକ ଶ୍ରୀ ବାବୁ ସିଂ, ଉତ୍ତର ବିଧାୟକ ସୁଶାନ୍ତ ରାଉତ ଭୁବନେଶ୍ୱର ମହାନଗର ନିଗମର ମେୟର ଶ୍ରୀମତୀ ସୁଲଚନା ଦାସ, ଓଟିଆର ରେଜିଷ୍ଟ୍ରର ଶ୍ରୀମତୀ ରେଣୁପ୍ରଭା ନାୟକ ସ୍ଥାନୀୟ କର୍ପୋରେଟର ନଜୀୟା ବେଗମ ଓ ପାଇଲଟ କ୍ୟାପଟେନ ସାରଦା ଦାସ ଯୋଗଦାନ କରି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶିରିଡି ସାଇ ଚାରିଟେବଲ ଟ୍ରଷ୍ଟର ପରିଚାଳନା ଟ୍ରଷ୍ଟି ଡ. ରୁଦ୍ର ମହାନ୍ତିଙ୍କ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଜଗନ୍ନାଥ ଭାଷା ପ୍ରତିଷ୍ଠାନର ବାର୍ଷିକ ଉତ୍ସବ




**କଟକ,୨୫।୧୨ (ସଂଚାର ବ୍ୟୁରୋ):** ଅଦ୍ୟ କବି ଜଗନ୍ନାଥ ଭାଷା ପ୍ରତିଷ୍ଠାନ ଚଣ୍ଡୀମଙ୍ଗଳ, ବଡ଼ମ୍ବା, କଟକ ର ଦ୍ୱିତୀୟ ବାର୍ଷିକ ରାଜ୍ୟ ସ୍ତରୀୟ ସମାରୋହ ଶ୍ରୀ ଶ୍ରୀ ସିଂହନାଥ ପୀଠ ଠାରେ ଶ୍ରୀଯୁକ୍ତ ବିପିନି ବିହାରୀ ମହାନ୍ତିଙ୍କ ସଭାପତିତ୍ୱରେ ମହାସମାରୋହରେ ଅନୁଷ୍ଠିତ ହୋଇ ଯାଇଛି।ଉକ୍ତ ସାରସ୍ୱତ ଉତ୍ସବରେ ମୁଖ୍ୟ ଅତିଥି ରୂପେ ବିଧାୟକ ବଡ଼ମ୍ବା ନରସିଂପୁର ଶ୍ରୀଯୁକ୍ତ ବିଜୟ କୁମାର ଦଳବେହେରା, ମୁଖ୍ୟ ବକ୍ତା ପଣ୍ଡିତ ପଦ୍ମନାଭ ତ୍ରିପାଠୀ, ସମୀକ୍ଷକ ବାଦୀପାଲା ବିଶିଷ୍ଟବକ୍ତା ଡ଼କ୍ଟର ରବି ନାରାୟଣ ପଣ୍ଡା, ପ୍ରଫେସର ସ୍ନାୟୁ ଶଲ୍ୟ ବିଭାଗ ରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, ସମ୍ମାନିତ ବକ୍ତା ରୂପେ ଶ୍ରୀଯୁକ୍ତ ଭରତ ଚରଣ ବେହେରା, ରାଜ୍ୟ ଖଣି ନିଗମ ବରିଷ୍ଠ ଅଧିକାରୀ, କୃପାନିଧି ବିଶ୍ୱାଳ, ଅଭୟ କୁମାର ପରିଡା, ଗଗନ ବିହାରୀ ସ୍ୱାଇଁ, ରାଜ ଗୋପାଳ ସିଂହ, ମାର୍ଗ ଦର୍ଶକ ରାମଚନ୍ଦ୍ର ବିଶ୍ୱାଳ ଯୋଗ ଦେଇଥିଲେ। ଉକ୍ତ ଉତ୍ସବରେ ଅନୁଷ୍ଠାନର ମୁଖପତ୍ର ଅର୍ଣ୍ଣବ ର ଶୁଭ ଉନ୍ମୋଚନ ସହିତ କବିକମଳ ଜଗନ୍ନାଥ ବାରିକଙ୍କର ଦୁଇଟି ପୁସ୍ତକ, ଭଜନ ଶିଖୀ ଚୂଳିଆ, ଭଜନ ସୁଧା ଦରିଆ ଉନ୍ମୋଚିତ ହୋଇଥିଲା।ଏଥିରେ ବିଭିନ୍ନ ଜିଲ୍ଲାରୁ ଆସିଥିବା୪୦ ଜଣ କବି କବୟିତ୍ରୀ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଖଣିଜ ଚୋରି ପରିମାଣ ବଢ଼ୁଛି



**ଭୁବନେଶ୍ୱର, ୨୫।୧୨:** ରାଜ୍ୟରେ ଖଣିଜ ସାମଗ୍ରୀର ଅବାଧ ଚୋରା କାରବାର ବଢ଼ିବାରେ ଲାଗିଛି। ରାଜ୍ୟ ଓ ଜିଲ୍ଲା ସ୍ତରୀୟ ସ୍କ୍ୱାଡ୍ ପକ୍ଷରୁ ଜବତ ହୋଇଥିବା ଖଣିଜ ସାମଗ୍ରୀର ପରିମାଣ ଓ ଗାଡିମୋଟର ସଂଖ୍ୟାରୁ ଏହା ଲକ୍ଷ୍ୟ କରାଯାଇଛି। ରାଜ୍ୟର ଖଣି ଖାଦାନ ଭରା ଅଞ୍ଚଳରୁ ଲୁହାପଥର, କ୍ରୋମ ଓ କୋଇଲା ଭଳି ମୂଲ୍ୟବାନ ଗୁରୁ ଖଣିଜ ସାମଗ୍ରୀର ଚୋରା କାରବାର ହେଉଥିବାବେଳେ ଉପକୂଳ ଅଞ୍ଚଳରୁ ବାଲି, ମୋରମ ଭଳି ଲଘୁ ଖଣିଜ ସାମଗ୍ରୀର ଚୋରା କାରବାର ହେଉଛି। ଏଭଳି ବେଆଇନ୍ କାରବାରକୁ ରୋକିବାପାଇଁ ଉଭୟ ରାଜ୍ୟ ଓ ଜିଲ୍ଲା ସ୍ତରୀୟ ସ୍କ୍ୱାଡ୍ ଗଠନ ହୋଇଛି। ଗତ ଦଶ ବର୍ଷ ଧରି ଏହି ଦୁଇ ସ୍କ୍ୱାଡ୍ ପକ୍ଷରୁ ହୋଇଥିବା ଚଢଉର ପରିସଂଖ୍ୟାନରୁ ଜଣାଯାଇଛି ଯେ ୨୦୧୪-୧୫ ମସିହାରେ ରାଜ୍ୟସ୍ତରୀୟ ସ୍କ୍ୱାଡ୍ ୮୯୨ଟି ଚଢଉ କରି ୧୦୪୪ ମେଟ୍ରିକ ଟନ୍ ଖଣିଜ ସାମଗ୍ରୀ ଜବତ କରିଥିବାବେଳେ ୨୦୧୫-୧୬ବର୍ଷରେ ୩୧୫୦ ମେଟ୍ରିକ ଟନ୍ ଖଣିଜ ସାମଗ୍ରୀ ଜବତ କରାଯାଇଥିଲା। ଏହା ପରଠାରୁ ଉଭୟ ଯାଞ୍ଚ ଓ ଜବତ ଖଣିଜ ସାମଗ୍ରୀର ପରିମାଣ ହ୍ରାସ ପାଇଛି। କରୋନା କାଳରେ ୨୦୨୦-୨୧ ଓ ୨୦୨୧-୨୨ ବର୍ଷରେ ରାଜ୍ୟସ୍ତରୀୟ ସ୍କ୍ୱାଡ୍ କୌଣସି ଖଣିଜ ସାମଗ୍ରୀ ଜବତ କରିନଥିବାବେଳେ ୨୦୨୨-୨୩ ବର୍ଷରେ ୩୩୨ ମେଟ୍ରିକ ଟନ୍ ଖଣିଜ ସାମଗ୍ରୀ ଜବତ ହୋଇଥିଲା। ୨୦୨୩-୨୪ ବର୍ଷରେ ଏହି ପରିମାଣ ଶୂନ ଥିଲା। କିନ୍ତୁ ଜିଲ୍ଲା ସ୍ତରୀୟ ସ୍କ୍ୱାଡ୍ ପକ୍ଷରୁ ଜବତ ଖଣିଜ ସାମଗ୍ରୀର ପରିମାଣ ଢେର ଅଧିକ ରହୁଛି। କରୋନା ସମୟରେ ବି ଜିଲ୍ଲା ସ୍ତରୀୟ ସ୍କ୍ୱାଡ୍ ହାବୁଡରେ ଚୋରା ଚାଲାଣକାରୀମାନେ ପଡ଼ିବା ସହିତ ସେମାନଙ୍କୁ ଠାରୁ ପ୍ରଚୁର ପରିମାଣରେ ଖଣିଜ ସାମଗ୍ରୀ ଜବତ ହୋଇଥିଲା। ୨୦୨୦-୨୧ ବର୍ଷରେ ୧୩, ୬୦୯ ମେଟ୍ରିକ ଟନ୍ ସାମଗ୍ରୀ ଜବତ ହୋଇଥିବାବେଳେ ୨୦୨୧-୨୨ରେ ଏହି ପରିମାଣ ୩୩୦୦ ମେଟ୍ରିକ ଟନ୍‌କୁ ହ୍ରାସ ପାଇଥିଲା। ତେବେ କରୋନା ପ୍ରକୋପ କମିବା ପରେ ଚୋରା ଚାଲାଣ ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟର ଉପକୂଳ ଜିଲ୍ଲାଗୁଡିକରେ ଖଣିଜ ସାମଗ୍ରୀର ଚୋରା କାରବାର ବୃଦ୍ଧି ପାଇବା ସହିତ ଏହାକୁ ଜବତ କରିବାପାଇଁ ଯାଉଥିବା ଅଧିକାରୀମାନଙ୍କ ଉପରେ ମାଫିଆଙ୍କ ଆକ୍ରମଣର ସଂଖ୍ୟା ବି ବୃଦ୍ଧି ପାଉଛି। ତହସିଲଦାରଙ୍କ ଠାରୁ ଆରମ୍ଭ କରି ଆରଆଇଙ୍କ ଉପରେ ମାଫିଆମାନେ ଗାଡି ଚଢ଼ାଇବା ମାରିବାକୁ ଉଦ୍ୟମ ଭଳି ସାଂଘାତିକ ଅଭିଯୋଗ ଆସୁଥିବାବେଳେ ବହୁ ସମୟରେ ପୁଲିସ୍‌କୁ ଆକ୍ରମଣ କରି ମଧ୍ୟ ସେମାନେ ଗାଡିମୋଟର ଛଡାଇ ନେଇଯାଉଛନ୍ତି। (ତଥ୍ୟ)

## ଗଜା ଧାନ ଦେଖି କାନ୍ଦୁଛି ଚାଷୀ

**କେନ୍ଦ୍ରାପଡ଼ା,୨୫।୧୨(ସଂଚାର ବ୍ୟରୋ):** ଅଦିନିଆ ଲଘୁଚାପ ଜନିତ ଲଗାଣ ବର୍ଷା କେନ୍ଦ୍ରାପଡ଼ା ଚାଷୀକୁଳ କୁ କନ୍ଦେଇ ଦେଇଛି । ପୂର୍ବରୁ ହୋଇଥିବା ଦୁଇଦିନ ବର୍ଷା ବ୍ୟାପକ କ୍ଷତି କରିଥିବା ବେଳେ ଗତ ଗୁରୁବାର ଦିନଠୁ ଲାଗି ରହିଥିବା ଲଗାଣ ବର୍ଷା ଧାନ ଫସଲ ସହ ପନିପରିବା ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛି । ବିଲରେ ଏବେ ଆଣ୍ଠିଏ ଉଚ୍ଚର ପାଣି ଛିଡ଼ା ହୋଇଛି । ଧାର କର୍ଜ କରି ଚାଷ କରିଥିବା ଚାଷୀ ଏବେ କେମିତି ତାର କରଜ ସୂଜିବ ଚିନ୍ତିତ ହୋଇପଡିଛି। ପୂର୍ବ ଲଘୁଚାପ ପ୍ରଭାବ ଯେତିକି କେନ୍ଦ୍ରାପଡ଼ା ଜିଲ୍ଲାରେ ପଡ଼ିନଥିଲା କିନ୍ତୁ ଗୁରୁବାର ଠୁ ହେଉଥିବା ବର୍ଷାର ପରିମାଣ ଅଧିକ ହୋଇଛି । ଏହି ବର୍ଷା ଜିଲ୍ଲାରେ ହାରାହାରି ୭୦ ପ୍ରତିଶତ ରୁ ଉର୍ଦ୍ଧ କ୍ଷୟକ୍ଷତି ହୋଇଥିବା ଆକଳନ ଆସଙ୍କା କରାଯାଇଛି। ସୂଚନା ମୁତାବକ କେନ୍ଦ୍ରାପଡ଼ା ଜିଲ୍ଲାର ୯ ଗୋଟି ବ୍ଲକ୍ ମଧ୍ୟରୁ ୯୧ ହଜାର ହେକ୍ଟର ରୁ ଉର୍ଦ୍ଧ କେବଳ ଧାନ ଫସଲ ବିଲରେ ଭିଜୁଥିବା ଅନୁମାନ କରାଯାଉଛି। ପ୍ରଥମ ବର୍ଷାର କ୍ଷୟକ୍ଷତି ଆକଳନ ବା ଅନୁଧ୍ୟାନ କରାଯାଇନଥିବା ବେଳେ ବର୍ତ୍ତମାନ ହୋଇଥିବା ନଷ୍ଟ କୁ ତୁରନ୍ତ ଆକଳନ କରି ସରକାରୀ ସହାୟତା ଯୋଗାଇ ଦେବାକୁ ଚାଷୀ ମାନେ ଦାବି କରିଛନ୍ତି। ଗରଦପୁର , ରାଜନଗର,ପଟ୍ଟାମୁଣ୍ଡାଇ, ରାଜକନିକା,ଆଳି,ଗରଦପୁର,ଡେରାବିଶ,ମାର୍ଶାଘାଇ,ମହାକାଳପଡା ଆଦି ବ୍ଲକ୍ ମଧ୍ୟରୁ ଏକ ଲକ୍ଷ ୨୪ ହଜାର ଜମିରେ ଧାନ ଚାଷ ହୋଇଛି । ଲଘୁଚାପ ଆରମ୍ଭ ହେବା ପୂର୍ବରୁ ୬୬ହଜାର ହେକ୍ଟର ଧାନ କଟା ହୋଇଥିବା ଜଣାପଡିଥିଲା । ସେଥି ମଧ୍ୟରୁ ଅଧା ଧାନ ଚାଷୀ କାଟିଥିବା ବେଳେ ଏବେ ଆଉ ସବୁ ଧାନ ବିଲରେ ପଡ଼ିଛି । ଏହି ଧାନ ଫସଲ ବର୍ଷା ଯୋଗୁଁ ବ୍ୟାପକ ଭାବେ କ୍ଷତଗ୍ରସ୍ତ ହୋଇଛି । ଯେତିକି ଧାନ ଫସଲ ଚାଷୀଙ୍କୁ କନ୍ଦାଇଛି ତାଠୁ ଅଧିକ ପନିପରିବା ଫସଲ ଅଧିକ କନ୍ଦାଇଛି। କାରଣ ଏବେ ପରିବା ଫସଲ ମୂଳ ସଢ଼ା ଧରି ଗଛ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ପରିବା ଚାଷ ଉପରେ ନିର୍ଭର କରି ଚଳୁଥିବା ପରିବାର ଲୋକେ ଏବେ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି।



ଜୀବନ ଅମୃତ ଅନୁଚିନ୍ତା

ପରିବର୍ତ୍ତନଶୀଳ ଜୀବନ- ପରିବର୍ତ୍ତନ ହେଉଛି ପ୍ରକୃତିର ନିୟମ। ଏହାକୁ ଗ୍ରହଣ କରିବାକୁ ପଡ଼ିବ। ଋତୁ ପରିବର୍ତ୍ତନ ଭଳି ଜୀବନରେ ମଧ୍ୟ ପରିବର୍ତ୍ତନ ମଦ୍ୟ ଅବଶ୍ୟମ୍ଭାବୀ। ଏହାକୁ ଯିଏ ଗ୍ରହଣ ନକରିପାରିବ ସିଏ ଦୁଃଖୀ ହେବ।

SANCHAR
ସଂଚାର

୪ ଗୁରୁବାର ୨୬ ଡିସେମ୍ବର ୨୦୨୪, ଭୁବନେଶ୍ୱର
Thursday 26 December 2024 Bhubaneswar

# ଟ୍ରିପଲ ଇଞ୍ଜିନ ଉପରେ ଭରସା

ଛତିଶଗଡ଼ର ଜଳସମ୍ପଦ ମନ୍ତ୍ରୀ କହିଛନ୍ତି ଯେ, ମହାନଦୀ ବିବାଦର ସମାଧାନରେ ଟ୍ରିପଲ ଇଞ୍ଜିନ ସଫଳ ହେବ। ତାଙ୍କ କହିବାର ଅର୍ଥ ହେଲା ଉଭୟ ରାଜ୍ୟ ଓଡ଼ିଶା ଏବଂ ଛତିଶଗଡ଼ରେ ଏବେ ବିଜେପି ସରକାର। କେନ୍ଦ୍ରରେ ମଧ୍ୟ ବିଜେପି ସରକାର। ତେଣୁ ଗୋଟିଏ ଦଳ ତିନି ପକ୍ଷରେ ରହିଛି। ସେ ଦୃଷ୍ଟିରୁ ମହାନଦୀ ଜଳ ବିବାଦର ସମାଧାନ ପନ୍ଥା ବାହାରିବା ସହଜ। ଛତିଶଗଡ଼ ଜଳସମ୍ପଦ ମନ୍ତ୍ରୀଙ୍କ କଥାର ଯଥାର୍ଥତା ରହିଛି। ଯଦିଓ ମହାନଦୀ ବିବାଦ ସହିତ ଦଳୀୟ ରାଜନୀତିରକୌଣସି ସମ୍ପର୍କ ନାହିଁ, ଏବଂ ଦୁଇ ରାଜ୍ୟର ସରକାର ଏଥିରେ ସମ୍ପୃକ୍ତ, ସେଭଳି ପରିସ୍ଥିତିରେ ଟ୍ରିପଲ ଇଞ୍ଜିନ କଥା କହିବା ଅନୁଚିତ। କିନ୍ତୁ ବାସ୍ତବତା ହେଲା ରାଜନୈତିକ ଉଦ୍ୟମ ଏବଂ ଇଚ୍ଛାଶକ୍ତି ଦ୍ୱାରା ହିଁ ଏହି ବିବାଦର ସମାଧାନ ହୋଇପାରିବ। ମହାନଦୀ ଜଳ ବିବାଦର ସମାଧାନ ପାଇଁ ଗଠିତ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ୨୦୨୪ ଶେଷ ପର୍ଯ୍ୟନ୍ତ ବୃଦ୍ଧି ପାଇଛି। କିନ୍ତୁ ଏହି ସମୟ ମଧ୍ୟରେ ମହାନଦତୀ ବିବାଦର ସମାଧାନ ସମ୍ଭବ ହେଲା ଭଳି ଲାଗୁ ନାହିଁ। ଯଦି ଏହି ସମୟ ମଧ୍ୟରେ ବିବାଦର ସମାଧାନ ନହୁଏ ତେବେ ଏହାର କାର୍ଯ୍ୟକାଳ ଆହୁରି ବଢ଼ିବା ସମ୍ଭାବନାକୁ ଏଡ଼ାଇ ଦେଇହେବ ନାହିଁ। ଯେତେବେଳେ ମହାନଦୀ ଜଳ ବିବାଦର ସମାଧାନ ପାଇଁ ଓଡ଼ିଶା ସରକାର ଟ୍ରିବ୍ୟୁନାଲ ଗଠନ ପ୍ରସ୍ତାବ ରଖିଥିଲେ ସେତେବେଳେ ଅନେକ ଏହାକୁ ନାପସନ୍ଦ କରିଥିଲେ। ଛତିଶଗଡ଼ ସରକାର ଟ୍ରିବ୍ୟୁନାଲ ଗଠନ ସପକ୍ଷରେ ନଥିଲେ। ଓଡ଼ିଶାର ମଧ୍ୟ ଅନେକ ଏହାକୁ ନାପସନ୍ଦ କରିଥିଲେ। କାରଣ ହେଲା ଭାରତରେ ନ୍ୟାୟିକ ପ୍ରକ୍ରିୟା ଏକ ବିଳମ୍ବିତ ପ୍ରକ୍ରିୟା ବୋଲି ସମସ୍ତେ ଜାଣନ୍ତି। ଟ୍ରିବ୍ୟୁନାଲ ଗଠନ ହେବାକୁ ଅନେକ ଦିନ ଲାଗିଗଲା। ଟ୍ରିବ୍ୟୁନାଲ ମାମଲାର ଫଇସଲା କରିବାକୁ ଅନେକ ଦିନ ଲାଗିଯିବ। ତେଣୁ ଏହି ପ୍ରକ୍ରିୟାରେ ତତ୍କାଳ ସଫଳତା ବା ନ୍ୟାୟ ମିଳିବାର ସମ୍ଭାବନା କ୍ଷୀଣ। ଆପୋଷ ଆଲୋଚନା ଏବଂ ଦ୍ୱିପାକ୍ଷିକ ସହମତି ଭିତ୍ତିରେ ସମସ୍ୟାର ସମାଧାନ ସପକ୍ଷରେ ଅନେକ ମତ ରଖିଥିଲେ। ଯେଉଁମାନେ ଟ୍ରିବ୍ୟୁନାଲ ଗଠନକୁ ବିରୋଧ କରି ଏହା ଏକ ସମୟ ସାପେକ୍ଷ ପ୍ରକ୍ରିୟା ବୋଲି କହିଥିଲେ, ସେମାନଙ୍କ ମତ ଏବେ ସତ ବୋଲି ଜଣାପଡୁଛି। ଅତୀତରେ କାବେରୀ ଜଳ ବିବାଦର ସମାଧାନ ଲାଗି ଏଭଳି ଉପାୟ ଅବଲମ୍ବନ ହୋଇଥିଲା। କିନ୍ତୁ ସମସ୍ୟାର ସମାଧାନ ଆଜି ପର୍ଯ୍ୟନ୍ତ ହୋଇପାରିଲା ନାହିଁ। ବିବାଦର ଅୟମାରମ୍ଭ ହୋଇଥିଲା ସେତେବେଳେ ଯେତେବେଳେ ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ସରକାର ଏକାଧିକ ବ୍ୟାରେଜ ନିର୍ମାଣ କରି ମହାନଦୀ ଜଳକୁ ଅଟକାଇଲେ ଏବଂ ଓଡ଼ିଶାରେ ଜଳସଙ୍କଟ ସୃଷ୍ଟି ହେଲା। ମହାନଦୀର ଉତ୍ପତ୍ତି ଛତିଶଗଡ଼ରେ ହୋଇଛି। ସେଠାରେ ଅନେକ ଛୋଟ ଛୋଟ ଉପନଦୀ ମଧ୍ୟ ମହାନଦୀରେ ମିଶିଛି। ଛତିଶଗଡ଼ ସରକାର ଏହି ଜଳର ଉଭୟ ଶିଳ୍ପ ଏବଂ କୃଷି କ୍ଷେତ୍ରରେ ଉପଯୋଗ ଲାଗି ମହାନଦୀ ଓ ଏହାର ଉପନଦୀ ଗୁଡ଼ିକରେ ୧୦ରୁ ଅଧିକ ଛୋଟ ବଡ଼ ବ୍ୟାରେଜ ନିର୍ମାଣ କରିଛନ୍ତି। ଏହିସବୁ ବ୍ୟାରେଜ ନିର୍ମାଣ ଦ୍ୱାରା ସେଠାରେ ପ୍ରଚୁର ଜଳ ସଞ୍ଚିତ ହୋଇ ରହୁଛି। ଏହାକୁ ସେଠାରେ ଶିଳ୍ପ ଏବଂ କୃଷି କ୍ଷେତ୍ରରେ ବିନିଯୋଗ କରାଯାଉଛି। ଫଳରେ ଛତିଶଗଡ଼ର ଆର୍ôଥକ ବିକାଶ ସମ୍ଭବ ହୋଇପାରୁଛି। କିନ୍ତୁ ଓଡ଼ିଶା ଏହା ଦ୍ୱାରା ଗୁରୁତର ପ୍ରଭାବିତ ହୋଇଛି। ଛତିଶଗଡ଼ ସରକାର ମହାନଦୀ ଉପରମୁଣ୍ଡରେ ବ୍ୟାରେଜ ନିର୍ମାଣ କରିବା ଦ୍ୱାରା ତଳମୁଣ୍ଡକୁ ଜଳ ପ୍ରବାହ କମିଛି। ଛତିଶଗଡ଼ ସୀମା ଭିତରେ କଲମା ବ୍ୟାରେଜରେ ଜଳ ଉଛୁଳୁଥିବା ବେଳେ ଓଡ଼ିଶା ସୀମା ଭିତରେ ମହାନଦୀ ଶୁଖିଲା ପଡ଼ିଛି। ଅନେକ ସ୍ଥାନରେ ମହାନଦୀ ଶଯ୍ୟା ଏବେ ମରୁଭୂମି ଭଳି ଲାଗୁଛି। ମହାନଦୀ ହେଉଛି ଓଡ଼ିଶାର ଜୀବନରେଖା। ଏହା ଉପରେ ରାଜ୍ୟର ଅଧା ଅଞ୍ଚଳ ନିର୍ଭର କରନ୍ତି। କୃଷି ଏବଂ ଶିଳ୍ପ ସହିତ ବହୁ ମତ୍ସ୍ୟଜୀବୀ ଏହା ଉପରେ ନିର୍ଭର କରି ଚଳନ୍ତି। ମହାନଦୀ ପାର୍ଶ୍ୱବର୍ତ୍ତୀ ଲୋକଙ୍କ ପାନୀୟ ଜଳର ମୁଖ୍ୟ ଉତ୍ସ ହେଲା ମହାନଦୀ। ଏବେ ମହାନଦୀ କୂଳରେ ବାସ କରୁଥିବା ଲୋକଙ୍କୁ ପାଣି ପାଇଁ ଡହଳ ବିକଳ ହେବାକୁ ପଡୁଛି। ହୀରାକୁଦ ଜଳଭଣ୍ଡାରର ଜଳସ୍ତର କମିଯିବା ଫଳରେ ଉଭୟ ବିଦ୍ୟୁତ ଉତ୍ପାଦନ ଏବଂ କୃଷି କ୍ଷେତ୍ରକୁ ଜଳସେଚନ ଗୁରୁତର ପ୍ରଭାବିତ ହୋଇଛି। ମହାନଦୀ ତ୍ରିକୋଣଭୂମି ଅଞ୍ଚଳରେ ମଧ୍ୟ ଜଳସଙ୍କଟ ଦେଖାଦେଇଛି। ମହାନଦୀ ତ୍ରିକୋଣଭୂମି ଆରମ୍ଭ ହୋଇଛି ମୁଣ୍ଡଳୀରୁ। ସେଠାରୁ ମହାଦୀର ବିଭିନ୍ନ ଶାଖା ପ୍ରଶାଖା ବାହାରି ଉପକୂଳ ଅଞ୍ଚଳରେ ଜାଲଭଳି ବିଛାଇ ହୋଇ ରହିଛି। କଟକ ଜିଲ୍ଲା ନରାଜ ଏବଂ ଯୋବ୍ରାରେ ନିର୍ମିତ ଆନିକଟରେ ଜଳାଭାବ ଦେଖା ଦେଇଛି। ଯୋବ୍ରାରୁ ପାରାଦ୍ୱୀପରେ ପ୍ରତିଷ୍ଠିତ ଆଇଓସିଏଲ ପ୍ଲାଣ୍ଟକୁ ଜଳଯୋଗାଣ ହେଉଛି। ଫଳରେ ଯୋବ୍ରାରେ ପାଣି ଅଭାବ ଦେଖିବାକୁ ମିଳୁଛି। କିଛି ବର୍ଷ ତଳେ ଯେତେବେଳେ ଆଇଓସିଏଲ ଯୋବ୍ରାରୁ ପାଣି ନେବ ବୋଲି ପ୍ରସ୍ତାବ ଆସିଥିଲା ସେତେବେଳେ ଏହାକୁ ବିରୋଧ କରାଯାଇଥିଲା ଏବଂ ଆଇଇସିଏଲ ମହାନଦୀ ମୁହାଣରେ ନିଜସ୍ୱ ଜଳଭଣ୍ଡାର ନିର୍ମାଣ କରୁ ବୋଲି ଅନେକ ମତବ୍ୟକ୍ତ କରିଥିଲେ। ବର୍ଷା ଦିନେ ମହାନଦୀରେ ଆସୁଥିବା ବନ୍ୟାଜଳକୁ ସେଠାରେ ସଞ୍ଚୟ କରାଯାଇ ଏହାକୁ ଶିଳ୍ପ କାର୍ଯ୍ୟରେ ବିନିଯୋଗ କରାଯାଇପାରିବ। କିନ୍ତୁ ଆଇଓସିଏଲ ଏହାକୁ କାର୍ଯ୍ୟକାରୀ କଲାନାହିଁ। ରାଜ୍ୟ ସରକାରଙ୍କ ଦୂରଦୃଷ୍ଟିର ଅଭାବ ହେତୁ ଆଜି ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ମହାନଦୀ ଜଳ ବିବାଦ ଆରମ୍ଭରୁ ଛତିଶଗଡ଼ କହିଆସୁଛି ଯେ, ମହାନଦୀ ଉପରମୁଣ୍ଡରେ ନିଜ ଭୌଗଳିକ ସୀମା ଭିତରେ ଏହା ବ୍ୟାରେଜ ନିର୍ମାଣ କରିଛି। ଓଡ଼ିଶା ସରକାର ମଧ୍ୟ ତଳମୁଣ୍ଡରେ ବ୍ୟାରେଜ ନିର୍ମାଣ କରି ନିଜ ଆବଶ୍ୟକତା ପୂରଣ ନିମନ୍ତେ ଜଳସଞ୍ଚୟ କରିପାରିବେ। ଛତିଶଗଡ଼ ସରକାରଙ୍କ ଏହି ଯୁକ୍ତି ଅନେକାଂଶରେ ଯଥାର୍ଥ। ବର୍ଷା ଦିନେ ମହାନଦୀରେ ପ୍ରବାହିତ ହେଉଥିବା ବିପୁଳ ଜଳରାଶି ସମୁଦ୍ରକୁ ଚାଲିଯାଉଛି। ଓଡ଼ିଶା ସରକାର ଯେବେଠାରୁ ଛତିଶଗଡ଼ ସହ ମହାନଦୀ ଜଳବିବାଦରେ ଲିପ୍ତ ହେଲେଣି ସେବେଠାରୁ ଯୋଜନା କରିଥିଲେ ତଳମୁଣ୍ଡରେ ଅନେକ ବ୍ୟାରେଜ ନିର୍ମାଣ ହୋଇସାରନ୍ତାଣି। ଛତିଶଗଡ଼ ସରକାର ବିଭିନ୍ନ ଶିଳ୍ପ ସଂସ୍ଥାରୁ ଆଗୁଆ ଟଙ୍କା ଆଣି ଏହିସବୁ ବ୍ୟାରେଜ ନିର୍ମାଣ କରିଛନ୍ତି। ଓଡ଼ିଶା ସରକାର ମଧ୍ୟ ଏହା କରିପାରନ୍ତେ। ପ୍ରତିବର୍ଷ ବଜେଟରେ ଏଥିଲାଗି କିଛି ଅର୍ଥ ବରାଦ କରାଗଲେ ୧୦ ବର୍ଷରେ ସ୍ଥିତି ବଦଳିଯାଇପାରନ୍ତା। ଟ୍ରିବ୍ୟୁନାଲରେ ମାମଲା ଚାଲୁ। କିନ୍ତୁ ଏହାକୁ ଭରସା କରି ସମୟ ନଷ୍ଟ କରାଯିବା ଅନୁଚିତ। ପ୍ରତିବର୍ଷ ଏହି ପ୍ରସଙ୍ଗ ନେଇ ବିଧାନସଭାରେ ହଟ୍ଟଗୋଳ ହେଉଛି। ରାଜନୈତିକ କାଦୁଅ ଫିଙ୍ଗାରେ ସବୁ ଦଳ ବ୍ୟସ୍ତ। କିନ୍ତୁ ସମସ୍ୟାର ସମାଧାନ ଲାଗି କାହାର ଆନ୍ତରିକତା ନାହିଁ। ମହାନଦୀ ଓ ଏହାର ଶାଖା ନଦୀ ଗୁଡ଼ିକରେ ବ୍ୟାରେଜ ନିର୍ମାଣ ନିମନ୍ତେ ଜଙ୍ଗଲ ବା ଚାଷ ଜମି ବୁଡ଼ାଇବାର ଆବଶ୍ୟକତା ନାହିଁ। ନଦୀ ଶଯ୍ୟା ଭିତରେ ଏହା ନିର୍ମିତ ହୋଇପାରିବ। କେବଳ ଏହି ଗୋଟିଏ ଯୋଜନା ଉପରେ ରାଜ୍ୟ ସରକାର ମନୋନିବେଶ କଲେ ଓଡ଼ିଶାର ଭାଗ୍ୟ ବଦଳିଯାଇପାରନ୍ତା। ଏବେ ଓଡ଼ିଶା, ଛତିଶଗଡ଼ ଏବଂ କେନ୍ଦ୍ରରେ ବିଜେପି କ୍ଷମତାସୀନ ଅଛି। ତେଣୁ ବିବାଦର ସମାଧାନ ପାଇଁ ଏବେ ସୁବର୍ଣ୍ଣ ସୁଯୋଗ ରହିଛି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହାକୁ ଏକ ମିଶନ ଭାବେ ବିବେଚନା କରନ୍ତୁ। ଏବେ ଯଦି ମହାନଦୀ ବିବାଦର ସମାଧାନ ପନ୍ଥା ନିର୍ଦ୍ଧାରିତ ହୋଇପାରିବ ନାହିଁ, ତେବେ ଆଗାମୀ ବହୁ ବର୍ଷ ପର୍ଯ୍ୟନ୍ତ ଏହା ସମ୍ଭବ ହେବ ନାହିଁ। ଏଥିପାଇଁ ଆବ୍ୟାକତା ରହିଛି କେବଳ ଦୃଢ଼ ଇଚ୍ଛାଶକ୍ତିର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଗୃହମନ୍ତ୍ରୀ ଅମିତ ଶାହା ଚାହିଁଲେ ହାର ସମାଧାନ ରାସ୍ତା ଶୀର୍ଘ ବାହାରିପାରିବ। ଏଥିପାଇଁ ଓଡ଼ିଶା ସରକାର ନିଜ ଆଡୁ ଉଦ୍ୟମ କରିବା ଉଚିତ। ମହାନଦୀ ଉପରେ କେବଳ ଓଡ଼ିଶା ବା ଛତିଶଗଡ଼ର ଅଧିକାର ନାହିଁ। ଏହା ଏକ ଜାତୀୟ ସମ୍ପତ୍ତି। ତେଣୁ ଏହାର ସୁରକ୍ଷା ଏବଂ ମହାନଦୀ ଜଳର ସଦୁପଯୋଗ ରାଷ୍ଟ୍ରୀୟ ହିତରେ ଲାଗିବା ଉଚିତ। ଏହାକୁ ଅଣଦେଖା କରାଯିବା ଅନୁଚିତ। ମହାନଦୀ କଳି ଯେତେ ଶୀଘ୍ର ତୁଟିବ ତାହା ସେତେ ମଙ୍ଗଳକର ଏବଂ ସହଜ ହେବ। କଳି ବେଶୀ ପୁରୁଣା ହେଲେ ଅଧିକ ଜଟିଳ ହେବ। ଜଟିଳ ରୋଗର ଚିକିତ୍ସା ସହଜ ନୁହେଁ ଏବଂ ଏହା ବ୍ୟୟ ସାପେକ୍ଷ। ଏଥିପାଇଁ ସର୍ଜରୀର ଆବଶ୍ୟକତା ପଡ଼ିପାରେ। ସେ ପର୍ଯ୍ୟନ୍ତ ନଯାଇ ରୋଗକୁ ସଠିକ ଏବଂ ସହଜ ଉପାୟରେ ନିଦାନ କରାଯାଇପାରେ।

# ଅଟଳ ଓ ଓଡ଼ିଶା



**ନାରାୟଣ ଚନ୍ଦ୍ର ବିଶ୍ୱାଳ**

ଭାରତରତ୍ନ ପୂର୍ବତନ ଲୋକପ୍ରିୟ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ ତମ ଜନ୍ମ ବାର୍ଷିକୀ ଚଳିତ ବର୍ଷ ଆମେ ପାଳନ କରୁଛୁ। ୧୯୨୪ ମସିହା ଡିସେମ୍ବର ୨୫ ତାରିଖ ଦିନ ମଧ୍ୟପ୍ରଦେଶର ଗ୍ୱାଲିୟରଠାରେ ଜନ୍ମିତ ଅଟଳ ତାଙ୍କ କବିତାର ପଂକ୍ତି, ବାଗ୍ମୀତା, ଧୂରୀଣ ରାଜନୀତି ତଥା ବିକଶିତ ଭାରତର ଭିତ୍ତିଭୂମି ସ୍ଥାପନ ଦିଗରେ କରିଥିବା ଉଦ୍ୟମ ନିମନ୍ତେ ଆଜିବି ପ୍ରତିଟି ଭାରତୀୟଙ୍କ ପାଇଁ ଆଦର୍ଶ ପୁରୁଷ ଭାବେ ପରିଚିତ।

ବିଶ୍ୱର ଅଦ୍ୱିତୀୟ ନେତା ଭାବେ ଅଟଳ ବିହାରୀ ବାଜପେୟୀଙ୍କ ପ୍ରଭାବ ଯୁଗ ଯୁଗ ଧରି ଅକ୍ଷୁର୍ଣ୍ଣ ରହିବ। ମେଣ୍ଟ ସରକାରକୁ ପରିଚାଳନା ହେଉ ଅବା ଜାତିସଂଘରେ ହିନ୍ଦୀରେ ଭାଷଣ ଦେବା, ସର୍ବ ଶିକ୍ଷା ଅଭିଯାନ ଦ୍ୱାରା ଦେଶର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ ଠୁ ନେଇ ମିଶନ ଶକ୍ତିକୁ ନୂତନ ଦିଗ୍ ଦର୍ଶନ ଦ୍ୱାରା ମହିଳା ସଶକ୍ତିକରଣ, ସ୍ୱର୍ଣ୍ଣ ଚତୁର୍ଭୁଜ ଠୁ ସୀମା ସୁରକ୍ଷା, ପୋଖରାନରେ ପରମାଣୁ ପରୀକ୍ଷଣ ଠୁ ଲାହୋର ବସ୍ ଯାତ୍ରା ଯାଏଁ ଅନେକ କିଛି ଜୀବନ୍ତ ମାର୍ଗ ଦର୍ଶନ ସେ ଆମ ଆଗରେ ଛାଡ଼ି ଦେଇଛନ୍ତି।

ବାଜପେୟୀଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ଆମ ରାଜ୍ଯ ଓଡ଼ିଶା ସହ ତାଙ୍କର ସମ୍ପର୍କ ବେଶ୍ ନିବିଡ଼ ଥିଲା। ୧୯୯୯ ମସିହାରେ ଘଟିଥିବା ମହାବାତ୍ୟା ଯୋଗୁଁ ସମଗ୍ର ରାଜ୍ୟରେ ହା ହା କାର ପଡିଥିବା ବେଳେ, ଖୋଦ୍ ପ୍ରଧାନମନ୍ତ୍ରୀ ବାଜପେୟୀ ବାତ୍ୟା ବିଭୀଷିକା ଭୋଗିଥିବା ଅଞ୍ଚଳ ଗସ୍ତ କରି ଲୋକଙ୍କ ସହ ଭେଟି କ୍ଷୟକ୍ଷତିର ଆକଳନ ପୂର୍ବକ ୨୫୦କୋଟି ଟଙ୍କାର ସହାୟତା ପ୍ରଦାନ କରିବା ସହ ଓଡ଼ିଶାର ପୁନଃ ନିର୍ମାଣ ପାଇଁ ତାଙ୍କ ସରକାରଙ୍କ ପକ୍ଷରୁ ଅର୍ଥ ର କୌଣସି ଅଭାବ ରହିବ ନାହିଁ ବୋଲି ମତ ଦେଇଥିଲେ, ଯାହାକି ପରବର୍ତ୍ତୀ ସମୟରେ ମଧ୍ଯ ପ୍ରତିଫଳିତ ହୋଇଥିଲା।

ଜନତା ପାର୍ଟି ସମୟରୁ ଅଟଳଙ୍କ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସହ ବେଶ୍ ଘନିଷ୍ଠ ସମ୍ପର୍କ ଥିଲା। ତେଣୁ ବିଜୁଙ୍କ



ଦେହାନ୍ତ ପରେ ତାଙ୍କ ନାମରେ ବିଜୁ ଜନତା ଦଳ ଗଠନର ପ୍ରସ୍ତାବ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରମୋଦ ମହାଜନଙ୍କ ଦ୍ୱାରା ଆର୍ଥିକ ସହାୟତା ପ୍ରଦାନ କରି ଦଳ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏଥି ସହିତ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଉଭୟ ଅଟଳ ବିହାରୀ ବାଜପେୟୀ ଏବଂ ଲାଲକୃଷ୍ଣ ଆଡ଼ଭାନୀ ଭିନ୍ନ ଭିନ୍ନ ସମୟରେ ମତ ଦେବା ସହ ସହଯୋଗ କରିଥିଲେ। ଏହା ପୂର୍ବରୁ ବିଜୁ ବାବୁଙ୍କ ନିଧନ ପରେ ଆସ୍କା ସଂସଦୀୟ କ୍ଷେତ୍ରରୁ ଜିତି ଥିବା ନବୀନ ପଟ୍ଟନାୟକଙ୍କୁ ବାଜପେୟୀ ତାଙ୍କ କ୍ୟାବିନେଟରେ ଖଣି ମନ୍ତ୍ରୀ ରୂପେ ଦାୟିତ୍ୱ ଦେଇଥିଲେ। ସେହିପରି ପ୍ରଥମ ଥର ପାଇଁ ଜନଜାତି ବର୍ଗର ଉନ୍ନତି ଲକ୍ଷ୍ୟ ନେଇ ଜନଜାତି ବ୍ୟାପାର ମନ୍ତ୍ରାଳୟ ଗଠନ କରି ଜୁଏଲ୍ ଓରାମଙ୍କୁ ମନ୍ତ୍ରୀ କରିଥିଲେ ଅଟଳ। ଅନ୍ୟ ମାନଙ୍କ ମଧ୍ୟରେ ଦେବେନ୍ଦ୍ର ପ୍ରଧାନ, ଦିଲ୍ଲୀପ ରାୟ, ଅର୍ଜୁନ ସେଠୀ ଓ ବ୍ରଜ କିଶୋର ତ୍ରିପାଠୀଙ୍କୁ ତାଙ୍କ ମନ୍ତ୍ରୀ ମଣ୍ଡଳରେ ସାମିଲ କରି ଓଡ଼ିଶାକୁ ଦିଲ୍ଲୀ ରାଜନୀତିରେ ଗୁରୁତ୍ୱ ଦେଇଥିଲେ।

୨୫ମଇ ୨୦୦୦ ମସିହାରେ ପାରାଦୀପଠାରେ ଥିବା ତୈଳ ବିଶୋଧନାଗାର ପ୍ରତିଷ୍ଠା ନିମନ୍ତେ ଅଟଳ ବିହାରୀ ବାଜପେୟୀ ଶୁଭାରମ୍ଭ କରିଥିବା ବେଳେ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ପ୍ରଦାନ ନିମନ୍ତେ ବିଶ୍ୱ ସ୍ତରୀୟ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନକୁ ୧୫ଜୁଲାଇ ୨୦୦୨ ମସିହାରେ ଭୁବନେଶ୍ୱର ସ୍ଥିତ ସିଜୁଆ ଠାରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସ୍ୱର୍ଣ୍ଣ ଚତୁର୍ଭୁଜ ଯୋଜନା ଅଧିନସ୍ଥ ଦେଶର ଚାରୋଟି ମହାନଗର ଯୋଡ଼ିବା ଯୋଗୁଁ ଓଡ଼ିଶାର ପ୍ରଗତି ଆହୁରି ତୀବ୍ରତର ହୋଇଥିଲା। ସେହିପରି ପୂର୍ବତଟ ରେଳବାଇ ପ୍ରତିଷ୍ଠା ଦିଗରେ ତାଙ୍କର ଭୂମିକା ଅବିସ୍ମରଣୀୟ ହୋଇ ରହିବ।

ବାଜପେୟୀ ଅନେକ ସମୟରେ ପୁରୀ ଗସ୍ତରେ ଆସି ମହାପ୍ରଭୁ ଶ୍ରୀ ଦର୍ଶନ କରିବା ସହ ଅବଢ଼ା ମହାପ୍ରସାଦ ସେବନ କରିଛନ୍ତି। ଯାହାକି ତାଙ୍କର ଜଗନ୍ନାଥଙ୍କ ପ୍ରତି ପ୍ରଗାଢ ଭକ୍ତିର ଜ୍ୱଳନ୍ତ ଉଦାହରଣ। ଏକଦା ସମ୍ପୂର୍ଣ୍ଣ ପ୍ରୋଟୋକଲ ଭାଙ୍ଗି ରାସ୍ତାରେ ଓଲହେଇ ବଡଦାଣ୍ଡରେ ଚାଲି ଚାଲି ଶ୍ରୀମନ୍ଦିର ନିକଟରେ ପହଞ୍ଚି ଥିଲେ। ଯାହାକି ଉପସ୍ଥିତ ଲୋକଙ୍କୁ ବେଶ୍ ଆକୃଷ୍ଟ କରିଥିଲା।

ସେହିପରି କୋଣାର୍କ ଗସ୍ତ ସମୟରେ ସୂର୍ଯ୍ୟ ମନ୍ଦିରର ଦର୍ଶନ କରିବା ସହ ଚନ୍ଦ୍ରଭାଗା କୂଳରେ ଧ୍ୟାନ କରିବା ତାଙ୍କର ଓଡ଼ିଶା ମାଟି ପ୍ରତି ଭଲ ପାଇବାର ଅନନ୍ୟ ନିଦର୍ଶନ ଥିଲା। ଅଟଳ ବିହାରୀ ବାଜପେୟୀ ଆଜି ଆମ ଗହଣରେ ନାହାନ୍ତି ସତ କିନ୍ତୁ ତାଙ୍କର ଆତ୍ମା ଓ ନେତୃତ୍ୱ ନିର୍ମାଣ ସର୍ବୋପରି ଭାରତ ମାତାର ସେବା ପାଇଁ ନିଜର ସମ୍ପୂର୍ଣ୍ଣ ଜୀବନକୁ ଉତ୍ସର୍ଗ କରିଥିବା ପ୍ରତିଟି ପିଢ଼ି ପାଇଁ ସର୍ବଦା ପ୍ରେରଣା ଯୋଗାଇବ।

**ରାଜସ୍ମିତା ବାରିକ୍**
**ନୀଳଗିରି, ବାଲେଶ୍ୱର**

# ଶିକ୍ଷାରେ ନୂଆ ଅଧ୍ୟାୟ: ନୋ ଡିଟେନସନ୍ ପଲିସି ଉଚ୍ଛେଦ



**ଏପି ଶୁଭକାନ୍ତ ସାମଲ**

କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ନୋ ଡିଟେନସନ ପଲିସି (ଏନଡିପି)କୁ ଉଚ୍ଛେଦ କରିବାର ନିଷ୍ପତ୍ତି ସ୍କୁଲ ଶିକ୍ଷା ପ୍ରତି ଭାରତର ଆଭିମୁଖ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଛି। ଶିକ୍ଷା ଅଧିକାର ଆଇନ ଅଧୀନରେ ପ୍ରଣୟନ କରାଯାଇଥିବା ଏହି ନୀତିର ଉଦ୍ଦେଶ୍ୟ ଥିଲା ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପ୍ରଦର୍ଶନ ନିର୍ବିଶେଷରେ ସେମାନଙ୍କୁ ଶ୍ରେଣୀରେ ଉନ୍ନୀତ ବା ପାସ୍ କରାଇଦେଇ ଡ୍ରପଆଉଟ୍ ହାର ହ୍ରାସ କରିବା ଏବଂ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଚାପକୁ ହ୍ରାସ କରିବା। ତେବେ ସମୟ କ୍ରମେ ଏହା ସ୍ପଷ୍ଟ ହୋଇଛି ଯେ ଏହି ନୀତି ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଲାଭ ଅପେକ୍ଷା ଅଧିକ କ୍ଷତି କରିଛି।

ଏନଡିପିର ଉଦ୍ଦେଶ୍ୟ ଭଲ ଥିଲେ ମଧ୍ୟ ଏହାର କାର୍ଯ୍ୟକାରିତା ଏକ ଅନିଚ୍ଛାକୃତ ପରିଣାମ ସୃଷ୍ଟି କରିଥିଲା। ଏନୁଆଲ୍ ଷ୍ଟାଟସ୍ ଅଫ୍ ଏଜୁକେସନ୍ ରିପୋର୍ଟ୍ (ଏଏସ୍ଇଆର୍) ବା ବାର୍ଷିକ ଶିକ୍ଷା ସ୍ଥିତି ରିପୋର୍ଟରୁ ଏହା ସ୍ପଷ୍ଟ ଯେ ଗତ କିଛିବର୍ଷ ହେବ ଏହି ନୀତିର ପ୍ରଭାବରେ ଛାତ୍ରଛାତ୍ରୀଙ୍କ ଶିକ୍ଷଣ ଫଳାଫଳ କ୍ରମାଗତ ଭାବେ ହ୍ରାସ ପାଇଛି। ବିନା ପରିଶ୍ରମରେ ଶ୍ରେଣୀ ଉନ୍ନୀତ ହେବା ଫଳରେ ଉତ୍ତରଦାୟିତ୍ୱର ଏହି ଅଭାବ ଛାତ୍ରଛାତ୍ରୀଙ୍କୁ ଶିକ୍ଷାକ୍ଷେତ୍ରରେ ପ୍ରୟାସ କରିବାକୁ ନିରୁତ୍ସାହିତ କରିଥିଲା ଏବଂ ଶିକ୍ଷଣ ଅଭାବକୁ ପ୍ରଭାବଶାଳୀ ଭାବରେ ସମାଧାନ କରିବାକୁ ଶିକ୍ଷକମାନଙ୍କୁ ଶକ୍ତିହୀନ କରିଦେଇଥିଲା। ଯାହାର ଫଳସ୍ୱରୂପ ଉଚ୍ଚ ଶ୍ରେଣୀରେ ପଢୁଥିବା ଅନେକ ପିଲା ଗଣିତ ଏବଂ ଭାଷା ବିଷୟରେ ମୌଳିକ ଦକ୍ଷତା ସହିତ ସଂଘର୍ଷ କରୁଛନ୍ତି।

ଜାତୀୟ ଶିକ୍ଷା ନୀତି (ଏନଇପି) ୨୦୨୦ରେ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ବା ଫାଉଣ୍ଡେସନାଲ ଲିଟରାସି ନ୍ୟୁମେରାସି ଉପରେ ଗୁରୁତ୍ୱ ଦିଆଯାଇଥିବାବେଳେ, ଏହି ନୋ ଡିଟେନସନ ପଲିସି ଛାତ୍ରଛାତ୍ରୀଙ୍କୁ ସର୍ବନିମ୍ନ ମାନଦଣ୍ଡ ହାସଲ ନ କରି ଉନ୍ନୀତ କରିବା ଫଳରେ ଜାତୀୟ ଶିକ୍ଷା ନୀତିର ବିରୋଧାଭାସ କରିବା ସହ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସମ୍ଭାବନା ଏବଂ ଶିକ୍ଷାର ଗୁଣବତ୍ତାକୁ କ୍ଷୁଣ୍ଣ କରୁଥିଲା।ତେଣୁ ଏପରି ପରିସ୍ଥିତିରେ ଏହାର ଉଚ୍ଛେଦ ଆବଶ୍ୟକ ଥିଲା, ଏହି ନୀତିର ଉଚ୍ଛେଦ ଛାତ୍ରଛାତ୍ରୀଙ୍କୁ ଉତ୍ତରଦାୟୀ କରିବା ସହପଞ୍ଚମରେ ଡିଟେନସନ ସେମାନଙ୍କ ମୌଳିକସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ବା ଫାଉଣ୍ଡେସନାଲ ଲିଟରାସି ନ୍ୟୁମେରାସି ଓ ଅଷ୍ଟମରେ ଡିଟେନସନ ସେମାନଙ୍କ ଉଚ୍ଚଶିକ୍ଷା ଏବଂ ଜୀବନର ଆହ୍ୱାନ ପାଇଁ ଭଲ ଭାବରେ ପ୍ରସ୍ତୁତ ରହିବାପାଇଁ ସୁନିଶ୍ଚିତ କରିବ। ଏହାବ୍ୟତୀତ




ଶିକ୍ଷାକ୍ଷେତ୍ରରେ ଉଚ୍ଚ ପ୍ରଦର୍ଶନକାରୀ ଦେଶଗୁଡ଼ିକ ମଧ୍ୟ ତାଙ୍କ ଶିକ୍ଷା ବ୍ୟବସ୍ଥାରେ ଛାତ୍ରଛାତ୍ରୀଙ୍କୁ ଆବଶ୍ୟକ ସହାୟତା ପ୍ରଦାନ କରିବା ସହିତ ସେମାନଙ୍କ ପ୍ରଗତି ପାଇଁ ଛାତ୍ରଛାତ୍ରୀଙ୍କୁ ଉତ୍ତରଦାୟୀ କରିଥାନ୍ତି। ଏନଡିପି ଉଚ୍ଛେଦ ନିଷ୍ପତ୍ତି ଶିକ୍ଷାଗତ ମାନରେ ଉନ୍ନତି ଆଣିବା ପାଇଁ ଭାରତର ସମାନ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

ଏନଡିପି ଉଚ୍ଛେଦ କରିବାର ଅର୍ଥ ସିଧାସଳଖ ଛାତ୍ରଛାତ୍ରୀଙ୍କୁ ଫେଲ୍ କରିବା ନୁହେଁ। ସଂଘର୍ଷ କରୁଥିବା ଛାତ୍ରଛାତ୍ରୀଙ୍କୁ ସାହାଯ୍ୟ କରିବା ପାଇଁ ସରକାର ରି ଟେଷ୍ଟ ବା ସପ୍ଲିମେଣ୍ଟାରୀ ପରୀକ୍ଷା ତଥା ସ୍ୱତନ୍ତ୍ର ଶିକ୍ଷା ଭଳି ପ୍ରତିକାରମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି, ଯାହାଫଳରେ ଏ ନିଷ୍ପତ୍ତି ଦଣ୍ଡମୂଳକ ନୁହେଁ ବରଂ ଉନ୍ନତିମୂଳକ ଏହା ସ୍ପଷ୍ଟ। ତେବେ ଏପରି ଛାତ୍ରଛାତ୍ରୀଙ୍କ ଶିକ୍ଷଣ ବ୍ୟବଧାନକୁ ଚିହ୍ନଟ କରିବା ଏବଂ ଏହାର ସମାଧାନ କରିବା ପାଇଁ ଶିକ୍ଷକମାନଙ୍କୁ ମଧ୍ୟ ନୂତନ ରଣନୀତି ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି। ପ୍ରଶିକ୍ଷଣ କାର୍ଯ୍ୟକ୍ରମଗୁଡ଼ିକ ଶିକ୍ଷକମାନଙ୍କୁ ବିଶେଷକରି ଅବହେଳିତ ପୃଷ୍ଠଭୂମିର ଛାତ୍ରଛାତ୍ରୀଙ୍କ ପାଇଁ ବ୍ୟକ୍ତିଗତ ସମର୍ଥନ ପ୍ରଦାନ କରିବାକୁ ସକ୍ଷମ କରିବା ଉପରେ ଧ୍ୟାନ ଦେବା ଉଚିତ୍। କେବଳ ଶିକ୍ଷକ ନୁହେଁ ଅଭିଭାବକମାନେ ମଧ୍ୟ ସେମାନଙ୍କ ପିଲାଙ୍କ ଶିକ୍ଷଣ ଯାତ୍ରାରେ ସକ୍ରିୟ ଭୂମିକା ଗ୍ରହଣ କରିବା ଆବଶ୍ୟକ।

ତେବେ ଏହା ଉଚ୍ଛେଦ ଫଳରେ ଗୋଟିଏ ମୁଖ୍ୟ ଚିନ୍ତାର ବିଷୟ ହେଉଛି ଡ୍ରପଆଉଟ୍ ବଢ଼ିବାର ଆଶଙ୍କା। ବିଦ୍ୟାଳୟରେ ଏପରି ଏକ ସହାୟକ ପରିବେଶ ସୃଷ୍ଟି ଆବଶ୍ୟକ ଯାହା ଶିକ୍ଷାଗତ ଆହ୍ୱାନର ସମ୍ମୁଖୀନ ହେଉଥିବା ଛାତ୍ରଛାତ୍ରୀମାନେ ଯେପରି ପଛରେ ନ ରହିବେ ସୁନିଶ୍ଚିତ କରିବ। ଏହାର ମୁକାବିଲା ପାଇଁ ସରକାର ପିଲାମାନଙ୍କୁ ସ୍କୁଲରେ ରଖିବା ପାଇଁ ମଧ୍ୟାହ୍ନ ଭୋଜନ, ବୃତ୍ତି ଓ କାଉନସେଲିଂ ସେବା ଭଳି ପଦକ୍ଷେପକୁ ସୁଦୃଢ଼ କରିବା ଦରକାର।

ଏହି ନିଷ୍ପତ୍ତି ଛାତ୍ରଛାତ୍ରୀଙ୍କୁ ଦଣ୍ଡିତ କରିବା ପାଇଁ ନୁହେଁ ବରଂ ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରିବା ପାଇଁ ଏକ ପ୍ରଚେଷ୍ଟା। ଏହା ଏକ ଦୃଢ଼ ବାର୍ତ୍ତା ଦେଉଛି ଯେ ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥାରେ ଅଗ୍ରଗତି ପଦୋନ୍ନତି ନୁହେଁ, ବାସ୍ତବ ଶିକ୍ଷା ଉପରେ ଆଧାରିତ ହେବା ଉଚିତ୍। ଯଦି ଏହି ପଦକ୍ଷେପକୁ ଠିକ୍ ଭାବରେ କାର୍ଯ୍ୟକାରୀ କରାଯାଏ, ତେବେ ଏହା ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିପାରିବ ଏବଂ କେବଳ ପଦୋନ୍ନତି ଅପେକ୍ଷା ଅର୍ଥପୂର୍ଣ୍ଣ ଶିକ୍ଷାକୁ ପ୍ରାଥମିକତା ଦେଇପାରିବ।

**ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଏନସିଇଆରଟି, ଭୁବନେଶ୍ୱର**
**ମୋବାଇଲ୍: ୭୭୮୮୮୦୩୨୮**

# ଡିଜିଟାଲ ଡ୍ରଗ୍ସ

**ଡାକ୍ତର ସମ୍ରାଟ କର**



ଡିଜିଟାଲ ଦୁନିଆ ପାଇଁ ଆମ ସମସ୍ତଙ୍କ କାର୍ଯ୍ୟପ୍ରଣାଳୀ ଯେତିକି ସହଜ ହୋଇପାରିଛି, ଯୁବପିଢ଼ି ଓ ଶିଶୁଙ୍କ ଉପରେ ସେତିକି କୁପ୍ରଭାବ ପଡ଼ିଛି। ସାଧାରଣ ଜୀବନରେ ଏହା ଅନେକଙ୍କ ପାଇଁ ଏକ ଅତ୍ୟାବଶ୍ୟକତା ପାଲଟିଗଲାଣି। ଓଡ଼ିଆରେ ଏକ ଲୋକକଥା ଅଛି 'ଦେଖାଶିଖା ଓଡ଼ିଶା'। ଅର୍ଥାତ୍ ନଜାଣି ନବୁଝି ଆମ ପାଖରେ ଜଣେ ଯଦି ଏକ ଭିନ୍ନ ଆଚରଣ ବା ଢ଼ଙ୍ଗରଙ୍ଗ ଦେଖାଏ ଆମ୍ଭେମାନେ ସେହିପରି ନିଜକୁ ଅଭ୍ୟସ୍ତ କରାଇଲେ। କିଛିଦିନ ହେବ ବିଶେଷ ଭାବରେ ଟିନ୍ଏଜମାନେ ଦକ୍ଷିଣ କୋରିଆନ ମ୍ୟୁଜିକ ବ୍ୟାଣ୍ଡ ବିଟିଏସ୍ ପାଇଁ ପାଗଳ ହୋଇଉଠିଛନ୍ତି। କେବଳ ସଙ୍ଗୀତ ନୁହେଁ, ତାଙ୍କ ଭଳି ପୋଷାକ ପିନ୍ଧିବା ଏବଂ ତାଙ୍କର ଖାଦ୍ୟ ଶୈଳୀକୁ ଅନୁସରଣ କରୁଛନ୍ତି। ଏ କ୍ଷେତ୍ରରେ କିଛି ଜଣ ପିଲା ହସ୍ପିଟାଲରେ ମଧ୍ୟ ଭର୍ତ୍ତି ହୋଇଥିବାର ଖବର ମିଳିଛି। ଏହାକୁ ଆମ ମନସ୍ତାତ୍ତ୍ୱିକ ଭାଷାରେ ଡିଜିଟାଲ ଡ୍ରଗ୍ସ ବୋଲି ବୁଝାଯାଇଥାଏ। ଏହାକୁ 'ବାଇନୋରଲ୍ ବିଟ୍ସ' ବା 'ଅଡିଓ ଡ୍ରଗ୍ସ' ମଧ୍ୟ କୁହାଯାଏ। ପ୍ରକୃତରେ ଡିଜିଟାଲ ଡ୍ରଗ୍ସର ଅର୍ଥ ହେଉଛି, ଉଚ୍ଚ ଧ୍ୱନୀ ସମ୍ପନ୍ନ ସଙ୍ଗୀତ ଶୁଣିବାର ଏକ ଅଭ୍ୟାସ। ଯଦି ସେଭଳି ସଙ୍ଗୀତ ଶୁଣିବାକୁ ନମିଳେ, ତେବେ ଡ୍ରଗ୍ସ ଅଭାବରେ ହେଉଥିବା ଲକ୍ଷଣ ଗୁଡ଼ିକ ଦେଖାଯାଏ। ଏହି ସଙ୍ଗୀତରେ ଦୁଇଟି ଭିନ୍ନ ଫ୍ରିକ୍ୱେନ୍ସିର ସଙ୍ଗୀତ ତରଙ୍ଗ କାନ ଦ୍ୱାରା ମସ୍ତିଷ୍କକୁ ଯାଇଥାଏ, ଯାହା ମନୋରଞ୍ଜନ କରେ। ଏହାକୁ ଶୁଣିବା ଦ୍ୱାରା ମାଦକଦ୍ରବ୍ୟ ଖାଇବା ଭଳି ଅନୁଭୂତ ହୁଏ। ସୋସିଆଲ ମିଡ଼ିଆରେ ଏଭଳି ସଙ୍ଗୀତର ଅଡ଼ିଓ ଓ ଭିଡ଼ିଓ ରହିଛି, ଯାହାକୁ ଶୁଣିବା ପରେ ଯୁବଗୋଷ୍ଠୀ ମାନସିକ ଅସୁସ୍ଥତାରେ ପୀଡ଼ିତ ହେଉଛନ୍ତି। ଏହି ମାନସିକ ଅସୁସ୍ଥତାର ଶିକାର ଅଧିକାଂଶ କେବଳ ଯୁବ ପିଢ଼ି ନୁହଁନ୍ତି କର୍ମଜୀବୀଙ୍କ ଭିତରେ ଏହା ବଢୁଥିବାରୁ ସେମାନଙ୍କ କର୍ମ ସଂସ୍ଥାନରେ ବିଶୃଙ୍ଖଳା ସହ ବ୍ୟକ୍ତିଗତ ଜୀବନରେ ମଧ୍ୟ କେତେକ ବିଲକ୍ଷଣ ସୃଷ୍ଟି କରିବା ସ୍ୱାଭାବିକ। ପ୍ରାଥମିକ ଅବସ୍ଥାରେ ଏହି 'ବାଇନୋରଲ୍ ବିଟ୍ସ'ର ସହଜ ଶିକାର ହେଉଥିବା ଲୋକମାନେ ପରବର୍ତ୍ତୀ ସମୟରେ ଉଚ୍ଚ ଫ୍ରିକ୍ୱେନ୍ସିର କେବଳ ସଙ୍ଗୀତ ନୁହେଁ କଥାବାର୍ତ୍ତା ଶୁଣିବାକୁ ଭଲପାଆନ୍ତି ଯାହାକି କେବଳ ଏକ ପ୍ରକାର ମାନସିକ ବିକାରତା ନୁହଁ ବରଂ ଏକ ସାମାଜିକ ବିକାରତା। କାରଣ ଉଚ୍ଚ ଧ୍ୱନୀ ବା ସଙ୍ଗୀତ କିମ୍ବା କଥାବର୍ତ୍ତା ଆପଣଙ୍କ ଆଖପାଖର ପରିବେଶକୁ ଖରାପ କରିଥାଏ। ଅନ୍ୟମାନଙ୍କ ପାଇଁ ଏହା ଶ୍ରୁତିକଟୁ ହେବା ମଧ୍ୟ ସ୍ୱାଭାବିକ ଏବଂ ଏହାକୁ ନେଇ ବେଳେ ବେଳେ କୌଣସି କୌଣସି ସ୍ଥାନରେ ଅଭାବନୀୟ ଘଟଣା ଘଟିବାର ନଜିର ମଧ୍ୟ ରହିଛି।

ଗୋଟିଏ କାନରେ ୫୦୦ ହର୍ଜ ଏବଂ ଦ୍ୱିତୀୟ କାନରେ ୫୨୦ ହର୍ଜର ଫ୍ରିକ୍ୱେନ୍ସି ସଙ୍ଗୀତ ଶୁଣିବା ଦ୍ୱାରା ମସ୍ତିଷ୍କରେ ଏକ ଅଡ଼ିଟରି ଇଲ୍ୟୁଜନ ସୃଷ୍ଟି ହୋଇଥାଏ। ଏହାପରେ ମସ୍ତିଷ୍କରୁ ଆସୁଥିବା ବାୟୋଫିଡ଼ବ୍ୟାକ ଦ୍ୱାରା ଶାନ୍ତି ଓ ଖୁସିର ଅନୁଭବ ହୁଏ। ଅନେକଥର ଏଭଳି ସଙ୍ଗୀତ ଶୁଣିବା ଦ୍ୱାରା ବ୍ୟକ୍ତି ଭାବୁକ ହୋଇଉଠେ, ଭୁଲ ଠିକର ବିଚାର କରିବାର ଶକ୍ତି ହରାଇବସେ, ନିଜ ଦୈନନ୍ଦିନ କାମରେ ରୁଚି ରଖେନାହିଁ, ହାତ ଗୋଡ଼ ଦୁର୍ବଳ ହେଲା ଭଳି ଅନୁଭବ ହୁଏ, ମାଂସପେଶୀ ଟାଣି ହୋଇଗଲା ଭଳି ମନେହୁଏ। ତେଣୁ ଏହି ସଙ୍ଗୀତକୁ ଭାଙ୍ଗ ବିଟ୍ସ ମଧ୍ୟ କୁହାଯାଏ। ଯଦି ଏହି ସଙ୍ଗୀତ ଗୋଟିଏ ଦିନ ଶୁଣିବାକୁ ନ ମିଳେ, ତାହେଲେ ଆକ୍ରମଣାତ୍ମକ ବ୍ୟବହାର, ବ୍ୟସ୍ତ ବିବ୍ରତ ଚିନ୍ତାଧାରା, ଅସ୍ତବ୍ୟସ୍ତ ଲାଗିବା ଭଳି ଲକ୍ଷଣ ଦେଖାଯାଏ। ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଡିଜିଟାଲ ଡ୍ରଗ୍ସର ଅଭ୍ୟାବ



କବଳରେ ୫.୩% କମ ବୟସର ପିଲାମାନେ ଅଛନ୍ତି। ଏହାକୁ ଦୂର କରିବା ପାଇଁ ମନୋଚିକିତ୍ସକଙ୍କ ପରାମର୍ଶ ସହ ସିବିଟି (କଗ୍ନିଟିଭ ବିହେଭିଅର ଥେରାପି) ନେବା ଉଚିତ। ପିଲାମାନେ ଏଥିରେ ଏପରି ଆସକ୍ତ ହୋଇପଡ଼ିଥାନ୍ତି ଯେ ସେମାନେ କେବଳ ନିଜ ପାଠପଢ଼ା ନୁହେଁ ନିଜ ଖାଇବା ପିଇବାକୁ ମଧ୍ୟ ଏକ ପ୍ରକାର ଭୁଲି ଯାଇଥାନ୍ତି। ସେମାନଙ୍କ ଶରୀରିକ ଅଭିବୃଦ୍ଧି ଓ ସୃଜନଶୀଳତା ସବୁକିଛି ବାଧାପ୍ରାପ୍ତ ହୋଇଥାଏ। ସେହିପରି ଆପଣଙ୍କ ନିତିଦିନିଆ ଜୀବନରେ ଅତ୍ୟଧିକ ସମୟ କାନରେ ହିୟରିଂଏଡ଼ ଦେଇ ସଙ୍ଗୀତ ଶୁଣିବା ହେଉ ବା ମୋବାଇଲ ବ୍ୟବହାର ଏହା ଖରାପ ନିଶ୍ଚୟ। ଏହା କାନକୁ ପ୍ରଭାବିତ କରିବା ସହ ଜଣକୁ ନିଜେ ଉପସ୍ଥିତ ଥିôବା ସ୍ଥାନ ଠାରୁ ଏକ ପ୍ରକାର ଅସ୍ୱାଭାବିକ କରିଦିଏ ଯାହାପାଇଁ କି ଅନେକ ସମୟରେ ଦୁର୍ଘଟଣାର ଅଘଟଣ ସୃଷ୍ଟି କରିଥାଏ। ଅନେକ ଏହାକୁ ନିଜ ଭୋକଶୋଷ ଭୁଲି କାମଧନ୍ଦାକୁ ଅବହେଳା କରିଥାନ୍ତି। ସେମାନଙ୍କ ଜୀବନର ରୁଟିନ ଏକ ଭିନ୍ନ ଢ଼ଙ୍ଗରେ ଚାଲିଥାଏ। ଘଣ୍ଟା ଘଣ୍ଟା ଧରି ଏହା କାନରେ ରହିବା ଦ୍ୱାରା ପ୍ରଥମତଃ ଜଣଙ୍କ ଏକାଗ୍ରତା ନଷ୍ଟ ହୋଇଥାଏ ଦ୍ୱିତୀୟତଃ ଏହା ଆପଣଙ୍କ ପରବର୍ତ୍ତୀ ସମୟରେ ଶ୍ରବଣ ଶକ୍ତି ଉପରେ ଗୁରୁତର ପ୍ରଭାବ ପକାଇଥାଏ। ବିଶେଷକରି କାନ ଝିଲ୍ଲୀ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ମଧ୍ୟ ରହିଥାଏ। ପରବର୍ତ୍ତୀ ସମୟରେ ଏହା ଅନେକ ଅସୁବିଧାର କାରଣ ହୋଇଥାଏ। ଅନେକ ଏହାପରେ ବିଭିନ୍ନ ନିଶା ସେବନର ଅଭ୍ୟାସ କରିଥାନ୍ତି, ସଠିକ ସମୟରେ ନିଦ ହୋଇନଥାଏ ଏବଂ ଜଣେ ଅଯଥାରେ ଅନ୍ୟମାନଙ୍କ ଉପରେ ଚିଡ଼ଚିଡ଼ା ବ୍ୟବହାର ମଧ୍ୟ ଦେଖାଇଥାଏ। ତେଣୁ ଏହାଠାରୁ ଦୂରେଇବା ସବୁଠାରୁ ଭଲ। ଜଣଙ୍କ ଜୀବନରେ ଯେତିକି ସମୟ ଆବଶ୍ୟକ ପଡୁଛି ସାମାଜିକ ଗଣମାଧ୍ୟମ ସହ ସକ୍ରିୟ ରୁହନ୍ତୁ ଏବଂ ମନେରଖନ୍ତୁ ଯେ, ଆପଣଙ୍କର ବି ଜୀବନ ଅଛି, ଆପଣଙ୍କର କର୍ମ ସଂସ୍ଥାନ ଅଛି ଏବଂ ଘର ପରିବାର ବି ଅଛି। ଏସବୁ ଭିତରେ ଭାରସାମ୍ୟ ରଖନ୍ତୁ। ଏ କ୍ଷେତ୍ରରୁ ଯଥା ସମ୍ଭବ ଦୂରେଇବା ପାଇଁ ଚେଷ୍ଟା କରନ୍ତୁ। ପ୍ରଥମତଃ ନିଜ ସମୟ ଓ କାର୍ଯ୍ୟ ନିର୍ଘଣ୍ଟ ସହ ଆପଣଙ୍କ ପ୍ରତିଦିନର ରୁଟିନ ବନ୍ଧା ଜୀବନକୁ ଦେଖନ୍ତୁ। ଏହା ଯେପରି ଅନ୍ୟ ମାନଙ୍କ ପାଇଁ ବିରକ୍ତିକର ଓ ଶ୍ରୁତିକଟୁ ନହୁଏ ସେ ଦିଗକୁ ଅଣଦେଖା କରନ୍ତୁ ନାହିଁ। କେହି କେହି କେବଳ ଶାରୀରିକ କ୍ରୀଡ଼ା କୌଶଳ, ବ୍ୟାୟାମ ବା ଜଗିଂ ବା ମର୍ଣ୍ଣିଂୱାର୍କ ନୁହେଁ ବରଂ ଯୋଗ ପ୍ରାଣାୟମ ସମୟରେ ମଧ୍ୟ ଏହାର ସାହାରା ନେଇଥାନ୍ତି ଯାହାକି ଆଦୌ ଠିକ ନୁହେଁ। ଏହା ଯେପରି ଆପଣଙ୍କ ସର୍ବନିମ୍ନ ଖାଇବା ପିଇବା ଓ ବିଶ୍ରାମକୁ ଅସଜଡ଼ା ନକରେ ସେ ଦିଗ ପ୍ରତି ସତର୍କ ରୁହନ୍ତୁ। କାରଣ ଅନେକଙ୍କ ଏହି କୁଅଭ୍ୟାସ କେବଳ ଘର ପରିବାରର ଜୀବନ ନୁହେଁ ସେମାନଙ୍କ କର୍ମମୟ ବା କର୍ମ ସଂସ୍ଥାନର କ୍ଷେତ୍ରକୁ ପ୍ରଭାବିତ ମଧ୍ୟ କରିଥାଏ। ଆପଣଙ୍କ ସର୍ବନିମ୍ନ ଦୂରତାରେ କୌଣସି ଗୀତ ସଙ୍ଗୀତ ଭିତରେ ଯୋଗ ପ୍ରାଣାୟମ ବା ଅନ୍ୟ କାର୍ଯ୍ୟ କରିପାରନ୍ତି ଏହା ଏକ ଭଲ ଅଭ୍ୟାସ କିନ୍ତୁ ଆପଣଙ୍କ ଜୀବନଚର୍ଯ୍ୟା ଓ ଦାୟିତ୍ୱ ସହ ଜୀବନ ଚେତନାକୁ ଯେପରି ଏହା ଦୁଃଖଦର କାରଣ ନହୁଏ ଆପଣ ଏହାକୁ ବିଚାର କରି ଜୀବନକୁ ପ୍ରସ୍ତୁତ କରନ୍ତୁ।

**ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ**
**ମୋବାଇଲ୍ ୯୧୩୨୪୩୩୩୩୩**

# କାଜାଖସ୍ତାନରେ ବିମାନ ଦୁର୍ଘଟଣା ୩୯ ଜଣଙ୍କ ମୃତ୍ୟୁ ଆଶଙ୍କା





ନୂଆଦିଲ୍ଲୀ,୨୫।୧୨: କାଜାଖସ୍ତାନର ଆକତାଉ ବିମାନ ବନ୍ଦରର ରନୱେରେ ଆଜର ବାଇଜାନର ଏକ ଯାତ୍ରୀବାହୀ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ଜଳିଯାଇଛି। ବିମାନର ୬୨ ଜଣ ଯାତ୍ରୀ ଏବଂ ୫ ଜଣ କ୍ରୁ ମେମ୍ବର ଥିଲେ। ମୋଟ ୬୭ ଜଣଙ୍କ ମଧ୍ୟରୁ ୨୮ଜଣ ଆହତ ଅବସ୍ଥାରେ ଉଦ୍ଧାର ପାଇଛନ୍ତି। ସେମାନଙ୍କ ମଧ୍ୟରୁ ୨୨ ଜଣଙ୍କ ଅବସ୍ଥା ଅତି ଗୁରୁତର ରହିଛି ଏବଂ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟ ୩୯ଜଣ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଆଶଙ୍କା କରାଯାଉଛି। ଆଜରବାଇଜାନର ବାକୁରୁ ବିମାନଟି ଗ୍ରଜନି ଅଭିମୁଖେ ଯାତ୍ରା କରୁଥିବା ଖରାପ ପାଗ ଯୋଗୁ ଏହା ଏମର୍ଜେନ୍ସି ଲ୍ୟାଣ୍ଡିଂ ପାଇଁ ଅନୁମତି ଲୋଡ଼ିଥିଲା। ଆକତାଉ ଏୟାର ପୋର୍ଟରେ ଏହା ଅବତରଣ କରିବା ବେଳେ ରନୱେ ନିକଟରେ ହିଁ ପିଟି ହୋଇ ଖଣ୍ଡ ଖଣ୍ଡ ହୋଇଯାଇଥିଲା ଏବଂ ବିମାନଟି ଜଳି ଯାଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ ବିମାନେଟି ତଳକୁ କସିବା ବେଳେ ପାଇଲଟ ଏହାକୁ ଉଚ୍ଚତାକୁ ଉଠାଇବା ନିମନ୍ତେ ପ୍ରୟାସ କରିଥିଲେ। କିନ୍ତୁ ବିମାନଟି ଘୁରି ଘୁରି ଶେଷରେ ତଳେ ପିଟି ହୋଇଯାଇଥିଲା। ରନୱେରେ ଅବତରଣ କରିବା ବେଳେ ବିମାନଟି ଏକ ପକ୍ଷୀ ଦଳ ସହ ମାଡ଼ ଖାଇଥିଲା ବୋଲି କୁହାଯାଉଛି। ଏଥିରେ ବିମାନର ଗୋଟିଏ ଇଞ୍ଜିନ ନଷ୍ଟ ହେବା ସହ ପାଇଲଟ ବିମାନକୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଥିଲେ। ତେଣୁ ବିମାନଟି ରନୱେରେ ପିଟି ହୋଇଯାଇଥିଲା। ଦମକଳ ବାହିନୀ ପକ୍ଷରୁ ତତ୍କାଳ ନିଆଁ ଲିଭାଇବାକୁ ଉଦ୍ୟମ କରାଯାଇଥିଲା ଏବଂ ଦୁର୍ଘଟଣାରେ କାଳେ ହେକି ବର୍ତ୍ତି ଯାଇଥିବେ ସେଥିଲାଗି ପ୍ରୟାସ ଆରମ୍ଭ ହୋଇଥିଲା। ଜଣେ ୧୧ ବର୍ଷର ବାଳିକା ସମେତ ୨୮ଜଣଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରୁ ଅନେକଙ୍କ ଶରୀର ଅଧାରୁ ଅଧିକ ଜଳି ଯାଇଛି। ତେଣୁ ସେମାନେ ବର୍ତ୍ତିବା ନେଇ ଆଶଙ୍କା ରହିଛି। ବିମାନରେ ଥିବା ୬୭ଜଣଙ୍କ ମଧ୍ୟରୁ ୩୭ଜଣ ଆଜରବାଇଜାନର, ୧୬ଜଣ ରୁଷର, ୬ଜଣ କାଜାଖସ୍ତାନର, ୩ ଜଣ କିରିଗିଜସ୍ତାନର ନାଗରିକ ବୋଲି ଜଣାଯାଇଛି। ଆଜର ବାଇଜାନ ଏୟାର ଲାଇନ୍ସର ଏହି ବିମାନଟି ଏମବରର ଏ ୧୯୦ ଏୟାରକ୍ରାଫ୍ଟ ଥିଲା। ଏହାର ବ୍ଲାକ ବକ୍ସ ଉଦ୍ଧାର କରିବାକୁ ପ୍ରୟାସ କରାଯାଉଛି ଏବଂ ଏହାକୁ ଅନୁଧ୍ୟାନ କରିବା ପରେ ଦୁର୍ଘଟଣାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଆଶା କରାଯାଉଛି।



## ମହାକାଶରେ ଖ୍ରୀଷ୍ଟମାସ ପାଳିଲେ ସୁନୀତା ୱିଲିୟମ୍ସ

ନୂଆଦିଲ୍ଲୀ, ୨୫।୧୨: ମହାକାଶରେ ନିଆରା ଅନ୍ଦାଜରେ ଖ୍ରୀଷ୍ଟମାସ ପାଳନ କଲେ ଅନ୍ତରାଷ୍ଟ୍ରୀୟ ଅନ୍ତରୀକ୍ଷ ଷ୍ଟେସନ(ଆଇଏସଏସ)ରେ ଫସିଥିବା ସୁନୀତା ୱିଲିୟମ୍ସ ଓ ବୁଚ୍ ବିଲମୋର। ପିନ୍ଧିଲେ ସାଣ୍ଟା ଟୋପି। ସାଣ୍ଟା ଟୋପି ଓ ଖ୍ରୀଷ୍ଟମାସର ଅନ୍ୟ ସାଜସଜ୍ଜା ପିନ୍ଧି ଏହି ଦୁଇ ମହାକାଶ ଯାତ୍ରୀଙ୍କ ଫଟୋ ନିକଟରେ ସାମ୍ନାକୁ ଆସିଛି। ଏଥିରେ ଉଭୟ ପାର୍ଟି ମୁଡ୍‌ରେ ନଜର ଆସିଛନ୍ତି। ଏହି ଫଟୋଗୁଡିକୁ ଦେଖି ଯେଉଁଠି ଗୋଟିଏ ପଟେ ଲୋକଙ୍କ ମୁହଁରେ ହସ ଫୁଟିଛି ସେଠି ଅନ୍ୟପଟେ ଏହାକୁ ନେଇ ଉଠିଛି ବିବାଦ। ସୋଶାଲ ମିଡିଆରେ ଅନେକ ୟୁଜର୍ସ ସୁନୀତା ୱିଲିୟମ୍ସଙ୍କ ମହାକାଶରେ ଖ୍ରୀଷ୍ଟମାସ ପାଳନକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସୁନୀତା ଏବଂ ବୁଚ୍ କେବଳ ଆଠ ଦିନର ଯାତ୍ରା ପାଇଁ ମହାକାଶକୁ ଯାଇଥିଲେ। କିନ୍ତୁ ଟେକ୍‌ନିକାଲ ତ୍ରୁଟି ଓ ଅନ୍ୟାନ୍ୟ ବାଧା ଯୋଗୁ ଉଭୟ ପ୍ରାୟ ଏକ ବର୍ଷ ମହାକାଶରେ ବିତାଇବାକୁ ବାଧ୍ୟ ହୋଇଛନ୍ତି। ୨୦୨୫ରେ ମଧ୍ୟ ତାଙ୍କ ଫେରିବା କାର୍ଯ୍ୟକ୍ରମ ବାତିଲ ହୋଇଛି। ଏଭଳି ସ୍ଥିତିରେ ଆଠ ଦିନ ପାଇଁ ଯାଇଥିବା ଉଭୟ ମହାକାଶ ଯାତ୍ରୀ ସେଠାରେ କିଭଳି ଖ୍ରୀଷ୍ଟମାସ ପାଳନ କରିଲେ ତାକୁ ନେଇ ପ୍ରଶ୍ନ କରୁଛନ୍ତି ଲୋକେ। ସେମାନେ ମହାକାଶରେ ଖ୍ରୀଷ୍ଟମାସ ପାଳନ କରିବାକୁ ଯୋଜନା କରି ଯାଇଥିଲେ କି ବୋଲି ୟୁଜର୍ସ ପଚାରିଛନ୍ତି। ସାଣ୍ଟା ଟୋପି ଓ ଖ୍ରୀଷ୍ଟମାସ ଟ୍ରି'କୁ ସୁନୀତା ୱିଲିୟମ୍ସ ନିଜ ସାଙ୍ଗରେ ନେଇ ଯାଇଥିଲେ ନା ମହାକାଶରେ ଏହାକୁ ତିଆରି କରିଛନ୍ତି ବୋଲି ଜଣେ ୟୁଜର୍ସ ପ୍ରଶ୍ନ କରିଛନ୍ତି। ସେହିପରି ଅନ୍ୟ କିଛି ୟୁଜର୍ସ ଏହାକୁ ବଡ଼ ଷଡ଼ଯନ୍ତ୍ର ବୋଲି କହୁଛନ୍ତି। ତେବେ ସମସ୍ତ ଅଭିଯୋଗକୁ ନାସା ଖଣ୍ଡନ କରିବା ସହ ସଫେଇ ଦେଇଛି। ଆଇଏସଏସ ଜରିଆରେ ମହାକାଶକୁ ନିକଟରେ କିଛି ତାଜା ସାମଗ୍ରୀ ପଠାଯାଇଥିଲା। ଏଥିରେ ଖ୍ରୀଷ୍ଟମାସ ପାଇଁ ସାଜସଜ୍ଜା ସାମଗ୍ରୀ, ବିଶେଷ ଉପହାର କିଛି ସ୍ୱାଦିଷ୍ଟ ଖାଦ୍ୟ ସାମିଲ ଥିଲା।

## ଠାକୁର ଦର୍ଶନ ସାରି ଫେରୁଥିବା ବେଳେ ଦୁର୍ଘଟଣା, ୫ ମୃତ

ଜୟପୁର, ୨୫।୧୨: ଠାକୁର ଦର୍ଶନ ହେଲା ଶେଷ ଦର୍ଶନ। ମନ୍ଦିରରେ ଦେବୀ ଦର୍ଶନ ସାରି ଫେରୁଥିବା ଏକ କାର୍‌କୁ ଧକ୍କା ଦେଲା ଘରୋଇ ବସ୍। ଏଥିରେ ଗୋଟିଏ ପରିବାରର ୫ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ୧୫ ଜଣ ଆହତ ହୋଇଛନ୍ତି। ମଙ୍ଗଳବାର ରାତିରେ ରାଜସ୍ଥାନର କରୌଲି ଜିଲ୍ଲାରେ ଏଭଳି କିଛି ବଡ଼ ସଡ଼କ ଦୁର୍ଘଟଣା ଘଟିଛି। ଏକ ଘରୋଇ ବସ୍ ଏବଂ କାର ମଧ୍ୟରେ ଏକ ଧକ୍କା ହୋଇଛି। ଦୁର୍ଘଟଣାରେ କାରରେ ଥିବା ୫ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ବସ୍‌ରେ ଥିବା ୧୫ ଜଣ ଯାତ୍ରୀ ମଧ୍ୟ ଆହତ ହୋଇଛନ୍ତି। ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, କାର୍ ଓ ବସ୍ ଖଣ୍ଡ ଖଣ୍ଡ ହୋଇଥିବା ଦେଖିବାକୁ ମିଳିଛି। ଏହି ଦୁର୍ଘଟଣାରେ କାରରେ ଯାତ୍ରା କରୁଥିବା ଗୋଟିଏ ପରିବାରର ବାପା-ମା', ପୁଅ, ଝିଅ ଓ ଜଣେ ସମ୍ପର୍କୀୟଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଡିଏମ ନୀଲାଭ ସାକ୍ସେନା, ଏସପି ବ୍ରିଜେଶ ଜ୍ୟୋତି ଉପାଧ୍ୟାୟ ଏବଂ ଏଏସପି ଗୁମନାରାମ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେ କାର ଓ ବସ୍‌ରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରି ଜିଲ୍ଲା ଡାକ୍ତରଖାନାକୁ ନେଇଥିଲେ। କିଛି ଆହତଙ୍କ ଅବସ୍ଥା ଗୁରୁତର ଥିବା କୁହାଯାଉଛି।

## ନକଲି ଅର୍ଡର ଦେଖାଇ ଥାନାରୁ ନେଇଗଲେ ଜବତ ଗାଡ଼ି

ଜମ୍ମୁ, ୨୫।୧୨: ଓକିଲ କଲେ ଜାଲିଆତି। ପୁଲିସ୍ ସହ ଗେମ୍ ଖେଳିବା ତାଙ୍କୁ ମହଙ୍ଗା ପଡ଼ିଛି। ଅବୈଧ ଖନନ ମାମଲାରେ ପୁଲିସ୍ ଜବତ କରିଥିବା ବାଇକ୍‌କୁ ଅଦାଲତର ଜାଲି ଆଦେଶ ଦେଖାଇ ଛଡ଼ାଇ ନେଇଥିବା ଅଭିଯୋଗରେ ବନ୍ଧା ହୋଇଛନ୍ତି ଓକିଲଜଣକ। ଏପରି ଚଞ୍ଚକତା ଘଟଣା ଜମ୍ମୁରେ ଘଟିଛି। ଗିରଫ ଅଭିଯୁକ୍ତଜଣକ ହେଉଛନ୍ତି ବଶାରତ ଅହମ୍ମଦ ଖାନ। ବଶାରତ ଅହମ୍ମଦ ଖାନ ୫୦ ହଜାର ଟଙ୍କାର ନକଲି ରସିଦ ଓ ନକଲି ଟିକେଟ ଲଗାଇବା ସହ ବିଚାରପତିଙ୍କ ଜାଲି ଦସ୍ତଖତ କରି ଏକ ମିଥ୍ୟା ଅର୍ଡର ପ୍ରସ୍ତୁତ କରିଥିଲେ। ଅବୈଧ ଖନନ ମାମଲାରେ ଜବତ ହୋଇଥିବା ଗାଡ଼ିକୁ ମୁକୁଳାଇବାକୁ ଏହି ଜାଲି ଅର୍ଡରକୁ ସେ ବ୍ୟବହାର କରିଥିଲେ। ଏହି ମାମଲାର ଯାଞ୍ଚ ପାଇଁ ଜମ୍ମୁର ବରିଷ୍ଠ ପୁଲିସ୍ ଅଧିକାରୀ ଏସଆଇଟି ଗଠନ କଲେ। ଏସଆଇଟି ଦ୍ୱାରା ତଦନ୍ତ ପରେ ଓକିଲ ବଶାରତ ଅହମ୍ମଦ ଖାନ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ବୋଲି ଜଣାପଡ଼ିଥିଲା। ଏହାପରେ ପୁଲିସ୍ ତୁରନ୍ତ ତାଙ୍କୁ ବାନ୍ଧିଛି।

## ଚୋରଙ୍କୁ ମହିଳାଙ୍କ ଅଫର୍ ମୋ' ସ୍ୱାମୀଙ୍କ କାର୍ ଚୋରି କର

ଗାଜିଆବାଦ, ୨୫।୧୨: ସ୍ୱାମୀଙ୍କ କାର୍ ଚୋରି କରିବାକୁ ଚୋରଙ୍କୁ ବଡ ଅଫର ଦେଲେ ପତ୍ନୀ। ଦେଖାଇଲେ ଟଙ୍କା ଲୋଭ । ଏହି ଚୋରି ଘଟଣା ପାଇଁ ଖୋଦ ପତ୍ନୀ ସାଜିଥିଲେ ମାଷ୍ଟର ମାଇଣ୍ଡ, ରଚିଥିଲେ ବ୍ଲୁ ପ୍ରିଣ୍ଟ। ଏପରିକି କାର୍ ଚୋରି ପରେ ମିଳିବାକୁ ଥିବା ଟଙ୍କାକୁ ଭାଗବଣ୍ଟା କରିବାକୁ ବି କଥା ଛିଡ଼ିଥିଲା। ମାତ୍ର ସବୁ ଯୋଜନା ପଣ୍ଡ ହୋଇଗଲା। କାର୍ ଚୋରି ଅଭିଯୋଗରେ ଦୁଇ ଜଣଙ୍କୁ ପୁଲିସ୍ ବାନ୍ଧିଥିବା ବେଳେ ଫେରାର ଅଛନ୍ତି ମାଷ୍ଟର ମାଇଣ୍ଡ ମାଲିକାଣି। ଏପରି ଏକ ଅଜବ ଘଟଣା ଉତ୍ତରପ୍ରଦେଶର ଗାଜିଆବାଦର ନନ୍ଦଗ୍ରାମ ଥାନା ଅଞ୍ଚଳରେ ଘଟିଛି। ନନ୍ଦଗ୍ରାମ୍ ଥାନା ଅଞ୍ଚଳରେ ଥିବା ମହିଳା ପବିତ୍ରା ନିଜ ସ୍ୱାମୀଙ୍କ କାର୍‌କୁ ଚୋରି କରାଇବା ନିମନ୍ତେ ରଚିଥିଲେ ଷଡଯନ୍ତ୍ର । ଏହି ପ୍ଲାନ୍‌ରେ ସେ ନିଜର ଦୁଇ ସାଙ୍ଗଙ୍କୁ ସାମିଲ କରିଥିଲେ। ଚୋରି ଗାଡ଼ିକୁ ବିକ୍ରି କରିବା ସହ ଇନ୍ସ୍ୟୁରାନ୍ସ କମ୍ପାନୀଠୁ ଟଙ୍କା ଆଦାୟ କରି ତାହାକୁ ଭାଗବଣ୍ଟା କରିବାକୁ ହୋଇଥିଲା ଯୋଜନା। ଯୋଜନା ମୁତାବକ, ପବିତ୍ରା ନିଜ ସାଙ୍ଗଙ୍କୁ କାର୍‌ର ଡୁପ୍ଲିକେଟ ଚାବି ଦେଇଥିଲେ। ଉକ୍ତ ଚାବି ସାହାଯ୍ୟରେ ସେମାନେ ଗାଡ଼ି ଚୋରି କରି ନେବା ସହ ତା' ନମ୍ବର ପ୍ଲେଟ ବଦଳାଇ ଦେଇଥିଲେ। ଏଥିସହ ଗାଡ଼ିର ଆଉ ଏକ ଚାବି କରିଥିବା ବେଳେ ଉକ୍ତ ଚାବିକୁ ସେମାନେ ପବିତ୍ରାଙ୍କୁ ଫେରାଇ ଦେଇଥିଲେ। ଏନେଇ ପବିତ୍ରାଙ୍କ ସ୍ୱାମୀ ନୀତିନ ତ୍ୟାଗି ଗତ ୬ ତାରିଖରେ ଥାନାରେ ମାମଲା ରୁଜୁ କରିଥିଲେ। ପୁଲିସ୍ ସିସିଟିଭି ଫୁଟେଜ ଖୋଳତାଡ଼ କରି କାର୍ ଚୋରି ଅଭିଯୋଗରେ ଗୌରବ ଶର୍ମା ଓ ଆକାଶ ତ୍ୟାଗୀ ନାମକ ଦୁଇ ଯୁବକଙ୍କୁ ଗିରଫ କରିଛି। ସେମାନଙ୍କ ନାମରେ ପୂର୍ବରୁ ବି ଥାନାରେ ମାମଲା ରୁଜୁ ହୋଇଥିବା ଜଣାଯାଇଛି। ପଚରାଉଚରା ବେଳେ ସେମାନେ ଯାହା କହିଲେ ପୁଲିସ୍ ଅଧିକାରୀ ଚକିତ ହୋଇଗଲେ। ଗାଡ଼ିର ମାଲିକାଣି ହିଁ ଏହି ଚୋରିର ମାଷ୍ଟରମାଇଣ୍ଡ ବୋଲି ସେମାନେ ପୁଲିସ୍‌କୁ କହିଥିଲେ। ପୁଲିସ୍ ଏବେ ପବିତ୍ରାଙ୍କୁ ଖୋଜୁଥିବା ବେଳେ ସେ ଫେରାର ହୋଇ ଯାଇଛନ୍ତି। ତେବେ ଏହି ଚୋରି ପ୍ଲାନ୍‌ରେ ପବିତ୍ରାଙ୍କ ସ୍ୱାମୀ ସାମିଲ ଅଛନ୍ତି ନା ନାହିଁ ତାହା ସ୍ପଷ୍ଟ ହୋଇନି।

### ପାକିସ୍ତାନର ଏୟାର ଷ୍ଟ୍ରାଇକ

## ଆଫଗାନିସ୍ତାନରେ ୪୬ ମୃତ

କାବୁଲ,୨୫।୧୨: ଆଫଗାନିସ୍ତାନରେ ପାକିସ୍ତାନ ଏୟାର ଷ୍ଟ୍ରାଇକରେ ଅତି କମରେ ୪୬ ଜଣ ପ୍ରାଣ ହରାଇଥିବା ତାଲିବାନ ପକ୍ଷରୁ ଅଭିଯୋଗ କରାଯାଇଛି। ତାଲିବାନ ସରକାରର ଜଣେ ମୁଖପାତ୍ର କହିଛନ୍ତି ଯେ, ପାକିସ୍ତାନ ସୀମାକୁ ଲାଗିଥିବା ଆଫଗାନିସ୍ତାନର ପୂର୍ବାଞ୍ଚଳରେ ପାକିସ୍ତାନ ଏୟାର ଷ୍ଟ୍ରାଇକ କରିଛି। ଏଥିରେ ୪୬ଜଣ ପ୍ରାଣ ହରାଇଛନ୍ତି ଏବଂ ଅନେକ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଅଧିକାଂଶ ହେଉଛନ୍ତି ମହିଳା ଏବଂ ଶିଶୁ। ପାକିସ୍ତାନର ଏହି ଆକ୍ରମଣକୁ ତାଲିବାନ ବର୍ବର ଏବଂ ଅନ୍ୟର ସାର୍ବଭୌମତ୍ୱ ଉପରେ ଆକ୍ରମଣ ବୋଲି କହିଛି। ଏହାକୁ ଆଫଗାନିସ୍ତାନ ବରଦାସ୍ତ କରିବନି ଏବଂ ନିଜର ସ୍ୱାଧୀନତା ଓ ସାର୍ବଭୌମତ୍ୱର ସୁରକ୍ଷା ନିମନ୍ତେ କଠୋର ଆଭିମୁଖ୍ୟ ଗ୍ରହଣ କରିବ ବୋଲି ସେ କହିଛନ୍ତି। ଗତ ମାର୍ଚ୍ଚ ମାସରେ ମଧ୍ୟ ପାକିସ୍ତାନ ଏଭଳି ଏୟାର ଷ୍ଟ୍ରାଇକ କରିଥିଲା ଏବଂ ଏଥିରେ ୮ଜଣ ସାଧାରଣ ନାଗରିକ ପ୍ରାଣ ହରାଇଥିଲେ।

ତାଲିବାନ ମୁଖପାତ୍ର କହିଛନ୍ତି ଯେ, ମଙ୍ଗଳବାର ରାତିରେ ପାକିସ୍ତାନ ବାୟୁସେନା ଦୁଇ ତିନିଟି ଗରକୁ ଟାର୍ଗେଟ କରି ବୋମା ବର୍ଷଣ କରିଥିଲା। ଏଥିରେ ଗୋଟିଏ ପରିବାରର ୧୮ଜଣ ପ୍ରାଣ ହରାଇଥିଲେ। ଅନ୍ୟ ଏକ ଗରେ ବୋମାମାଡ଼ ଯୋଗୁ ୩ଜଣ ପ୍ରାଣ ହରାଇଥିବା ବେଳେ ଅନେକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ଗୁରୁତର ରହିଛି। ଉଲ୍ଲେଖ ଯୋଗ୍ୟ ଯେ, ୨୦୨୧ରେ ଆଫଗାନିସ୍ତାନରେ ତାଲିବାନ ଶାସନ ପ୍ରତିଷ୍ଠା ହେବା ପରଠାରୁ ଦୁଇ ଦେଶ ମଧ୍ୟରେ ସୀମା ବିବାଦ ଲାଗି ରହିଛି ଏବଂ ଏହା ଉତ୍ତେଜନାର କାରଣ ହୋଇଛି।

## ୟୁକ୍ରେନ ଉପରେ ୭୦ ମିସାଇଲ, ୧୦୦ ଡ୍ରୋନ ମାଡ଼ କଲା ରୁଷ

କିଭ, ୨୫।୧୨: ପୂରା ବିଶ୍ୱ ଆନନ୍ଦ ଉଲ୍ଲାସର ସହ ବଡ଼ ଦିନ ବା ଖ୍ରୀଷ୍ଟମାସ ଉତ୍ସବ ପାଳନ କରୁଛି। ହେଲେ ରୁଷ ପକ୍ଷରୁ ୟୁକ୍ରେନ ଆଜି ସବୁଠାରୁ ବଡ଼ ଓ ଭୟଙ୍କର ହମଲା କରାଯାଇଛି। ୟୁକ୍ରେନ ଉପରେ ଆଜି ରୁଷ ପକ୍ଷରୁ ୭୦ରୁ ଅଧିକ ମିସାଇଲ ଓ ୧୦୦ରୁ ଅଧିକ ଡ୍ରୋନ ମାଡ଼ ହୋଇଛି। ଏହାଦ୍ୱାରା ୟୁକ୍ରେନର ବିଭିନ୍ନ ସହର ଧ୍ୱଂସବିଧ୍ୱଂସ୍ତ ହୋଇଯାଇଛି। ଖ୍ରୀଷ୍ଟମାସରେ ଏପରି ଆକ୍ରମଣକୁ ୟୁକ୍ରେନର ରାଷ୍ଟ୍ରପତି ଭ୍ଲୋଡମିର ଜେଲେନସ୍କି ନିନ୍ଦା କରିବା ସହ ଏହା ଏକ ଅମାନବୀୟ କାଣ୍ଡ ବୋଲି କହିଛନ୍ତି। ୟୁକ୍ରେନ ସରକାରଙ୍କ କହିବା କଥା ଯେ ଖ୍ରୀଷ୍ଟମାସରେ ହୋଇଥିବା ଆକ୍ରମଣ ଯୋଗୁ ଶକ୍ତି ଭିତ୍ତିଭୂମି ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଜଣଙ୍କର ମୃତ୍ୟୁ ହୋଇଛି। ସେହିପରି ଅନେକ ସାଧାରଣ ଲୋକ ଆହତ ହୋଇଛନ୍ତି। ନିଜ ଏକ୍ସ ଆକାଉଣ୍ଟରେ ଜେଲେନସ୍କି କହିଛନ୍ତି ଯେ ପୂରା ବିଶ୍ୱ ଉତ୍ସବ ମୁଖର ଥିବା ବେଳେ ରୁଷ ରାଷ୍ଟ୍ରପତି ଭ୍ଲାଦମିର ପୁଟିନନ



ଜାଣିଶୁଣି ୟୁକ୍ରେନର ଶକ୍ତି ଭିତ୍ତିଭୂମିକୁ ଟାର୍ଗେଟ କରିଛନ୍ତି। ରୁଷର ପ୍ରତିଟି ବଡ଼ ହମଲା ପାଇଁ ପ୍ରସ୍ତୁତି ଆବଶ୍ୟକ। ଏହା କେବେ ହେଲେ ଗୋଟିଏ ଅଚାନକ ନିଷ୍ପତ୍ତି ହୋଇ ନପାରେ। ଏହା ଏକ ଯୋଜନାବଦ୍ଧ ଆକ୍ରମଣ। ଯୋଜନାବଦ୍ଧ ଭାବେ କେବଳ ଟାର୍ଗେଟକୁ ଚୟନ କରାଯାଇ ନାହିଁ, ବରଂ ତାରିଖ ଓ ସମୟକୁ ମଧ୍ୟ ବଛା ଯାଇଛି। ଆଜି ପୁଟିନ ଜାଣିଶୁଣି ଖ୍ରୀଷ୍ଟମାସକୁ ଆକ୍ରମଣ ପାଇଁ ବାଛିଛନ୍ତି। ଏହାଠାରୁ ଅଧିକ ଅମାନବୀୟ କାମ କ'ଣ ହୋଇପାରେ। ବାଲାଷ୍ଟିକ ସହ ୭୦ରୁ ଅଧିକ ମିସାଇଲ ଓ ୧୦୦ରୁ ଅଧିକ ଡ୍ରୋନ ଦ୍ୱାରା ଆକ୍ରମଣ କରାଯାଇଛି। ଆମ ଶକ୍ତି ଉତ୍ସ ଓ ବ୍ୟବସ୍ଥାକୁ ଧ୍ୱଂସ କରାଯାଇଥିବା ଜେଲେନସ୍କି କହିଛନ୍ତି। କୃଷ୍ଣ ସାଗରରୁ ରୁଷ କାଲିବର କ୍ରୁସ ମିସାଇଲ ମାଡ଼ କରିବା କ୍ଷଣି ପୂରା ୟୁକ୍ରେନରେ ଏୟାର ରେଡ ସାଇର୍ନସ ବାଜି ଉଠିଥିଲା। ମାତ୍ର କିଛି କ୍ଷଣ ମଧ୍ୟରେ ଏକାଧିକ ସ୍ଥାନରେ ମିସାଇଲ ଓ ଡ୍ରୋନ ମାଡ଼ ହୋଇଥିଲା। ମିସାଇଲ ଓ ଡ୍ରୋନ ଆଟାକ ଯୋଗୁ ବିଭିନ୍ନ ସ୍ଥାନରେ ନିଆଁ ମଧ୍ୟ ଲାଗି ଯାଇଥିଲା।

### ଆପ ଓ ବିଜେପି ପାଇଁ କଂଗ୍ରେସ ଜାରି କଲା ବହି

## 'ମୌକା ମୌକା ହର ବାର ଧୋକା'

ନୂଆଦିଲ୍ଲୀ, ୨୫।୧୨: ଆସନ୍ତା ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଆଜି କଂଗ୍ରେସ ପକ୍ଷରୁ 'ମୌକା ମୌକା ହର ବାର ଧୋକା' ଶୀର୍ଷକ ଗୋଟିଏ ବହି ଜାରି କରାଯାଇଛି। ଦିଲ୍ଲୀ କଂଗ୍ରେସ ସଭାପତି ଦେବେନ୍ଦ୍ର ଯାଦବ, ଦଳର ନେତା ଅଜୟ ମାକେନ ଓ ଅନ୍ୟମାନଙ୍କ ଉପସ୍ଥିତିରେ ଉଭୟ ବିଜେପି ଓ ଆପକୁ କଟାକ୍ଷ କରି ବହିକୁ ସାର୍ବଜନୀନ କରାଯାଇଛି। ଦିଲ୍ଲୀ ପାଇଁ ବିଜେପି ଓ ଆପ୍ ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରିବାରେ ବାରମ୍ବାର ବିଫଳ ହୋଇଥିବାରୁ କଂଗ୍ରେସ ମୌକା ମୌକା ହର ବାର ଧୋକା ବହି ରିଲିଜ କରିଥିବା କହିଛି। ଦିଲ୍ଲୀ ପାଇଁ ଚିନ୍ତା ପ୍ରକଟ କରି ଦେବେନ୍ଦ୍ର ଯାଦବ କହିଛନ୍ତି, ବିଗତ ୧୧ ବର୍ଷ ହେଲା ଆପ୍ ଏଠାରେ କ୍ଷମତାରେ ରହିଛି। ସେହିପରି ୧୦ ବର୍ଷରୁ ଅଧିକ ସମୟ ହେଲାଣି ବିଜେପି କେନ୍ଦ୍ରରେ ରହିଛି। ଏହି ଦୁଇ ସରକାରଙ୍କୁ ଚୟନ



କରିବା ବେଳେ ଦିଲ୍ଲୀବାସୀ ଅନେକ ଆଶା ରଖିଥିଲେ। ହେଲେ ଗୋଟିଏ ଦଶନ୍ଧିରୁ ଅଧିକ ସମୟ ବିତି ଯାଇଥିଲେ ହେଁ ଲୋକଙ୍କୁ କେବଳ ଧୋକା ମିଳିଛି। ସେମାନଙ୍କୁ ମିଥ୍ୟା ପ୍ରତିଶ୍ରୁତି ସହ ଆଉ କିଛି ବି ମିଳିନାହିଁ ବୋଲି ସେ କହିଛନ୍ତି। ମୌକା ମୌକା ହର ବାର ଧୋକା ଶୀର୍ଷକ ବହିରେ ଆପ୍ ଓ ବିଜେପି ସରକାର ବିଫଳତରା ତାଲିକା ରହିଛି। ସେହିପରି ଦୁଇ ଦଳ ନିର୍ବାଚନ ବେଳେ ଦେଇଥିବା ପ୍ରତିଶ୍ରୁତିଗୁଡ଼ିକ କେମିତି ପୂରଣ କରିପାରି ନାହାନ୍ତି, ତା'ର ତାଲିକା ମଧ୍ୟ ଉକ୍ତ ବହିରେ ରହିଛି। ଶୀଲା ଦୀକ୍ଷିତ ୧୫ ବର୍ଷ ଧରି ଦିଲ୍ଲୀରେ କଂଗ୍ରେସ ସରକାର ଚଳାଇଥିଲେ। ଏହି ସମୟରେ କ'ଣ ସବୁ ବିକାଶ ହୋଇଥିଲା, ସେକଥା ମଧ୍ୟ ଦେବେନ୍ଦ୍ର ଯାଦବ ଆଜି କହିଛନ୍ତି। ଭିତ୍ତିଭୂମି ଠାରୁ ଆରମ୍ଭ କରି ପରିବେଶର ସୁରକ୍ଷା, ମହିଳା ସଶକ୍ତୀକରଣ, ବରିଷ୍ଠ ନାଗରିକଙ୍କ ପାଇଁ ସାମାଜିକ କଲ୍ୟାଣ ଯୋଜନା ଓ ଆର୍ଥିକ ପଛୁଆ ବର୍ଗର ଲୋକଙ୍କ ପାଇଁ ରନ୍ଧନ ଗ୍ୟାସ ଓ ରାସନ କାର୍ଡର ବ୍ୟବସ୍ଥା କଂଗ୍ରେସ ସରକାର ସମୟରେ ହୋଇଥିଲା ବୋଲି ଯାଦବ କହିଛନ୍ତି।

### ମିଲିଟାରୀ କଲୋନୀରୁ ମିଳିଥିଲା ନାବାଳିକାଙ୍କ ମୃତଦେହ

## ହତ୍ୟାକାରୀ ପଡ଼ୋଶୀ ଯୁବକ ଗିରଫ

ନୂଆଦିଲ୍ଲୀ, ୨୫।୧୨: ଗତକାଲି ଦିଲ୍ଲୀର ଶଙ୍କର ବିହାର ମିଲିଟାରୀ ଅଞ୍ଚଳରୁ ଜଣେ ନାବାଳିକାଙ୍କ ମୃତଦେହ ଉଦ୍ଧାର ହୋଇଥିବା ବେଳେ ଏହି ଘଟଣା ସମଗ୍ର ରାଜଧାନୀରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା। ଏହି ମାମଲାର ଖୋଳତାଡ଼ କରି ପୁଲିସ୍ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଜଣକ ମୃତା ନାବାଳିକାଙ୍କ ପଡ଼ୋଶୀ ବୋଲି ଜଣାଯାଇଛି। ୮ ବର୍ଷୀୟା ନାବାଳିକାଜଣକ ସୋମବାର ସନ୍ଧ୍ୟାରୁ ନିଖୋଜ ଥିବା ବେଳେ ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇଥିଲେ। ମଙ୍ଗଳବାର ସକାଳେ ଶଙ୍କର ବିହାର ମିଲିଟାରୀ ଅଞ୍ଚଳର ଗୋଟିଏ ବିଲଡିଂର ରଡ଼୍‌ରେ ନାବାଳିକାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ପୁଲିସ୍ ତୁରନ୍ତ ଏହି ଘଟଣାର ତଦନ୍ତ ଆରମ୍ଭ କରି ସିସିଟିଭି ଫୁଟେଜ ଖୋଳତାଡ଼ କରିଥିଲା। ଏହାପରେ ସିସିଟିଭି ଫୁଟେଜ ଆଧାରରେ ପୁଲିସ୍ ଉକ୍ତ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଜଣକ ୧୯ ବର୍ଷୀୟ ଯୁବକ ଓ ସେ ନାବାଳିକାଙ୍କ ପଡ଼ୋଶୀ ବୋଲି ଜଣାଯାଇଛି। ପଚରାଉଚରା ବେଳେ ଅଭିଯୁକ୍ତଜଣକ କହିଛନ୍ତି, ପୂର୍ବରୁ ପରିଚିତ ହୋଇଥିବାରୁ ସେ ନାବାଳିକାଙ୍କୁ ଡାକି ଏକ ନିକାଞ୍ଚ ସ୍ଥାନକୁ ନେଇ ଯାଇଥିଲେ। ସେଠାରେ ସେ ତାଙ୍କ ସହ ଜବରଦସ୍ତି କରୁଥିଲେ। ମାତ୍ର ନାବାଳିକାଜଣକ ତାହାର ପ୍ରତିବାଦ କରିବା ସହ ଜୋରରେ ପାଟି କରିବାରୁ ସେ ତାଙ୍କ ବେକକୁ ଚିପିବା ସହ ଏକ ସ୍କାପ୍ର ଗୁଡ଼ାଇ ଦେଇଥିଲେ। ଫଳରେ ଘଟଣାସ୍ଥଳରେ ନାବାଳିକାଙ୍କ ମୃତ୍ୟୁ ହୋଇଥିଲା। ଏହାକୁ ଆତ୍ମହତ୍ୟାର ରୂପ ଦେବାକୁ ସେ ବିଲଡିଂର ରଡ଼୍‌ରେ ନାବାଳିକାଙ୍କ ମୃତଦେହକୁ ଝୁଲାଇ ଦେଇ ଫେରାର ହୋଇ ଯାଇଥିଲେ।

## ବିସ୍ଫୋରଣରେ ବୁଡ଼ିଗଲା ପଣ୍ୟବାହୀ ଜାହାଜ, ୨ ନିଖୋଜ

ଆଲଜେରିଆ, ୨୫।୧୨: ବିସ୍ଫୋରଣ ପରେ ବୁଡ଼ିଗଲା କାର୍ଗୋ ଜାହାଜ। ଭୂମଧ୍ୟସାଗରରେ ରୁଷର 'ଉର୍ଷା ମେଜର' ଜାହାଜ ବୁଡ଼ି ଯାଇଛି। ଏଥିରେ ଜାହାଜର ଦୁଇ ଜଣ କ୍ରୁ ମେମ୍ବର ନିଖୋଜ ଅଛନ୍ତି। ସେହିପରି ୧୪ ଜଣଙ୍କୁ ଉଦ୍ଧାର କରାଯାଇଛି। ସ୍ପେନ୍ ଓ ଆଲଜେରିଆ ମଧ୍ୟରେ ଭୂମଧ୍ୟସାଗରରେ ରୁଷିଆର ଏହି ମାଲବାହୀ ଜାହାଜଟି ବୁଡ଼ିଛି। ସ୍ପେନ୍‌ର ମେରିଟାଇମ୍ ରେସ୍କ୍ୟୁ ଏଜେନ୍ସି ଏବଂ ରୁଷ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସୂଚନାଅନୁସାରେ ୧୪ ଜଣ କ୍ରୁ ମେମ୍ବରଙ୍କୁ ଲାଇଫ୍ ବୋଟ୍‌ରୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ସ୍ପେନ୍ ନିଆଯାଇଥିଲା। ଇଞ୍ଜିନ ରୁମ୍‌ରେ ବିସ୍ଫୋରଣ ହେବା ପରେ ଜାହାଜଟି ବୁଡ଼ି ଯାଇଥିବା ରୁଷ୍ ମନ୍ତ୍ରଣାଳୟ କହିଛି। ଜାହାଜରେ ଖାଲି କଣ୍ଟେନର ଏବଂ ଦୁଇଟି କ୍ରେନ୍ ଥିଲା ବୋଲି ସ୍ପେନ୍ କର୍ତ୍ତୃପକ୍ଷ କହିଛନ୍ତି। ତେବେ କେଉଁ କାରଣରୁ ଜାହାଜରେ ବିସ୍ଫୋରଣ ହେଲା ତାହା ଜଣାପଡ଼ିନି।

ଏହି ଜାହାଜଟି ରୁଷିଆର ପରିବହନ ଏବଂ ଲଜିଷ୍ଟିକ୍ କମ୍ପାନି ଓବୋରନ୍ ଲଜିଷ୍ଟିକ୍ସର ଏକ ସହାୟକ କମ୍ପାନି ଏସକେ-ୟୁଗର ମାଲିକାନାରେ ଥିଲା। ଏକ ବୟାନରେ ଓବୋରନ୍ ଲଜିଷ୍ଟିକ୍ କହିଛି, ଏହି ମାଲବାହୀ ଜାହାଜଟି ରୁଷିଆର ପୂର୍ବ ସହର ଭ୍ଲାଡିଭୋଷ୍ଟୋକ ଅଭିମୁଖେ ଯାଇଥିଲା। ଜାହାଜ ୩୮୦ ଟନ୍ ଓଜନ ବିଶିଷ୍ଟ ଦୁଇଟି କ୍ରେନ୍ ନେଇଥିଲା। ରୁଷିଆର ଆରଆଇ ନୋଭୋଷ୍ଟି ରିପୋର୍ଟ କରିଛି, ଉର୍ଷା ମେଜର ୧୨ ଦିନ ପୂର୍ବରୁ ସେଣ୍ଟ ପିଟର୍ସବର୍ଗ ଛାଡିଥିଲା। ଡିସେମ୍ବର ୩ରେ ଓବୋରୋନୋଗିଷ୍ଟିକା ୱେବସାଇଟରେ ପୋଷ୍ଟ କରାଯାଇଥିବା ସୂଚନା ଅନୁଯାୟୀ, ରୁଷିଆର ପୂର୍ବ ଦିଗରେ ଭାରି ମାଲ ପରିବହନ ସହିତ ସାଧାରଣ ଯାତ୍ରା ପୂର୍ବରୁ ନଭେମ୍ବରରେ ଜାହାଜର କ୍ରେନ୍ ଯନ୍ତ୍ରପାତି ମରାମତି କରାଯାଇଥିଲା। କମ୍ପାନି ଅନୁଯାୟୀ ଜାହାଜଟି ଏହା ପୂର୍ବରୁ ମଧ୍ୟ ପୂର୍ବ ଏବଂ ଏସିଆ ତଥା ଆର୍କଟିକ୍ ଦେଇ ଉତ୍ତର ସାଗର ମାର୍ଗକୁ ଯାତ୍ରା କରିଥିଲା।

# ବିଧାନସଭା ନିର୍ବାଚନ ପୂର୍ବରୁ ଗିରଫ ହୋଇପାରନ୍ତି ଆତିଶୀ: କେଜରିୱାଲ

ନୂଆଦିଲ୍ଲୀ,୨୫।୧୨: ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ଆତିଶୀଙ୍କୁ ମିଛ ମାମଲା ଫସାଯାଇ ଗିରଫ କରାଯାଇପାରେ। ଏଭଳି ଆଶଙ୍କା ବ୍ୟକ୍ତ କରିଛନ୍ତି ଆମ ଆଦମୀ ପାର୍ଟୀର ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜରିୱାଲ। ସେ କହିଛନ୍ତି ବିଭିନ୍ନ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାକୁ ଆପ ନେତାଙ୍କ




ଘରେ ରେଡ କରିବା ଏବଂ ଯେ କୌଣସି ମାମଲାରେ ଫସାଇ ଆତିଶୀଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆତିଶୀ ସରକାରଙ୍କ ଦ୍ୱାରା ଦୁଇଟି ଯୋଜନା ମହିଳା ସମ୍ମାନ ଯୋଜନା ଏବଂ ସଞ୍ଜିବନୀ ଯୋଜନାର ଶୁଭାରମ୍ଭ ପରେ ଗଣମାଧ୍ୟମକୁ କେଜରିୱାଲ କହିଛନ୍ତି ଯେ, ଗତ ୧୦ ବର୍ଷ ହେବ ବିଜେପି ଦିଲ୍ଲୀବାସୀଙ୍କ ବିରୋଧରେ ଷଡ଼ଯନ୍ତ୍ର କରିଆସୁଛି। ଦିଲ୍ଲୀବାସୀ ଯେପରି ଅସୁବିଧାର ସମ୍ମୁଖୀନ ହେବେ ଏବଂ ଆପ ସରକାର ଉପରେ ବିଗିଡ଼ିବେ ସେଥିଲାଗି ବିଜେପି ଷଡ଼ଯନ୍ତ୍ର କରୁଛି। ଦିଲ୍ଲୀର ଏଲଜିଙ୍କ ମାଧ୍ୟମରେ ସେମାନେ ବିଭିନ୍ନ ବିକାଶ ମୂଳକ ଏବଂ କଲ୍ୟାଣକାରୀ ଯୋଜନାରେ ପ୍ରତିବନ୍ଧକ ସୃଷ୍ଟି କରି ଏହାକୁ ବନ୍ଦ କରିବା ଯୋଜନା କରୁଛନ୍ତି। ଏଥିରେ ବିଫଳ ହେଲେ ସେମାନେ ଆପ ନେତାଙ୍କୁ ମିଛ ମାମଲାରେ ଆପ ନେତାଙ୍କୁ ଗିରଫ କରି ଜେଲ ପଠାଉଛନ୍ତି। ଏହା ସତ୍ତ୍ୱେ ଆଗାମୀ ନିର୍ବାଚନରେ ବିଜେପି ପୁନର୍ବାର ଶୋଚନୀୟ ପରାଜୟର ସମ୍ମୁଖୀନ ହେବ ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ, ଦିଲ୍ଲୀର ୭ଜଣ ଏମପି ବିଜେପିର। ଦିଲ୍ଲୀର ଉପରାଜ୍ୟପାଳ (ଏଲଜି) କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ଏବଂ ନିୟନ୍ତ୍ରିତ। ସେମାନେ ଦିଲ୍ଲୀର ନିର୍ବାଚନ ସରକାରଙ୍କ ବିରୋଧରେ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି ଏବଂ ଦିଲ୍ଲୀ ସରକାରଙ୍କ ସମସ୍ତ ଜନହିତକର କାର୍ଯ୍ୟକୁ ବିଫଳ କରିବା ନିମନ୍ତେ ସର୍ବଦା ଉଦ୍ୟମରତ ଅଛନ୍ତି। ସେମାନେ ଆପ ବିରୋଧରେ ନେଗେଟିଭ କ୍ୟାମ୍ପେନ କରୁଛନ୍ତି। କିନ୍ତୁ ଆପ ସର୍ବଦା ପଜିଟିଭ କ୍ୟାମ୍ପେନରେ ବିଶ୍ୱାସ ରଖିଥାଏ। ଆମେ ଆମର ଭଲକାମ ବିଷୟରେ ଲୋକଙ୍କୁ ଅବଗତ କରାଉଛୁ। ଦିଲ୍ଲୀର ବିଭିନ୍ନ ସ୍କୁଲ, ହସ୍ପିଟାଲର ଉନ୍ନତି ସମ୍ପର୍କରେ ଲୋକଙ୍କୁ ଅବଗତ କରାଉଛୁ।

ସେ ଅଭିଯୋଗ କରିଥିଲେ ଯେ, ଦିଲ୍ଲୀ ଟ୍ରାନ୍ସପୋର୍ଟ ବିଭାଗରେ ଏକ ମିଥ୍ୟା ମାମଲା ରୁଜୁ କରାଯାଇଛି। ଏଥିରେ ଆତିଶୀଙ୍କୁ ଦୋଷୀ ବୋଲି ଦର୍ଶାଇ ତାଙ୍କୁ ଗିରଫ କରାଯାଇପାରେ। ଗତ ୧୦ ବର୍ଷ ଭିତରେ ଆମ ସରକାର ଦିଲ୍ଲୀରେ ପରିବହନ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଏବଂ ଉନ୍ନତିକରଣ ଲାଗି ପଦକ୍ଷେପ ନେଇଛି। ଏହାକୁ ବିଜେପି ସହ୍ୟ କରିପାରୁନି। ତେଣୁ ଆପ ସରକାର, ମୁଖ୍ୟମନ୍ତ୍ରୀ ଆତିଶୀଙ୍କୁ ବଦନାମ କରି ଗିରଫ କରିବାକୁ ଷଡ଼ଯନ୍ତ୍ର କରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି।

## ସଞ୍ଜିବନୀ ସ୍କିମ୍‌କୁ ନେଇ ତୁ ତୁ ମେଁ ମେଁ

ନୂଆଦିଲ୍ଲୀ, ୨୫।୧୨: ଦିନକ ତଳେ ଦିଲ୍ଲୀ ଆମ୍ ଆଦମୀ ପାର୍ଟି ସୁପ୍ରିମୋ ଅରବିନ୍ଦ କେଜ୍ରିଓ୍ୱାଲ ସଞ୍ଜିବନୀ ଯୋଜନା ଓ ମୁଖ୍ୟମନ୍ତ୍ରୀ ମହିଳା ସମ୍ମାନ ସ୍କିମ୍ ଲାଗୁ କରିଥିଲେ। ତେବେ ଏହି ଯୋଜନାକୁ ନେଇ ଏବେ କେଜ୍ରିଓ୍ୱାଲ ଓ ଦିଲ୍ଲୀ ସରକାରୀ ଅଧିକାରୀ ମୁହାଁମୁହିଁ ହୋଇଛନ୍ତି। ଆରମ୍ଭ ହୋଇଛି ତୁତୁ ମେଁ ମେଁ। ପଦାରେ ପଡିଛି ଦିଲ୍ଲୀ ସରକାର ଓ ପ୍ରଶାସନିକ ଅଧିକାରୀଙ୍କ ଆନ୍ତଃକନ୍ଦଳ। ଦିଲ୍ଲୀରେ ବର୍ତ୍ତମାନ କୌଣସି ସଞ୍ଜିବନୀ ଅବା ମହିଳା ସମ୍ମାନ ସ୍କିମ୍ କାର୍ଯ୍ୟକାରୀ ଲାଗୁ ହୋଇନାହିଁ। ଏକଥା ଖୋଦ୍ ଦିଲ୍ଲୀ ସରକାରର ଦୁଇଟି ବିଭାଗ ଖବରକାଗଜରେ ବିଜ୍ଞାପନ ଜରିଆରେ ଜଣାଇଛି। ଦିଲ୍ଲୀ ନିର୍ବାଚନ ପୂର୍ବରୁ ସ୍ୱାସ୍ଥ୍ୟ ବିଭାଗ ଓ ମହିଳା ଏବଂ ଶିଶୁ ବିକାଶ ବିଭାଗ ତରଫରୁ ଏହି ବିଜ୍ଞାପନ ଜରିଆରେ ନୋଟିସ୍ ଜାରି କରାଯାଇଛି। ଠକେଇରୁ ଲୋକଙ୍କୁ ସାବଧାନ ରହିବା ପାଇଁ ସଚେତନ କରାଯାଇଛି। କାହାକୁ ମଧ୍ୟ ନିଜ ବ୍ୟାଙ୍କ ଖାତା, ଆଧାର କାର୍ଡ଼ କିମ୍ବା ଭୋଟର କାର୍ଡ ଭଳି ଡକ୍ୟୁମେଣ୍ଟ ନଦେବାକୁ କୁହାଯାଇଛି। ଉଭୟ ବିଭାଗ ନୋଟିସ ଜାରି କରିବା ପରେ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲଙ୍କ ଟ୍ୱିଟ ସାମ୍ନାକୁ ଆସିଛି। ସେ କହିଛନ୍ତି, 'ଏହି ଲୋକମାନେ ମହିଳା ସମ୍ମାନ ଯୋଜନା ଏବଂ ସଞ୍ଜିବନୀ ଯୋଜନା ଲାଗୁ ହେବା ଦ୍ୱାରା ବିଚଳିତ ହୋଇପଡିଛନ୍ତି। ଆସନ୍ତା କିଛି ଦିନ ମଧ୍ୟରେ ଏକ ନକଲି ମାମଲା ସୃଷ୍ଟି କରି ସେମାନେ ଆତିଶୀଜୀଙ୍କୁ ଗିରଫ କରିବାକୁ ଯୋଜନା କରିଛନ୍ତି। ତେବେ ଏହାପୂର୍ବରୁ କିଛି ବରିଷ୍ଠ ଆପ ନେତାଙ୍କ ଉପରେ ଚଢ଼ାଉ କରାଯିବ ବୋଲି ସେ ଅଭିଯୋଗ ଆଣିଛନ୍ତି। ସେପଟେ ଏହି ପୂରା ପ୍ରସଙ୍ଗରେ




ବିଜେପି ମିଡିଆ ପ୍ରଭାରୀ ପ୍ରବିଣ ଶଙ୍କର କପୁର କହିଛନ୍ତି ଯେ, କେଜ୍ରିଓ୍ୱାଲ କାହିଁକି ମହିଳା ଏବଂ ବୃଦ୍ଧ ଲୋକଙ୍କୁ ପ୍ରତାରଣା କରୁଛନ୍ତି। ଆଜି ସମୟ ଆସିଛି ଯେ ଦିଲ୍ଲୀ ସରକାରଙ୍କ ଖୋଦ୍ ସ୍ୱାସ୍ଥ୍ୟ ଓ ମହିଳା କଲ୍ୟାଣ ବିଭାଗକୁ ଏହି ଜାଲିଆତି ସହ ଜଡିତ ବିଜ୍ଞପ୍ତି ଜାରି କରିବାକୁ ପଡିଛି। ଏହି ଲୋକମାନେ ଆପଣଙ୍କର ବ୍ୟକ୍ତିଗତ ତଥ୍ୟ ନେଉଛନ୍ତି, ଦୟାକରି ସେମାନଙ୍କ ସହ ନିଜ ପର୍ସନାଲ ଡାଟା ସେୟାର କରନ୍ତୁ ନାହିଁ। ଏଭଳି କୌଣସି ସ୍କିମ୍ ନାହିଁ। ପଞ୍ଜାବ ପରେ ସେ କାହିଁକି ଦିଲ୍ଲୀର ମହିଳାମାନଙ୍କୁ ପ୍ରତାରଣା କରୁଛନ୍ତି।

# ଭାରତ ବିପକ୍ଷ ବକ୍ସିଂ ଡେ ଟେଷ୍ଟ ପାଇଁ ଚୂଡ଼ାନ୍ତ ଏକାଦଶ ଘୋଷଣା କଲା ଅଷ୍ଟ୍ରେଲିଆ

**ମେଲବର୍ଣ୍ଣ, ୨୫।୧୨:** ପବିତ୍ର ଖ୍ରୀଷ୍ଟମାସରେ ଭାରତ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫିର ବକ୍ସିଂ ଡେ ଟେଷ୍ଟ ପାଇଁ ଚୂଡ଼ାନ୍ତ ଏକାଦଶ ଘୋଷଣା କରିଛି ଘରୋଇ ଅଷ୍ଟ୍ରେଲିଆ। ଆସନ୍ତାକାଲି ଭାରତ ଓ ଅଷ୍ଟ୍ରେଲିଆ ଐତିହାସିକ ମେଲବର୍ଣ୍ଣରେ ୪ର୍ଥ ତଥା ବକ୍ସିଂ ଟେଷ୍ଟ ଖେଳିବେ। ଭାରତୀୟ ସମୟ ଭୋର ୫.୩୦ରେ ମ୍ୟାଚ୍ ଆରମ୍ଭ ହେବ।

ଏହାର ଦିନକ ପୂର୍ବରୁ ଅଷ୍ଟ୍ରେଲିଆ ବକ୍ସିଂ ଡେ ଟେଷ୍ଟ ପାଇଁ ଚୂଡ଼ାନ୍ତ ଏକାଦଶ ଘୋଷଣା କରିଛି। ଦଳ ଚୂଡ଼ାନ୍ତ ଏକାଦଶରେ ଦୁଇଟି ପରିବର୍ତ୍ତନ କରିଛି। ନାଥନ ମ୍ୟାକସ୍ୱିନୀଙ୍କ ସ୍ଥାନରେ ଆସନ୍ତାକାଲି କଙ୍ଗାରୁ ଟିମ ପାଇଁ ଡେବ୍ୟୁ କରିବାକୁ ଯାଉଛନ୍ତି ୧୯ ବର୍ଷୀୟ ସାମ କୋନଷ୍ଟାସ। ସେହିପରି ଆହତ ଜୋଶ ହାଜେଲଉଡଙ୍କ ସ୍ଥାନରେ ସ୍କଟ ବୋଲାଣ୍ଡଙ୍କୁ ସୁଯୋଗ ମିଳିଛି। ଏହାବାଦ ଟ୍ରାଭିସ ହେଡ ମଧ୍ୟ ଫିଟ ଘୋଷିତ ହୋଇଛନ୍ତି। ତୃତୀୟ ଟେଷ୍ଟରେ ହେଡ୍ ଆହତ ସମସ୍ୟାରେ ପଡ଼ିଥିଲେ। ୪ର୍ଥ ଟେଷ୍ଟରେ ସେ ଖେଳିବା ନେଇ ଅନିଶ୍ଚିତତା ମଧ୍ୟ ଦେଖାଯାଇଥିଲା। କିନ୍ତୁ ସେ ଏବେ ଫିଟନେସ ଟେଷ୍ଟରେ ପାସ୍ କରି ଯାଇଛନ୍ତି। ବକ୍ସିଂ ଡେ ଟେଷ୍ଟରେ ମଧ୍ୟ ସେ ଉପଲବ୍ଧ ହେବେ ବୋଲି ଅଷ୍ଟ୍ରେଲିଆ ଟିମର ଅଧିନାୟକ ପାଟ କମିନ୍ସ ନିଶ୍ଚିତ କରିଛନ୍ତି। ଖରାପ ଫର୍ମ ଦେଇ ଗତି କରୁଥିବା ମିଚେଲ ମାର୍ଶ ମଧ୍ୟ ୪ର୍ଥ ଟେଷ୍ଟର ଚୂଡ଼ାନ୍ତ ଏକାଦଶରେ ରହିଛନ୍ତି। ପିଙ୍କ ବଲ ଟେଷ୍ଟରେ ହାଜେଲଉଡ ଆହତ ହେବାରୁ ସ୍କଟ ବୋଲାଣ୍ଡଙ୍କୁ ସୁଯୋଗ ମିଳିଥିଲା। ସେ ମଧ୍ୟ ଦମଦାର ପ୍ରଦର୍ଶନ କରିଥିଲେ। କିନ୍ତୁ ତୃତୀୟ ଟେଷ୍ଟକୁ ହାଜେଲଉଡ ଫେରିବାକୁ ତାଙ୍କୁ ବାଦ ଦିଆଯାଇଥିଲା। ଏବେ ସେ ପୁଣି ଦଳକୁ ଫେରିଛନ୍ତି।




୧୯ ବର୍ଷୀୟ ସାମ କୋନଷ୍ଟାସ ଗୁରୁବାର ପଡ଼ିଆକୁ ଓହ୍ଲାଇବା କ୍ଷଣି ସର୍ବକନିଷ୍ଠ ଖେଳାଳି(ଓପନର) ଭାବେ ଅଷ୍ଟ୍ରେଲିଆ ପାଇଁ ଟେଷ୍ଟ କ୍ରିକେଟରେ ଡେବ୍ୟୁ କରିବାର ରେକର୍ଡ କରବେ। ଭାରତ ବିପକ୍ଷ ସିରିଜରେ ଡେବ୍ୟୁ କରିଥିବା ମ୍ୟାକସ୍ୱିନୀ ୩ଟି ଯାକ ଟେଷ୍ଟରେ ନୈରାଶ୍ୟଜନକ ପ୍ରଦର୍ଶନ କରିବାରୁ ତାଙ୍କୁ ସ୍କ୍ୱାଡରୁ ବାଦ ଦିଆଯାଇଥିଲା। ତାଙ୍କ ସ୍ଥାନରେ ସାମଙ୍କୁ ସୁଯୋଗ ମିଳିଛି। ୨୦୧୧ରେ ବର୍ତ୍ତମାନ ଅଧିନାୟକ ପାଟ କମିନ୍ସ ୧୮ ବର୍ଷ ବୟସରେ ସର୍ବକନିଷ୍ଠ ଖେଳାଳି ଭାବେ ଅଷ୍ଟ୍ରେଲିଆ ପାଇଁ ଡେବ୍ୟୁ କରିଥିଲେ। ଏବେ ସାମ ୧୯ ବର୍ଷ ବୟସରେ ସର୍ବକନିଷ୍ଠ ଅଷ୍ଟ୍ରେଲୀୟ ଓପନର ଭାବେ ଡେବ୍ୟୁ କରିବାକୁ ଯାଉଛନ୍ତି। ସାମ ଆସନ୍ତାକାଲି ଅଭିଜ୍ଞ ଉସମାନ ଖଓ୍ୱାଜାଙ୍କ ସହ ଅଷ୍ଟ୍ରେଲିଆ ପାଇଁ ଇନିଂସ ଆରମ୍ଭ କରିବେ।

**ଅଷ୍ଟ୍ରେଲିଆ ଦଳ:** ସାମ କୋନଷ୍ଟାସ, ଉସମାନ ଖଓ୍ୱାଜା, ମାର୍ନସ ଲାବୁଶେନ, ଷ୍ଟିଭ ସ୍ମିଥ, ଟ୍ରାଭିସ ହେଡ୍, ମିଚେଲ ମାର୍ଶ, ଆଲେକ୍ସ କେରୀ(ୱିକେଟ କିପର), ପାଟ କମିନ୍ସ(ଅଧିନାୟକ), ମିଚେଲ ଷ୍ଟାର୍କ, ନାଥନ ଲାୟନ ଓ ସ୍କଟ ବୋଲାଣ୍ଡ।



## ବାପା ହେଲେ କ୍ରିକେଟର ଅକ୍ଷର ପଟେଲ

**ନୂଆଦିଲ୍ଲୀ, ୨୫।୧୨:** ରୋହିତ ଶର୍ମାଙ୍କ ପରେ ଟିମ ଇଣ୍ଡିଆର ଆଉ ଜଣେ କ୍ରିକେଟର ବାପା ହୋଇଛନ୍ତି। ଅକ୍ଷର ପଟେଲଙ୍କ ପତ୍ନୀ ମେହା ମା' ହୋଇଛନ୍ତି। ସେ ଗୋଟିଏ ପୁତ୍ର ସନ୍ତାନଙ୍କୁ ଜନ୍ମ ଦେଇଥିବା ଅକ୍ଷର ପଟେଲ ଆଜି ଇନଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି। କିନ୍ତୁ ମେହା ଡିସେମ୍ବର ୧୯ରୁ ମା' ହୋଇ ସାରିଥିବା ସେ କହିଛନ୍ତି।

ଅକ୍ଷର ଓ ମେହା ଇନଷ୍ଟାଗ୍ରାମରେ ସେମାନଙ୍କ ନବଜାତ ପୁଅ ଟିମ ଇଣ୍ଡିଆର ଜର୍ସୀ ପିନ୍ଧିଥିବା ଫଟୋ ପୋଷ୍ଟ କରିଛନ୍ତି। ଏଥିସହ ପୁଅର ନାଁ ମଧ୍ୟ ସେମାନେ ସମସ୍ତଙ୍କୁ ଜଣାଇଛନ୍ତି। ସେମାନେ ପୁଅର ନାଁ ହକଶ ପଟେଲ ରଖିଛନ୍ତି। ଅକ୍ଷର ଓ ମେହା ଇନଷ୍ଟାଗ୍ରାମରେ ଲେଖିଛନ୍ତି, "ସେ ଏବେ ବି ଗୋଡ଼ରୁ ଅଫ ସାଇଡ ଖୋଜୁଛି। କିନ୍ତୁ ଆମେ ତା'କୁ ବ୍ଲୁରେ ଆପଣଙ୍କ ଆଗରେ ଉପସ୍ଥାପନ କରିବାକୁ ଅପେକ୍ଷା କରିପାରୁ ନାହୁଁ। ବିଶ୍ୱରେ ଭାରତର ସବୁଠାରୁ ଛୋଟ ତଥାପି ସବୁଠାରୁ ଫ୍ୟାନ ଓ ଆମ ହୃଦୟର ସବୁଠାର ଖାସ୍ ହକଶ ପଟେଲକୁ ସ୍ୱାଗତ। ୧୯-୧୨-୨୦୨୪।" ବକ୍ସିଂ ଡେ ଟେଷ୍ଟ ପୂର୍ବରୁ ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା ମଧ୍ୟ ଅକ୍ଷର ପିତୃତ୍ୱ ଛୁଟିରେ ଥିବା କହିଥିଲେ। ସେ ପିତୃତ୍ୱ ଛୁଟିରେ ଥିବାରୁ ତାଙ୍କୁ ବର୍ଡର-ଗାଭାସ୍କର ଟ୍ରଫି ସ୍କ୍ୱାଡରେ ସାମିଲ କରାଯାଇଥିବା ରୋହିତ ସ୍ପଷ୍ଟ କରିଥିଲେ। ଅକ୍ଷର ଓ ମେହା ଅକ୍ଟୋବର ୭ରେ ବାପା ମା' ହେବାକୁ ଯାଉଥିବା ଘୋଷଣା କରିଥିଲେ। ଏବେ ସେମାନେ ବାପା ମା' ହୋଇଛନ୍ତି। ୨୦୨୩ରେ ଜାନୁଆରୀରେ ଉଭୟ ବିବାହ କରିଥିଲା।

### ଆଇସିସି ର୍ୟାଙ୍କିଙ୍ଗ

## ଐତିହାସିକ ରେକର୍ଡ କଲେ ବୁମ୍ରା, ଅଶ୍ୱିନଙ୍କ ସମକକ୍ଷ ହେଲେ



**ନୂଆଦିଲ୍ଲୀ, ୨୫।୧୨:** ଟିମ ଇଣ୍ଡିଆର ଷ୍ଟିଡଷ୍ଟାର ଯଶପ୍ରୀତ ବୁମ୍ରା ଆଇସିସି ଟେଷ୍ଟ ବୋଲିଂ ରାଙ୍କିର ୧ନଂ ସ୍ଥାନରେ ସ୍ଥିର ରହିଛନ୍ତି। ତେବେ ୧ନଂ ସ୍ଥାନରେ ରହି ସେ ଐତିହାସିକ ରେକର୍ଡର ଅଧିକାରୀ ହୋଇଛନ୍ତି। ବେଶ କିଛି ସପ୍ତାହ ଧରି ଆଇସିସି ଟେଷ୍ଟ ରାଙ୍କିଙ୍ଗର ୧ନଂ ସ୍ଥାନରେ ରହିଥିବା ବୁମ୍ରା ଏବେ ଉକ୍ତ ସ୍ଥାନରେ ନିଜ ସ୍ଥାନକୁ ଆହୁରି ସୁଦୃଢ଼ କରିଛନ୍ତି।

୨୦୨୪ରେ ସର୍ବାଧିକ ୱିକେଟ(୬୨) ଦଖଲ କରିଥିବା ବୁମ୍ରାଙ୍କ ରେଟିଂ ପଏଣ୍ଟ ଚଳିତ ସପ୍ତାହରେ ୯୦୪ରେ ପହଞ୍ଚି ଯାଇଛି। ଏହି ରେକର୍ଡ ପଏଣ୍ଟ ସହ ବୁମ୍ରା କିମ୍ବଦନ୍ତୀ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି। ଆଇସିସିରେ ଟେଷ୍ଟ ବୋଲିଂ ରାଙ୍କିଙ୍ଗରେ ବୁମ୍ରା ଓ ଅଶ୍ୱିନଙ୍କ ତୁଳନାରେ କେବେ ହେଲେ ବି କୌଣସି ଭାରତୀୟ ବୋଲର ଏତେ ରେଟିଂ ପଏଣ୍ଟ ହାସଲ କରିପାରି ନାହାନ୍ତି। ନିକଟରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିବା ଅଶ୍ୱିନ ୨୦୧୬ ଡିସେମ୍ବର ମାସରେ ରେକର୍ଡ ୯୦୪ ରେଟିଂ ପଏଣ୍ଟ ହାସଲ କରିଥିଲେ। ଆଜି ବୁମ୍ରା ଏହି ରେକର୍ଡର ସମକକ୍ଷ ହୋଇଛନ୍ତି। ବୁମ୍ରା ଓ ଅଶ୍ୱିନଙ୍କ ବ୍ୟତୀତ ଆଇସିସି ଟେଷ୍ଟ ରାଙ୍କିଙ୍ଗରେ ସର୍ବାଧିକ ରେଟିଂ ପଏଣ୍ଟ ପାଇଥିବା ଭାରତୀୟ ଖେଳାଳିଙ୍କ ମଧ୍ୟରେ ରବୀନ୍ଦ୍ର ଜାଡେଜା(୮୯୯), କପିଲ ଦେବ(୮୭୭) ଓ ଅନୀଲ କୁମ୍ବଲେ(୮୫୯) ରହିଛନ୍ତି। ଆଜି ଆଇସିସି ଜାରି କରିଥିବା ବୋଲିଂ ରାଙ୍କିଙ୍ଗର ୧ନଂ ସ୍ଥାନରେ ପୂର୍ବଭଳି ବୁମ୍ରା ରହିଥିବା ବେଳେ ଦ୍ୱିତୀୟରେ ଦ୍ୱିତୀୟରେ କାଗିସୋ ରବାଡା, ତୃତୀୟରେ ଜୋଶ ହାଜେଲଉଡ, ୪ର୍ଥରେ ପାଟ କମିନ୍ସ ଓ ୫ମରେ ରବି ଅଶ୍ୱିନ ରହିଛନ୍ତି। ରବୀନ୍ଦ୍ର ଜାଡେଜା ୪ଟି ସ୍ଥାନ ତଳକୁ ଖସି ୧୦ନଂରେ ପହଞ୍ଚି ଯାଇଛନ୍ତି।

ଅନ୍ୟପକ୍ଷରେ ଆଇସିସି ଟେଷ୍ଟ ବ୍ୟାଟିଂ ରାଙ୍କିଙ୍ଗର ୧ନଂ ସ୍ଥାନରେ ପୂର୍ବଭଳି ଜୋ ରୁଟ ରହିଛନ୍ତି। ଭାରତ ବିପକ୍ଷରେ ଦମଦାର ଇନିଂସ ଖେଳିଥିବା ଟ୍ରାଭିସ ହେଡ୍ ଗୋଟିଏ ସ୍ଥାନ ଉପରକୁ ଉଠି ୪ର୍ଥରେ ପହଞ୍ଚିଥିବା ବେଳେ ଯଶସ୍ୱୀ ଜୈସୱାଲ ୫ମକୁ ଖସିଛନ୍ତି। ଟପ୍ ୧୦ରେ ଥିବା ଋଷଭ ପନ୍ତ ୧୨ ନଂରେ ପହଞ୍ଚିଛନ୍ତି। ଷ୍ଟିଭ ସ୍ମିଥ ଗୋଟିଏ ସ୍ଥାନ ଉପରକୁ ଉଠି ୧୧ନମ୍ବର ସ୍ଥାନ ଦଖଲ କରିଛନ୍ତି।

## ଦିନିକିଆ ଓ ଟି-୨୦ ରାଙ୍କିଙ୍ଗର ୨ନଂରେ ସ୍ମୃତି ମନ୍ଧାନା



**ନୂଆଦିଲ୍ଲୀ, ୨୫।୧୨:** ଭାରତୀୟ ମହିଳା କ୍ରିକେଟ ଟିମର ଉପ ଅଧିନାୟକ ତଥା ଷ୍ଟାର ବ୍ୟାଟର ସ୍ମୃତି ମନ୍ଧାନା ଆଇସିସି ରାଙ୍କିଙ୍ଗରେ କମାଲ କରିଛନ୍ତି। ସେ ଉଭୟ ଟି-୨୦ ଓ ଦିନିକିଆ ରାଙ୍କିଙ୍ଗର ୨ନଂ ସ୍ଥାନରେ ପହଞ୍ଚି ଯାଇଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷ ଟି-୨୦ ଓ ଦିନିକିଆ ସିରିଜରେ ନିଜର ଜଲୱା ଦେଖାଇଥିବା ସ୍ମୃତି ମନ୍ଧାନାଙ୍କୁ ଏବେ ଆଇସିସି ରାଙ୍କିଙ୍ଗରେ ଫାଇଦା ମିଳିଛି। ବାମହାତୀ ମନ୍ଧାନା ଆଇସିସି ଦିନିକିଆ ରାଙ୍କିଙ୍ଗରେ ୭୩୯ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ତାଙ୍କ ଉପରେ ୭୭୩ ପଏଣ୍ଟ ସହ ଦକ୍ଷିଣ ଆଫ୍ରିକାର ଲାଉରା ୱଲଭାର୍ଡଟ ଅଛନ୍ତି। ଟି-୨୦ ବ୍ୟାଟିଂ ରାଙ୍କିଙ୍ଗରେ ମନ୍ଧାନା ୧ନଂ ସ୍ଥାନ ଦଖଲ କରିବାର ଅତି ନିକଟରେ ପହଞ୍ଚି ଯାଇଛନ୍ତି। ସେ ୭୫୩ ପଏଣ୍ଟ ସହ ଦ୍ୱିତୀୟରେ ରହିଥିବା ବେଳେ ଅଷ୍ଟ୍ରେଲିଆର ବେଥ ମୁନୀ ୭୫୭ ପଏଣ୍ଟ ସହ ୧ନଂରେ ରହିଛନ୍ତି। ଚଳିତ ସପ୍ତାହରେ ମନ୍ଧାନା ଇଣ୍ଡିଜ ବିପକ୍ଷରେ ଖେଳିଥିବା ୨ଟି ଟି-୨୦ରେ ଯଥାକ୍ରମେ ୬୨ ଓ ୭୭ ରନ କରିଥିଲେ। ଏଥିପାଇଁ ସେ ରାଙ୍କିଙ୍ଗର ୨ ନଂ ସ୍ଥାନରେ ପହଞ୍ଚିଛନ୍ତି। ୨୮ ବର୍ଷୀୟ ମନ୍ଧାନା ପ୍ରଥମ ଦିନିକିଆରେ ୯୧ ଓ ଦ୍ୱିତୀୟ ଦିନିକିଆରେ ୫୩ ରନର ଇନିଂସ ଖେଳିଥିଲେ। ଅନ୍ୟପକ୍ଷରେ ୱେଷ୍ଟଇଣ୍ଡିଜ ଟିମର ଅଧିନାୟକ ହେଲୀ ମାଥ୍ୟୁସ ଟି-୨୦ ରାଙ୍କିଙ୍ଗରେ ୨ଟି ସ୍ଥାନ ଉପରକୁ ଉଠି ୩ନଂରେ ପହଞ୍ଚିଥିବା ବେଳେ ଅଷ୍ଟ୍ରେଲିଆର ତାହିଲା ମ୍ୟାଗ୍ରା ଗୋଟିଏ ସ୍ଥାନ ତଳକୁ ଖସି ୪ର୍ଥରେ ରହିଛନ୍ତି। ୫ମ ସ୍ଥାନରେ ଦକ୍ଷିଣ ଆଫ୍ରିକାର ଲାଉରା ଅଛନ୍ତି।

## ପୂର୍ବତନ କ୍ରିକେଟର ନମନ ଓଝାଙ୍କ ବାପାଙ୍କୁ ୭ ବର୍ଷଜେଲ୍ ଦଣ୍ଡାଦେଶ



**ନୂଆଦିଲ୍ଲୀ, ୨୫।୧୨:** ଦୀର୍ଘ ୧୧ ବର୍ଷ ପରେ ଆସିଲା ରାୟ। ଆଉ ୭ ବର୍ଷ ଜେଲଦଣ୍ଡାଦେଶ ଦେଇଛନ୍ତି ବିଚାରପତି। ଦଣ୍ଡିତ ହୋଇଛନ୍ତି ଭାରତୀୟ ଦଳର ପୂର୍ବତନ କ୍ରିକେଟ୍ ଖେଳାଳି ନମନ ଓଝାଙ୍କ ବାପା। ବ୍ୟାଙ୍କରୁ ଟଙ୍କା ହେରଫେର ଘଟଣାରେ ନମନଙ୍କ ବାପାଙ୍କୁ କୋର୍ଟ ଦଣ୍ଡିତ କରିଛନ୍ତି। ଭାରତୀୟ ଦଳର ପୂର୍ବତନ ୱିକେଟକିପର ହେଉଛନ୍ତି ନମନ ଓଝା। ତାଙ୍କ ବାପା ବିନୟ ଓଝା ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରେ ଟଙ୍କା ହେରଫେର କରିଥିବା ଅଭିଯୋଗ ହୋଇଥିଲା। ମଧ୍ୟପ୍ରଦେଶ ବେତୁଲର ମୁଲତାଇ ଥାନା ଅନ୍ତର୍ଗତ ଜୋଲଖେଡ଼ା ଗାଁରେ ଥିବା ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରେ କୋଟି କୋଟି ଟଙ୍କାର ଘୋଟାଲା ହୋଇଥିଲା। ୨୦୧୩ରେ ହୋଇଥିବା ଏହି ଦୁର୍ନୀତିର ଦୀର୍ଘ ୧୧ ବର୍ଷ ଧରି ବିଚାର ଚାଲିଥିଲା। ଏହି ମାମଲାରେ ବିନୟ ଓଜାଙ୍କ ସମେତ ୪ ଜଣଙ୍କୁ ଦଣ୍ଡିତ କରିଛନ୍ତି କୋର୍ଟ। ଗତକାଲି ମୁଲତାଇର ଏକ ଅଦାଲତ ଏହି ସଜା ଶୁଣାଇଥିଲେ। ମାମଲାର ମୁଖ୍ୟ ଅଭିଯୁକ୍ତ ଅଭିଷେକ ରତ୍ନମଙ୍କୁ ୧୦ ବର୍ଷ ଜେଲ୍ ସହ ୮୦ ଲକ୍ଷ ଟଙ୍କା ଜରିମାନା ଆଦେଶ ହୋଇଛି। ଘଟଣା ବେଳେ ବିନୟ ଓଝା ବ୍ୟାଙ୍କର ବ୍ୟାନେଜର ଭାବେ କାମ କରୁଥିଲେ। ତାଙ୍କୁ ୭ ବର୍ଷ ଜେଲ୍ ଓ ୭ ଲକ୍ଷ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିକଶିତ ...

ଏହାର ମୁକାବିଲା ପାଇଁ କେନ୍ଦ୍ର ସରକାରଙ୍କ ପ୍ରତିଶ୍ରୁତି ମୁତାବକ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ କରି ମେଡିକାଲ କଲେଜ ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ସେହଭଳି ରାଜ୍ୟରେ ଖୁବ୍‌ଶୀଘ୍ର ଆୟୁଷ୍ମାନ ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଛି । ପୂର୍ବରୁ କାର୍ଯ୍ୟକାରୀ ହେଉଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଯାହାର ନୂଆ ନାମ ହେଉଛି ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ତାହା ସହିତ ଆୟୁଷ୍ମାନ ଯୋଜନା କାର୍ଯ୍ୟକାରୀ ହେବ । ଏହାଦ୍ୱାରା ପୂର୍ବ ଯୋଜନାରୁ ବଞ୍ଚିତ ବହୁ ବ୍ୟକ୍ତି ଉପକୃତ ହେବେ ।

ରାଜ୍ୟର ଅନୁସୂଚିତ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ରାଜ୍ୟ ସରକାର ଆରମ୍ଭ କରିଛନ୍ତି ମାଧେସିଂ ହତ ଖର୍ଚ୍ଚ ଯୋଜନା । ଅନ୍ୟ ସମସ୍ତ ବୃତ୍ତି ସହିତ ଏହା ଅତିରିକ୍ତ ଭାବେ ପ୍ରଦାନ କରାଯିବ । ଏହାଦ୍ୱାରା ଶିକ୍ଷା କ୍ଷେତ୍ରରେ ପଛରେ ରହୁଥିବା ଆଦିବାସୀ ଛାତ୍ରଛାତ୍ରୀମାନେ ବିଶେଷ ଭାବେ ଉପକୃତ ହୋଇପାରିବ ।

ରାଜ୍ୟର ଶିଳ୍ପ ବ୍ୟବସ୍ଥାକୁ ଗତି ଦେବାପାଇଁ ଜାନୁୟାରୀରେ ଅନୁଷ୍ଠିତ ହେଉଛି ଉତ୍କର୍ଷ ଓଡ଼ିଶା । ପୁଞ୍ଜିପତିମାନଙ୍କୁ ଆକୃଷ୍ଟ ପାଇଁ ଏହା ଏକ ବଡ ସମାବେଶ ହୋଇଥିବାବେଳେ ଏହାର ଅବ୍ୟବହିତ ପୂର୍ବରୁ ରାଜ୍ୟରେ ଅନୁଷ୍ଠିତ ପ୍ରବାସୀ ଭାରତୀୟ ଦିବସ ଏହାକୁ ଅଧିକ ବଳ ଦେବ ବୋଲି ସରକାର ବିଚାରୁଛନ୍ତି ।

ଉଲ୍ଲେଖନୀୟ ଯେ ଦେଶରେ ପ୍ରତି ଦୁଇ ବର୍ଷରେ ଥରେ ଅନୁଷ୍ଠିତ ହେଉଥିବା ପ୍ରଭାସୀ ଭାରତୀୟ ଦିବସର ୧୮ତମ ସଂସ୍କରଣ ଏଥର ଜାନୁୟାରୀ ୮ରୁ ୧୦ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଅନୁଷ୍ଠିତ ହେଉଛି । ଏଥିରେ ଶହେରୁ ଅଧିକ ଦେଶର ପ୍ରବାସୀମାନେ ଯୋଗ ଦେଉଛନ୍ତି । ନୂଆ ସରକାର ଗଠନ ହେବା ପରେ ପରେ କେନ୍ଦ୍ର ସରକାରରେ ଧର୍ମେନ୍ଦ୍ରଙ୍କ ପ୍ରଭାବ ଯୋଗୁଁ ରାଜ୍ୟରେ ବହୁ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବାରେ ଲାଗିଛି ଯାହା ସମଗ୍ର ଦେଶ ଏପରିକି ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି । ପ୍ରଥମଥର ପାଇଁ ଓଡ଼ିଶାରେ ଅନୁଷ୍ଠିତ ହୋଇଛି ସର୍ବଭାରତୀୟ ପୁଲିସ ମହାନିର୍ଦ୍ଦେଶକ ସମ୍ମିଳନୀ । ସମଗ୍ର ଦେଶରୁ ପୁଲିସ୍ ମୁଖ୍ୟମାନେ ଏଥିରେ ଯୋଗ ରଣନୀତି ପ୍ରସ୍ତୁତ କରିଥିବାବେଳେ ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାରେ ଦୁଇଦିନ ରହି ଏଥିରେ ଅଂଶଗ୍ରହଣ କରିଥିଲେ । ଏହି ବୈଠକକୁ ଭଣ୍ଡୁର କରିବାପାଇଁ ଆର୍ନ୍ତଜାତୀୟ ସ୍ତରରୁ ଆତଙ୍କବାଦୀ ଧମକ ମିଳିଥିବାବେଳେ ଓଡ଼ିଶାର ସୁରକ୍ଷାବଳୟକୁ ତାହା ଭେଦ କରିବାକୁ ସାହସ କୁଳାଇ ପାରିନାହିଁ ।

ପୂର୍ବ ଭାରତର ବିକାଶ ଲାଗି କେନ୍ଦ୍ର ସରକାର ଏବେ ମିଶନ ପୂର୍ବୋଦୟ ଆରମ୍ଭ କରିଥିବାବେଳେ ଓଡ଼ିଶା ଏହାର ପ୍ରୟୋଗଶାଳା ହେବାକୁ ଯାଉଛି । ଅତୀତରେ କେନ୍ଦ୍ରମନ୍ତ୍ରୀ ହିସାବରେ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ୟମରେ ଯେଉଁସବୁ କେନ୍ଦ୍ରୀୟ ପ୍ରକଳ୍ପ ଓଡ଼ିଶାକୁ ଆସିଥିଲା ଓ ରାଜ୍ୟର ବିଜେଡି ସରକାରଙ୍କ ଉଦସୀନତା ଯୋଗୁଁ ତାହା ଧିମେଇ ଯାଇଥିଲା ତାହା ପୁଣିଥରେ ଗତି ଧରୁଛି । ଏହା ମଧ୍ୟରେ ଚଣ୍ଡିଖୋଲ ଠାରେ ପ୍ରସ୍ତାବିତ ତୈଳଭଣ୍ଡାର ଓ ଭଦ୍ରକ ଠାରେ ପ୍ରସ୍ତାବିତ ଟେକ୍ସଟାଇଲ୍ ପାର୍କ ଆଦି ରହିଛି । ପାରାଦୀପ ଠାରେ ନାପ୍‌ଥା କ୍ରାକର ପ୍ରକଳ୍ପ ପାଇଁ ୬୦ହଜାର କୋଟି ଟଙ୍କା ବିନିଯୋଗ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଉପସ୍ଥିତିରେ ଘୋଷଣା ହେବା ଅନ୍ୟଏକ ଉପଲବ୍ଧି ।

ଆସନ୍ତା ଜାନୁୟାରୀ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇ ଦୁଇ ଥର ଓଡ଼ିଶା ଗସ୍ତରେ ଆସିବାକୁ ଥିବାବେଳେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ସମେତ ବହୁ କେନ୍ଦ୍ରୀୟ ମନ୍ତ୍ରୀ ମଧ୍ୟ ଓଡ଼ିଶା ଆସୁଛନ୍ତି । ସେହିଭଳି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଘନ ଘନ ଓଡ଼ିଶା ଗସ୍ତ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ତଦାରଖ କରୁଛନ୍ତି । ଭାରତକୁ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତରେ ପରିଣତ ପାଇଁ କେନ୍ଦ୍ର ସରକାର କାର୍ଯ୍ୟ କରୁଥିବାବେଳେ ବିକଶିତ ଓଡ଼ିଶା ପାଇଁ ୨୦୩୬ ମସିହାକୁ ଲକ୍ଷ୍ୟ ରଖାଯାଇଛି । ତେବେ ଡବଲ ଇଞ୍ଜିନ ସରକାରରେ ସେତୁ ଧର୍ମେନ୍ଦ୍ର ଓ ସେନାପତି ମୋହନ ଯେଭଳି ଭାବେ ଲାଗି ପଡିଛନ୍ତି ଲକ୍ଷ୍ୟ ପୂରଣ କରିବାରେ ଓଡ଼ିଶା ସମଗ୍ର ଦେଶ ପାଇଁ ଉଦାହରଣ ସାଜିବ ବୋଲି କୁହାଯାଉଛି ।

## ବାଜପେୟୀଜୀ...

ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀ ଜଣେ ବ୍ୟକ୍ତି ନଥିଲେ, ଥିଲେ ଜଣେ ବିଚାରଧାରା । ସେ ଲୋକ ଅଭିବ୍ୟକ୍ତିର ବଡ ପ୍ରତୀକ ଥିଲେ ବୋଲି ବୁଧବାର ସମ୍ବଲପୁର ବୁର୍ଲା ଠାରେ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜୟନ୍ତୀ ଏବଂ ସୁଶାସନ ଦିବସ ଅବସରରେ ତାଙ୍କର ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅନାବରଣ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଅବସରରେ ଶ୍ରୀ ପ୍ରଧାନ 'ଅଟଳ ଉଦ୍ୟାନ'ର ଉଦଘାଟନ ସହ ଗୋଲଗୁଣ୍ଡା ଛକକୁ 'ଅଟଳ ଛକ' ନାମକରଣର ଶୁଭାରମ୍ଭ କରିଥିଲେ । ଅଟଳଜୀଙ୍କ ଜନ୍ମ ଶତବାର୍ଷିକୀରେ ସାଢେ ୪ କୋଟି ଓଡ଼ିଆଙ୍କ ତରଫରୁ ପ୍ରଣାମ ଜଣାଇ ଉନ୍ମୋଚିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ କେନ୍ଦ୍ରମନ୍ତ୍ରୀ । ସେ କହିଛନ୍ତି ଯେ ଆମ ସମସ୍ତଙ୍କ ମାର୍ଗଦର୍ଶକ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱ ଭାରତକୁ ବିଶ୍ୱ ମାନଚିତ୍ରରେ ଏକ ଶକ୍ତିଶାଳୀ ରାଷ୍ଟ୍ର ଭାବରେ ପ୍ରତିଷ୍ଠିତ କରିଥିଲା। ଓଡ଼ିଶାରେ ବିଜେପି ସରକାରକୁ ଆସିବାର ବଡ ଭୂମିକା ଅଟଳଜୀଙ୍କର ମଧ୍ୟ ରହିଥିଲା । ଓଡ଼ିଶାର ପଶ୍ଚିମାଞ୍ଚଳରେ ମରୁଡ଼ି ପଡିଥିବା ବେଳେ ଅଟଳଜୀ କଳାହାଣ୍ଡି ଓ ବଲାଙ୍ଗୀର ଜିଲ୍ଲାକୁ ଟ୍ରେନରେ ଆସି ସ୍ଥିତି ଅନୁଧ୍ୟାନ କରିଥିଲେ । ଏଥିରୁ ଓଡ଼ିଶା ପ୍ରତି ଥିବା ତାଙ୍କର ପ୍ରତିବଦ୍ଧତା ପ୍ରମାଣିତ ହୋଇଛି । ଦେଶର ଜଣେ ପ୍ରବୀଣ ରାଜନେତା, ସାଂସଦ ଓ ବିରୋଧୀ ଦଳ ନେତା ଭାବରେ ଓଡ଼ିଶା ପ୍ରତି ବାଜପେୟୀଜୀଙ୍କ ଭଲ ପାଇବା ଥିଲା ଅନନ୍ୟ । ତାଙ୍କର ବିକାଶ ଧାରାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମଗ୍ର ଭାରତବର୍ଷରେ ତ୍ୱରାନ୍ୱିତ କରୁଛନ୍ତି । ଆମ ରାଜ୍ୟ ଓଡ଼ିଶା ସମେତ ଦେଶର ବିକାଶରେ ଅଟଳଜୀଙ୍କର ଅତୁଳନୀୟ ଅବଦାନ ସର୍ବଦା ତାଙ୍କୁ ଅମର କରି ରଖିବ । ଆଜିର ସାଧୁ ଉଦ୍ୟମ ପାଇଁ ଜିଲ୍ଲା ପ୍ରଶାସନ ଓ 'ଅଟଳ ବିହାରୀ ବାଜପେୟୀ ସ୍ମୃତି ସମିତି'କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି ।

## ଇତିହାସ...

ପଟ୍ଟନାୟକ ଓ ବୀରେନ ମିତ୍ର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିଥିଲେ । ପରବର୍ତ୍ତୀ ସମୟରେ ନନ୍ଦିନୀ ଶତପଥୀ ଗଠନ କରିଥିଲେ ଜାଗ୍ରତ ଓଡ଼ିଶା। ନନ୍ଦିନୀ ମଧ୍ୟ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ ।

ଏହାପରେ ରାଜ୍ୟରେ ଗଠନ ହୋଇଥିଲା ଓଡ଼ିଶା ଗଣ ପରିଷଦ। ବିଜୟ ମହାପାତ୍ରଙ୍କ ନେତୃତ୍ୱରେ ଏହି ଦଳର ତିନି ଜଣ ବିଧାୟକ ବିଧାନସଭାରେ ଥିଲେ । ସେହିଭଳି ଅନ୍ୟ ରାଜ୍ୟରୁ ଓଡ଼ିଶାକୁ ଆସିଥିବା ଆଞ୍ଚଳିକ ଦଳ ମଧ୍ୟରେ ତୃଣମୂଳକ କଂଗ୍ରେସ, ଏନ୍‌ସିପି, ସମାଜବାଦୀ ପାର୍ଟି, ବହୁଜନ ସମାଜ ପାର୍ଟି, ରାଷ୍ଟ୍ରୀୟ ଜନତାଦଳ ଆଦି ଥିଲେ। ସେମାନେ ଓଡ଼ିଶା ଆସିବା ସହିତ ଏଠାରେ ଶାଖା ଖୋଲିଥିଲେ । ହେଲେ ଏମାନଙ୍କ ମଧ୍ୟରୁ କେବଳ ତୃଣମୂଳ କଂଗ୍ରେସର ଜଣେ ପ୍ରାର୍ଥୀ ବିଧାନସଭାକୁ ଆସିପାରିଥିଲେ ।

ପରିଶେଷରେ ୧୯୯୭ ମସିହାରେ ବିଜୁ ପଟ୍ଟନାୟକଙ୍କ ଦେହାନ୍ତ ପରେ ଜନ୍ମ ନେଇଥିଲା ଅନ୍ୟତମ ଆଞ୍ଚଳିକ ଦଳ ବିଜୁ ଜନତାଦଳ। ୨୦୦୦ ମସିହାରୁ ନଅବର୍ଷ ଧରି ବିଜେପି ସହିତ ମିଳିତ ଭାବେ ରାଜ୍ୟରେ କ୍ଷମତାରେ ଥିବାବେଳେ ପରବର୍ତ୍ତୀ ସମୟରେ ୨୦୦୯ ରୁ ୨୦୨୪ ପର୍ଯ୍ୟନ୍ତ ଏକାକୀ କ୍ଷମତାରେ ରହିଥିଲା। ସଦ୍ୟ ସମାପ୍ତ ନିର୍ବାଚନ ହାରିବାପରେ ଦଳ ଏବେ ବିରୋଧି ଆସନରେ । ତେବେ ପରାଜୟ ପରେ ଦଳ ଭିତରେ ଯେଉଁଭଳି ଭାବେ ଅସନ୍ତୋଷ ଓ ଗୋଷ୍ଠି କନ୍ଦଳ ବୃଦ୍ଧି ପାଉଛି ଏବଂ ଦଳର ଉପରୁ ତଳ ପର୍ଯ୍ୟନ୍ତ ନେତା ଓ କର୍ମୀମାନେ ଦଳ ଛାଡୁଛନ୍ତି ସେଥିରେ ବିଜେଡି ଖୁବ୍‌ଶୀଘ୍ର ପୂର୍ବ ଆଞ୍ଚଳିକ ଦଳମାନଙ୍କ ଭଳି ଦଶା ଭୋଗିବ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଉଛନ୍ତି ।

## ଖୁବ୍‌ଶୀଘ୍ର...

ଦେଇଥିଲେ। ଏଥିରେ ପ୍ରାୟ ୫ ହଜାର କୋଟିର ଦୁର୍ନୀତି ହୋଇଥିଲା । ୨୦୧୩ ଜୁଲାଇରେ ଜଣିକିଆ ଚିଟଫଣ୍ଡ କମିଶନ ଗଠନ କରିଥିଲେ ରାଜ୍ୟସରକାର । ଏଥିସହିତ ୩୦୦ କୋଟି ଟଙ୍କାର କର୍ପସ୍ ଫଣ୍ଡ ବି ଗଠନ କରିଥିଲେ। ତେବେ ସ୍ୱଳ୍ପ ଜମାକାରୀଙ୍କ ମଧ୍ୟରୁ ଅଳ୍ପ କେତେଜଣଙ୍କୁ ଟଙ୍କା ଫେରସ୍ତ ମିଳିଛି। ଇତିମଧ୍ୟରେ କଟକସ୍ଥିତ କମିଶନଙ୍କ ଅଫିସରେ ଆବେଦନକାରୀଙ୍କ ଫାଇଲ ଉଈ ଖାଇଲାଣି। ଏବେ ଜମାକାରୀଙ୍କୁ ଟଙ୍କା ମିଳିବ ବୋଲି ସରକାର ଆଶ୍ୱାସନା ଦେବା ପରେ କ୍ଷତିଗ୍ରସ୍ତଙ୍କ ମଧ୍ୟରେ ଆଶାର ସଂଚାର ହୋଇଛି।

୨୦୨୪ ଭୋଟବେଳେ ଚିଟଫଣ୍ଡ ଟଙ୍କା ଫେରାଇବକୁ ବିଜେପି ପ୍ରତିଶ୍ରୁତି ଦେଇଥିଲା । ନିର୍ବାଚନ ଇସ୍ତାହାରରେ ପ୍ରସଙ୍ଗ ସ୍ଥାନ ପାଇଥିଲା । ଏବେ ଦଳସଭାପତିଙ୍କ ବୟାନ ପରେ ଜମାକାରୀ ଟଙ୍କା ଫେରିପାଇବାକୁ ଆଶା ବାନ୍ଧି ବସିଛନ୍ତି।

## ଅନ୍ତର୍ଜାତୀୟ...

ପାଇଁ ସେ ପ୍ରତିନିଧିତ୍ୱ କରିବେ। ଅନୁଶ୍ରୀଙ୍କ ସଫଳତାକୁ ନେଇ ତାଙ୍କ ପରିବାର ସାଙ୍ଗସାଥିଙ୍କ ସମେତ କୋରାପୁଟ ବାସିନ୍ଦା ଗର୍ବ ଅନୁଭବ କରିଛନ୍ତି। କୋରାପୁଟ ଭଳି ଏକ ଆଦିବାସୀ ବହୁଳ ପଛୁଆ ଜିଲାରୁ ଯାଇ ଭାରତ ପାଇଁ ପ୍ରନିଧିତ୍ୱ କରିବାକୁ ନେଇ କୋରାପୁଟ ବାସିନ୍ଦା ବେଶ ପ୍ରଶଂସା କରିଛନ୍ତି। ରାଜସ୍ଥାନ ଜୟପୁରରୁ ସଫଳତା ନେଇ ଘରକୁ ଫେରିବା ପରେ ପରିବାର ଓ ସାଙ୍ଗ ସାଥି ମାନେ ତାଙ୍କୁ ବନ୍ଦାପନା ଫୁଲତୋଡ଼ା ଓ ମିଠା ଖୁଆଇ ସ୍ୱାଗତ କରିଥିଲେ। ଝିଅର ଏଇ ସଫଳତାକୁ ନେଇ ତାଙ୍କ ବାପା ମା' ବେଶ ଗର୍ବ କରିଛନ୍ତି। ତାଙ୍କ ଝିଅ ଭାରତ ପାଇଁ ପ୍ରତିନଧିତ୍ୱ କରିବ। ଇଚ୍ଛା ଶକ୍ତି ଥିଲେ ଜଣେ ଆଗକୁ ଯାଇ ପାରିବ ପଛୁଆ ଜିଲା ହେଲେ ମଧ୍ୟ ନିଜର ଆତ୍ମା ବିଶ୍ୱାସ ଉପରେ ସର୍ବଦା ବିଶ୍ୱାସ ରଖି ଆଗକୁ ଗଲେ ଦିନେ ନା ଦିନେ ସଫଳତା ମିଳିବ ବୋଲି ଅନୁଶ୍ରୀ କହିଛନ୍ତି।

## ସଂସଦ...

ଭାରତୀୟ ରେଳବାଇର ମୁଖ୍ୟାଳୟ ଅର୍ଥାତ ରେଳ ଭବନ ନିକଟରେ ଥିବା ପାର୍କ ଭିତରେ ପେଟ୍ରୋଲ ଢାଳି ହୋଇ ନିଜ ଦେହରେ ନିଆଁ ଲଗାଇ ଦେଇଥିଲେ। ଏହାପରେ ସେ ସଂସଦ ଭବନ ଆଡ଼କୁ ଦୌଡ଼ିଥିଲେ। ତେବେ ସେଠାରେ ଥିବା ସୁରକ୍ଷାକର୍ମୀମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ହସ୍ପିଟାଲ ପଠାଇଛନ୍ତି। ପୁଲିସ୍ ସନ୍ଦେହ କରୁଛି ଯେ ବ୍ୟକ୍ତିଗତ ବିବାଦ କାରଣରୁ ଜିତେନ୍ଦ୍ର ଆତ୍ମାହୁତି ଉଦ୍ୟମ କରିଥିଲେ। ତଥାପି ଫରେନ୍ସି ଟିମ ସହାୟତାରେ ପୁଲିସ ଘଟଣାର ଅଧିକ ତଦନ୍ତ କରୁଛି।

## ଡିଜିଟାଲ...

ଅଫିସ ଭଳି ଦେଖାଯାଉଥିବା ଏକ ଘରେ କିଛି ଲୋକ ବସିଥିବା ଦେଖିଥିଲେ। ସେମାନେ ସମସ୍ତେ କୌଣସି ସଂସ୍ଥାର ଅଧିକାରୀ ଭଳି ଲଗୁଥିଲେ। ଫୋନ୍ କରିଥିବା ବ୍ୟକ୍ତି ଜଣଙ୍କ ନିଜକୁ 'ନାର୍କୋଟିକ୍ସ କଂଟ୍ରୋଲ୍ ବ୍ୟୁରୋ'ର ଅଧିକାରୀ ବୋଲି ପରିଚୟ ଦେଇଥିଲେ। ସେ ପୂର୍ବତନ ସେନା ଅଧିକାରୀଙ୍କୁ କହିଥିଲେ ଯେ ତାଙ୍କ ଆଧାରକାର୍ଡ ନମ୍ବରରେ ଏକାଧିକ ଫୋନ୍ ନମ୍ବର ଆକ୍ଟିଭ୍ ରହିଛି। ତାଙ୍କ ନାଁରେ ମନି ଲଣ୍ଡରିଂ ଅଭିଯୋଗ ରହିଛି। ବିଦେଶୀ ଲିଙ୍କ୍ ସହ ବିଭିନ୍ନ ବ୍ୟାଙ୍କରୁ ଟଙ୍କା ଠକେଇ ଭଳି ବେଆଇନ କାମରେ ତାଙ୍କର ସଂପୃକ୍ତି ରହିଛି। ତାଙ୍କ ଫୋନ୍ ନମ୍ବରର ଲିଙ୍କ୍ ବିଦେଶର ଏକାଧିକ ନିଶାବେପାରୀଙ୍କ ସହିତ ରହିଛି। ତେଣୁ ତାଙ୍କୁ ଡିଜିଟାଲ ଆରେଷ୍ଟ କରାଯାଉଛି।

ଉକ୍ତ ବ୍ୟକ୍ତି ଜଣଙ୍କ ଠକେଇର ଶିକାର ପୂର୍ବତନ ସେନା ଅଧିକାରୀଙ୍କୁ ଆହୁରି କହିଥିଲେ ଯେ ଆସନ୍ତାକାଲି ସ୍ପେଶାଲ ସିବିଆଇ କୋର୍ଟରେ ତାଙ୍କର ବିଚାର ଚାଲିବ। ତାଙ୍କୁ ସେଥିରେ ଉପସ୍ଥିତ ରହିବାକୁ ସେ କହିଥିଲେ। ଏହାପରେ ୧୯ ତାରିଖରେ ପୂର୍ବତନ ସେନାଧିକାରୀଙ୍କ ହ୍ୱାଟସ୍ ଆପ୍‌ରେ ଏକ ଭିଡିଓ କଲ୍ ଆସିଥିଲା। ପୂର୍ବତନ ସେନା ଅଧିକାରୀ ଜଣଙ୍କ ଉକ୍ତ କଲ୍ ଉଠାଇଥିଲେ। ଭିଡିଓରେ ସେ ଏକ କୋର୍ଟ ରୁମ୍ ସଦୃଶ ଏକ ରୁମ୍ ଦେଖିଥିଲେ। ଏହା ପରେ ବିଚାରପତିଙ୍କ ବେଶରେ ବସିଥିବା ଜଣେ ବ୍ୟକ୍ତି ତାଙ୍କୁ ପଚରାଉଚରା କରିଥିଲେ। ସେ କହିଥିଲେ ଯେ ଆପଣଙ୍କ ନାଁରେ ଯେଉଁ ଅଭିଯୋଗ ରହିଛି, ସେଥିରେ ଜାମିନ ମିଳିବ ନାହିଁ। ତେଣୁ ଯେଉଁ ବ୍ୟାଙ୍କ ଆକାଉଣ୍ଟରେ ଅର୍ଥ ନେଣଦେଣ ହୋଇଛି, ସେଥିରେ ଥିବା ସମସ୍ତ ଟଙ୍କା ପଠାଅ। ମାମଲା ସରିବା ପରେ ପୁଣି ଉକ୍ତ ଟଙ୍କା ଆପଣଙ୍କ ଆକାଉଣ୍ଟକୁ ପଳାଇବ। ଏହା ପରେ ପୂର୍ବତନ ସେନା ଅଧିକାରୀ ସେହିଦିନ ୬୭ ଲକ୍ଷ ଟଙ୍କା ଟ୍ରାନ୍ସଫର କରିଥିଲେ। ତା'ପର ଦିନ ଅର୍ଥାତ୍ ଡିସେମ୍ବର ୨୦ ତାରିଖରେ ସେ ଫିକ୍ସ ଡିପୋଜିଟ୍ ଭାଙ୍ଗି ଆଉ ୩୭ ଲକ୍ଷ ଟଙ୍କା ପଠାଇଥିଲେ। ଟଙ୍କା ପାଇବା ପରେ ଡିଜିଟାଲ ଆରେଷ୍ଟର ମିଛ ଜାଲ ବିଛାଇଥିବା ସାଇବର ଠକମାନେ ତାଙ୍କୁ କହିଥିଲେ ଯେ ତାଙ୍କ ବିରୋଧରେ ଥିବା ମାମଲା ଶେଷ ହୋଇଯାଇଛି। ଏହା ପରେ କୌଣସି କାରଣରୁ ପୂର୍ବତନ ସେନା ଅଧିକାରୀ ଜଣଙ୍କ ଠକେଇର ଶିକାର ହୋଇଥିବା ସନ୍ଦେହ କରିଥିଲେ ଓ ଗତକାଲି ସାଇବର ଥାନାରେ ଏତଲା ଦେଇଥିଲେ। ଏହି ଘଟଣାର ପ୍ରାଥମିକ ତଦନ୍ତ ପରେ ପୁଲିସ ଜାଣିବାକୁ ପାଇଛି ଯେ ଏହି କଲ୍ ମୁମ୍ବାଇରୁ ଆସିଥିଲା। ଏହାର ନମ୍ବର ଯାଞ୍ଚ କରିବା ସହ ଆଇପି ଆଡ୍ରେସ୍ ମଧ୍ୟ ଯାଞ୍ଚ କରୁଛି ପୁଲିସ। ହେଲେ ପୁଲିସ ଉକ୍ତ ସାଇବର ଠକଙ୍କ ନିକଟରରେ ପହଞ୍ଚି ପାରିବ ନା ନାହିଁ, ତାହା ଆଗକୁ ଜଣାପଡ଼ିବ।

ଡିଜିଟାଲ ଆରେଷ୍ଟ ନେଇ ଲୋକଙ୍କୁ ସଚେତନ କରାଯାଉଥିବା ସତ୍ତ୍ୱେ ଅନେକ ସମୟରେ ସେମାନେ ଭୟଭୀତ ହୋଇ ନିଜ ଟଙ୍କା ହରାଉଛନ୍ତି। ସାଇବର ବିଶେଷଜ୍ଞଙ୍କ ମତରେ ଡିଜିଟାଲ ଆରେଷ୍ଟ ବୋଲି କିଛି ନାହିଁ। ସାଇବର ଅପରାଧୀମାନେ ସାଧାରଣତଃ ଅନଲାଇନ ବା ଭିଡିଓ କଲ ମାଧ୍ୟମରେ ଏଭଳି କରିଥାନ୍ତି। ତେଣୁ ଏଥିରେ ଭୟଭୀତ ନହୋଇ ଏଭଳି ଫୋନ ଆସିଲେ ଲୋକେ ପାଖ ଥାନା ସହିତ ଯୋଗାଯୋଗ କରିବା ଉଚିତ।

## ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଜୟନ୍ତୀ ପାଳିତ




**ଖୋର୍ଦ୍ଧା, ୨୫।୧୨ (ସଂଚାର ବ୍ୟୁରୋ) :** ଆଜି ସୁଶାସନ ଦିବସ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ବିଜେପି ଅଟଳ ବିହାରୀ ବାଜପେୟୀଙ୍କ ଜିଲ୍ଲାସ୍ତରୀୟ ଜନ୍ମ ଜୟନ୍ତୀ ଉତ୍ସବ ସ୍ଥାନୀୟ ଜୟୀ ରାଜଗୁରୁ ଟାଉନ ହଲ ଠାରେ ମହା ସମାରୋହରେ ପାଳନ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ, ମାନ୍ୟବର ମନ୍ତ୍ରୀ ଆଇନ ଅବକାରୀ ଓ ପୂର୍ତ୍ତ ବିଭାଗ ଓଡ଼ିଶା ସରକାର। ଏହି ସହିତ ସମ୍ମାନୀୟ ସାଂସଦ ଭୁବନେଶ୍ୱର ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ, ମାନ୍ୟବର ବିଧାୟକ ଖୋର୍ଦ୍ଧା, ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ, ସମ୍ମାନୀୟ ଜିଲ୍ଲାପାଳ, ଚଞ୍ଚଳ ରାଣା, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀଯୁକ୍ତ ହରିଚନ୍ଦନ ତାଙ୍କ ବକ୍ତବ୍ୟରେ କହିଲେ ଯେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଜଣେ ସୁଶାସକ ,ସୁବକ୍ତା,କୂଟନୀତିଜ୍ଞ, ବିଚକ୍ଷଣ ରାଜନୀତିଜ୍ଞ ଏବଂ ଜଣେ ରାଷ୍ଟ୍ରନୀତିଜ୍ଞ ଭାବରେ ତାଙ୍କର ଛାପ ଛାଡ଼ି ଯାଇଛନ୍ତି। ଭାରତର ଶକ୍ତି ପରିକ୍ଷଣ ପ୍ରତିବନ୍ଧକ ପ୍ରତିବାଦରେ ସେ କିଛି ନ କହି ଆହୁରି ଅଧିକ ଆଣବିକ ଶକ୍ତି ପରିକ୍ଷଣ ପାଇଁ ଉତ୍ସାହିତ କରିଥିଲେ। ସେହିପରି ସମ୍ମାନୀୟ ସାଂସଦ ସୁଶାସନ ହେଉଛି ଆମ ସମସ୍ତଙ୍କର ମୂଳାଧାର। ଅନ୍ତୋଦୟ ଯୋଜନାରେ ସମସ୍ତଙ୍କ ବିକାଶ ପାଇଁ ସହଯୋଗ କରିବା ସୁଶାସନ ବୁଝାଇଥାଏ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ମାନ୍ୟବର ବିଧାୟକ ସୁଶାସନ ବିଷୟରେ ବୁଝାଇ କହିଲେ ଯେ ସମସ୍ତଙ୍କୁ ଭଲପାଇବା ହେଉଛି ମଣିଷର ଲକ୍ଷ ହବା ଦରକାର। ନିଜକୁ ଭୁଲିଯାଇ ପରିବାର ପ୍ରତି ପରିବାର ଠାରୁ ବୁଢ଼େ ପଡୋଶୀଙ୍କୁ ଏବଂ ପଡୋଶୀଙ୍କ ଠାରୁ ସମାଜକୁ ଗୁରୁତ୍ୱ ଦେବାକୁ ସେ ପ୍ରାଧାନ୍ୟ ଦେଇଥିଲେ। ବ୍ୟବସ୍ଥାର ପରିବର୍ତ୍ତନ ସହ ମାନସିକତାର ପରିବର୍ତ୍ତନରେ ସୁଶାସନ ପରିଲକ୍ଷିତ ହୁଏ। ଜିଲ୍ଲାପାଳ ସୁଶାସନ ଉପରେ ବକ୍ତବ୍ୟ ରଖି କହିଥିଲେ ଯେ ଏହା କେବଳ ସରକାର କିମ୍ବା ପ୍ରଶାସନ ଉପରେ କାର୍ଯ୍ୟକାରୀତାକୁ ବୁଝାଇନଥାଏ ବରଂ ପ୍ରତ୍ୟେକ ନାଗରିକ ଉପଭୋକ୍ତାଙ୍କ କାର୍ଯ୍ୟକ୍ରମରେ ଲାଗୁ କରାଯାଇଲେ ସଫଳ ହୋଇପାରିବ। ଶେଷରେ ଜିଲ୍ଲା ସ୍ତରରେ ଉଚ୍ଚବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ କୃତୀ ହୋଇଥିବା ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ କପ୍ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଜ୍ୟୋତି ଶଙ୍କର ସାହୁ, ଉପ-ଜିଲ୍ଲାପାଳ ଦିପ୍ତି ରଞ୍ଜନ ଶେଠି, ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀ, ଲୋକପ୍ରତିନିଧି, ଜନସାଧାରଣ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଖୋର୍ଦ୍ଧା ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ,ଜିଲ୍ଲା ସଂସ୍କୃତି ଅଧିକାରୀ ଖୋର୍ଦ୍ଧା ଅରବିନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ, ସାଫଲ୍ୟ ମଣ୍ଡିତ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସାତକଡ଼ି ହୋତା ଥିଲେ ଓଡ଼ିଆ ଭାଷା ସାହିତ୍ୟର ଭୀଷ୍ମ ପିତାମହ

**ଭୁବନେଶ୍ୱର, ୨୫।୧୨ (ସଂଚାର ବ୍ୟୁରୋ):** ଓଡ଼ିଆ ଭାଷା ସାହିତ୍ୟର ଭୀଷ୍ମପିତାମହ ଓ ଅଜାତ ଶତ୍ରୁ ଥିଲେ ସାତକଡି ହୋତା ବୋଲି ଓଡିଶା ଲେଖକ ସମବାୟ ସମିତି ପରିସରରେ ସାତକଡ଼ି ହୋତା ସ୍ମୃତି ସଂସଦ ର ମାସିକ ଆଲୋଚନା ରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ବୃନ୍ଦ ର ଅଲେଖ ଚନ୍ଦ୍ର ପଢ଼ିଆରୀ ବିଭିନ୍ନ ଉଦାହରଣ ମାଧ୍ୟମ ରେ ପ୍ରକାଶ କରିଥିଲେ, ପ୍ରଭାତ କୁମାର ନନ୍ଦ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ର ରେ ବକ୍ତା ଓ ଆଲୋଚକ ଭାବେ ମିନତୀ ଷଡ଼ଙ୍ଗୀ, ସୁକାନ୍ତ ପ୍ରଧାନ,




ଗଦାଧର ମିଶ୍ରଙ୍କ ଯୋଗଦାନ କରି ସ୍ୱର୍ଗତ ହୋତାଙ୍କ ବହୁମୁଖୀ ପ୍ରତିଭା ଉପରେ ବିସ୍ତୃତ ଆଲୋଚନା କରିଥିଲେ, ପ୍ରାରମ୍ଭ ରେ ସମ୍ପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ସ୍ୱର୍ଗତ ହୋତା ଙ୍କ ସହ ବ୍ୟକ୍ତିଗତ ସ୍ମୃତି ସମ୍ପର୍କରେ ଆଲୋଚନା କରିଥିଲେ, ରଘୁ ନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଲ୍ଲା ମହୋତ୍ସବ, ପଲ୍ଲିଶ୍ରୀ, କୃଷି ଓ ପୁସ୍ତକ ମେଳା ଉଦ୍‌ଘାଟିତ

# ଜଗନ୍ନାଥ ସଂସ୍କୃତି ସହ ଜଡ଼ିତ ନୟାଗଡ଼ ଜିଲ୍ଲା: ମୁଖ୍ୟମନ୍ତ୍ରୀ

**ନୟାଗଡ଼, ୨୫।୧୨ (ସଂଚାର ବ୍ୟୁରୋ) :** ନୟାଗଡ଼ ଜିଲ୍ଲା ମହୋତ୍ସବ, ପଲ୍ଲିଶ୍ରୀ, କୃଷି, ପୁସ୍ତକ ମେଳା ଷ୍ଟାଡିୟମ୍ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ପୁରୀ ସାଂସଦ ସମ୍ବିତ ପାତ୍ର, ବାଚସ୍ପତି ସୁରମା ପାଢ଼ୀ, ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ପୂର୍ବତନ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲାପାଳ ଅଙ୍କୁର ସୁନିଲ ଅଗ୍ରୱାଲଙ୍କ ସ୍ୱାଗତ ଅଭିଭାଷଣ ରଖିଥିଲେ। ନୟାଗଡ଼ ଚିନିକଳ ପ୍ରସଙ୍ଗ ଉଠାଇ ବାଚସ୍ପତି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲାର ଚାଷ ଓ ଜଳସେଚନ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ।



ପୁରୀ ସାଂସଦ ଓଡ଼ିଶାକୁ ଆଗକୁ ନେବା ଉପରେ ଗୁରୁତ୍ୱ ଦେଇଥିଲେ। ସବୁ ଆରମ୍ଭର ଏକ ଆରମ୍ଭ ଥାଏ ତାହା ଅୟମାରମ୍ଭ। ସବୁ ଉତ୍ସବ ପରେ ଯେଉଁ ଉତ୍ସବ ଥାଏ ତାହା ମହୋତ୍ସବ ବୋଲି ବିଧାୟକ ଡ. ସାହୁ କହିଥିଲେ। ଲୋକକଳା, ଲୋକନୃତ୍ୟକୁ ଉଜ୍ଜୀବିତ କରିବା ପାଇଁ ମହୋତ୍ସବ ସୁଯୋଗ ଦିଏ। ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତି ଆଜି ମହୋତ୍ସବକୁ ପରିପକ୍ୱ କରିଛି ବୋଲି ବିଧାୟକ କହିଥିଲେ। ନୟାଗଡ଼ ମହୋତ୍ସବ ୪ଟି ଗଡ଼ ମଧ୍ୟରେ ଥିବା ମାତୃଭାବ ଓ ଭାଇଚାରା ବୋଲି ଦଶପଲ୍ଲା ବିଧାୟକ କହିଥିଲେ। ମହୋତ୍ସବ ମାଧ୍ୟମରେ କଳା, ସଂସ୍କୃତି ଉଜ୍ଜିବିତ ହେବ ବୋଲି କହିଥିଲେ।

ମୁଖ୍ୟମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ନୟାଗଡ଼ର ସ୍ୱାଧୀନତା ସଂଗ୍ରାମୀଙ୍କ କଥା କହିବା ସହ ସାହିତ୍ୟିକଙ୍କ କଥା ମଧ୍ୟ କହିଥିଲେ। ଦାଶିଆ ଅଜା ତାଙ୍କ ପାଠାଗାର ମାଧ୍ୟମରେ ଓଡ଼ିଶାକୁ ବୁଦ୍ଧିମନ୍ତ କରିଛନ୍ତି ବୋଲି କହିଥିଲେ। ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ନୟାଗଡ଼କୁ ବାଦ ଦେଇ ଚିନ୍ତା କରି ହେବ ନାହିଁ ବୋଲି କହିଥିଲେ। ଚିନିକଳ ପ୍ରତିଷ୍ଠା କରିବା ପାଇଁ ମୋତେ ସାଂସଦ ଦାବି ଜଣାଇଛନ୍ତି। ଜିଲ୍ଲାପାଳ ଚେଷ୍ଟା ଚଳାଇଛନ୍ତି। ଚିନିକଳ ପାଇଁ ରାଜ୍ୟ ସ୍ତରରେ ଗୋଟେ ବୈଠକ କରିବି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଚିନିକଳ ପାଇଁ କ୍ଷେତ୍ର ପ୍ରସ୍ତୁତ ହେବ ବୋଲି କହିଥିଲେ। ନୟାଗଡ଼ରେ ଚିନିକଳ ସହ ଶିଳ୍ପ ପ୍ରତିଷ୍ଠା ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମହୋତ୍ସବରେ ୩୧୩ଟି ଷ୍ଟଲ ନିର୍ମାଣ କରାଯାଇଛି। ଖାଦ୍ୟ, ମିଶନ ଶକ୍ତି, କୃଷିଠାରୁ ଆରମ୍ଭ କରି ବିଭିନ୍ନ ପସରା ଖୋଲିଛି।

### ଚାଷୀ ମୁଣ୍ଡରେ ଚଡକ

## ଅଦିନିଆ ବର୍ଷା ଧୋଇନେଲା ବର୍ଷକର ଆହାର

**କୁଜଙ୍ଗ, ୨୫।୧୨ (ସଂଚାର ବ୍ୟୁରୋ) :** ତୁଣ୍ଡ ଝାଳ ମୁଣ୍ଡରେ ମାରି ଚଳିତ ଖରିଫ ଋତୁରେ ଚାଷୀମାନେ ବିଭିନ୍ନ ବ୍ୟାଙ୍କରୁ ହଜାର ହଜାର ଟଙ୍କା ଋଣ ଆଣି ଖର୍ଚ୍ଚ କରି ଧାନ ଫସଲ କରିଥିଲେ । ମାତ୍ର ଦୁଇ ଦୁଇ ଥର ଲଗାଣ ବର୍ଷା ଯୋଗୁଁ ଚାଷୀକୁଳ ଏବେ ଚାଷ ପାଇଁ ଚିନ୍ତାରେ ପଡ଼ିଯାଇଛି ।



କୁଜଙ୍ଗ ବ୍ଲକ ଅନ୍ତର୍ଗତ ୨୮ ଗୋଟି ପଞ୍ଚାୟତରେ ପ୍ରାୟ ୧୩ ହଜାର ହେକ୍ଟର ଜମିରେ ଧାନଚାଷ ହୋଇଥିଲା। ଧାନ ଫସଲ ମଧ୍ୟ ଚଳିତ ବର୍ଷ ଭଲ ହୋଇଥିବା ଯୋଗୁ ଚାଷୀ ମନରେ ହସର ଲହରୀ ଖେଳି ଯାଇଥିଲା । ମାତ୍ର ଦୁଇଥର ଲଘୁଚାପ ଜନିତ ବର୍ଷା ସବୁ ଆଶାକୁ ଧୂଳିସାତ କରିଦେଇଛି । ବିଲରେ ପାଚିଲା ଧାନ ଲହଡ଼ି ଖେଳୁଥିଲା। ଚାଷୀ ପ୍ରାୟ ଏକ ସପ୍ତାହ ହେବ ୭୦ ପ୍ରତିଶତ ଧାନ କାଟି କରି ବିଲରେ କଚଡା ପକାଇଥିଲା। ହେଲେ ତମାମ୍ ବର୍ଷା ଯୋଗୁ କଟା ଯାଇଥିବା ଧାନ ବିଲରେ ଗଜା ହେବା ନିଶ୍ଚିତ। ଅନ୍ୟପଟେ କଟା ଯାଇନଥିବା ଧାନ ନଇଁ ମାଟିରେ ଲାଗିଯାଇଛି । ବର୍ତ୍ତମାନ ପାରମ୍ପରିକ ଧାନ ଚାଷ ଛାଡ଼ି ଅଧିକ ଅମଳ ଆଶାରେ ଚାଷୀମାନେ ବିଭିନ୍ନ କିସମର ହାଇବ୍ରିଡ ଧାନ ଚାଷ କରୁଛନ୍ତି । ଯାହାର ଚୋପା ବହୁତ ପତଳା ହେତୁ ୨୪ ଘଣ୍ଟା ମଧ୍ୟରେ ଗଜା ହେବା ନିଶ୍ଚିତ ।

ବର୍ତ୍ତମାନ କୁଜଙ୍ଗ ବ୍ଲକର ବିଭିନ୍ନ ଗାଁରେ କଟାଯାଇ କଚଡା ପଡ଼ିଥିବା ଜମିର ପରିମାଣ ପ୍ରାୟ ୧୧ ହଜାର ହେକ୍ଟରରୁ ଅଧିକ ହେବ। ଯଦି ବର୍ଷା ନ କମି ଲାଗି ରହେ ତେବେ ଚାଷୀ ଖଳାକୁ ଧାନ ଆଣିବା କଷ୍ଟକର । ତେଣୁ ଚାଷୀ ମୁହଁରୁ ହସ ଲିଭି ଯାଇଥିବା ବେଳେ ଆଖିରୁ ନିଦ ହଜିଯାଇଅଛି। ସରକାର ଉପଯୁକ୍ତ କ୍ଷତି ପୁରାଣ ଦେବା ପାଇଁ ଚାଷୀ ନେତା କମ୍ରେଡ୍ ବାବୁରାମ୍ ଚୌଧୁରି, ଚନ୍ଦ୍ରଶେଖର ଶତପଥି, ପ୍ରଶାନ୍ତ ପରିଡା, ସୁଶାନ୍ତ ପରିଡା, ବିଭୁ ରଞ୍ଜନ ଦଳାଇ ଦାବି କରିଛନ୍ତି।

## କେନ୍ଦ୍ରମନ୍ତ୍ରୀଙ୍କ ସଭାରୁ ଫେରୁଥିବା ବେଳେ ଦୁର୍ଘଟଣାରେ ଦୁଇ ଆହତଙ୍କ ମୃତ୍ୟୁ

**କୁଜଙ୍ଗ, ୨୫।୧୨ (ସଂଚାର ବ୍ୟୁରୋ) :** କୁଜଙ୍ଗ ବ୍ଲକ ଗୋପିଆକୁଦ ପଂଚାୟତର ଦୁଆଡିଆ ବାଲିସାହୀ ଗ୍ରାମର ସ୍ୱର୍ଗତ ଭରତ ସାହୁଙ୍କ ପୁତ୍ର ସୁବାସ ସାହୁ(୪୪)ଙ୍କର ଆଜି କଟକ ବଡ ମେଡିକାଲରେ ପରଲୋକ ହୋଇଥିବା ଜଣାପଡିଛି । ସେ ଗତ ଦୁଇଦିନ ହେବ ଦୁର୍ଘଟଣାର ଶିକାର ହୋଇ କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଥିଲେ। ପ୍ରକାଶ ଯେ, ସୋମବାର ଦିନ ପାରାଦ୍ୱୀପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମାବେଶରେ ଯୋଗ ଦେବା ପାଇଁ ଗୋପିଆକୁଦ ପଂଚାୟତ ନୂଆବାଲିସାହି ଗ୍ରାମର ସ୍ୱର୍ଗତ ଏକାଦଶୀ ପରିଡାଙ୍କ ପୁଅ କାଳନ୍ଦୀ ପରିଡା ଓ ଦୁଆଡିଆ-ବାଲିସାହୀ ଗ୍ରାମର ସ୍ୱର୍ଗତ ଭରତ ସାହୁଙ୍କ ପୁତ୍ର ସୁବାସ ଏକ ଆପାଚି ବାଇକରେ ପାରାଦୀପ ଯାଇଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ସମାବେଶରୁ ଫେରୁଥିବା ବେଳେ ପାରାଦୀପ ଆଦର୍ଶଥାନା କିଛିଦୂରରେ ଅବସ୍ଥିତ ଗଲ୍ଫକୋର୍ସ ନିକଟରେ ସମ୍ମୁଖରେ ଆସୁଥିବା ଏକ ଦୃତଗାମୀ କାର ସେମାନଙ୍କୁ ଧକ୍କା ଦେଇଥିଲା । ଫଳରେ ସେମାନେ ଘଟଣାସ୍ଥଳରେ ଗୁରୁତର ଆହତ ହୋଇପଡିଥିଲେ। ସେମାନଙ୍କୁ ପ୍ରଥମେ ଅଠରବାଙ୍କୀ ମେଡିକାଲକୁ ନିଆଯାଇଥିଲା। ପରେ ଅବସ୍ଥା ଗୁରୁତର ହୋଇପଡିବାରୁ କଟକ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଗତକାଲି ରାତି ଗୋଟାଏ ସମୟରେ କାଳନ୍ଦୀର ମୃତ୍ୟୁ ହୋଇଥିବା ବେଳେ ଆଜି ସୁବାସର ପରଲୋକ ହୋଇଥିବା ଜଣାପଡିଛି ।

## ଦେବୀ ନାଶିରେ ଅଲିଭରିଡଲେଙ୍କ ପ୍ରଥମ ଅଣ୍ଡାଦାନ



**କାକଟପୁର/ଅସ୍ତରଙ୍ଗ, ୨୫।୧୨ (ସଂଚାର ବ୍ୟୁରୋ) :** ଚଳିତ ବର୍ଷ ଅଲିଭ ରିଡଲେ କଇଁଛଙ୍କ ପ୍ରଜନନ ଋତୁ ଆରମ୍ଭ ହୋଇଯାଇଥିବା ବେଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବନାଞ୍ଚଳରୁ ଆସିଛି ଖୁସି ଖବର। ଚଳିତ ବର୍ଷ ପ୍ରଥମ କରି ଗୋଟିଏ କଇଁଛ ଦେବୀ ନାସିରେ ଗତ ୧୯ତାରିଖରେ ୧୨୭ଟି ଅଣ୍ଡା ଦେଇଛି ବୋଲି ବନପାଳ ମାନସ କୁମାର ବେହେରା ସୂଚନା ଦେଇଛନ୍ତି। କଇଁଛ ଅଣ୍ଡା ଦେଇଥିବା ଉପକୂଳରେ ବନବିଭାଗର କର୍ମଚାରୀ ପାଟ୍ରୋଲିଂ ସମୟରେ ଜାଣିବାକୁ ପାଇଥିଲେ ଏବଂ ସେହି ଅଣ୍ଡା କୁ ନେଇ ଦେବୀ ନାସିରେ ଥିବା ଅସ୍ଥାୟୀ ହାଚେରୀ ରେ ରଖାଯାଇଛି। ତେବେ ଅଣ୍ଡା ଦେବାର ୪୫ଦିନ ପରେ ଏଥିରୁ ଶାବକ ଜନ୍ମ ନେଇ ସମୁଦ୍ରମୁହାଁ ହେବେ। ଏଠାରେ ସୂଚନା ଥାଉ କି କିପରି କଇଁଛ ମାନେ କୂଳକୁ ଆସି ସୁରକ୍ଷିତ ଅଣ୍ଡା ଦେବେ ସେଥିପାଇଁ ଅସ୍ତରଙ୍ଗ ବନବିଭାଗ ପକ୍ଷରୁ ବ୍ୟବସ୍ଥା କରାଯିବା ସହିତ ଅଣ୍ଡା ଗୁଡିକ ଛୁଆ ଫୁଟିବା ପର୍ଯ୍ୟନ୍ତ କିପରି ସୁରକ୍ଷିତ ରହିବେ ସେଥିପାଇଁ ଦେବୀନାସି, ଜାହାନିଆ, ଡ଼ାଲୁଅକଣି, ଗଙ୍ଗାଦେବୀ ଠାରେ ଅସ୍ଥାୟୀ ହାଚେରୀ ପ୍ରସ୍ତୁତ କରାଯାଇଛି। କିନ୍ତୁ ମାଳ ମାଳ ଚିଙ୍ଗୁଡ଼ି ଘେରିର ଆଲୋକ, ବିଷାକ୍ତ ପାଣି ଏବଂ ଦିନରାତି ଚାଲୁଥିବା ମଟର ସାଉଣ୍ଡ ଭିତରେ କେତେକ ସଂଖ୍ୟକ କଇଁଛ ଅଣ୍ଡା ଦେବାକୁ ଆସୁଛନ୍ତି ତାହା ଦେଖିବାକୁ ଅପେକ୍ଷା।

## ବର୍ଷା ସାଜିଲା ବାଧକ: ବଡ଼ଦିନରେ ପୀରଜାହାନିଆ ପର୍ଯ୍ୟଟନସ୍ଥଳୀ ଖାଁ ଖାଁ

**କାକଟପୁର /ଅସ୍ତରଙ୍ଗ, ୨୫।୧୨ (ସଂଚାର ବ୍ୟୁରୋ) :** ବଡ଼ ଦିନର ମଜା ନେବା ପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ପୀରଜାହାନିଆ ଓ ଗଙ୍ଗାଦେବୀ ନିକଟରେ ଜମିଥାଏ ରାଜ୍ୟର କୋଣ ଅନୁକୋଣରୁ ପର୍ଯ୍ୟଟକଙ୍କ ଭିଡ଼। ଶୀତଋତୁ ଆଣେ ପର୍ଯ୍ୟଟକଙ୍କ ମନରେ ଅନେକ ଉନ୍ମାଦନା। ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟକୁ ଉପଭୋଗ କରି ଝାଉଁ ବଣ ସହ ପୀରଜାହାନିଆ ନିକଟରେ ବଣଭୋଜିର ଆସର ଜମେ। ଏହାର ମଜା ନେବା ପାଇଁ "ବଡ଼ ଦିନ "ରେ ଭିଡ଼ ଜମେ। କିନ୍ତୁ ଚଳିତ ବର୍ଷ ଲଘୁଚାପ ବର୍ଷା ଯୋଗୁଁ ପୀରଜାହାନିଆ ପର୍ଯ୍ୟଟନସ୍ଥଳୀ ଖାଁ ଖାଁ।



ପୁରୁଣା ବର୍ଷକୁ ବିଦାୟ ଦେବା ପାଇଁ ପ୍ରତିବର୍ଷ ଭଳି ଧାଇଁ ଆସନ୍ତି ଅନେକ ପର୍ଯ୍ୟଟକ। ସମୁଦ୍ର ବେଳାଭୂମି ସ୍ନାନ କରି ମଜା ନେବା ସହ ବଣଭୋଜିର ମଜା ନେବା ପାଇଁ ଭିଡ଼ ଜମେ। କିନ୍ତୁ ଲଘୁଚାପ ବର୍ଷା ଜାରୀ ରହିଥିବାରୁ ସତେ କି ଫିକା ପଡିଯାଇଛି। ପୀରଜାହାନିଆ ପୀଠରେ ବ୍ୟବସାୟ କରି ବଂଚୁଥିବା ଅନେକ ବ୍ୟବସାୟୀ ଚିନ୍ତାରେ। ପର୍ଯ୍ୟଟକଙ୍କ ଭିଡ଼ ଜମିଲେ କିଛି ରୋଜଗାର ହେଲେ ପରିବାର ଚଳେ। କିନ୍ତୁ ବଡ଼ ଦିନ ସହ ଛୁଟି ଦିନ ଥିବା ସତ୍ୱେ ବର୍ଷା ବାଧକ ସାଜିଥିବାରୁ ପର୍ଯ୍ୟଟକଙ୍କ ଭିଡ଼ ହୋଇନଥିବାରୁ ନାହିଁ ନ ଥିବା ଦୁଃଖ ବ୍ୟବସାୟୀଙ୍କର।

## ଚାଷୀଙ୍କ ଜାତୀୟ ରାଜପଥ ଅବରୋଧ

## ୩୦ ଚାଷୀଙ୍କ ନାଁରେ ମାମଲା



**ବୋରିଗୁମ୍ମା, ୨୫।୧୨ (ସଂଚାର ବ୍ୟୁରୋ) :** ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ କାମରାରେ ଗତ ୧୧ ତାରିଖରେ ପ୍ରଶାସନ, ଚାଷୀ ଓ ମିଲରଙ୍କ ଉପସ୍ଥିତରେ ଧାନମଣ୍ଡିର ଶୁଭାରମ୍ଭ ହୋଇଥିଲା। ଧାନ ମଣ୍ଡି ଶୁଭାରମ୍ଭର କିଛି ଦିନ ପରେ ବି ମଣ୍ଡିରୁ ଚାଷୀଙ୍କ ଧାନ କିଣା ହୋଇପାରିଲା ନାହିଁ। ଶେଷରେ ଚାଷୀମାନେ ଉତକ୍ଷିପ୍ତ ହୋଇ ରାଜରାସ୍ତାକୁ ଓହ୍ଲାଇ ଥିଲେ। ସେହି ଅଞ୍ଚଳର ଶହ ଶହ ଚାଷୀ କେଶବ ପଣ୍ଡା ନେତୃତ୍ୱରେ କାମରାରେ ୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ପ୍ରାୟ ତିନି ଘଣ୍ଟା ଧରି ଚାଷୀମାନେ ଜାତୀୟ ରାଜପଥ ଅବରୋଧ କରିବା ଫଳରେ ଉଭୟ ପଟୁ ଶହ ଶହ ଗାଡି ଅଟକି ରହିଥିଲା। ଘଟଣାସ୍ଥଳରେ ଉପଜିଲ୍ଲାପାଳ ସେସା ରେଡି, ବୋରିଗୁମ୍ମା ଏସ୍‌ଡିପିଓ ତପସ୍ୱିନୀ କହଁର, ଥାନା ଆଇଆଇସି ଯୁଗଳ କିଶୋର ସା ଉପସ୍ଥିତ ରହି ଉତକ୍ଷିପ୍ତ ଚାଷୀଙ୍କୁ ବୁଝାସୁଝା କରିଥିଲେ। ଶେଷରେ ଜାତୀୟ ରାଜପଥ ଅବରୋଧ ସକାଶେ ପୋଲିସ କେଶବ ପଣ୍ଡାଙ୍କ ସମେତ ୩୦ ଜଣଙ୍କ ନାମରେ ଥାନାରେ ମାମଲା ରୁଜୁ କରାଯାଇଛି।ଏମାନଙ୍କ ନାମରେ ବୋରିଗୁମ୍ମା ଥାନାରେ ଏକ ଜାତୀୟ ରାଜପଥ ଅବରୋଧ ପାଇଁ ଏକ ମାମଲା କେସ ନମ୍ବର -୨୭୧/୨୦୨୪ ରୁଜୁ କରାଯାଇଛି ବୋଲି ଏସ୍‌ଡିପିଓ ତପସ୍ୱିନୀ କହଁର ସୂଚନା ଦେଇଛନ୍ତି।

## ସହିଦ୍ ଉଗ୍ରେସେନ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ନାଉଗାଁ, ୨୫।୧୨ (ସଂଚାର ବ୍ୟୁରୋ):** ନାଉଗାଁ ବ୍ଲକ ଅନ୍ତର୍ଗତ ଗଳଦାରି ପଞ୍ଚାୟତର ଏରଡା ଗ୍ରାମର ପୁଅ ଉଗ୍ରସେନ ଲେଙ୍କା ଯିଏକି ଗତ ୨୦୦୦ ମସିହାରେ କାଶ୍ମୀର ଯୁଦ୍ଧରେ ସହିଦ୍ ହୋଇଥିଲେ। ସେହି ନାମକୁ ଚିର ଉଜ୍ଜୀବିତ ରଖିବା ପାଇଁ ତାଙ୍କ ଗ୍ରାମର ପିଲା ମାନଙ୍କ ପ୍ରୟାସରେ ପ୍ରତିବର୍ଷ ଭଳି ଚାଲିଆସୁଥିବା ୧୫ ତମ ସହିଦ୍ ଉଗ୍ରେସେନ ମେମୋରିଆଲ କ୍ରିକେଟ ଟୁର୍ଣାମେଣ୍ଟ ଏରଡା ନଅଗୋଠ ପଡିଆ ଠାରେ ଉଦଘାଟନ ହୋଇଯାଇଛି। ଏହାକୁ ନାଉଗାଁ ବ୍ଲକ ର ୧ ନଂ ଜୋନର ଜିଲାପରିଷଦ ସଭ୍ୟା ଅମିତା ସ୍ୱାଇଁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଆନୁଷ୍ଠାନିକ ଭାବରେ ଏହି ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ଏହି ମ୍ୟାଚରେ ଗାଦିବ୍ରହ୍ମ କ୍ରିକେଟ ଟିମ ତାମ୍ପଡା ୧୫ ଓଭରରେ ୫ଉକେଟ ହରାଇ ୧୨୭ ରନ ସଂଗ୍ରହକରି ବିଜୟଲାଭ କରିଥିଲା। ଏଥିରେ ରାହୁଲ ସର୍ବାଧିକ ୩୦ ରନ୍ କରି ମ୍ୟାନ ଅଫଦି ମ୍ୟାଚ ଭାବେ ବିବେଚିତ ହୋଇଥିଲେ।

# ଜୀବନ ଯୁଦ୍ଧରେ ହାରିଗଲେ 'ରାଖାଲ'

**ନବରଙ୍ଗପୁର/ରାଇଘର, ୨୫।୧୨ (ସଂଚାର ବ୍ୟୁରୋ):** ୧୪ ବର୍ଷ ବୟସରେ ବଡ଼ ଦାୟିତ୍ୱ " । ଏଭଳି ଏକ ଶୀର୍ଷିକକୁ ନେଇ ଗତ ୨୦୨୦ ଖବର ମାଧ୍ୟମରେ ନିଜ ପାଗଳୀ ମାଁ ର ବୋଝ ସହିତ ଆଶ୍ରୟ ନିମନ୍ତେ ଘର ଖଣ୍ଡିଏ ପାଇଁ ସରକାରଙ୍କ ନିକଟରେ ଦାବୀ ଜଣାଇଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ମଧ୍ୟ ଏହି ଅସହାୟ ପରିବାର ପ୍ରତି

**ମିଳିପାରିଲାନି ସରକାରୀ ସହାୟତା**

**ପାଗଳୀ ମା' ପାଇଁ ଜାରି ରଖିଥିଲେ ସଂଗ୍ରାମ**



ସରକାରଙ୍କ ନିକଟରେ ନିବେଦନ ମଧ୍ୟ କରାଯାଇଥିଲା। କିନ୍ତୁ ସରକାରଙ୍କ ସହାୟତାକୁ ୪ ବର୍ଷ ଧରି ଅପେକ୍ଷା କରି କରି ଶେଷରେ ଜୀବନ ଯୁଦ୍ଧରେ ହାରି ଯାଇଛନ୍ତି ୧୮ ବର୍ଷର ରାଖାଲ ସମ୍ପଦ।

ଗତ୧୯ ତାରିଖ ଗୁରୁବାର ଦିନ ରାଖାଲ ଘାସ ମରା ଔଷଧ ଖାଇ ଗୁରୁତର ଅବସ୍ଥାରେ ରାଇଘର ମେଡିକାଲରେ ଭର୍ତ୍ତି ହୋଇଥିଲେ । ସେଠାରେ ତାଙ୍କର ଅବସ୍ଥା ଶୋଚନୀୟ ହେବାରୁ ତାଙ୍କୁ ଉମରକୋଟ ଓ ପରେ ନବରଙ୍ଗପୁର ଓ ସେଠାରୁ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ପୁଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ଶବ ବ୍ୟବଛେଦ ପରେ ଗ୍ରାମବାସୀଙ୍କୁ ହସ୍ତାନ୍ତର କରାଯାଇଥିଲା । ଏକମାତ୍ର ପୁଅ ଚାଲିଯିବା ପରେ ଏବେ ପାଗଳୀ ମାଁ ସମ୍ପୂର୍ଣ୍ଣ ରୂପେ ଅସହାୟ ହୋଇ ପଡିଛନ୍ତି ।

ପ୍ରକାଶ ଥାଉକି କୁମୁଲି (ଡି.ଏନ.କେ) ଗ୍ରାମର ଉପେନ ସମଦାର ଝିଅ ମଙ୍ଗଳି ସମଦାରକୁ ରାଜସ୍ଥାନର ଅନାମ ସମଦାର ଦୀର୍ଘ ୧୯ ବର୍ଷ ପୂର୍ବେ ଉମରକୋଟରେ କୋର୍ଟ ବିବାହ କରିଥିଲେ। ତା ପରେ ଦୁହେଁ ରାଜସ୍ଥାନକୁ ଚାଲି ଯାଇଥିଲେ। ସେଠାକୁ ଯିବାର ୮ ମାସ ପରେ ସ୍ୱାମୀ ଅନାମ ମହଣ୍ଡ ଗ୍ରାମର ଅନ୍ୟ ଜଣେ ସମ୍ପର୍କୀୟା ସୁଜାତାଙ୍କ ସହିତ ମଙ୍ଗଳିକୁ ବାପା ଘର କୁମୁଲିକୁ ପାଠାଇ ଦେଇଥିଲେ। ମୁଁ ପରେ ଫେରିବି କହି ଅନାମ ଆଉ ଓଡ଼ିଶାକୁ ଫେରି ନଥିଲେ । ଅନ୍ୟପଟେ ମଙ୍ଗଳୀ ଗର୍ଭବତୀ ଥିଲେ । ବାରମ୍ବାର ଫୋନ୍ ଯୋଗେ ସ୍ୱାମୀଙ୍କୁ ଡାକୁ ଥିବା ବେଳେ ଅନାମ କିନ୍ତୁ ନିଜ ବାପାଙ୍କୁ ସ୍ୱାସ୍ଥ୍ୟ ଅବସ୍ଥା ବୁଝିବାକୁ ପଡୁଛି ତେଣୁ ମୁଁ ସେଠାକୁ ଯାଇ ପାରିବି ନାହିଁ ବୋଲି ରୋକ ଠୋକ ମନା କରି ଦେଇଥିଲେ। ଏଥିରେ ମଙ୍ଗଳୀକୁ ମାନସିକ ସ୍ତରରେ ଶକ୍ତ ଧକ୍କା ଲାଗିଥିଲା । ମଝିରେ ମଝିରେ ସେ ଏକ ପ୍ରକାର ପାଗଳୀ ହୋଇ ଯାଉଥିଲେ । ଶେଷରେ ସେ ରାଖାଲକୁ ଜନ୍ମ ଦେଇଥିଲେ। ରାଖାଲ ଅଷ୍ଟମ ଶ୍ରେଣୀରେ ପଢୁଥିବା ସମୟରେ ମା ପାଗଳୀ ହୋଇ ଯାଇଥିବାରୁ ସେ ପାଠ ପଢ଼ା ସହିତ ପରିବାର ପୋଷଣର ଦାୟିତ୍ୱ ଉଠାଇବା ଆରମ୍ଭ କରିଥିଲେ । ଏମିତିକି ପ୍ରାୟ ସମୟରେ ରାଖାଲ ପର ଘରେ ମୁଲ ଲାଗି ଯାହା ମିଳେ ସେଥିରେ ଘର ଚଳାଇ ଆସୁଥିଲେ । ଅଳ୍ପ ବୟସରୁ ଏଭଳି ଗୁରୁ ଦାୟିତ୍ୱ ତୁଲାଇବାରେ ବହୁତ କଷ୍ଟ ସହିବାକୁ ପଡୁଥିଲା। ମଙ୍ଗଳୀ ସମଦାରଙ୍କ ଆଉ କେହି ସମ୍ପର୍କୀୟ ନଥିବାରୁ ଗାଁ ସମ୍ପର୍କୀୟଙ୍କ ଘର ପଛପଟେ ଝାଟିମାଟି ଘରକରି ମାଁ ପୁଅ ରହି ଆସୁଥିଲେ । କିନ୍ତୁ ଶେଷରେ ଜୀବନ ଯୁଦ୍ଧରେ ହାରି ରାଖାଲ ସମଦାର ଆତ୍ମହତ୍ୟା କରିଥିବା ଗ୍ରାମବାସୀଙ୍କ ପକ୍ଷରୁ ସୂଚନା ମିଳିଛି ।

### ଜବରଦଖଲକାରୀଙ୍କ କବଜାରେ ରାସ୍ତା

# ବାଇପାସ ସଂଯୋଗ ରାସ୍ତାକୁ ନେଇ ବଢୁଛି ଅସନ୍ତୋଷ

**ବୋରିଗୁମ୍ମା, ୨୫।୧୨ (ସଂଚାର ବ୍ୟୁରୋ) :** ବୋରିଗୁମ୍ମା ପୂର୍ତ୍ତ ବିଭାଗ ଅଧୀନରେ ଥିବା ହାଟପଦା ଠାରୁ ନବରଙ୍ଗପୁର ରାସ୍ତାକୁ ସଂଯୋଗ କରୁଥିବା ବାଇପାସ ରାସ୍ତାଟି ଦୀର୍ଘ ଦିନରୁ ଅବହେଳିତ ହୋଇ ପଡି ରହିଥିବା ବେଳେ ଏହାର ରୋକ୍ଷଣା ବେକ୍ଷଣା ଦାୟିତ୍ୱ ବୋରିଗୁମ୍ମା ପଞ୍ଚାୟତ ସମିତି କାର୍ଯ୍ୟାଳୟ ନିଜ ବିଭାଗ ହାତକୁ ନେଇ ଫେବରବ୍ଲକ ଦ୍ୱାରା ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରି ଗତ ଫେବୃଆରୀ ମାସରେ ଶେଷ କରିଥିଲା । ଏହି ବାଇପାସ ରାସ୍ତା ନିର୍ମାଣ ଦିଗରେ ମଧ୍ୟ ବିଧାୟକ ତାରା ପ୍ରସାଦ ବାହିନୀପତି ଆନ୍ତରିକତାର ସହ ହୃଦୟଙ୍ଗମ କରି ରାସ୍ତା ନିର୍ମାଣ କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ରାସ୍ତାଟି ନିର୍ମାଣ ହେଲେ ବୋରିଗୁମ୍ମାମୁଖ୍ୟରାସ୍ତାରୁ ସାପ୍ତାହିକ ହାଟପଦା ରାସ୍ତାର ଟ୍ରାଫିକ ସମସ୍ୟା ବୋହୁଗୁଣରେ ହ୍ରାସ ହୋଇଯିବ । ଏଥିପାଇଁ ଅଞ୍ଚଳବାସୀ ବିଧାୟକ ଶ୍ରୀବାହିନୀପତିଙ୍କୁ ଧନ୍ୟବାଦ ଜଣାଇଥିଲେ।



ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହେଲାପରେ ରାସ୍ତାର ସମ୍ମୁଖରେ କିଛି ବ୍ୟକ୍ତି ଉକ୍ତ ରାସ୍ତାକୁ ବନ୍ଦକରି ରାସ୍ତାଟିକୁ ନିଜଅକ୍ତିଆରେ ରଖିଥିବା କାରଣରୁ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧିପାଇବାରେ ଲାଗିଛି। ଟ୍ରାଫିକ ସମସ୍ୟାର ହ୍ରାସପାଇଁ ଏହି ରାସ୍ତାକୁ ନେଇ ବୋରିଗୁମ୍ମା ବ୍ଲକର ଶେଷ ପଞ୍ଚାୟତ ସମିତି ମିଟିଙ୍ଗରେ ଆଲଚନା କରାଯାଇଥିବା ବେଳେ ତହସିଲ ପକ୍ଷରୁ ରାସ୍ତାଟିକୁ ୪୫ଦିନ ମଧ୍ୟରେ କାର୍ଯ୍ୟକ୍ଷମ କରିବାକୁ ସୂଚନା ଦେଇଥିଲେ। କିନ୍ତୁ ଆଜିପର୍ଯ୍ୟନ୍ତ ଏଦିଗରେ କୌଣସି ପଦକ୍ଷେପ ନେଇନଥିବା ଜଣାପଡିଛି।

ସୂଚନାଥାଉକି ବୋରିଗୁମ୍ମାର ହାଟପଦା ଠାରୁ ନବରଙ୍ଗପୁର ରାସ୍ତାକୁ ସଂଯୋଗ କରୁଥିବା ସଂଯୋଗ ରାସ୍ତା ସମ୍ମୁଖରେ ଦୀର୍ଘବର୍ଷ ଧରି ରହିଆସୁଥିବା ଏକ ପରିବାରକୁ ଜବରଦଖଲ ଉଚ୍ଛେଦ କରାଯାଇ ହଟାଯାଇଥିଲା।ପରେ ରାସ୍ତା ନିର୍ମାଣ କାର୍ଯ୍ୟ ହୋଇଥିଲା। ଉକ୍ତ ରାସ୍ତା ନିର୍ମାଣ କରାଯାଇ ଟ୍ରାଫିକ ସମସ୍ୟାରେ ସୁଧାର ଆଣିବା ପାଇଁ ସହରର ଜନସାଧାରଣ ପକ୍ଷରୁ ମଧ୍ୟ ବହୁବାର ଜିଲ୍ଲାପାଳ ଓ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଗତ ଫେବୃଆରୀ ମାସରୁ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହୋଇ ପଡ଼ିରହିଛି। ଯଦି ଏହାକୁ ଶୀଘ୍ର କାର୍ଯ୍ୟକ୍ଷମ କରାଗଲେ ବହୁମାତ୍ରାରେ ସହରର ଟ୍ରାଫିକ ସମସ୍ୟା ହ୍ରାସ ହୋଇପାରନ୍ତା।ବୋରିଗୁମ୍ମା ତହସିଲ ପକ୍ଷରୁ ଏହି ଘଟଣାର ତୁରନ୍ତ ସମାଧାନ କରିବା ପାଇଁ ସ୍ଥାନୀୟ ଅଞ୍ଚଳର ଲୋକପ୍ରତିନିଧି, ବୁଦ୍ଧିଜିବୀ ଓ ବୋରିଗୁମ୍ମା ଜନସାଧାରଣ ମାନେ ଦୃଢ଼ ଦାବି ଜଣାଇଛନ୍ତି।

## ଆଦର୍ଶ ଶିକ୍ଷକଙ୍କ ସ୍ମୃତିରେ ଦୀପଦାନ

**ବାଲିଅନ୍ତା, ୨୫।୧୨ (ସଂଚାର ବ୍ୟୁରୋ) :** ବାଲିଅନ୍ତା ନିକୁଞ୍ଜ ବିହାରୀ ମନ୍ଦିର ପରିସରରେ ପରମପୂଜ୍ୟ ଆର୍ଦ୍ଦଶ ଶିକ୍ଷକ ସ୍ୱର୍ଗତ ସତ୍ୟବାଦୀ ନାୟକଙ୍କ ସ୍ମୃତିରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି । ଏନେଇ ଟ୍ୟାଲେଣ୍ଟ ଟ୍ୟୁଟୋରିଆଲର ଛାତ୍ରଛାତ୍ରୀମାନେ ତାଙ୍କ ଅମରଆତ୍ମାର ସଦଗତି କାମନା କରି ସମୂହ ଦୀପଦାନ କରିଥିଲେ । ଏଥିରେ ଟ୍ୟାଲେଣ୍ଟ ଟିୟୁଟୋରିଆଲ ଶିକ୍ଷକ ନିଲୁ



ବେହେଲା, ଜ୍ୟୋତି ରଞ୍ଜନ ସ୍ୱାଇଁ, ଲର୍ଡ଼ ଡନ, ସତ୍ୟବ୍ରତ ସ୍ୱାଇଁ, ବୈଶୁକୁ ମହାକୁଡ, ବାଲିଅନ୍ତା କାଠିଲଉଡ଼ିର ଗାୟକ ପ୍ରଦୀପ୍ତ ବେହେରା,ବାଲିଅନ୍ତା ସ୍କୁଲର ଶିକ୍ଷକ/ଶିକ୍ଷୟିତ୍ରୀ,ଟ୍ୟାଲେଣ୍ଟ ଟ୍ୟୁଟୋରିଆଲର ସମସ୍ତ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ।

ସମ୍ବଲପୁରରେ 'ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା'

# ଯାନ୍ତ୍ରିକ କୃଷିକୁ ପ୍ରୋତ୍ସାହନ ପାଇଁ 'କୃଷି ମେଳା' ସର୍ବୋତ୍କୃଷ୍ଟ ମାଧ୍ୟମ

- ଚାଷୀମାନଙ୍କୁ ଆଧୁନିକ କୃଷି ଉପକରଣ ପ୍ରଦାନ ସହ ପୁରସ୍କୃତ କଲେ କେନ୍ଦ୍ରମନ୍ତ୍ରୀ
- ଡବଲ ଇଞ୍ଜିନ ସରକାରରେ ସୁଭଦ୍ରା ଓ ଚାଷୀଙ୍କ ଯୋଜନାରେ ଆନୁମାନିକ ୫୫୦ କୋଟି ଟଙ୍କା ପାଇବ ସମ୍ବଲପୁର

**ସମ୍ବଲପୁର,୨୫।୧୨ (ସଂଚାର ବ୍ୟୁରୋ):** ଚାଷ ହେଉଛି ସମ୍ବଲପୁରର ଅର୍ଥନୀତି । କୃଷି ହିଁ ଏଠାକାର ସାଂସ୍କୃତିକ ଓ ସାମାଜିକ ଏକତାର ମୂଳ ଉପାଦାନ । ସମ୍ବଲପୁରର ଜନସାଧାରଣ ବିଶେଷ ଭାବରେ 'ଅନ୍ନଦାତା'ଙ୍କ ପାଖରେ ଆଧୁନିକ କୃଷି ଯନ୍ତ୍ରପାତି ପହଞ୍ଚାଇବା ଦିଗରେ ରାଜ୍ୟ ସରକାରଙ୍କ ପକ୍ଷରୁ 'ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା'ର ଆୟୋଜନ ସ୍ୱାଗତଯୋଗ୍ୟ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

'ସୁଶାସନ ଦିବସ' ଅବସରରେ ସମ୍ବଲପୁର ଜିଲ୍ଲାର ଅଇଁଠାପାଲି ଠାରେ "ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା, କୃଷି ମହୋତ୍ସବ ଏବଂ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ୨୦୨୪-୨୫" ରେ ଯୋଗଦେଇ ଶ୍ରୀ ପ୍ରଧାନ ଚାଷୀମାନଙ୍କୁ ଆଧୁନିକ କୃଷି ଉପକରଣ ପ୍ରଦାନ କରିଛନ୍ତି । ବିଭିନ୍ନ ରକମର ଚାଷ କରୁଥିବା ଚାଷୀ, ଓ ସଂସ୍ଥାମାନଙ୍କୁ ପୁରସ୍କୃତ କରିବା ସହ ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସମ୍ବଲପୁର ସମେତ ଓଡ଼ିଶାର ଚାଷ ଓ ଚାଷୀଙ୍କୁ ଅଧିକରୁ ଅଧିକ ସଶକ୍ତ କରିବା ପାଇଁ ଡବଲ ଇଞ୍ଜିନ ସରକାର ନିରନ୍ତର ପ୍ରୟାସ କରୁଛନ୍ତି । ରାଜ୍ୟରେ ବିଜେପି ସରକାର ହେବା ପରେ ଚାଷୀମାନଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ ହୋଇଛି ।

ଓଡ଼ିଶାର ଚାଷୀମାନଙ୍କର ହିତ ପାଇଁ କ୍ୱିଣ୍ଟାଲ ପିଛା କେନ୍ଦ୍ର ସରକାରଙ୍କ ଧାନର ଏମଏସପି ୨୩୦୦ ଟଙ୍କା ଉପରେ ଅଧିକ ୮୦୦ ଟଙ୍କାର ଇନ୍‌ପୁଟ୍ ସହାୟତା ରାଶି ତଥା ସମୁଦାୟ ୩୧୦୦ ଟଙ୍କା ପ୍ରଦାନର ଶୁଭାରମ୍ଭ ହୋଇଛି । ସମ୍ବଲପୁର ଜିଲ୍ଲାରେ ଅଧିକ ଧାନ କିଣାଯିବା ନେଇ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ସୁଭଦ୍ରା ଯୋଜନାରେ ମାଆ ଭଉଣୀମାନଙ୍କୁ ସିଧାସଳଖ ଡିବିଟି ସାହାଯ୍ୟରେ ଆର୍ଥିକ ସହାୟତା ମିଳିବା ଦ୍ୱାରା ସେମାନେ ସଶକ୍ତ ହେଉଛନ୍ତି । ଏ ସବୁ ଦ୍ୱାରା




ଆନୁମାନିକ ୫୫୦ କୋଟି ଟଙ୍କା ସମ୍ବଲପୁର ଜିଲ୍ଲାକୁ ପ୍ରଥମ ଥର ପାଇଁ ଡବଲ ଇଞ୍ଜିନ ସରକାର ଦେଉଛନ୍ତି।

ଚାଷ ସମେତ ସମ୍ବଲପୁରରେ ବୁଣାକାର ଓ ଅନ୍ୟାନ୍ୟ ଶିଳ୍ପସମୂହ ଅଛି । ସମ୍ବଲପୁରକୁ ଆଧୁନିକ ଅର୍ଥନୀତି ଭାବେ ଗଢ଼ିତୋଳିବା ପାଇଁ ଆମର ଉଦ୍ୟମ ଜାରି ରହିଛି । ସୁନ୍ଦର, ସମୃଦ୍ଧ ଏବଂ ସମ୍ପନ୍ନ ସମ୍ବଲପୁର ତିଆରି କରିବା ଆମର ଲକ୍ଷ୍ୟ ରହିଥିବା ବେଳେ ଚାଷ ଏହାର ମୂଳଦୁଆ ଭାବେ କାମ କରିବ । ଚାଷୀ, ମହିଳା, ଯୁବ, ପଛୁଆ ବର୍ଗର ଲୋକମାନେ ଏ ସବୁ କ୍ଷେତ୍ରରେ ନେତୃତ୍ୱ ନେବେ ବୋଲି ସେ କହିଛନ୍ତି ।

ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବି ନାରାୟଣ ନାୟକ ଓ ବିଧାୟକ ଜୟ ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ମହାପ୍ରଭୁଙ୍କ ଦର୍ଶନ କଲେ ରଘୁବର



**ପୁରୀ,୨୫।୧୨ (ସଂଚାର ବ୍ୟୁରୋ):** ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କଲେ ଓଡ଼ିଶାର ପୂର୍ବତନ ରାଜ୍ୟପାଳ ରଘୁବର ଦାସ। ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ସେବାୟତଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ସପରିବାର ଯାଇ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି । ପରେ ଲକ୍ଷ୍ମୀ ମନ୍ଦିର, ବିମଳା ମନ୍ଦିର ସହ ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ କରିଛନ୍ତି। ମହାପ୍ରଭୁଙ୍କ ଦର୍ଶନ କରି ବେଶ୍ ଖୁସି ହୋଇଥିବା କହିଛନ୍ତି ରଘୁବର ଦାସ। କହିଛନ୍ତି, ମହାପ୍ରଭୁଙ୍କ ଇଚ୍ଛା ଯୋଗୁ ରାଜ୍ୟପାଳ ଦାୟିତ୍ୱ ନେଇଥିଲି । ୨୦୩୬ ସୁଦ୍ଧା ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ବିକଶିତ ଓଡିଶା ଗଠନ ହେବ। ଆଗାମୀ ଭୂମିକା ନେଇ ଦଳ ନିଷ୍ପତ୍ତି ନେବ ବୋଲି କହିଛନ୍ତି।

## ପୌରାଞ୍ଚଳରେ ଗ୍ରହଣ ହେବ ପିଏମ୍‌ଏୱାଇ ଆବେଦନ

**ଭୁବନେଶ୍ୱର,୨୫।୧୨ (ସଂଚାର ବ୍ୟୁରୋ):** ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅଧୀନ ଓଡ଼ିଶା ସହରାଞ୍ଚଳ ଗୃହ ନିର୍ମାଣ ମିଶନ (ଓୟୁଏଚ୍‌ଏମ୍) ପକ୍ଷରୁ ରାଜ୍ୟର ସମସ୍ତ ପୌରାଞ୍ଚଳକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ୨.୦ (ପିଏମ୍‌ଏୱାଇ)୨.୦ ଅଧୀନରେ ଆବେଦନ ଗ୍ରହଣ ପ୍ରକ୍ରିୟା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପିଏମଏୱାଇ (ୟୁ) ର ପୂର୍ବ ପର୍ଯ୍ୟାୟ ପରି, ଏହି ପର୍ଯ୍ୟାୟ ପାଇଁ ଭାରତ ସରକାରଙ୍କ ଗୃହ ନିର୍ମାଣ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ (ଏମଓଏଚୟୁଏ) ଦ୍ୱାରା ବିକଶିତ ଏକ ୱେବ ପୋର୍ଟାଲ ମାଧ୍ୟମରେ କେବଳ ଅନଲାଇନରେ ଆବେଦନ ଗ୍ରହଣ କରାଯିବ ।

ଯୋଗ୍ୟ ହିତାଧିକାରୀଙ୍କ ପାଇଁ ଏକ ସୁରୁଖୁରୁରେ ଆବେଦନ ପ୍ରକ୍ରିୟା ସୁନିଶ୍ଚିତ କରିବା ପାଇଁ, ଓୟୁଏଚଏମ ସୁପାରିସ କରିଛି ଯେ ପୌରାଞ୍ଚଳମାନେ ସେମାନଙ୍କ କାର୍ଯ୍ୟାଳୟରେ ହେଲ୍ପଡେସ୍କ ପ୍ରତିଷ୍ଠା କରନ୍ତୁ, ୱାର୍ଡ ୱାଇଜ୍ କ୍ୟାମ୍ପ ଆୟୋଜନ କରନ୍ତୁ ଏବଂ ଆବେଦନକାରୀଙ୍କୁ ସହାୟତା କରିବା ପାଇଁ କମନ୍ ସର୍ଭିସ୍ ସେଣ୍ଟର (ସିଏସସି) ସହିତ ସହଯୋଗ କରନ୍ତୁ।ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ଗାଡ଼କଣରେ ଏକ ଶିବିର ଆୟୋଜନ କରାଯାଇ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି। ପିଏମଏୱାଇ (ୟୁ) ୨.୦ ପାଇଁ ଏହା ବିଶେଷ ଗୁରୁତ୍ୱବହନ କରେ କାରଣ ମାନ୍ୟବର ପ୍ରଧାନମନ୍ତ୍ରୀ ତାଙ୍କ ୭୪ତମ ଜନ୍ମଦିନ (୧୭ ସେପ୍ଟେମ୍ବର ୨୦୨୪)ରେ ଗସ୍ତ କରିଥିଲେ ଏବଂ ଏହି ସମୟରେ ସେ ପିଏମଏୱାଇ (ୟୁ)ର ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ । ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ପରାମର୍ଶ କ୍ରମେ ଏବଂ ବିଭାଗର ପ୍ରମୁଖ ସଚିବ ଉଷା ପାଢୀଙ୍କ ମାର୍ଗଦର୍ଶନକ୍ରମେ ଗାଡକଣକୁ ଏକ ଆଦର୍ଶ ଗ୍ରାମ ଭାବେ ବିକାଶ ପାଇଁ ମନୋନୀତ ହୋଇଛି। ଓୟୁଏଚଏମ ସହଯୋଗରେ ଆୟୋଜିତ ଏହି ଉଦଘାଟନୀ ଶିବିରରେ ପିଏମଏୱାଇ (ୟୁ) ୨.୦ରୁ ଉପକୃତ ହେବାକୁ ଚାହୁଁଥିବା ଅର୍ଥନୈତିକ ଦୁର୍ବଳ ବର୍ଗ (ଇଡବ୍ଲ୍ୟୁଏସ) ପରିବାରମାନଙ୍କୁ ଆବେଦନ ଦାଖଲ କରିବାକୁ ଆମନ୍ତ୍ରଣ କରାଯାଇଥିଲା। ତୁରନ୍ତ ପ୍ରକ୍ରିୟାକରଣ ପାଇଁ ଆବଶ୍ୟକ କାଗଜପତ୍ର ଆଣିବାକୁ ହିତାଧିକାରୀଙ୍କୁ ମାର୍ଗଦର୍ଶନ କରାଯାଇଥିଲା। ଏହି ପଦକ୍ଷେପକୁ ଉତ୍ସାହଜନକ ପ୍ରତିକ୍ରିୟା ମିଳିଥିଲା, ୨୮ଟି ଆବେଦନ ସଫଳତାର ସହ ଗ୍ରହଣ କରି ପୋର୍ଟାଲରେ ଅପଲୋଡ୍ କରାଯାଇଥିଲା।

ବିଏମସିର ଏହି ସକ୍ରିୟ ଆଭିମୁଖ୍ୟ ଅନ୍ୟ ପୌରାଞ୍ଚଳମାନଙ୍କ ପାଇଁ ଏକ ମଡେଲ ଭାବରେ କାର୍ଯ୍ୟ କରେ, ଯାହା ସୁନିଶ୍ଚିତ କରେ ଯେ ଯୋଗ୍ୟ ହିତାଧିକାରୀଙ୍କୁ ପିଏମଏୱାଇ (ୟୁ) ଅଧୀନରେ ଆବାସ ସୁବିଧା ପାଇବା ପାଇଁ ଆବଶ୍ୟକ ସହାୟତା ପ୍ରଦାନ କରାଯାଉଛି।

## କମିଶନରେଟ ପୋଲିସ କବଜାରେ ବନ୍ଧୁକ ବେପାରୀ



**ଭୁବନେଶ୍ୱର,୨୫।୧୨ (ସଂଚାର ବ୍ୟୁରୋ):** କମିଶନରେଟ ପୋଲିସ କବଜାରେ ଅପରାଧୀ ଗ୍ୟାଙ୍ଗ । ୫ ବନ୍ଧୁକ ବେପାରୀଙ୍କ ସମେତ ମୋଟ ୧୪ ଗିରଫ । ନାକା ଚେକିଂ ବେଳେ ଅପରାଧୀ ଗ୍ୟାଙ୍ଗକୁ ଧରିଛି ପୋଲିସ । ବନ୍ଧୁକ ବେପାର ମାମଲାରେ ୫ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୫ଟି ବନ୍ଧୁକ, ୧୫ଟି ଗୁଳି ଓ ନଗଦ ୮୪ ହଜାର ଟଙ୍କା ଜବତ ହୋଇଛି । ପୁରୀ, କଟକ, ଖୋର୍ଦ୍ଧା ଓ ଜଗତସିଂହପୁରରେ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପରେ ସାମିଲ ଥିଲେ । ଏକ ଡକାୟତି ଯୋଜନା କରିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ କାବୁ କରିଛି। ଏହାସହ ଅନ୍ୟ ଅପରାଧିକ ମାମଲାରେ ୯ଜଣଙ୍କୁ ବାନ୍ଧିଛି ପୋଲିସ । ଗିରଫ ଅଭିଯୁକ୍ତମାନେ ତମାଣ୍ଡୋ, ମଞ୍ଚେଶ୍ୱର ଓ ଏୟାରପୋର୍ଟ ଅଞ୍ଚଳର । ସେମାନଙ୍କ ନିକଟରୁ ୧୦୨ ଗ୍ରାମ ସୁନା ଜବତ ହୋଇଛି। ଚୋରିରେ ବ୍ୟବହୃତ ଗାଡିକୁ ମଧ୍ୟ ଜବତ କରାଯାଇଥିବା ସୂଚନା ଦେଇଛନ୍ତି ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ।

## ମାର୍ଚ୍ଚ ୩୧ ସୁଦ୍ଧା ସମସ୍ତ ଥାନା ଓ ଫାଣ୍ଡିରେ ସିସିଟିଭି ଲଗାଅ

**ଭୁବନେଶ୍ୱର,୨୫।୧୨ (ସଂଚାର ବ୍ୟୁରୋ):** ଆସନ୍ତା ମାର୍ଚ୍ଚ ୩୧ ତାରିଖ ଶୁଦ୍ଧା ରାଜ୍ୟର ସମସ୍ତ ଥାନା ଓ ଫାଣ୍ଡିରେ ସିସିଟିଭି ଲଗାଇବା କାମ ଶେଷ କର। ଏପରି ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଭରତପୁର ଥାନାରେ ଆର୍ମି ମେଜର ଓ ବାନ୍ଧବୀଙ୍କୁ ଦୁର୍ବ୍ୟବହାର ନେଇ ଦାୟର ଜନସ୍ୱାର୍ଥ ମାମଲାର ଅନ୍ତ ଘଟାଇ ଏପରି ରାୟ ପ୍ରକାଶ କରିଛନ୍ତି ହାଇକୋର୍ଟ। ସେଣ୍ଟ୍ରାଲ ମନିଟରିଂ ସିଷ୍ଟମରେ ସମସ୍ତ ସିସିଟିଭିକୁ ନିୟନ୍ତ୍ରଣ କରିବା ପ୍ରକ୍ରିୟା ମଧ୍ୟ ସେହି ତାରିଖ ସୁଦ୍ଧା ଶେଷ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ସେନା କର୍ମଚାରୀଙ୍କୁ ଥାନାରେ କିପରି ବ୍ୟବହାର ପ୍ରଦର୍ଶନ କରାଯିବ ସେନେଇ ରାଜ୍ୟ ସରକାର ଜାରି କରିଥିବା ଏସ୍‌ଓପିକୁ କଡାକଡି ପାଳନ କରିବାକୁ ମଧ୍ୟ ହାଇକୋର୍ଟ କହିଛନ୍ତି। ସମସ୍ତ ପୁଲିସ କର୍ମଚାରୀଙ୍କୁ ଏସ୍‌ଓପି ବାବଦରେ ଜଣାଇବା ପାଇଁ ରାଜ୍ୟର ସମସ୍ତ ଥାନା



ଏବଂ ଫାଣ୍ଡିରେ ଓଡ଼ିଆ ଭାଷାରେ ଏସ୍‌ଓପିକୁ ବ୍ୟାପକ ଭାବେ ପ୍ରଚାର କରିବାକୁ ହାଇକୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି।

ପୁଲିସ ଏଡିଜି ଦୟାଲ ଗଙ୍ଗୱାର ଦାଖଲ କରିଥିବା ସତ୍ୟପାଠକୁ ସରକାର ଓ ପୁଲିସ ମୁଖ୍ୟାଳୟ କଡାକଡି ଭାବେ ପାଳନ କରିବେ ବୋଲି ଆଶା ବ୍ୟକ୍ତ କରି ନିଜ ଆଡୁ ଦାୟର ଜନସ୍ୱାର୍ଥ ମାମଲାର ଅନ୍ତ ଘଟାଇଛନ୍ତି ହାଇକୋର୍ଟ।

ଗତ ସେପ୍ଟେମ୍ବର ୧୫ ତାରିଖ ରାତିରେ ଭାରତୀୟ ସେନାର ମେଜର ଓ ତାଙ୍କ ବାନ୍ଧବୀଙ୍କୁ ଭରତ ଥାନାରେ ପୁଲିସ ମାଡ଼ ମାରିବା ସହ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ଆଇଆଇସି ସମେତ ୫ ଜଣଙ୍କୁ ନିଲମ୍ବିତ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ମାମଲାରେ ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଥିବା ବେଳେ କ୍ରାଇମବ୍ରାଞ୍ଚ ଏହି ଘଟଣାର ତଦନ୍ତ କରୁଛି।

ଏହି ମାମଲା ସମଗ୍ର ଦେଶରେ ହଇଚଇ ସୃଷ୍ଟି କରିଥିଲା। ସେତେବେଳେ ସିସିଟିଭି ଥାନାରେ ନ ଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଥିଲା। ଭରତପୁର ଆଦର୍ଶ ଥାନା ହୋଇଥିବା ବେଳେ କିପରି ସେଠାରେ ସିସିଟିଭି ଲାଗି ନାହିଁ ,ତାକୁ ନେଇ ଚର୍ଚ୍ଚା ଜୋର ଧରିଥିଲା।

ହାଇକୋର୍ଟ ଭରତପୁର ମାମଲାର ଶୁଣାଣି କରିବା ସମୟରେ ରାଜ୍ୟର କେଉଁ ଥାନାରେ ସିସିଟିଭି ଲାଗିଛି ଓ କେଉଁ ଥାନାରେ ସିସିଟିଭି ଲାଗିନାହିଁ ସମସ୍ତ ସ୍ଥିତି ଜଣାଇବାକୁ ଏଡିଜି ଆଧୁନିକୀକରଣଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ।

## ସ୍ତ୍ରୀକୁ ବୀଭତ୍ସ ହତ୍ୟା ପରେ ନିଜ ବେକ କାଟିଲା ସ୍ୱାମୀ



**କଟକ,୨୫।୧୨ (ସଂଚାର ବ୍ୟୁରୋ):** ସ୍ତ୍ରୀକୁ ବୀଭତ୍ସ ହତ୍ୟା ପରେ ନିଜ ବେକ କାଟିଲା ସ୍ୱାମୀ। ଏଭଳି ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟଣା ଘଟିଛି କଟକ ଜିଲା ଲାଲ୍‌ବାଗ ଥାନା ସିଦ୍ଧେଶ୍ୱରସାହିରେ। ମୃତ ବ୍ୟକ୍ତି କଟକସ୍ଥିତ ସାଇବର ପୋଲିସ ଷ୍ଟେସନରେ ଜଣେ କନଷ୍ଟେବଳ ଥିଲେ। ମୃତ ମହିଳା ଜଣକ ବିଷ୍ଣୁପ୍ରିୟ ମଲ୍ଲିକ (୩୦) ଏବଂ ଅଭିଯୁକ୍ତ ଜଣକ ବିଶ୍ୱଜିତ ବୋଲି ଜଣାପଡିଛି। ରିପୋର୍ଟ ଅନୁଯାୟୀ, ବିଶ୍ୱଜିତ୍ ଏବଂ ବିଷ୍ଣୁପ୍ରିୟ ୨୦୧୯ ରେ ବିବାହ କରିଥିଲେ। ପରେ ସେମାନଙ୍କର ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ସ୍ୱାମୀ ଓ ସ୍ତ୍ରୀ ଗତ ତିନି ବର୍ଷ ଧରି କଟକସ୍ଥିତ ସିଦ୍ଧେଶ୍ୱର ସାହିରେ ଏକ ଭଡା ଘରେ ରହୁଥିଲେ। ପ୍ରାଥମିକ ଅନୁସନ୍ଧାନରୁ ଏହା ଜାଣିବାକୁ ମିଳିଛି ଯେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ କଳହ ଲାଗିରହିଥିଲା। ଏଥିରେ ଉତକ୍ଷିପ୍ତ ହୋଇ ବିଶ୍ୱଜିତ ଏକ ତୀକ୍ଷ୍ଣ ଅସ୍ତ୍ର ସାହାଯ୍ୟରେ ତାଙ୍କ ପତ୍ନୀଙ୍କୁ ହତ୍ୟା କରିଛନ୍ତି। ତେବେ ଏହି ସ୍ତ୍ରୀଙ୍କୁ ହତ୍ୟା କରିବା ପରେ ଅଭିଯୁକ୍ତ ନିଜକୁ ମଧ୍ୟ ମାରିବାକୁ ଚେଷ୍ଟା କରିଥିଲା। ସେ ନିଜ ଗଳାକୁ ଧାରୁଆ ଅସ୍ତ୍ରରେ କାଟି ଦେଇଥିଲେ। ତେବେ ପଡ଼ୋଶୀମାନେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ କଟକସ୍ଥିତ ଏସସିବି ମେଡିକାଲରେ ଭର୍ତ୍ତି କରିଥିଲେ। ଏପରି ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଥିଲା ବେଳେ ଏହି ସବୁ ଘଟଣା ବିଷୟରେ ଜାଣି ନ ଥିବାରୁ ଦମ୍ପତିଙ୍କ ପାଞ୍ଚ ବର୍ଷର ଝିଅ ରିପୋର୍ଟ ଲେଖିବା ବେଳକୁ ଘରେ ଶୋଇଥିଲେ।

ପାଢ଼ୀ ଟ୍ୟୁଟୋରିଆଲ ମାଲିକଙ୍କ ଆତ୍ମହତ୍ୟା ଘଟଣା

## ଆଉ ଥରେ ଏତଲା ଦେବାକୁ ହାଇକୋର୍ଟଙ୍କ ଅନୁମତି



**ଭୁବନେଶ୍ୱର,୨୫।୧୨ (ସଂଚାର ବ୍ୟୁରୋ):** ପାଢ଼ୀ ଟ୍ୟୁଟୋରିଆଲ ମାଲିକ ଜେ.ବି. ପାଢ଼ୀଙ୍କ ଆତ୍ମହତ୍ୟା ଘଟଣାକୁ ସାଢ଼େ ୭ ବର୍ଷରୁ ଅଧିକ ସମୟ ବିତି ଯାଇଥିଲେ ସୁଦ୍ଧା ଏଯାଏଁ ସରିନି ଏହାର ତଦନ୍ତ। ସୁଇସାଇଡ୍ ନୋଟ୍‌ରେ ସ୍ୱର୍ଗତ ପାଢ଼ୀ ୩୦ଜଣଙ୍କ ନାଁ ଲେଖି ସେମାନେ ତାଙ୍କ ଆତ୍ମହତ୍ୟା ପାଇଁ ଦାୟୀ ବୋଲି ଲେଖିଥିଲେ ସୁଦ୍ଧା ସେମାନଙ୍କ ସଂପର୍କରେ ସଠିକ୍ ଭାବେ ତଦନ୍ତ କରାଯାଇନାହିଁ। ତେଣୁ ସେମାନଙ୍କ ନାମରେ ଆଉ ଥରେ ଏତଲା ଦେବାକୁ ହାଇକୋର୍ଟ ଅନୁମତି ପ୍ରଦାନ କରିଛନ୍ତି। ତଦନ୍ତରେ ଅବହେଳା ଦର୍ଶାଇ ସ୍ୱର୍ଗତ ପାଢ଼ୀଙ୍କ ପତ୍ନୀ କବିତା ମହାପାତ୍ର ଗତ ବର୍ଷ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହି ମାମଲାର ଶୁଣାଣି କରି ବଡ଼ଗଡ଼ ଥାନା ୟୁ.ଡି.ଜି.ଆର. କେସ୍ ନଂ ୩୦୯/୨୦୧୭ ର ତଦନ୍ତ ୩ ମାସ ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପୁଲିସ୍ କୌଣସି ପଦକ୍ଷେପ ନ ନେବାରୁ କବିତା ପୁଣି ଥରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାର ଶୁଣାଣି ସମୟରେ ସରକାରୀ ଓକିଲ କୋର୍ଟଙ୍କୁ କହିଥିଲେ ଯେ ପୁଲିସ୍ ଜବତ କରିଥିବା ସୁଇସାଇଡ୍ ନୋଟରେ ଜେ.ବି ପାଢ଼ୀଙ୍କ ସହ ଅର୍ଥ କାରବାର କରୁଥିବା ୩୦ ଜଣଙ୍କ ନାମ ରହିଛି। କିନ୍ତୁ ସେହି ସନ୍ଦିଗ୍ଧମାନଙ୍କ ବିରୋଧରେ ତଦନ୍ତ ଶେଷ ହୋଇନାହିଁ। ସ୍ୱର୍ଗତ ଜେ.ବି ପାଢ଼ୀଙ୍କ ପତ୍ନୀ ନୂଆ ତଥ୍ୟ ସହ ଏ ସମ୍ପର୍କରେ ଏତଲା ଦେଲେ, ଏହାକୁ ପଞ୍ଜୀକୃତ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ନିଶିକାନ୍ତ ମିଶ୍ର ମାମଲା ପରିଚାଳନା କରୁଥିବା ବେଳେ ଆଡଭୋକେଟ୍ ଅଖଣ୍ଡ, ସପନ କୁମାର ପାଲ ଓ ବର୍ଷା ସ୍ୱାଇଁ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ୨୦୧୭ ମସିହା ଏପ୍ରିଲ ୬ ତାରିଖରେ ପାଢ଼ୀ ଟ୍ୟୁଟୋରିଆଲ ମାଲିକ ଜେ.ବି ପାଢ଼ୀ ଆତ୍ମହତ୍ୟା କରିଥିଲେ।

## ଟ୍ରାକ୍ଟର ଟ୍ୟୁବ୍‌ରେ ଦେଶୀ ମଦ ଚାଲାଣ, ୨ଗିରଫ



**ମୟୁରଭଞ୍ଜ,୨୫।୧୨ (ସଂଚାର ବ୍ୟୁରୋ):** ଟ୍ରାକ୍ଟର ଟ୍ୟୁବରେ ଦେଶୀ ମଦ ଚାଲାଣ ହେଉଥିବା ବେଳେ ବିପୁଳ ପରିମାଣର ଦେଶି ମଦ ଜବତ । ଜବତ କଲା ବାରିପଦା ଟାଉନ ଥାନା ପୋଲିସ । ଚାଲାଣରେ ସଂପୃକ୍ତ ୨ ଅଭିଯୁକ୍ତକୁ ଗିରଫ କରିଛି ବାରିପଦା ଟାଉନ ଥାନା ପୋଲିସ । ଅଭିଯୁକ୍ତ ଦୁଇ ଜଣ ହେଉଛନ୍ତି ଗାଡିର ଡ୍ରାଇଭର ଖଣ୍ଡା ଥାନା ଅଧୀନ ସାନ୍ତନୁ ଦେ ଓ ବାଲେଶ୍ୱର ଜିଲ୍ଲା ବାଲିଆ ପାଳ ଅଞ୍ଚଳର ସମୟ ମୁର୍ମୁ । ୩୦ ଟି ଟ୍ୟୁବରେ ଦେଶୀ ମଦ ନେଇ ଯାଉଥିବା ବେଳେ ବାରିପଦା କୃଷ୍ଣଚନ୍ଦ୍ର ଗୋଲେଇ ନିକଟରେ ଜବତ କରିଛି ପୋଲିସ ।

## ସମବାୟ ସଂସ୍ଥା ହେବ ଗ୍ରାମ୍ୟ ଅର୍ଥନୀତିର ଇଞ୍ଜିନ




- ୧୫୪୨ଟି ବହୁମୁଖୀ ପ୍ରାଥମିକ କୃଷି ସମବାୟ ସମିତିର ଶୁଭାରମ୍ଭ
- ସବୁ ପ୍ରାଥମିକ ସମବାୟ ସମିତିର ଅଡିଟ୍ ପାଇଁ ନିର୍ଦ୍ଦେଶ
- ପ୍ରଥମ ପର୍ଯ୍ୟାୟରେ ୭୭ଟି ଆଦର୍ଶ ପ୍ୟାକ୍ସ
- ଟଙ୍କା ଫେରି ପାଇବେ ଭୁବନେଶ୍ୱର ସମବାୟ ବ୍ୟାଙ୍କ ଜମାକାରୀ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୫।୧୨ (ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଜ୍ୟରେ ୧୫୪୨ଟି ବହୁମୁଖୀ ପ୍ରାଥମିକ କୃଷି ସମବାୟ ସମିତିର ଶୁଭାରମ୍ଭ କରିଛନ୍ତି । ସୂଚନା ଯୋଗ୍ୟ ଯେ, ରାଜ୍ୟରେ ସମୁଦାୟ ୨୭୧୧ଟି ପ୍ୟାକ୍ସ ଥିବା ବେଳେ, ରାଜ୍ୟ ସରକାର ଆଉ ୧୫୪୨ଟି ନୂଆ ବହୁମୁଖୀ ପ୍ୟାକ୍ସ ଗଠନ କରିଛନ୍ତି । ଏହା ଦ୍ୱାରା ରାଜ୍ୟର ସମୁଦାୟ ପ୍ୟାକ୍ସ ସଂଖ୍ୟା ୪୨୫୩ ରେ ପହଞ୍ଚିଲା ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସମବାୟ ଆନ୍ଦୋଳନକୁ ଲୋକାଭିମୁଖୀ କରିବା ପାଇଁ କେନ୍ଦ୍ର ସରକାରଙ୍କ ସମବାୟ ବିଭାଗ ଆନୁକୂଲ୍ୟରେ ବିଭିନ୍ନ ନୂତନ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ପାଇଁ ଆମ ସରକାର ପ୍ରାଧାନ୍ୟ ଦେଉଛନ୍ତି। ଏଥିରେ ସମୁଦାୟ ୫୪ ଟି କାର୍ଯ୍ୟକ୍ରମ ହାତକୁ ନିଆ ଯାଇଛି।

ଏଗୁଡିକ ମଧ୍ୟରୁ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ହେଉଛି, ପ୍ୟାକ୍ସ ଓ ଲାମ୍ପସ୍ ଗୁଡିକୁ ବହୁମୁଖି କରିବା ପାଇଁ ମଡେଲ ବାଇ-ଲ ପ୍ରଚଳନ; କମ୍ପ୍ୟୁଟରିକରଣ ମାଧ୍ୟମରେ ପ୍ୟାକ୍ସ ଗୁଡିକୁ ସ୍ୱଚ୍ଛ ଓ ମଜଭୁତ କରିବା, ସାର ଓ ବିହନ ଯୋଗାଣ, ଜନ ଔଷଧୀ କେନ୍ଦ୍ର ଓ କମନ୍ ସର୍ଭିସ ସେଣ୍ଟର ସ୍ଥାପନ, କୃଷି ସେବା କେନ୍ଦ୍ର ସ୍ଥାପନ ସ୍ଥାପନ, ବୈଜ୍ଞାନିକ ପଦ୍ଧତିରେ ଶସ୍ୟ ସଂରକ୍ଷଣ କେନ୍ଦ୍ର ସ୍ଥାପନ ଇତ୍ୟାଦି । ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୭୭ଟି ପ୍ୟାକ୍ସକୁ ମଡେଲ୍ ପ୍ୟାକ୍ସ ଭାବରେ ବିକଶିତ କରିବା ପାଇଁ ନିଷ୍ପତି ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏହି ମଡେଲ ପ୍ୟାକ୍ସ ଗୁଡିକ ଗୋଟିଏ ଗୋଟିଏ ଓ୍ୱାନ ଷ୍ଟପ ସପ୍ ଭଳି କାର୍ଯ୍ୟ କରିବ, ଅର୍ଥାତ ଗୋଟିଏ ଛାତ ତଳେ କୃଷି ସମ୍ବନ୍ଧୀୟ ସବୁ ପ୍ରକାର ସୁବିଧା ମିଳିବ ବୋଲି ସେ କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ, ୨୦୧୫ ମସିହାରୁ ବନ୍ଦ ହୋଇ ପଡିଥିବା ଭୁବନେଶ୍ୱର ସହରାଞ୍ଚଳ ସମବାୟ ବ୍ୟାଙ୍କର ସମସ୍ତ ଜମାକାରୀମାନଙ୍କୁ ଜମାରାଶି ଫେରସ୍ତ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହା ଦ୍ୱାରା ସମବାୟ ବ୍ୟାଙ୍କ ଉପରେ ଲୋକମାନଙ୍କ ଆସ୍ଥା ପୁନଃ ପ୍ରତିଷ୍ଠାରେ ସହାୟକ ହେବ ବୋଲି ସେ କହିଥିଲେ । ନୂଆ ସରକାର ସମବାୟ କ୍ଷେତ୍ରକୁ କ୍ରିୟାଶୀଳ ଓ ଚଳଚଞ୍ଚଳ କରିବା ପାଇଁ ପ୍ରତିଶୃତିବଦ୍ଧ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସମବାୟ ସଂସ୍ଥା ଉପରେ ଲୋକଙ୍କ ଆସ୍ଥା ଫେରାଇ ଆଣିବା ସହିତ ଏହାକୁ ଗ୍ରାମ୍ୟ ଅର୍ଥନୀତି ବିକାଶର ଏକ ପ୍ରମୁଖ ଇଞ୍ଜିନ ଭାବରେ ପରିଣତ କରିବା ପାଇଁ ଆମର ଉଦ୍ୟମ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସରକାରୀ ଯୋଜନାରୁ ବାଦ୍ ପଡ଼ିବେ ଅଣଚାଷୀ

# ନୂଆ ବର୍ଷରୁ ଚାଷୀଙ୍କ ଡାଟାବେସ୍ ପ୍ରସ୍ତୁତି

**ଭୁବନେଶ୍ୱର,୨୫।୧୨ (ସଂଚାର ବ୍ୟୁରୋ):** ସରକାରୀ ଯୋଜନାରୁ ବାଦ୍ ପଡ଼ିବେ ଅଣଚାଷୀ। ପ୍ରକୃତ ଚାଷୀ ଖୋଜିବେ ମୋହନ ସରକାର। ଜାନୁଆରୀରୁ ଆରମ୍ଭ ହେବ ପଞ୍ଜୀକରଣ। ଚାଷୀଙ୍କୁ ମିଳିବ ୧୪ ଡିଜିଟ୍ ନମ୍ବର ବିଶିଷ୍ଟ ସ୍ୱତନ୍ତ୍ର ଆଇଡି। ଡିଜିଟାଲ କୃଷକ କାର୍ଡ ବି ଯୋଗାଇ ଦେବେ ସରକାର। ଏଥିପାଇଁ ଚାଷୀଙ୍କ ଡାଟାବେସ୍ ପ୍ରସ୍ତୁତ କରିବା ଲାଗି ସବୁ ଜିଲ୍ଲାପାଳମାନଙ୍କୁ ଆକ୍ସନ ପ୍ଲାନ ଏବଂ ଏସଓପିକୁ ପଠାଇଛି କୃଷି ବିଭାଗ।

ପ୍ରଥମ ପର୍ଯ୍ୟାୟରେ ଜାନୁଆରୀ ୧ରୁ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ପଞ୍ଜୀକରଣ ଚାଲିବ। ଏଥିପାଇଁ ସବୁ ପଞ୍ଚାୟତରେ ଖୋଲିବ ସ୍ୱତନ୍ତ୍ର ଶିବିର। ଏହି ଶିବିରରେ ୨ଜଣ ଲେଖାଏଁ ଗ୍ରାମ୍ୟ କୃଷି ସେବକ ଓ ଜଣେ ରାଜସ୍ୱ ନିରୀକ୍ଷକ ଉପସ୍ଥିତ ରହିବେ। ଚାଷୀଙ୍କୁ ଶିବିର ପର୍ଯ୍ୟନ୍ତ ଆଣିବା ପାଇଁ ସ୍ଥାନୀୟ କୃଷକ ସାଥୀଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ପ୍ରତ୍ୟେକ ଶିବିରର ତଦାରଖ ଦାୟିତ୍ୱରେ କୃଷି ଓଭରସିୟର, ବ୍ଲକ୍ କୃଷି ଅଧିକାରୀ, ଅତିରିକ୍ତ ତହସିଲଦାର କିମ୍ବା ତହସିଲଦାରଙ୍କ ମଧ୍ୟରୁ ଜଣେ ରହିବେ। ଚାଷୀମାନେ



ନିଜର ଆଧାର କାର୍ଡ, ଆଧାର ଲିଙ୍କ ଥିବା ମୋବାଇଲ ଫୋନ୍, ଜମି ପଟ୍ଟା ( ଯାହା ଭୂଲେଖରେ ରେକର୍ଡ ଥିବ) ଅବା ଖର୍ଦ୍ଦି ଦଲିଲ ଦାଖଲ କରି ପଞ୍ଜିକରଣ କରିବେ। ପ୍ରଥମ ପର୍ଯ୍ୟାୟରେ ଆୟୋଜିତ ଏହି ଶିବିରରେ ପିଏମ୍ କିଷାନ, ପ୍ରଧାନମନ୍ତ୍ରୀ ଫସଲବୀମା, କୃଷକ ଓଡ଼ିଶାର ହିତାଧିକାରୀଙ୍କ ପଞ୍ଜିକରଣ ଶେଷ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ପଞ୍ଜିକରଣ ମାର୍ଚ୍ଚ ୩୧ରୁ ଆରମ୍ଭ ହେବ, ଯାହା ୩ଟି ମାଧ୍ୟମରେ ବ୍ୟକ୍ତିଗତସ୍ତରରେ ଏଗ୍ରିଷ୍ଟାକ୍ ୱେବସାଇଟ୍ ଅବା ଆପ୍ ଜରିଆରେ, ଜନସେବା କେନ୍ଦ୍ରରେ ଓ ସହାୟକ ମଡେଲକୁ ଉପଯୋଗ କରି ଚାଷୀ ପଞ୍ଜିକରଣ କରାଯିବ।

ମୋହନ ସରକାରଙ୍କ ଏହି ନିଷ୍ପତ୍ତି ପରେ ବେଶ୍ ଖୁସି ଅଛନ୍ତି ସରକାରୀ ଯୋଜନାରୁ ବାଦ୍ ପଡ଼ିଥିବା ଚାଷୀ। ସେମାନଙ୍କ ମଧ୍ୟରେ ଅଛନ୍ତି ଅତାବିରାର ଚାଷୀ ଦଶରଥ ଭୋଇ। ବାପ-ଅଜା ଅମଳରୁ ଚାଷ କରି ଆସୁଛନ୍ତି। କିନ୍ତୁ ଏଯାଏଁ କୌଣସି ସରକାରୀ ଯୋଜନା ପାଇ ନାହାନ୍ତି। କାଳିଆ ଓ ପିଏମ କିଷାନ ଯୋଜନାରୁ ବାଦ୍ ପଡ଼ିଛନ୍ତି ସେ। ସେହିପରି ଆଉ ଜଣେ ଚାଷୀ ହେଉଛନ୍ତି ବରଗଡ଼ର ସୁରେଶ ନିକାଣ୍ଡି। ତାଙ୍କ ନାଁ ବି ସରକାରଙ୍କ ଚାଷୀ ତାଲିକାରେ ନାହିଁ। ତେଣୁ ପ୍ରକୃତ ଚାଷୀଙ୍କୁ ସରକାରୀ ଯୋଜନାରେ ସାମିଲ ପାଇଁ ସରକାର ସର୍ଭେ କରିବାକୁ ଯାଉଥିବା ଖବରରେ ଉଭୟେ ବେଶ୍ ଆଶାବାଦୀ ସରକାରୀ ସୁବିଧା ପାଇବା ପାଇଁ।

ପୁରୁଣା ସରକାରରେ ଅଣଚାଷୀ ଓ ଦଳୀୟ ଭିତ୍ତିରେ ଚାଷୀଙ୍କ ପାଇଁ ସରକାରୀ ଯୋଜନା ବାଣ୍ଟିବା ଏକ ବଡ଼ ପ୍ରସଙ୍ଗ ଥିଲା। ତେଣୁ ଏଥିରେ ପୂର୍ଣ୍ଣଚ୍ଛେଦ ପକାଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନା ଏବଂ କାର୍ଯ୍ୟକ୍ରମ ପ୍ରଦାନ ନିମନ୍ତେ ମୋହନ ସରକାରଙ୍କ ଏ ଡିଜିଟାଲ ଡାଟାବେସ୍ କେତେ ସଫଳ ହେଉଛି ତା'ଉପରେ ରହିଛି ସମସ୍ତଙ୍କ ନଜର।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ୨୦୨୫ରେ ଏମଜି ଆଣୁଛି ୱିଣ୍ଡସର ଇଭି କାର




ନୂଆଦିଲ୍ଲୀ, ୨୫।୧୨: ଏମଜି ମୋଟର ବର୍ତ୍ତମାନ ସେମାନଙ୍କର ନୂତନ ୱିଣ୍ଡସର ଇଭିର ସଫଳତାର ସ୍ୱାଦ ଚାଖୁଛି। ଏହି କାର ଯୋଗୁଁ, ଏମଜି ବିକ୍ରିରେ ବହୁତ ବୃଦ୍ଧି ଘଟିଛି। ବର୍ତ୍ତମାନ କମ୍ପାନୀ ବଡ ପ୍ରସ୍ତୁତିରେ ଲାଗିପଡ଼ିଛି। କମ୍ପାନୀ ଟାଟା ମୋଟର୍ସ ଏବଂ ମହିନ୍ଦ୍ରାଙ୍କୁ କଡା ଟକ୍କର ଦେଉଛି। ଭାରତରେ ବିକ୍ରୟ ଦୃଷ୍ଟିରୁ ଟାଟା ହେଉଛି ସବୁଠାରୁ ବଡ କମ୍ପାନୀ। କିନ୍ତୁ ବିଶେଷ କଥା ହେଉଛି ୱିଣ୍ଡସର ଇଭି କାରଣରୁ ଟାଟାର ବଜାର ଅଂଶ ହ୍ରାସ ପାଇଛି। ବିକ୍ରୟ ବିଷୟରେ କହିବାକୁ ଗଲେ, ଗତ ମାସ (ନଭେମ୍ବର ୨୦୨୪), ଟାଟାର ବଜାର ଅଂଶ ୪୯% କୁ ହ୍ରାସ ପାଇଥିବାବେଳେ ଏମଜିର ବଜାର ଅଂଶ ୩୬% କୁ ବୃଦ୍ଧି ପାଇଛି। ବର୍ତ୍ତମାନ କମ୍ପାନୀ ଭାରତରେ ନିଜର ହୋଲ୍ଡକୁ ମଜବୁତ କରିବା ପାଇଁ ଆସନ୍ତା ବର୍ଷ ଆଉ ଏକ ନୂତନ କାର ଆଣିବାକୁ ଯାଉଛି। ଏମଜି ୨୦୨୫ରେ ନୂତନ ବୈଦ୍ୟୁତିକ କାର ଲଞ୍ଚ କରି ଟାଟା ସହିତ ପ୍ରତିଦ୍ୱନ୍ଦ୍ୱିତା ଜାରି ରଖିପାରେ। ସମ୍ପ୍ରତି କମ୍ପାନୀ ଏହି ବୈଦ୍ୟୁତିକ କାର ଉପରୁ ପରଦା ଉଠାଇଛି। ଏହା ବ୍ୟତୀତ କମ୍ପାନୀ ଆଉ ଦୁଇଟି ନୂତନ ବୈଦ୍ୟୁତିକ କାର ଲଞ୍ଚ କରିପାରେ। ଯେଉଁଥିରେ ଅତ୍ୟାଧୁନିକ ଡିଜାଇନ୍ ଏବଂ ଅଧିକ ରେଞ୍ଜ ଉପଲବ୍ଧ ହେବ। ନୂତନ ଏମଜି୪ ବୈଦ୍ୟୁତିକ କାର ଆସନ୍ତା ବର୍ଷ ଭାରତରେ ଲଞ୍ଚ ହୋଇପାରେ। ଏହା ଏକ ପ୍ରିମିୟମ୍ ହ୍ୟାଚ୍ ବ୍ୟାକ୍ ଇଲେକ୍ଟ୍ରିକ୍ କାର୍ ହେବ। ଏହି କାରରେ ନୂତନ ଡିଜାଇନ୍ ଏବଂ ଆରାମ ମିଳିବ। ଏହି ବୈଦ୍ୟୁତିକ କାର ଅନ୍ତର୍ଜାତୀୟ ବଜାରରେ ବିକ୍ରି ହୋଇସାରିଛି। ଏଥିରେ ୬୪ କିଲୋ ୱାଟ ବ୍ୟାଟେରୀ ପ୍ୟାକ୍ ବ୍ୟବହାର କରାଯାଇପାରିବ। ଥରେ ସମ୍ପୂର୍ଣ୍ଣ ଚାର୍ଜ ହୋଇଗଲେ, ଏହି କାର ପ୍ରାୟ ୪୫୦ କିଲୋମିଟର ଦୂରତା ଅତିକ୍ରମ କରିବ। ଏମଜି୫ ଏକ ବୈଦ୍ୟୁତିକ କାର ହେବ ଯେଉଁଥିରେ ୬୧ କିଲୋ ୱାଟ ବ୍ୟାଟେରୀ ପ୍ୟାକ୍ର ଶକ୍ତି ମିଳିପାରିବ। ଥରେ ସମ୍ପୂର୍ଣ୍ଣ ଚାର୍ଜ ହୋଇଗଲେ, ଏହି ବୈଦ୍ୟୁତିକ କାର ପ୍ରାୟ ୪୮୫ କିଲୋମିଟର ଦୂରତା ଅତିକ୍ରମ କରିପାରିବ। ଏହି କାର ଆସନ୍ତା ବର୍ଷ ଭାରତରେ ଲଞ୍ଚ ହୋଇପାରେ।



# ଆଜିର ନୂଆ ସୁନା ଦର

ଆଜି ଭାରତୀୟ ବଜାରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୭୧ ହଜାର ୦୦୦ ଟଙ୍କା ହୋଇଥିବା ବେଳେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୭୭ ହଜାର ୪୫୦ ଟଙ୍କା ରହିଛି । ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୧, ୦୦୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୭୭ ,୪୫୦ ଟଙ୍କା ଥିଲା । ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୧,୦୦୦ ଟଙ୍କା ଓ ୭୭ ,୪୫୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୧,୧୫୦ ଟଙ୍କା ଓ ୭୭ , ୬୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୧,୦୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୭୭,୪୫୦ ଟଙ୍କା ଥିବା ରେକର୍ଡ ହୋଇଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୧,୦୦୦ ଟଙ୍କା ଓ ୭୭,୪୫୦ ଟଙ୍କା ରହିଛି । ଅନ୍ୟ ପଟେ ରୁପା ଦର କେଜି ପ୍ରତି ୯୧,୫୦୦ ହଜାର ଟଙ୍କା ହୋଇଛି ।



## ବିଓଏମ୍‌ର ନୂତନ ଶାଖା ଉଦ୍‌ଘାଟିତ

ଭୁବନେଶ୍ୱର,୨୫।୧୨: ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର(ବିଓଏମ୍) ର ନୂତନ ଶାଖା ନିକଟରେ କଟକ ନିକଟସ୍ଥ ଗୋପାଳପୁରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଅର୍ଥ ବିଭାଗର ନିର୍ଦ୍ଦେଶକ ପ୍ରଜ୍ଞାସ୍ମିତା ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଓଏମ୍ ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ପ୍ରବନ୍ଧକ ଆଲୋକ କୁମାର ମିଶ୍ରାଙ୍କ ସମେତ ଶାଖା ପ୍ରବନ୍ଧକ ସୌମ୍ୟରଞ୍ଜନ ବିନ୍ଧାଣି ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏପରିକି ଏହା ବିଶେଷକରି ଗ୍ରାହକ ସେବାକୁ ଅଧିକ ସୁଗମ କରିବା ସହ ଋଣ ବିତରଣରେ ମଧ୍ୟ ଉନ୍ନତି ଆଣିବ ଏବଂ ଖୁଚୁରା, କୃଷି ଓ ଏମ୍ଏସ୍ଏମ୍ଇ କ୍ଷେତ୍ରଗୁଡିକ ପାଇଁ ଟର୍ନ ଆରାଉଣ୍ଡ ଟାଇମ୍ (ଟିଏଟି) ହ୍ରାସ କରିବ। ଏହାଦ୍ୱାରା ଗ୍ରାହକ ସନ୍ତୁଷ୍ଟି ଅଧିକ ବୃଦ୍ଧି ପାଇବ। ସେହିଭଳି ବିଓଏମ୍ ଭୁବନେଶ୍ୱର ଅଞ୍ଚଳରେ ଏହାର ଉପସ୍ଥିତି ଜାହିର କରିବା ସହ ଗ୍ରାହକଙ୍କ ନିକଟତର ହେବା ପାଇଁ ବ୍ୟାଙ୍କ ପକ୍ଷରୁ ବିଭିନ୍ନ ଯୋଜନା ଘୋଷଣା କରାଯାଇଛି। ସେହିପରି ଶାଖା ଏବଂ ଅନ୍ୟାନ୍ୟ ଚ୍ୟାନେଲଗୁଡିକର ଦ୍ରୁତ ବିସ୍ତାରିତ ନେଟ୍‌ୱର୍କ ମାଧ୍ୟମରେ ଗ୍ରାହକଙ୍କୁ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇଦେବାରେ ଏହା ବେଶ୍ ସହଯୋଗ କରିବ ବୋଲି ସେ କହିଛନ୍ତି।

## ପଞ୍ଚଟାଭାକୁ ଆଚିଭର୍ସ ଆୱାର୍ଡର୍ସ




ନୂଆଦିଲ୍ଲୀ,୨୫।୧୨: ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଦିଲ୍ଲୀର ଅଗ୍ରଣୀ ଆଡ୍ ଏଜେନ୍ସି ପଞ୍ଚଟାଭା ଆଡଭର୍ଟାଇଜିଂକୁ ନିକଟରେ ଆଉ ଏକ ଜାତୀୟସ୍ତର ସମ୍ମାନ 'ଆଚିଭର୍ସ ଆୱାର୍ଡ' ମିଳିଛି। ଉଲ୍ଲେଖଯୋଗ୍ୟ, ଆଉଟ୍‌ଲୁକ ବିଜ୍‌ନେସ୍ ସ୍ପଟ୍‌ଲାଇଟର ସ୍ୱତନ୍ତ୍ର ସମ୍ମାନ ସମାରୋହ ଉତ୍ସବ 'ଆଚିଭର୍ସ ଆଓ୍ୱାଡର୍ସ-୨୦୨୪' ନିକଟରେ ଅନୁଷ୍ଠିତ ହୋଇଯାଇଛି। ନୂଆଦିଲ୍ଲୀଠାରେ ଆୟୋଜିତ ଏହି ସ୍ୱତନ୍ତ୍ର ସମ୍ମାନ ସମାରୋହ ଉତ୍ସବରେ ପଞ୍ଚଟାଭାକୁ ଉକ୍ତ ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ଭାଜପାର ଜାତୀୟ ପ୍ରବକ୍ତା ସେହଜାଦ ପୁନାଓ୍ୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲା ବେଳେ ଆଉଟ୍‌ଲୁକ ବିଜ୍‌ନେସ୍‌ର ସମ୍ପାଦକ ନୀରଜ ଠାକୁର ଓ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ପଞ୍ଚଟାଭା ଆଡଭର୍ଟାଇଜିଂର ଏମ୍‌ଡି ସଞ୍ଜୟ ନାରାୟଣ ସିଂ ଅତିଥିଙ୍କଠାରୁ ଆଚିଭର୍ସ ଆଓ୍ୱାଡର୍ସ ସମ୍ମାନ ଗ୍ରହଣ କରିଥିଲେ। ସେହିଭଳି ବିଜ୍ଞାପନ ଶିଳ୍ପରେ ବୈପ୍ଳବିକ ପରିବର୍ତ୍ତନ ଓ ଉଲ୍ଲେଖନୀୟ ଅବଦାନ ସାଙ୍ଗକୁ ଗୁଣବତ୍ତା କାର୍ଯ୍ୟଶୈଳୀ ପାଇଁ ପଞ୍ଚଟାଭାକୁ ଏହି ସମ୍ମାନ ଦିଆଯାଇଛି। ଏପରିକି ବିଗତ ଦିନରେ ମଧ୍ୟ ସଂସ୍ଥାର ଗୁଣବତ୍ତା କାର୍ଯ୍ୟ ପାଇଁ ପ୍ରଧାନମନ୍ତ୍ରୀଙ୍କଠାରୁ ମଧ୍ୟ ସିଂ ସମ୍ମାନିତ ହୋଇଥିଲେ।

## ଅକ୍ଟୋବରରେ ୯.୨୮ ବିଲିୟନ ଡଲାର କାରବାର



ଭୁବନେଶ୍ୱର,୨୫।୧୨: ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଅକ୍ଟୋବରରେ ସ୍ପଟ୍ ବୈଦେଶିକ ମୁଦ୍ରାବଜାରରେ ୯.୨୮ ବିଲିୟନ ଡଲାର ବିକ୍ରି କରିଛି। ମଙ୍ଗଳବାର ଆର୍‌ବିଆଇ ପକ୍ଷରୁ ପ୍ରକାଶିତ ମାସିକ ବୁଲେଟିନ୍‌ରେ ଏହି ସୂଚନା ଦିଆଯାଇଛି। ଆର୍‌ବିଆଇ ଅକ୍ଟୋବରରେ ୨୭.୫ ବିଲିୟନ ଡଲାର କିଣି ୩୬.୭୮ ବିଲିୟନ ଡଲାର ବିକ୍ରି କରିଛି। ମାତ୍ର ସେପ୍ଟେମ୍ବରରେ ଆର୍‌ବିଆଇ ୯.୬୪ ବିଲିୟନ ଡଲାରର ନିଟ୍ କ୍ରୟ କରିଥିଲା। ବିନିମୟ ମୂଲ୍ୟରେ ଅତ୍ୟଧିକ ପରିବର୍ତ୍ତନକୁ ରୋକିବା ପାଇଁ ରିଜର୍ଭ ବ୍ୟାଙ୍କ ବୈଦେଶିକ ମୁଦ୍ରାବଜାରରେ ହସ୍ତକ୍ଷେପ କରିଥାଏ। ଗତ କିଛି ମାସ ହେବ ଭାରତୀୟ ଟଙ୍କା ସ୍ଥିରତା ବଜାୟ ରଖିବା ପାଇଁ ଆର୍‌ବିଆଇ ବୈଦେଶିକ ମୁଦ୍ରା ବଜାରରେ ହସ୍ତକ୍ଷେପ କରୁଛି। ଅକ୍ଟୋବରରେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ୦.୩% ଦୁର୍ବଳ ହୋଇଛି। ଏହା ୮୩.୭୯ରୁ ୮୪.୦୯୫ ପରିସର ମଧ୍ୟରେ କାରବାର କରୁଥିବାବେଳେ ଅକ୍ଟୋବର ଶେଷରେ ଆର୍‌ବିଆଇର ନିଟ୍ ଫରୱାର୍ଡ ବିକ୍ରି ୪୯.୧୮ ବିଲିୟନ ଡଲାରରେ ପହଞ୍ଚିଛି, ଯାହା ପୂର୍ବ ମାସ ଶେଷରେ ୧୪.୫୮ ବିଲିୟନ ଡଲାର ଥିଲା। ମଙ୍ଗଳବାର ଆମେରିକୀୟ ଡଲାର ତୁଳନାରେ ଟଙ୍କା ୮୫.୨୦୭୫କୁ ଖସି ଆସିଛି। କ୍ରମାଗତ ୬ଷ୍ଠ ଦିନ ପାଇଁ ଏହା ସର୍ବନିମ୍ନ ରହିଛି। ଦିନ ଶେଷ ସୁଦ୍ଧା ଟଙ୍କା ୮୫.୨୦ରେ ବନ୍ଦ ହୋଇଥିଲା।

# ସଞ୍ଚୟରେ ଭାରତ ଚତୁର୍ଥ

## ପ୍ରଥମ ୩ରେ ଚୀନ, ଇଣ୍ଡୋନେସିଆ, ରୁଷ୍

ନୂଆଦିଲ୍ଲୀ: ଭାରତରେ ଲୋକମାନଙ୍କ ମଧ୍ୟରେ ସଞ୍ଚୟ ମନୋଭାବ ବହୁଦିନରୁ ରହିଛି। ଆଧୁନିକ ଯୁଗରେ ହୋଇଥିବା ଆର୍ଥିକ ପରିବର୍ତ୍ତନ ସତ୍ତ୍ୱେ ଲୋକଙ୍କ ସଞ୍ଚୟ ମାନସିକତା ସେତେଟା ବଦଳିନାହିଁ। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ନିକଟରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ଭାରତରେ ସଞ୍ଚୟ ହାର ୩୦.୨ ପ୍ରତିଶତ ରହିଛି, ଯାହାକି ବିଶ୍ୱର ହାରାହାରି ସଞ୍ଚୟ ହାର ୨୮.୨ ପ୍ରତିଶତ ଠାରୁ ଅଧିକ। ଏହାଦ୍ୱାରା ସଞ୍ଚୟ ହାର କ୍ଷେତ୍ରରେ ଭାରତ ବିଶ୍ୱରେ ଚତୁର୍ଥ ସ୍ଥାନରେ ରହିଛି। ପ୍ରଥମ ସ୍ଥାନରେ ଚୀନ୍ ରହିଛି। ଚୀନର ସଞ୍ଚୟ ହାର ୪୬.୬ ପ୍ରତିଶତ ଥିବାବେଳେ ଇଣ୍ଡୋନେସିଆର ୩୮.୧ ପ୍ରତିଶତ ଏବଂ ରୁଷ୍‌ର ୩୧.୭ ପ୍ରତିଶତ ରହିଛି। ଦେଶରେ ଲୋକଙ୍କ ସଞ୍ଚୟ ଅଭ୍ୟାସରେ ପରିବର୍ତ୍ତନ ଆସିଛି। ଲୋକମାନେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଦିଗ ଉପରେ ଗୁରୁତ୍ୱ ଦେଉଛନ୍ତି। ୨୦୧୧ ମସିହାରେ ୫୦ ପ୍ରତିଶତ ସାବାଳକଙ୍କ ପାଖରେ ଆନୁଷ୍ଠାନିକଭାବେ ଆର୍ଥିକ ଆକାଉଣ୍ଟ ଥିବାବେଳେ ସଂପ୍ରତି ଏହା ୮୦ ପ୍ରତିଶତକୁ ବୃଦ୍ଧି ପାଇଛି। ପାରମ୍ପରିକ ସଞ୍ଚୟ ଧାରା ଯଥା ବ୍ୟାଙ୍କ ଜମା ଏବଂ ପାଖରେ ନଗଦ ଅର୍ଥ ରଖିବା ଆଦି ଏବେ ବି ଜାରି ରହିଥିଲେ ମଧ୍ୟ ନୂଆ ନୂଆ ନିବେଶ ପନ୍ଥାଗୁଡ଼ିକୁ ସଞ୍ଚୟକାରୀମାନେ ଆପଣାଉଛନ୍ତି। ମ୍ୟୁଚୁଆଲ ଫଣ୍ଡ୍ ଏବଂ ଇକ୍ୱିଟି ପ୍ରତି ଲୋକଙ୍କ ପସନ୍ଦ ବଢ଼ୁଛି। ସିଷ୍ଟମେଟିକ୍ ଇନଭେଷ୍ଟମେଣ୍ଟ୍ ପ୍ଲାନ୍ (ଏସ୍ଆଇପି) ପଞ୍ଜୀକରଣ ସଂଖ୍ୟା ୨୦୧୭-୧୮ ତୁଳନାରେ ୪ ଗୁଣା ବୃଦ୍ଧି ପାଇ ୪.୮ କୋଟିରେ ପହଞ୍ଚିଛି। ଷ୍ଟକ୍ ଓ ଡିବେଞ୍ଚରରେ ମଧ୍ୟ ନିବେଶ ବଢ଼ିଛି। ଫଳରେ ସଞ୍ଚୟ ରଣନୀତିରେ ବଡ଼ଧରଣର ପରିବର୍ତ୍ତନ ଆସିଛି। ୧୦ ବର୍ଷ ପୂର୍ବେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)ରେ ସେୟାର ଓ ଡିବେଞ୍ଚରର ଯୋଗଦାନ ମାତ୍ର ୦.୨ ପ୍ରତିଶତ ରହିଥିଲା। କିନ୍ତୁ ୨୦୨୩-୨୪ ଆର୍ଥିକବର୍ଷରେ ଏହା ୧ ପ୍ରତିଶତକୁ ବୃଦ୍ଧି ପାଇଛି। ଏହାବ୍ୟତୀତ ରିପୋର୍ଟରୁ ଅନ୍ୟ ଯେଉଁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି ତାହା ହେଲା ଭାରତରେ ଲୋକଙ୍କ ନିଟ୍ ଆର୍ଥିକ ସଞ୍ଚୟ( ଘରୋଇ ସଞ୍ଚୟର ଯେଉଁ ଅଂଶ ଆର୍ଥିକ ସଂପତ୍ତିରେ ନିବେଶ ହେଉଛି) ରେ ବଡ଼ଧରଣର ବୃଦ୍ଧି ଦେଖାଦେଇଛି। ୨୦୧୩-୧୪ ଆର୍ଥିକବର୍ଷରେ ନିଟ୍ ଆର୍ଥିକ ସଞ୍ଚୟ ୩୬ ପ୍ରତିଶତ ରହିଥିଲା। କିନ୍ତୁ ୨୦୨୦-୨୧ରେ ଏହା ୫୨ ପ୍ରତିଶତ ସ୍ତରକୁ ବୃଦ୍ଧି ପାଇଛି। ଅବଶ୍ୟ ୨୦୨୧-୨୨ ଓ ୨୦୨୨-୨୩ରେ ଏଥିରେ ସାମାନ୍ୟ ହ୍ରାସ ଘଟିଛି।



# ଭାରତରେ ସବୁଠାରୁ ଶସ୍ତା କାର୍

ପ୍ରାୟତଃ ସମସ୍ତେ ଚାହାଁନ୍ତି ଯେ ବହୁତ କମ୍ ପ୍ରାଇସରେ ଗୋଟିଏ ଭଲ କାର୍ କିଣିବା ପାଇଁ। ଭାରତୀୟ ବଜାରରେ ଆପଣଙ୍କ ପାଇଁ ଏହିପରି ଅନେକ ଅପ୍ସନ ରହିଛି, କିନ୍ତୁ ଆପଣଙ୍କ ପାଇଁ କେତୋଟି ଭଲ ଅପ୍ସନ ହେବ ତାହା ଜାଣନ୍ତୁ। ଯାହାର ପ୍ରାଇସ୍ ୫ ଲକ୍ଷ ଟଙ୍କାରୁ କମ୍ ରହିଛି। ଆସନ୍ତୁ ଜାଣିବା ଏହି କାରଗୁଡିକ ବିଷୟରେ। ପ୍ରଥମ କାର୍ ନାମ ହେଉଛି ମାରୁତି ସୁଜୁକି ଅଲଟୋ କେ ୧୦, ଯାହା ଅଧିକ ସେଲ୍ ହେଉଛି। କମ୍ପାନୀର ଅଲଟୋ କେ୧୦ରେ ୧ ଲିଟର ଡୁଆଲ୍ ଜେଟ୍ ପେଟ୍ରୋଲ୍ ଇଞ୍ଜିନ୍ ରହିଛି। ଏହି ଇଞ୍ଜିନ୍ ୬୭ ପିଏସର ପାୱାର ଏବଂ ୮୯ଏନଏମର ଟର୍କ ପ୍ରଡ୍ୟୁସ୍ କରିପାରିବ। ଏଥିରେ ୫-ସ୍ପିଡ୍ ମାନୁଆଲ୍ ଟ୍ରାନ୍ସମିସନ୍ କିମ୍ବା ଏକ ୫-ସପିଡ୍ ଏଏମଟି ଟ୍ରାନ୍ସମିସନର ଅପ୍ସନ ରହିଛି। ଏହା ସହିତ ଅଲ୍‌ଟୋ କେ୧୦ ସିଏନଜି ଭର୍ସନ୍ ମଧ୍ୟ ଉପଲବ୍ଧ। ଏଥିରେ ଆଇଡେଏଲ୍ ଇଞ୍ଜିନ ଷ୍ଟାର୍ଟ/ଷ୍ଟପ ଟେକ୍ନୋଲୋଜିମଧ୍ୟ ମିଳିବ। ଏହି କାରର ପ୍ରାରମ୍ଭିକ ଏକ୍ସ-ସୋରୁମ୍ ପ୍ରାଇସ୍ ୩.୯୯ ଲକ୍ଷ ଟଙ୍କା ହୋଇଛି।

**ମାରୁତି ସୁଜୁକି ସେଲେରେଓ:** ସେକେଣ୍ଡ କାର୍ ହେଉଛି ମାରୁତି ସୁଜୁକି ସେଲେରିଓ , ଯାହା ଶସ୍ତା କାର ମଧ୍ୟରୁ ଗୋଟିଏ। Celerio ରେ ୧.୦ ଲିଟର ପେଟ୍ରୋଲ ଇଞ୍ଜିନ୍ ରହିଛି। ଏହି ଇଞ୍ଜିନ୍ ୬୭bhp ର ଅଧିକ ପାୱାର୍ ଏବଂ ୮୯ nm ର ପିକ୍ ଟର୍କ ନେରେଟ୍ କରିବାରେ ସକ୍ଷମ ହୋଇଥାଏ। Celerio ର ପ୍ରାରମ୍ଭିକ ମୂଲ୍ୟ ୫ ଲକ୍ଷ ୩୬ ହଜାର ଟଙ୍କା ଅଛି। ଏହା ଭାରତୀୟ ବଜାରରେ ମୋଟ୍ ୪ ଟି ଭ୍ୟାରିଆଣ୍ଟରେ ଉପଲବ୍ଧ।

**ଟାଟା ଟିଆଗୋ:** ଥାର୍ଡ କର୍ ହେଉଛି ଟାଟା ଟିଆଗୋ । ଏହି କାର୍ ଆପଣଙ୍କ ବଜେଟ୍ ସେଗମେଣ୍ଟରେ ଏକଦମ୍ ଫିଟ୍ ହୋଇପାରିବ। ଟାଟାର ଏହି କାରରେ ୧.୨ ଲିଟର ପେଟ୍ରୋଲ୍ ଇଞ୍ଜିନ୍ ରହିଛି। ଏହି ଇଞ୍ଜିନ୍ ୮୬bhp ର ଅଧିକ ପାୱାର୍ ଏବଂ ୧୧୩nm ର ପିକ୍ ଟର୍କ ଜେନେରେଟ୍ କରିବାରେ ସକ୍ଷମ ହୋଇଥାଏ। ଟିଆଗୋରେ ଆପଣ ସିଏନଜି ପାୱାର ଟ୍ରେନର ଅପ୍ସନ ମଧ୍ୟ ପାଇପାରିବେ। ଭାରତୀୟ ବଜାରରେ ଆପଣଙ୍କୁ ୪ ଲକ୍ଷ ୯୯ ହଜାର ଟଙ୍କା ମୂଲ୍ୟରେ ଟାଟା ଟିଆଗୋ ମିଳିବ।

**ମାରୁତି ସୁଜୁକି ଏସ-ପ୍ରେସୋ:** ଚତୁର୍ଥ କାର୍ ହେଉଛି ମାରୁତି ସୁଜୁକି ଏସ-ପ୍ରେସୋ, ଯାହାକୁ ଆପଣ ନିଜ ବଜେଟ୍ ଅନୁଯାୟୀ ଆଣିପାରିବେ। ଏହି କାର୍ କମ୍ପାନୀର ଏକ ସୁଲଭ କାର୍, ଯାହାର ଏକ୍ସ-ସୋରୁମ୍ ପ୍ରାଇସ୍ ୪.୨୬ ଲକ୍ଷ ଟଙ୍କା ହୋଇଛି। ଏସ-ପ୍ରେସୋରେ ଅଲ୍ଟୋ କେ ୧୦ର ଇଞ୍ଜିନ୍ ମିଳିଥାଏ। ଏହି କାରର ବେସ୍ ଭ୍ୟାରିଆଣ୍ଟ ୫ ଲକ୍ଷ ଟଙ୍କାରୁ କମରେ ଆସିଥାଏ। ଏସ-ପ୍ରେସୋର ୧-ଲିଟର ପେଟ୍ରୋଲ ଇଞ୍ଜିନ୍ ରହିଛି, ଯାହାକି ୬୮ପିଏସ ର ପାୱାର ଏବଂ ୯୦ଏନଏମର ଟର୍କ ପ୍ରଡ୍ୟୁସ କରିଥାଏ।



## ଇଡ୍‌କୋକୁ ଆଇଟି ବିଭାଗର ଚିଠି

## ଇନ୍‌ଫୋଭାଲି ଜମି ଆଇଟି ସଂସ୍ଥାଙ୍କୁ ଦିଆଯାଉ



ଭୁବନେଶ୍ୱର, ୨୫।୧୨: ଇନ୍‌ଫୋଭାଲିରେ ଥିବା ବଳକା ଜମିଗୁଡ଼ିକୁ ସ୍ୱତନ୍ତ୍ର ଭାବେ ଆଇଟି କମ୍ପାନିଗୁଡ଼ିକ ଲାଗି ସଂରକ୍ଷିତ ରଖିବାକୁ ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ପକ୍ଷରୁ ଇଡ୍‌କୋକୁ କୁହାଯାଇଛି। ଆଇଟି ବିଭାଗ ଜଣାଇଛି ଯେ ରାଜ୍ୟରେ ଏକ ଅତ୍ୟାଧୁନିକ ଆଇଟି ଭିତ୍ତିଭୂମି ବିକାଶ ଲକ୍ଷ୍ୟ ନେଇ ୨୦୦୦ ମସିହା ବେଳକୁ ଇନ୍‌ଫୋଭାଲିର ପରିକଳ୍ପନା କରାଯାଇଥିଲା। ଓଡ଼ିଶାକୁ ଏକ ପ୍ରମୁଖ ଆଇଟି ହବ୍ ଓ ଇଲେକ୍ଟ୍ରୋନିକ୍ସ ବିନିର୍ମାଣ ସ୍ଥଳ ଭାବେ ଉପସ୍ଥାପନ କରିବା ଥିବା ପ୍ରମୁଖ ଲକ୍ଷ୍ୟ। ତାହା ପ୍ରାରମ୍ଭିକ ପର୍ଯ୍ୟାୟରେ ବେଶ୍ ସଫଳ ମଧ୍ୟ ହୋଇଥିଲା। ଇନ୍‌ଫୋସିଟିରେ ଇନ୍‌ଫୋସିସ୍, ଟିସିଏସ୍, ୱିପ୍ରୋ ଓ ଏଲ୍ଆଣ୍ଡଟି ମାଇଣ୍ଡଟ୍ରି ଭଳି କମ୍ପାନି ସେମାନଙ୍କ କେନ୍ଦ୍ର ସ୍ଥାପନ କରିଥିଲେ। ବିଗତ ଦୁଇ ବର୍ଷ ମଧ୍ୟରେ ଇନ୍‌ଫୋସିଟିରେ ଥିବା ପ୍ରାୟ ସ୍ଥାନ ବ୍ୟବହୃତ ହୋଇଯାଇଥିବାରୁ ଆଇଟି, ଡାଟା ସେଣ୍ଟର, ସେମିକଣ୍ଡକ୍ଟର ଶିଳ୍ପ ଲାଗି ଇନ୍‌ଫୋଭାଲି ହିଁ ଏକମାତ୍ର ଉପଯୁକ୍ତ କେନ୍ଦ୍ର ହୋଇରହିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ସିକ୍‌ସେମ୍ ପ୍ରାଇଭେଟ୍ ଲିମିଟେଡ୍, ଆର୍‌ଆଇଆର୍ ପାୱାର ଲିମିଟେଡ୍, ହେଟେରୋଜିନିଅସ୍ ଇଣ୍ଟିଗ୍ରେଟେଡ୍ ପ୍ୟାକେଜିଂ ସଲ୍ୟୁସନ୍ସ ପ୍ରାଇଭେଟ୍ ଲିମିଟେଡ୍ ଭଳି କମ୍ପାନିର ପ୍ରକଳ୍ପକୁ ଅନୁମୋଦନ ପ୍ରଦାନ କରାଯାଇଛି। ସେହି ସଂସ୍ଥାଗୁଡ଼ିକ ଜମି ଆବଣ୍ଟନ ଅପେକ୍ଷାରେ ରହିଛନ୍ତି। ଏଭଳି ସ୍ଥିତି ସତ୍ତ୍ୱେ ଇନ୍‌ଫୋଭାଲିର ଜମିକୁ ସ୍ୱାସ୍ଥ୍ୟସେବା, ଶିକ୍ଷା ଓ ଆତିଥେୟତା କ୍ଷେତ୍ରର ସଂସ୍ଥାଗୁଡ଼ିକୁ ଆବଣ୍ଟନ କରାଯାଉଥିବାରୁ ଆଇଟି ବିଭାଗ ଉଦ୍‌ବେଗ ପ୍ରକାଶ କରିଛି। ତେଣୁ ଇନ୍‌ଫୋଭାଲିରେ ରହିଥିବା ଅବଶିଷ୍ଟ ଜମିକୁ କେବଳ ଆଇଟି, ତତ୍ ସଂକ୍ରାନ୍ତୀୟ କମ୍ପାନି, ଇଏସ୍‌ଡିଏମ୍, ସେମିକଣ୍ଡକ୍ଟର ଶିଳ୍ପ କିମ୍ବା ସେହି ଧରଣର କମ୍ପାନିଙ୍କ ଲାଗି ସଂରକ୍ଷିତ ରଖିବାକୁ ଆଇଟି ବିଭାଗ ପକ୍ଷରୁ ଇଡ୍‌କୋକୁ ଅନୁରୋଧ କରାଯାଇଛି। ଭବିଷ୍ୟତରେ ହେବାକୁ ଥିବା ବିକାଶ ଲାଗି ଆଗୁଆ ପ୍ରସ୍ତୁତି ସ୍ୱରୂପ ଇନ୍‌ଫୋଭାଲି ଆଖପାଖରେ ଉପଲବ୍ଧ ଥିବା ଜମିକୁ ଅଧିଗ୍ରହଣ କରିବାର ସମ୍ଭାବନାକୁ ଅନୁସନ୍ଧାନ କରିବା ଲାଗି ସୁପାରିସ କରାଯାଇଛି। ଯେଉଁ ଅଣ ଆଇଟି କ୍ଷେତ୍ରର କମ୍ପାନି ଜମି ନେଇ ବ୍ୟବହାର କରୁନାହାନ୍ତି, ସେମାନଙ୍କ ଆବଣ୍ଟନ ବାତିଲ କରିବାକୁ କୁହାଯାଇଛି। ଆଇସିଏଫ୍ଏଆଇ ବିଶ୍ୱବିଦ୍ୟାଳୟ, ନୋରସି ମୋଞ୍ଜି ବିଶ୍ୱବିଦ୍ୟାଳୟକୁ ବ୍ୟାପକ ଜମି ଆବଣ୍ଟନ କରାଯାଇଥିବା ବେଳେ ସେମାନେ ଏପର୍ଯ୍ୟନ୍ତ କାମ ଆରମ୍ଭ କରୁନାହାନ୍ତି। ସେମାନଙ୍କ ପ୍ରକଳ୍ପକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ଉପରେ ବିଚାର କରିବାକୁ ଇଡ୍‌କୋକୁ ଆଇଟି ବିଭାଗ ସୁପାରିସ କରିଛି।

## ପାରାଦୀପରେ ୬୧ହଜାର କୋଟିର ନାପ୍‌ଥା ପ୍ରକଳ୍ପ



ଭୁବନେଶ୍ୱର, ୨୫।୧୨: ପାରାଦୀପରେ ଏକ ନାପ୍‌ଥା କ୍ରାକର୍ ପ୍ରକଳ୍ପ ସ୍ଥାପନ ହେବାକୁ ଯାଉଛି। ସେଥିରେ ୬୧ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ହେବ। ଭାରତୀୟ ତୈଳ ନିଗମ ସେହି ପ୍ରକଳ୍ପ ସ୍ଥାପନ କରିବ। ତାହା ହେବ ଦେଶର ଅନ୍ୟତମ ସର୍ବବୃହତ ନାପ୍‌ଥା ପ୍ରକଳ୍ପ। ସେଥିରେ ରାଜ୍ୟ ସରକାରଙ୍କ ଇକ୍ୱିଟି ଅଂଶଧନ ରହିବ। ଏହି ପ୍ରକଳ୍ପରୁ ରାଜ୍ୟ ସରକାରଙ୍କୁ ଲାଭାଂଶ ଓ ଟିକସ ମିଳିବ। ଏନେଇ ଜାନୁଆରିରେ କମ୍ପାନି ଓ ରାଜ୍ୟ ସରକାରଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ହେବ। ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିବା ଅବସରରେ କମ୍ପାନିର ଅଧ୍ୟକ୍ଷ ଏ ଏସ୍ ସାହନି ଏହି ସୂଚନା ଦେଇଛନ୍ତି। ୨୦୨୫ ଜାନୁଆରି ୨୮ ଓ ୨୯ରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ୨୦୨୫ ଅବସରରେ ଭଦ୍ରକରେ ସ୍ଥାପନ ହେବାକୁ ଥିବା ୪୩୫୨ କୋଟି ଟଙ୍କାର ବୟନ ପାର୍କର ମଧ୍ୟ ଶିଳାନ୍ୟାସ କରାଯିବ।

# ଲଞ୍ଚ ହେଲା ନୂଆ ହୋଣ୍ଡା ଏସ୍‌ପି ୧୨୫



ନୂଆଦିଲ୍ଲୀ, ୨୫।୧୨: ଭାରତରେ ଟୁ-ହୁଇଲର୍ସଙ୍କ ଡିମାଣ୍ଡ ବହୁତ ଅଧିକ। କିଛି ସେଗମେଣ୍ଟ ରହିଛି ଯାହାର ବାଇକ୍ ଭଲ ସେଲ୍ ହେଉଛି। ବର୍ଷ ବର୍ଷ ଧରି ହୋଣ୍ଡା ୧୨୫ ସିସି ସେଗମେଣ୍ଟରେ ଅନେକ ଉନ୍ନତ ବାଇକ୍ ଲଞ୍ଚ କରିଛି। ଡିମାଣ୍ଡକୁ ଆଖି ଆଗରେ ରଖି କମ୍ପାନୀ ବର୍ତ୍ତମାନ ଭାରତରେ ଏକ ନୂଆ ହୋଣ୍ଡା ଏସ୍‌ପି ୧୨୫ ଲଞ୍ଚ କରିଛି। ଏହି ବାଇକ୍ ଏକ ନୂଆ ଅପଡେଟ୍ ସହିତ ଲଞ୍ଚ କରାଯାଇଛି। ଏହି ହୋଣ୍ଡାର ଏକ୍ସ-ସାରୁମ୍ ପ୍ରାଇସ୍ ୯୧ ହଜାର ୭୭୧ ଟଙ୍କା ରହିଛି। ନୂଆ ଅପଡେଟ୍ ସହିତ ଲଞ୍ଚ ହୋଇଥିବା ହୋଣ୍ଡା ଏସ୍‌ପି ୧୨୫ କୁ ପୂର୍ବ ଅପେକ୍ଷା ଅଧିକ ପ୍ରିମିୟମ୍ ଷ୍ଟାଇଲିଂ ଏବଂ ଫିଚର୍ସ ସହିତ ଅଣାଯାଇଛି। କମ୍ପାନୀ ଅନୁଯାୟୀ ନୂଆ ଅପହେଟ୍ ସହିତ ଆସିଥବା ଏହି ହୋଣ୍ଡା ବାଇକ୍ ୧୨୫ ରୁ ଅଧିକ ଆଏଭାନ୍ସ ହୋଇଛି। ଏହାର ଏଣ୍ଟ୍ରି ଲେଭଲ ୧୨୫CC କମ୍ୟୁଟର ବାଇକରୁ ଗୋଟିଏ ହୋଇଛି। ଡିଜାଇନ୍ ବିଷୟରେ କହିବାକୁ ଗଲେ କମ୍ପାନୀ ନୂଆ ହୋଣ୍ଡା ବାଇକରେ କିଛି ପରିବର୍ତ୍ତନ କରିଛି। ଏଥିରେ ଫୁଲ୍ ଏଲ୍‌ଇଡି ଲାଇଟିଂ ସହିତ ଏକ ସାର୍ପ ଫ୍ରଣ୍ଟ ଏଣ୍ଡ୍ ଏବଂ ଟେଲ୍ ସେକ୍ସନ ଦିଆଯାଇଛି। କମ୍ପାନୀ କହିଛି ଯେ ଡିଲରସିପରେ ହୋଣ୍ଡା ବାଇକ୍ ଏବଂ ସ୍କୁଟର ସେଲ୍ ପାଇଁ ଉପଲବ୍ଧ ହେବ। ଏହି ହୋଣ୍ଡା ବାଇକ୍ ୫ଟି କଲର ଅପ୍ସନରେ ରହିଛି ଯାହା ହେଉଛି- ସିରେନ ବ୍ଲୁ, ଇମ୍ପେରିଆଲ ରେଡ ମେଟାଲିକ, ପର୍ଲ ଇଗ୍ନେଅସ ବ୍ଲାକ, ମେଟ ମାବର୍ଲ ବ୍ଲୁ ମେଟାଲିକ, ମେଟ ଆକ୍ସିସ ଗ୍ରେ ମେଟାଲିକରେ ରହିଛି। ବର୍ତ୍ତମାନ ଫିଚର୍ସ ବିଷୟରେ କହିବୁ ହୋଣ୍ଡାର ଏହି ବାଇକରେ ଆପଣଙ୍କୁ କ'ଣ କ'ଣ ଫିଚର୍ସ ମିଳିବ ତାହା ଜାଣନ୍ତୁ। ଏଥିରେ ବ୍ଲୁଟୁଥ୍ କନେକ୍ଟିଭିଟି, ହୋଣ୍ଡା ରୋଡସାଇନ ଆପ କମ୍ପାଟିବିଲିଟି, ୪.୨ ଇଞ୍ଚ ଟିଏଫଟି ସ୍କ୍ରିନ, ଟର୍ଣ୍ଣ ବାଏ ଟର୍ଣ୍ଣ ନାଭିଗେସନ ଆସେସ ଏବଂ ୟୁଏସବି-ସି ଚାର୍ଜିଂ ପୋର୍ଟ ରହିଛି। ନୂଆ ହୋଣ୍ଡା ଏସ୍‌ପି ୧୨୫ ରେ ୧୨୪CC, ସିଙ୍ଗଲ ସିଲିଣ୍ଡର, ଫ୍ୟୁଏଲ୍ ଇଞ୍ଜେକ୍ଟେଡ୍ ଇଞ୍ଜିନ୍ ରହିଛି, ଯାହାକି ୧୦.୭ ବିଏଚପିର ପାୱାର ଏବଂ ୧୦.୯ଏନଏମର ଟର୍କ ଜେନେରେଟ୍ କରିଥାଏ। ହୋଣ୍ଡାର ଏହି ବାଇକ୍ ୫-ସ୍ପିଡ୍ ଗିୟରବକ୍ସ ସହିତ ଆସିଥାଏ।

## ଅଜଣା ବୃଦ୍ଧଙ୍କ ଶବ ସତ୍କାର କଲା ନିଷ୍ଠା ପରିବାର



ସୋହେଲା,୨୫।୧୨(ସଂଚାର ବ୍ୟୁରୋ): ଗୁରୁବାର ଦିନ ସୋହେଲା ସ୍ଥିତ ଗଉଣୀ ରେ ସକାଳ ୯.୪୦ରେ ଏକ ଅଜଣା ବୃଦ୍ଧ ଙ୍କ ଏକ ବାଇକ ଧକ୍କା ଦେଇ ଚାଲି ଯାଇଥିଲା ଫଳରେ ବୃଦ୍ଧ ଙ୍କ ର ମୃତ୍ୟୁ ହୋଇଯାଇଥିଲା। ବୃଦ୍ଧ ଙ୍କ ଆନୁମାନିକ ବୟସ ୬୫ବର୍ଷ ହେବ। ସୋହେଲା ପୋଲିସ ଶବ ବ୍ୟବଚ୍ଛେଦ କରିଥିଲା ତାଙ୍କ ର ପରିଚୟ ନ ମିଳିବାରୁ ତାଙ୍କୁ ଶବ ସଂରକ୍ଷଣ ଗୃହ ରେ ୭୨ଘଣ୍ଟା ରଖାଯାଇଥିଲା।ତାପରେ ଶବ ସତ୍କାର ପାଇଁ ନିଷ୍ଠା ପରିବାର କୁ ସୋହେଲା ପୋଲିସ ଏକ ଲିଖିତ ଅନୁମତି ପତ୍ର ଦେଇଥିଲା। ତୁରନ୍ତ ନିଷ୍ଠା ପରିବାର ର ସକ୍ରିୟ ସଦସ୍ୟ ମାନସ ମେହେର ଓ ରାକେଶ ବାରିକ ଉପରୋକ୍ତ ଶବ କୁ ନେଇ ସସମ୍ମାନେ ଶବ ସତ୍କାର କରିଥିଲେ। ଶବ ସତ୍କାର ସମୟ ରେ ସୋହେଲା ଥାନା ଏସ ଆଇ ପ୍ରଫୁଲ୍ଲ କୁମାର ପୁରୋହିତ ଓ କାର୍ଯ୍ୟ ନିର୍ବାହୀ ମାଜିଷ୍ଟ୍ରେଟ ଉପସ୍ଥିତ ଥିଲେ।

## ନଳକୂପ ଉଚ୍ଚା କରିବାକୁ ଦାବି



ସୋନପୁର,୨୫।୧୨(ସଂଚାର ବ୍ୟୁରୋ): ସୋନପୁର ସଦର ବ୍ଲକ ଜନମୁରା ଗାଁ ଛକ ନିକଟରୁ ମଡେଲ ଡିଗ୍ରୀ କଲେଜ ଯିବା ରାସ୍ତାର ବାହାନ ପାର୍ଶ୍ୱରେ ଏକ ନଳକୂପ ଅଛି ଏହି ନଳକୂପ ଏବେ ବି ଠିକ୍ ଭାବରେ କାମ କରୁଛି। ଲୋକମାନେ ଏହାକୁ ବ୍ୟବହାର ମଧ୍ୟ କରୁଛନ୍ତି। ତେବେ ଏହା ନିକଟରେ ଥିବା ରାସ୍ତାକୁ ପୂର୍ତ୍ତ ବିଭାଗ ପକ୍ଷରୁ କିଛି ବର୍ଷ ତଳେ ନୂତନ ରାସ୍ତା ନିର୍ମାଣ ପରେ ନଳକୂପ ରାସ୍ତାରୁ ୩ ଫୁଟ ନିମ୍ନରେ ରହିଛି। ଫଳରେ ନଳକୂପ ଚାରିପଟେ ବର୍ଷା ଦିନରେ ବର୍ଷା ପାଣି ଜମି ରହିବା ସହ ଅନାବନା ଲତାଗୁଡାରେ ପରିପୂର୍ଣ୍ଣ ହୋଇଯାଉଥାଏ। ନଳକୂପ ନିମ୍ନରେ ଥିବା ଯୋଗୁଁ ରାସ୍ତାରେ ଯାଉଥିବା ଜନସାଧାରଣ, ସ୍କୁଲ, କଲେଜ ଛାତ୍ରଛାତ୍ରୀ ନଳକୂପ କୁ ଚିହ୍ନଟ ରେ ବାଧାପ୍ରାପ୍ତ ହେଉଛନ୍ତି। ଯାହାଫଳରେ ଲୋକମାନେ ହଇରାଣ ହେଉଛନ୍ତି। ତେଣୁ ଆଗକୁ ଗ୍ରୀଷ୍ମ ଋତୁ ଆସୁଥିବା ଯୋଗୁଁ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ଏହାର ଉଚ୍ଚତା ବୃଦ୍ଧି କରିବା ସହ ଏକ ନୂତନ ଚାନ୍ଦିନୀ ନିର୍ମାଣ କଲେ ଜନସାଧାରଣଙ୍କ ପାଇଁ ଉପକୃତ ହେବ।

## ଥୁଆପାଲି ଧନୁଯାତ୍ରା ଉଦଯାପିତ



ଭେଡେନ,୨୫।୧୨(ସଂଚାର ବ୍ୟୁରୋ): ଭେଡେନ ବ୍ଲକ ଥୁଆପାଲି ରେ ୧୨ଦିନ ଧରି ଚାଲିଥିବା ଧନୁଯାତ୍ରା ମହୋତ୍ସବ କଂସ ବଧ ସହ ଉଦଯାପିତ ହୋଇଛି।ଶେଷ ସନ୍ଧ୍ୟାରେ ଧନୁଯାତ୍ରା ଦେଖିବା ପାଇଁ କୃଷ୍ଣ ବଳରାମ ଙ୍କୁ ଧରି ଅକ୍ରୁରଙ୍କ ମଥୁରାରେ ପ୍ରବେଶ,ବେନି ଭାଇଙ୍କ ନଗର ପରିଭ୍ରମଣ, କୃଷ୍ଣଙ୍କ ଦ୍ୱାରା କୁବୁଜା ଉଦ୍ଧାର,କୁବଲୟା ହସ୍ତୀ ଶରଣ ଗତ,ଶିବଧନୁ ଭଞ୍ଜନ,ଚାଣୁର, ମୁଷ୍ଟିକ ଓ ସେନାପତି ନିହତ,ମହାମନ୍ତ୍ରୀ ସଂକ୍ରାଜିତ ଶରଣାଗତ,କୃଷ୍ଣ ବଳରାମ ହାତରେ ମହାରାଜ କଂସ ବଧ,ରାଜା ଉଗ୍ରସେନଙ୍କ ରାଜଭିଷେକ ଆଦି ଦୃଶ୍ୟ ଅଭିନୀତ ହୋଇଥିଲା।ଏହି ଅବସରରେ ପ୍ରତେକ ସନ୍ଧ୍ୟା ରେ ରାଜ ଦରବାରରେ ଅନେକ ସାଂସ୍କୃତିକ ଦଳ ଯୋଗଦେଇ କଳା ପର୍ଦ୍ଦଶନ କରିଥିଲେ।ଏହି ମହୋତ୍ସବରେ କଂସ ଭାବରେ ଗୋପାଳ ଚନ୍ଦ୍ର ପଣ୍ଡା,କୃଷ୍ଣ ଭୂମିକାରେ ସ୍ୱୟଂଶାନ୍ତ ଦାଶ,ବଳରାମ ଭୂମିକାରେ ରୋହନ ଶର୍ମା ସମେତ ପାର୍ଥ ଭାଟି,ଲକ୍ଷିନ୍ଦ୍ର ଭୋଇ,ଦେବାନନ୍ଦ ଭୋଇ,ଲକ୍ଷ୍ମଣ ଭୋଇ,ଅରୁଣ ପାଢ଼ୀ,ବାବୁଲଲ ଭୋଇ, ସଂଖ୍ୟାକାରୀ ନାଏକ, କାର୍ତ୍ତିକ ପୋଡ଼,ଅନନ୍ତ ପଧାନ,ଗୁରୁଦେବ ପାଣି,ଆଲୋକ ପାଣି ସମେତ ଅନେକ କଳାକାର ଅଭିନୟ କରିଥିଲେ।ପରିଚାଳନା ରେ କମିଟିର ସଭାପତି ଅନିରୁଦ୍ଧ ସାହୁ,ଉପସଭାପତି ଜିତେନ୍ଦ୍ରିୟ ପୋଢ଼, ସମ୍ପାଦକ ତ୍ରିଦେଓ୍ୱ ସାହୁ,ସହ ସମ୍ପାଦକ ଏମ ଦି ସାୟତ ଅଲ୍ଲି, ଭୁଲା ଜୁଆଡି,ସୁରୁ ପୋଢ଼, ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ପ୍ରଶାସନର ଦୃଷ୍ଟି ଆଢୁଆଳରେ ଦୁର୍ଗମ ସାଇମସ୍କା ଗାଁ



କଳାହାଣ୍ଡି, ୨୫।୧୨ (ସଂଚାର ବ୍ୟୁରୋ) : କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଅଞ୍ଚଳରେ ଅନେକ ଗାଁ ସ୍ଥାପନ ହୋଇ ଆଜିକୁ ୧୦୦ରୁ ଊର୍ଦ୍ଧ୍ୱ ବର୍ଷ ବିତିଯାଇଥିଲେ ସୁଦ୍ଧା ଏବେ ଯାଏଁ ଏମିତି ଅନେକ ଗାଁ ରହିଛି ଯେଉଁଠି ସାଧାରଣ ପାଦଚଲା ରାସ୍ତାଟିଏ ନାହିଁ । ଗମନାଗମନର ଅଭାବ ଯୋଗୁଁ ଆଜିବି ଲୋକେ ସରକାରଙ୍କ ବିଭିନ୍ନ ଯୋଜନା ଏହି ଅଞ୍ଚଳ ମାନଙ୍କରେ ଅପହଞ୍ଚ ହୋଇରହିଛି । ଏପଟେ ସରକାର ଅନେକ ଗୁଡ଼ିଏ ଯୋଜନା କରି ଗ୍ରାମାଞ୍ଚଳର ଗରିବ ନିରିହ ଆଦିବାସିଙ୍କ ଜୀବନ ଧାରାରେ ବହୁତ ବଡ଼ ପରିବର୍ତ୍ତନ ଆଣିଥିବା କଥା କହୁଥିଲେ ମଧ୍ୟ ଏବେ ବି ଅନେକ ଅପହଞ୍ଚ ଇଲାକାର ଲୋକେ ଏସବୁ ଯୋଜନା କଣ ଜାଣିନାହାନ୍ତି। ଏଭଳି ଏକ ଦୁର୍ଗମ ପାହାଡ ପର୍ବତ ଅଞ୍ଚଳ ହେଉଛି ଲାଞ୍ଜିଗଡ ବ୍ଲକ ବିଜେପୁର ପଞ୍ଚାୟତର ଅନ୍ତର୍ଗତ ସାଇମସ୍କା ଗାଁ।

ସାଇମସ୍କା ଗାଁ ଲାଞ୍ଜିଗଡ଼ ବ୍ଲକ ମହକୁମା ଠାରୁ ୪୦ କି.ମି ଦୂର ହୋଇଥିବା ବେଳେ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ୧୪ କି.ମି ଦୂରରେ ଏହି ଗାଁ ଅବସ୍ଥିତ। ଏହି ଗାଁରେ ଦୀର୍ଘବର୍ଷ ହେଲା ୨୦ ଆଦିବାସୀ ତଥା କୁଟିଆ କନ୍ଧ ସମ୍ପ୍ରଦାୟ ପରିବାର ବସବାସ କରୁଥିଲେ ମଧ୍ୟ ଗମନା ଗମନ, ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି ଓ ପାନୀୟ ଜଳ ଭଳି ମୌଳିକ ସୁବିଧା ସୁଯୋଗ ଆଜିପର୍ଯ୍ୟନ୍ତି ପହଞ୍ଚି ପାରିନାହିଁ। ତେବେ ଗାଁକୁ ରାସ୍ତା ନଥିବାରୁ ସ୍ୱାସ୍ଥ୍ୟକର୍ମୀ ବର୍ଷକୁ ଥରେ ଗାଁକୁ ଆସୁଥିବାରୁ ଲୋକ ପ୍ରାଥମିକ ଚିକିତ୍ସାରୁ ମଧ୍ୟ ବଞ୍ଚିତ ରହୁଛନ୍ତି ଓ ଯେକୌଣସି ଗୁରୁତର ରୋଗୀ କିମ୍ବା ଗର୍ଭବତି ମହିଳାଙ୍କୁ ୩ କିଲୋମିଟର ପାଦଚଲା ରାସ୍ତାରେ ଖଟିଆରେ ବୋହି ବାଡେର ପଡ଼ା ମୁଖ୍ୟ ରାସ୍ତାକୁ ନିଆଯାଇଥାଏ । ସେଠାରୁ ଆମ୍ବୁଲାନ୍ସ ଯୋଗେ ବିଶ୍ୱନାଥପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଚିକିତ୍ସା କରାଥାନ୍ତି । କେବଳ ସେତିକି ନୁହେଁ ଗାଁରେ ଏବେ ଯାଏଁ ନଳକୂପଟିଏ ମଧ୍ୟ ହୋଇ ପାରି ନାହିଁ। ଯାହାଫଳରେ ଗାଁ ନିକଟସ୍ଥ ଝରଣାରୁ ପାଣି ସଂଗ୍ରହ କରି ପାନୀୟ ଜଳ ରୂପେ ବ୍ୟବହାର କରୁଛନ୍ତି । ଫଳରେ ବିଭିନ୍ନ ସମୟରେ ସ୍ୱାସ୍ଥ୍ୟବସ୍ଥା ଭଲ ରହୁନାହିଁ।

ଶିକ୍ଷା କଥା କହିଲେ ଏଠାର ଶିଶୁମାନେ ୩ କି.ମି ପାଦ ଚଲା ରାସ୍ତା ଦେଇ ବାଡେର ପଡ଼ା ସ୍କୁଲକୁ ଯାଇ ଅଧ୍ୟୟନ କରୁଥିବା ବେଳେ ଅନେକ କୋମଳମତି ଶିଶୁ ପାହାଡ଼ ପର୍ବତ ରାସ୍ତା ପାଇଁ ଶିକ୍ଷାଦାନରୁ ବଞ୍ଚିତ ରହୁଛନ୍ତି । ଗାଁ ପାଇଁ ବିଜୁଳି ଆଲୁଅ ସାଜସପନ ପାଲଟିଛି । ଏମାନଙ୍କ ପାଇଁ ଡିବିରି ଆଲୁଅ ଭରସା ଥିବା ବେଳେ ଏବେ ପଞ୍ଚାୟତରେ କିରୋସିନ ନ ମିଳିବାରୁ ଜାଳେଣି କାଠ ବ୍ୟବହାର କରି ଜୀବନ ବିତାଉଛନ୍ତି । ତେବେ ସରକାରୀଙ୍କ ଅନେକ ଯୋଜନା ଥିଲେ ବି ସବୁ ଅପହଞ୍ଚ ହୋଇପଡିଛି। ଏହି ସମସ୍ୟା ପ୍ରତି ଜିଲ୍ଲା ଓ ବ୍ଲକ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ନେଇ ମନ୍ଥନ ଶିବିର




ସୁନ୍ଦରଗଡ଼,୨୫।୧୨(ସଂଚାର ବ୍ୟୁରୋ): ସ୍ଥାନୀୟ ବିକାଶ ଭବନଠାରେ ମଙ୍ଗଳବାର ଆୟୋଜିତ ହୋଇଯାଇଛି ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଉପରେ ଏକ ମନ୍ଥନ ଶିବିର। ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ପାନପୋଷ ବିଜୟ ନାୟକ,ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାନପୋଷର ପ୍ରକଳ୍ପ ପ୍ରଶାସକ ପରମାନନ୍ଦ ପୃଷ୍ଟି, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ହରିହର ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ୫ ବର୍ଷ ଧରି ଚାଲିବାକୁ ଥିବା ଏହି ଅଭିଯାନରେ ଚିହ୍ନିତ ହୋଇଥିବା ଜିଲ୍ଲାର ୮୧୨ ଗୋଟି ଗ୍ରାମ ଯେଉଁଠାରେ କି ୫୦୦ ରୁ ଅଧିକ ଆଦିବାସୀ ଜନସଂଖ୍ୟା ରହୁଛନ୍ତି କିମ୍ବା ଯେଉଁ ଗ୍ରାମର ୫୦ ପ୍ରତିଶତ ଆଦିବାସୀ ରହିଛନ୍ତି ସେହି ମାନଙ୍କ ପାଇଁ ଏହି ଅଭିଯାନ ଅନୁଯାୟୀ ବିଭିନ୍ନ କାର୍ଯ୍ୟକ୍ରମ ମାନ କରାଯାଉଛି। ଏହି ଜିଲ୍ଲା ସ୍ତରୀୟ ମନ୍ଥନ ଶିବିରକୁ ୟୁ ଏନ୍ ଡି ପି ଦ୍ୱାରା ପରିଚାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୭ ଗୋଟି ବିଭାଗର ବିଭାଗୀୟ ଅଧିକାରୀ ସାମିଲ ହୋଇଥିଲେ ଏବଂ ସେମାନଙ୍କ ବିଭାଗ ଦ୍ୱାରା ଚାଲୁଥିବା ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ଆଦି କିପରି ଆଦିବାସୀ ଜନଜାତି ରହୁଥିବା ଅଞ୍ଚଳ ମାନଙ୍କରେ ପରିପୂର୍ଣ୍ଣତା ହୋଇ ତାହା ନେଇ ଯୋଜନା ପ୍ରସ୍ତୁତ କରିବା ପାଇଁ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା। ଏହି ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଗତ ନଭେମ୍ବର ୧୫ ତାରିଖ ଦିନ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି।

## ଡିଜିଟାଲ ଯୁଗରେ ଅପହଞ୍ଚ ନେଟ୍‌ୱର୍କ

ଖପ୍ରାଖୋଲ,୨୫।୧୨(ସଂଚାର ବ୍ୟୁରୋ): ଖପ୍ରାଖୋଲ ବ୍ଲକ ଅଧିନସ୍ଥ ଖପ୍ରାଖୋଲ ପଞ୍ଚାୟତ ଅନ୍ତର୍ଗତ ମହୁରୁଣ୍ଡି ଗାଁରେ ଆସୁନି ମୋବାଇଲ ନେଟ୍‌ୱର୍କ । ମହୁରୁଣ୍ଡି ଗାଁରେ ନେଟୱର୍କ ଆସୁନଥିବାରୁ ଲୋକେ ବହୁ ଅସୁବିଧା ଭୋଗୁଛନ୍ତି । ଲୋକଙ୍କ ପାଖରେ ମୋବାଇଲ୍ ଅଛି, ବିଭିନ୍ନ କମ୍ପାନୀର ସିମକାର୍ଡ ମଧ୍ୟ ଲଗାଇଛନ୍ତି ହେଲେ କୌଣସି ନେଟ୍‌ୱର୍କ ଆସୁନଥିବାରୁ ଉପଭୋକ୍ତା ବେଶ୍ ହଇରାଣ ହେଉଛନ୍ତି । ଏବେ ଡିଜିଟାଲ ଯୁଗ କହାଯାଉଥିବା ବେଳେ ନେଟ୍‌ୱର୍କ ସମସ୍ୟା ଯୋଗୁଁ ଅଞ୍ଚଳର ଜନସାଧାରଣ ଓ ଛାତ୍ରଛାତ୍ରୀ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମରୁ ବଞ୍ଚିତ ରହୁଥିବା ଅଭିଯୋଗ କରୁଛନ୍ତି । ଏପରିକି ଛାତ୍ରଛାତ୍ରୀ ପଠାପଢ଼ା ସମୟରେ ବହୁ ଅସୁବିଧା ଦେଖାଦେଉଛି । କୌଣସି ସରକାରୀ ଯୋଜନା ତଥା ସୂଚନା ପାଇବାକୁ ହେଲେ ଲୋକେ ଖର୍ଚ୍ଚାନ୍ତ ହୋଇ ଖପ୍ରାଖୋଲ ଯାଉଛନ୍ତି । ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଥିବା ବେଳେ ଜିଲ୍ଲା ପ୍ରଶାସନ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି ।

## ଧାନ ଉଠୁ ନଥିବାରୁ ରାସ୍ତା ଅବରୋଧ କଲେ ଚାଷୀ



ଡୁଙ୍ଗୁରିପାଲି,୨୫।୧୨ (ସଂଚାର ବ୍ୟୁରୋ): ଡୁଙ୍ଗୁରିପାଲି ବ୍ଲକ ସାରସମାଲ ଧାନ ମଣ୍ଡିରୁ ୧୪ ଦିନ ଧରି ଧାନ ଉଠୁ ନଥିବାରୁ ଶତାଧିକ ଚାଷୀ ଆଜି ରାମପୁର - ବରପାଲି ମୁଖ୍ୟ ରାସ୍ତାର ସାରସମାଲ ଛକ ଠାରେ ସକାଳ ୮ଟା ରୁ ରାସ୍ତା ମଝିରେ ଧାନବସ୍ତା ରଖି ରାସ୍ତା ଅବରୋଧ କରିଥିଲେ । ସୂଚନା ଅନୁସାରେ ସାରସମାଲ ସାଇ ବାବା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଗତ ୧୦ ତାରିଖ ରୁ ଧାନ ମଣ୍ଡି ଆରମ୍ଭ ହୋଇଥିବା ବେଳେ ଆରମ୍ଭରୁ ଅବ୍ୟବସ୍ଥା ଦେଖାଦେଇଥିଲା । ଏଠାରେ ଆରମ୍ଭରୁ ଧାନ ଉଠୁ ନ ଥିବାରୁ ପୁର୍ବରୁ ଚାଷୀମାନେ ପ୍ରଶାସନ କୁ ଜଣାଇଥିଲେ ମଧ୍ୟ କୌଣସି ସମାଧାନ ହୋଇନଥିବାରୁ ଶତାଧିକ ଚାଷୀ ଆଜି ସକାଳ ୮ଟା ରୁ ରାମପୁର - ବରପାଲି ମୁଖ୍ୟ ରାସ୍ତାର ସାରସମାଲ ଛକ ଠାରେ ଧାନବସ୍ତା ରଖି ରାସ୍ତା ଅବରୋଧ କରି ଧାରଣା ରେ ବସିଥିଲେ । କୌଣସି ସ୍ଥାୟୀ ସମାଧାନ ନହେବା ପର୍ଯ୍ୟନ୍ତ ରାସ୍ତା ଅବରୋଧ ରୁ ଉଠିବୁ ନାହି ବୋଲି ଚାଷୀମାନେ କହିଥିଲେ । ଚାଷୀ ମାନଙ୍କ ଆନ୍ଦୋଳନ ସ୍ଥଳକୁ ଜିଲ୍ଲା ଯୋଗାଣ ବିଭାଗ ଅଧିକାରୀ, ରାମପୁର ତହସିଲଦାର ବିମଳ କିଶୋର ପାତ୍ର, ଅତିରିକ୍ତ ତହସିଲଦାର ଆନନ୍ଦ ଚନ୍ଦ୍ର ଦାସଙ୍କ ସହ ଉପଜିଲ୍ଲାପାଳ ଡ, ସୌମ୍ୟାରୂପା ରଥ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ । ଚାଷୀ ମାନେ ପୁର୍ବରୁ ଯେଭଳି ଭାବରେ ଧାନ ବିକ୍ରି କରୁଥିଲେ ସେହିଭଳି ଭାବରେ ଧାନ ବିକ୍ରି କରି କଟଣି ଛଟନି କୁ ବିରୋଧ କରିଥିଲେ । ଉପଜିଲ୍ଲାପାଳ ଶ୍ରୀମତୀ ରଥ ମିଲ ମାଲିକ ଙ୍କ ସହ ଯୋଗା ଯୋଗ କରି ଗାଡି ପଠାଇବାକୁ କହିଥିଲେ । ମିଲର୍ସ ପାଖରୁ ଗାଡି ଆସି ଧାନ ଉଠିବା ପରେ ଚାଷୀମାନେ ରାସ୍ତା ଅବରୋଧ ରୁ ଉଠିଥିଲେ । ମିଲର୍ସ ମାନେ ଯଦି ଧାନ କିଣାରେ କଟଣୀ ଛଟନି କରନ୍ତି କିମ୍ବା କୌଣସି ଅସୁବିଧା ଦେଖାଇ ମଣ୍ଡି କୁ ଗାଡି ନ ପଠାଇବେ ତାଙ୍କ ଉପରେ କାର୍ଯାନୁଷ୍ଠାନ ନିଆଯିବ ବୋଲି ଉପଜିଲ୍ଲାପାଳ କହିଥିଲେ। ଉପ ଜିଲ୍ଲାପାଳଙ୍କ ପ୍ରତଶୁତି ପରେ ଚାଷୀ ମାନେ ରାସ୍ତା ଅବରୋଧ ରୁ ହଟିଥିଲେ ।

## ବିଶ୍ୱ ଭାରତୀର ୧୩ ତମ ବାର୍ଷିକ କ୍ରୀଡା ଉତ୍ସବ

ସୁବର୍ଣ୍ଣପୁର,୨୫।୧୨(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ପିପିଲିପାଲି ସ୍ଥିତ ବିଶ୍ୱ ଭାରତୀ ଚିନ୍ତନ ଶିକ୍ଷା ନିକେତନର ୧୩ ତମ ବାର୍ଷିକ କ୍ରୀଡା -୨୦୨୪ ଉଦଯାପିତ ହୋଇଯାଇଛି। ପ୍ରଥମେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଖୁକୁଡା ମହାଦେବଙ୍କ ଠାରୁ ମଶାଲ ଅଣାଯାଇ ସ୍ଥାପିତ କରାଯାଇଥିଲା। ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଅକ୍ଷୟ କୁମାର ସାହୁ ମହୋଦୟ ବାର୍ଷିକ କ୍ରୀଡା ଉତ୍ସବକୁ ଉଦ୍ଘାଟନ କରିଥିଲେ। ଉଦ୍ ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମେଣ୍ଡା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ଝସକେତନ ମେହେର, ସମ୍ମାନୀତ ଅତିଥି ଭାବେ ଜନତା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ଶୁକଦେବ ପଣ୍ଡା ଏବଂ ମୁଖ୍ୟ ବକ୍ତା ଭାବେ ସୋନପୁର ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ମଦନ ସୁନ୍ଦର କ୍ଷେତୀ ଯୋଗ ଦେଇଥିଲେ । ଏହି ଉତ୍ସବରେ ବିଦ୍ୟାଳୟର ୩୭୧ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଅତିଥିମାନେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଅତିଥିମାନେ ତାଙ୍କ ଅଭିଭାଷଣରେ ଜିତିବା କିମ୍ବା ହାରିବାକୁ ଗୁରୁତ୍ୱ ନ ଦେଇ ଭବିଷ୍ୟତରେ ଜଣେ ସଫଳ କ୍ରୀଡାବିତ୍ ହେବେ ସେଥିପାଇଁ ପରାମର୍ଶ ଦେଇଥିଲେ । ଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶ୍ରୀଯୁକ୍ତ ସୁଶିଳ କୁମାର ଗାଇଗରିଆ ସମସ୍ତ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




## ରାତି ଅଧରେ ମୁଣ୍ଡକୁ ଛେଚିଦେଲା ସାଙ୍ଗ

ଯୋଡ଼ା,୨୫।୧୨(ସଂଚାର ବ୍ୟୁରୋ): ସାଙ୍ଗ ଦେଲା ବିଶ୍ୱାସରେ ବିଷ। ରାତି ଅଧରେ ଘଟାଇଲା ନାରକୀୟ କାଣ୍ଡ। ସାଜିଲା ଘାତକ, ନେଇଗଲା ଜୀବନ । ଏପରି ଏକ କାଣ୍ଡ କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ୬ ନଂ ୱାର୍ଡର ପାଚୁହାଟିଂରେ ଘଟିଛି। ମୃତକ ହେଲେ ପାଚୁହାଟିଂର ଭାଗବତ ବେଶ୍ରା। ଅଭିଯୁକ୍ତଜଣକ ହେଲେ ଦୁର୍ଗା ନାୟକ। ଗୁରୁତର ବ୍ୟକ୍ତି ଦଶରଥ କାରୁଆଙ୍କ ମୁଣ୍ଡ ଫାଟିବା ସହ ଦାନ୍ତ ଭାଙ୍ଗିଯାଇଛି । ଗତ ରାତି ପ୍ରାୟ ୮ ଟା ସମୟରେ ଏହି ଘଟଣା ଘଟିଛି । ହତ୍ୟାକାରୀ ସାଙ୍ଗ ଦୁର୍ଗା ନାଏକ ଫେରାର ହୋଇଯାଇଛି । ସୂଚନା ପାଇ ଯୋଡ଼ା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଛି । ଅଧିକ ତଦନ୍ତ ପାଇଁ ସାଇଣ୍ଟିଫିକ୍ ଟିମକୁ ଡକାଯାଇଛି । ମୃତ ଭାଗବତଙ୍କ ସ୍ତ୍ରୀଙ୍କ କହିବା ଅନୁଯାୟୀ, ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଅଧିକାଂଶ ସମୟରେ ପାଟିତୁଣ୍ଡ ହୋଇଥାଏ । ଗତ ଦୁଇ ସପ୍ତାହ ତଳେ ଝଗଡା ହେବା ପରେ ସ୍ୱାମୀ ଭାଗବତ ଘରୁ ପଳାଇ ଆସି ଅଳ୍ପ କିଛି ଦୂରରେ ରହୁଥିବା ତାଙ୍କ ସାଙ୍ଗ ଦୁର୍ଗା ନାଏକଙ୍କ ଘରେ ରହିଆସୁଥିଲେ । ତେବେ ସକାଳୁ ଘର ଭିତରେ ଭାଗବତଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପଡ଼ିଥିବା ଜାଣିବାକୁ ପାଇଥିଲେ । ଆହତ ଦଶରଥ କାରୁଆଙ୍କ କହିବା ଅନୁଯାୟୀ, ଗତକାଲି ସନ୍ଧ୍ୟାରେ ଦୁର୍ଗା ନାଏକ ମଦ ଆଣିବାକୁ ଯାଇଥିବା ବେଳେ ସେ ଏବଂ ଭାଗବତ ବେଶ୍ରା ରୋଷେଇ କରୁଥିଲେ। ପାଖାପାଖି ୮ ଟା ସମୟରେ ଦୁର୍ଗା ନିଶାରେ ଚୁର ହୋଇ ମଦ ନେଇ ଫେରିବା ପରେ ହଠାତ୍ ଏକ ହାତୁଡ଼ି ନେଇ ପ୍ରଥମେ ତାଙ୍କୁ ଆକ୍ରମଣ କରିଥିଲେ। ଏହାପରେ ଭାଗବତଙ୍କୁ ମଧ୍ୟ ଆକ୍ରମଣ କରିଥିଲା ଦୁର୍ଗା । ତେବେ ସେଠାରୁ ଜୀବନ ନେଇ ଖସି ପଳାଇବାକୁ ସକ୍ଷମ ହୋଇଥିଲେ ଦଶରଥ । ହତ୍ୟାକାରୀ ଅଭିଯୁକ୍ତ ଦୁର୍ଗା ନାଏକ ଫେରାର ହୋଇଯାଇଛି । ପ୍ରାୟ ୫ ବର୍ଷ ତଳେ ଦୁର୍ଗା ନିଜ ସ୍ତ୍ରୀକୁ ହତ୍ୟା ଅଭିଯୋଗରେ ଗିରଫ ହୋଇ ଜେଲ୍ ମଧ୍ୟ ଯାଇଥିଲେ । ବଡ଼ବିଲ ଆଡ଼ିସନାଲ ଏସପି ପ୍ରତ୍ୟୁଷ ମହାପାତ୍ର ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ତେବେ ପ୍ରକୃତରେ କାଲି ରାତିରେ କ'ଣ ଘଟିଥିଲା । ହଠାତ୍ କାହିଁକି ଉତକ୍ଷିପ୍ତ ହୋଇ ଉଠିଲା ଦୁର୍ଗା । ଏସବୁକୁ ନେଇ ପୁଲିସ୍ ତଦନ୍ତ ଚଳାଇବା ସହ ଫେରାର ଅଭିଯୁକ୍ତ ଦୁର୍ଗା ନାଏକକୁ ଧରିବା ପାଇଁ ତନାଘନା ଚଳାଇଛି ।

## ସୁଶାସନ ଦିବସ ଉପରେ: ଅଟଳ ବିହାରୀ ବାଜପେୟୀଙ୍କ ଆଦର୍ଶରେ ଆଲୋଚନା

ରାୟଗଡା,୨୫।୧୨(ସଂଚାର ବ୍ୟୁରୋ): ରାୟଗଡ ଜିଲ୍ଲାର ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ସୁଶାସନ ଦିବସ ପାଳିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ରାୟଗଡ଼ ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟାୱାରୀ, ସ୍ୱର୍ଗତ ବାଜପେୟୀଙ୍କ ଫୋଟ ଚିତ୍ରରେ ପୁଷ୍ପାମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ । ସେ ସୁଶାସନ ଓ ବାଜପେୟୀଙ୍କ ଜୀବନ ଆଦର୍ଶର ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ଡ଼ଃ ଦୁଷ୍ମନ୍ତ କୁମାର ମହାନ୍ତି, ବାଜପେୟୀଙ୍କ ଦୃଢ଼ ନେତୃତ୍ୱ, ଦେଶପ୍ରେମ ଓ ରାଜନୈତିକ ଜୀବନ ଉପରେ ଆଲୋଚନା କରିଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ସୁଶାନ୍ତ କୁମାର ନାୟକ, ମହାବିଦ୍ୟାଳୟ ଅଧ୍ୟକ୍ଷା ବବିଲତା ସରାଫ, ସମାଜ ସେବି ଶିବ ପଟ୍ଟନାୟକ ଓ ଅନ୍ୟାନ୍ୟ ବ୍ୟକ୍ତିବିଶେଷ ମଧ୍ୟ ବାଜପେୟୀଙ୍କ ଆଦର୍ଶ ଉପରେ ମତାମତ ରଖିଥିଲେ । କାର୍ଯ୍ୟକ୍ରମରେ କବିମାନଙ୍କ ଦ୍ୱାରା ସ୍ୱରଚିତ କବିତା ପାଠ ହୋଇଥିଲା । ଏହା ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଜିତୁଥିବା ଅଭିଜିତଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ଅଧ୍ୟାପକ ଏନ. ଶ୍ରୀବାସ୍, ପ୍ରଶାନ୍ତ ସାହୁ, ଭବେଶ ମହାନ୍ତି ଓ ଅନ୍ୟାନ୍ୟ ବ୍ୟକ୍ତି ସହଯୋଗ କରିଥିଲେ । ସୂଚନା ବିଭାଗର ଧଞ୍ଜୟ ବେହେରା ଓ ଅନ୍ୟାନ୍ୟ ସଭ୍ୟ କାର୍ଯ୍ୟକ୍ରମରେ ସମ୍ପୃକ୍ତ ଥିଲେ ।




## ପୁସ୍ତକମେଳା ପାଇଁ ଭୂମି ପୂଜନ



ଜଗତସିଂହପୁର,୨୫।୧୨(ସଂଚାର ବ୍ୟୁର): ଜଗତସିଂହପୁର ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ହେବାକୁ ଥିବା ୨୬ ତମ ଜଗତସିଂହପୁର ପୁସ୍ତକମେଳା ନିମନ୍ତେ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆରେ ଆଜି ଅପରାହ୍ନରେ ଏହି ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସାଂସ୍କୃତିକ ପରିଷଦର ସମ୍ପାଦକ ଶାରଦା ପ୍ରସାଦ ଦାସ କର୍ତ୍ତା ଭାବେ ଭୂମି ପୂଜାନ କାର୍ଯ୍ୟ ସଂପାଦନ କରିଥିଲେ । ଆଜିର ଏହି ଭୂମି ପୂଜନ ଅବସରରେ ସାଂସ୍କୃତିକ ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀ, ଉପାଧ୍ୟକ୍ଷ ବିଜୟ କୁମାର ରାଉତ, ଉପାଧ୍ୟକ୍ଷ ଗଣେଶ୍ୱର ମାଣିଆ, ଯୁଗ୍ମ ସମ୍ପାଦକ ଡ଼ ସୁଧୀର କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ନରେଶ ଦାସ, କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ର, ପରିଷଦର ସଦସ୍ୟ ମଧୁସୂଦନ ସାହୁ,ପ୍ରଭାତ ଦାଶ, ଉମାକାନ୍ତ ଦାଶ,ମନୋଜ କୁମାର ମହାପାତ୍ର, ଡ଼ ସୁରେନ୍ଦ୍ର ନାଥ ତ୍ରିପାଠୀ, ମନୋଜ କୁମାର ଦାଶ, ଲୋକନାଥ ଦାସ,ସରୋଜକାନ୍ତ ସାହୁ,ଡ଼ ନିରଞ୍ଜନ ବିଶ୍ୱାଳ ,ବିବୁଧ କୁମାର ମହାନ୍ତି, ପ୍ରଦୀପ୍ତ କୁମାର ମିତ୍ର,ମାନସ କୁମାର କାନୁନଗୋ, କୃଷ୍ଣଚନ୍ଦ୍ର ପ୍ରଧାନ , ନିବେଦିତା ମହାନ୍ତି,କୌଳାସ ମଲ୍ଲିକ, ଅତନୁ କୁମାର ସ୍ୱାଇଁ, ଜିତେନ୍ଦ୍ର ପ୍ରଧାନ, ରୋମିଓ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ବଦଳିଛି ତରିକା
# ବଜାରରେ ଅଲୋଡ଼ା 'ଶୁଭେଚ୍ଛା କାର୍ଡ'

କାକଟପୁର /ଅସ୍ତରଙ୍ଗ,୨୫।୧୨(ସଂଚାର ବ୍ୟୁରୋ): ଡିସେମ୍ବର ମାସ ବର୍ଷର ଶେଷ ମାସ। ଏହି ମାସ ଶେଷ ତାରିଖ ଡିସେମ୍ବର ୩୧ତାରିଖ ପରେ ବଦଳି ଯାଇଥାଏ ପୁରୁଣା ବର୍ଷ, ପାଦ ଥାପିଥାଏ ନୂତନ ବର୍ଷ। ପୁରୁଣା ବର୍ଷ ଅପସରି ଯାଇଥିବା ବେଳେ, ନୂତନ ବର୍ଷକୁ ସ୍ୱାଗତ କରିଥାନ୍ତି ସମଗ୍ର ବିଶ୍ୱବାସୀ।ନୂଆବର୍ଷ ଆସିବା ସପ୍ତାହ ଅବା ଦୁଇ ସପ୍ତାହ ପୂର୍ବରୁ ନିଜର ବନ୍ଧୁ ପରିଜନ, ସହକର୍ମୀ ତଥା ସମ୍ପର୍କୀୟ ମାନଙ୍କୁ ଶୁଭେଚ୍ଛା କାର୍ଡ (ଗ୍ରୀଟିଙ୍ଗସ) ମାଧ୍ୟମରେ ସକାରାତ୍ମକ ବାର୍ତ୍ତା ପଠାଯାଇଥାଏ। ନବେ ଦଶକରେ ଶୁଭେଚ୍ଛା କାର୍ଡ ନୂଆବର୍ଷ ଆଗମନରେ ପ୍ରାକ ସୂଚନା ପ୍ରଦାନ କରୁଥିଲା। ମାତ୍ର ଏବେ ସମୟ ବଦଳିଛି ସମୟ।ହାପି ନ୍ୟୁ ଇୟର ର ଶୁଭେଚ୍ଛା କାର୍ଡ ବଜାରରେ ଦେଖିବାକୁ ପ୍ରାୟତଃ ମିଳୁନାହିଁ। ଶୁଭେଚ୍ଛା କାର୍ଡ ଅଲୋଡ଼ା ହୋଇ ପଡ଼ିଥିବା ବେଳେ, ସୋସିଆଲ ମିଡ଼ିଆ ମାଧ୍ୟମରେ ଛାଇଛି ଶୁଭେଚ୍ଛା ବାର୍ତ୍ତା।ପୁରୀ ଜିଲ୍ଲା ଅସ୍ତରଙ୍ଗ ବଜାରରେ ଶୁଭେଚ୍ଛା କାର୍ଡ (ଗ୍ରୀଟିଙ୍ଗସ )କାଁଭାଁ କେଉଁଠି ମିଳୁଛି, ତାହା ପୁଣି ଚଢା ଦାମ୍ ରେ। ପୂର୍ବରୁ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳ ସମେତ ଅସ୍ତରଙ୍ଗ ବଜାର ରେ ଥିବା ପ୍ରମୁଖ ଛକ ଓ



ବଜାର ରେ ସ୍ୱତନ୍ତ୍ର ଭାବେ ଷ୍ଟଲ ପକାଇ ଶୁଭେଚ୍ଛା କାର୍ଡ ଦୋକାନ ପସରା ମେଲାଉଥିଲେ ଅନେକ ଦୋକାନୀ।କଟଣୀ, କୋଲକତା ଆଦିରୁ ବିଭିନ୍ନ କିସମର ନାମୀଦାମୀ କାର୍ଡ ଗ୍ରାହକ ମାନଙ୍କ ଉଦେଶ୍ୟରେ ବିକ୍ରି ହେଉଥିଲା।୫୦ପଇସା ରୁ ଆରମ୍ଭ କରି ୫୦୦ଟଙ୍କା ମୂଲ୍ୟର ଶୁଭେଚ୍ଛା କାର୍ଡକୁ ଆଦରି ନେଉଥିଲେ ଗ୍ରାହକ।ଯାହାକି ଆଜି ସାତ ସପନ ହୋଇଯାଇଛି। ଦୀର୍ଘ ବର୍ଷ ଧରି ଅସ୍ତରଙ୍ଗ ବଜାର ବିଭିନ୍ନ ପ୍ରାନ୍ତରେ ଶୋଭା ପାଉଥିଲା ନୂତନବର୍ଷର ଶୁଭେଚ୍ଛା କାର୍ଡ ମାଳମାଳ ଷ୍ଟଲ। ଶୁଭେଚ୍ଛା କାର୍ଡ ଷ୍ଟଲ ପକାଇ ବେପାର କରି ଆସୁଥିବା ଅସ୍ତରଙ୍ଗ ଅଞ୍ଚଳ ବ୍ୟବସାୟୀ ସାହାଜି ସାହୁ କହିବା ଅନୁଯାଇ ଆଜକୁ ୫ରୁ ୧୦ବର୍ଷ ତଳେ ଶୁଭେଚ୍ଛା କାର୍ଡର ଚାହିଦା ସର୍ବାଗ୍ରେ ରହୁଥିଲା ବିଭିନ୍ନ କିସମର କାର୍ଡ ବିକି ବେଶ ଦୁଇପଇସା ରୋଜଗାର କରି ହେଉଥିଲା, ମାତ୍ର ଏବେ ମୋବାଇଲି ଓ ଇଣ୍ଟର ନେଟ ବହୁଳ ପ୍ରଚଳନ ଯୋଗୁଁ ଶୁଭେଚ୍ଛା ବାର୍ତ୍ତା ବିଭିନ୍ନ ସାମାଜିକ ଗଣମାଧ୍ୟମର ସାହାରା ନେଇ ପଠାଯାଉଛି, ଏଣୁ ଆଉ ଶୁଭେଚ୍ଛା କାର୍ଡ ବଜାରରୁ କିଣିବାକୁ କେହି ପସନ୍ଦ କରୁନାହାନ୍ତି, ନୂଆବର୍ଷ କ୍ୟାଲେଣ୍ଡର ବିଭିନ୍ନ କମ୍ପାନୀର ଓଡ଼ିଆ ପଞ୍ଜିକା, ଡାୟରୀ ଆଦିବଜାରରେ ଚାହିଦା ରହୁଛି ବୋଲି ସେ ପ୍ରକାଶ କରିଥିଲେ। ସେହିପରି ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ରୀ ଲଭଲି ମହାରଣା କହିବା ଅନୁଯାଇ ଡିଜିଟାଲ ସେବାର ବହୁଳ ପ୍ରଚାର ପ୍ରସାର ଫଳରେ ସାମାଜିକ ଗଣମାଧ୍ୟମ ହାତ ଧରି ଭିଡିଓ କ୍ଲିପ, ଇମେଜ, ହ୍ୱାଟ୍ସ ଅପ, ଫେସବୁକ ମେସେଜ ଦ୍ୱାରା ନୂଆବର୍ଷ ବାର୍ତ୍ତା ପ୍ରେରଣ କରାଯାଉଛି।ଯାହାଦ୍ୱାରା ଅଳ୍ପ ଖର୍ଚ୍ଚ ଓ କମ୍ ସମୟ ମଧ୍ୟରେ ବ୍ୟକ୍ତି ଜଣକ ନିଜର ପ୍ରିୟ ପରିଜନକୁ ଶୁଭେଚ୍ଛା ବାର୍ତ୍ତା ଅନାୟସ ରେ ପ୍ରେରଣ କରି ପାରୁଛି ବୋଲି କହିଛନ୍ତି।ଶୁଭେଚ୍ଛା କାର୍ଡ ଉପରେ ଓଡ଼ିଆ ଅବା ଇଂରାଜୀ ରେ ବିଭିନ୍ନ ପ୍ରକାର ସାଧୁ ଓ ମହତବାଣୀ ଉଲ୍ଲେଖ ରହୁଥିଲା, ଯାହାକି ପ୍ରତ୍ୟେକ ଙ୍କ ମନ ଓ ହୃଦୟକୁ ଛୁଇଁ ପାରୁଥିଲା।ମାତ୍ର ଏବେ ତାହା ଏକ ଦିବାସ୍ୱପ୍ନ ହୋଇ ରହି ଯାଇଛି। ନୂଆବର୍ଷ ଆସିବାକୁ ଦିନ କେଇଟା ବାକି ରହିଥିବା ବେଳେ, ଶୁଭେଚ୍ଛା କାର୍ଡର ଚାହିଦା ଯଦିଓ କମିଛି, ହେଲେ ଏହାର ତରିକା ବଦଳି ଯାଇ ମୋବାଇଲି ଅବା ଇଣ୍ଟରନେଟ ମାଧ୍ୟମରେ ନିଜ ପ୍ରିୟଜନ ମାନଙ୍କୁ ଶୁଭେଚ୍ଛା ବାର୍ତ୍ତା ପ୍ରେରଣ କରିବା ପ୍ରାୟତଃ ଆରମ୍ଭ କରି ଦେଲେଣି, ଶୁଭେଚ୍ଛାକାରି ଏହି ପ୍ରସଙ୍ଗକୁ ହୁଏତ ଏଡାଇ ଦିଆଯାଇ ନ ପାରେ।

## ଶୁଶାସନ ଦିବସ: ଆଧୁନିକ ରାଷ୍ଟ୍ର ନିର୍ମାଣର ବିଶୁ ମହାରଣା ଥିଲେ ବାଜପେୟୀ

ବରବଡ଼,୨୫।୧୨(ସଂଚାର ବ୍ୟୁରୋ): ୨୦୪୭ ମସିହାରେ ଭାରତ ଦେଶ ୧୦୦ ତମ ସ୍ୱାଧୀନତା ଦିବସ ପାଳନ କରିବ। ଆଧୁନିକ ରାଷ୍ଟ୍ର ନିର୍ମାଣ ପ୍ରଥମ ବିଶୁ ମହାରଣା ହେଉଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ। ବରଗଡ଼ ହେଉଛି ପ୍ରତିଭାର ଏନ୍ତୁଡ଼ି ଶାଳ। ସବୁଠାରୁ ପୃଥିବୀର ପ୍ରତିଭାଶାଳୀ ବରଗଡ଼ରେ ରହିଛନ୍ତି। ନୂଆଁ ଓଡ଼ିଶା, ନୂଆଁ ଦେଶ ଗଠନ ପାଇଁ ବରଗଡ଼ରୁ ହିଁ ପ୍ରତିଭାମାନେ ସୃଷ୍ଟି ହେବେ। ଆଜି ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲଠାରେ ଆୟୋଜିତ ସୁଶାସନ ଦିବସର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଯୋଗ ଦେଇ ଏଭଳି ବକ୍ତବ୍ୟ ରଖିଛନ୍ତି। ସେହିପରି ମଣ୍ଡିରେ ଦଲାଲରାଜ ବନ୍ଦ ପ୍ରକ୍ରିୟା ବନ୍ଦ କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଚାଷୀ ମଣ୍ଡିକୁ ଶୁଖିଲା ଧାନ, ଏଫଏକ୍ୟୁ ଧାନ ଆଣୁଛନ୍ତି। ଏକ ହଜାର କୋଟି ଆଧୁନିକକରଣ କରିବା ପାଇଁ ମଣ୍ଡିକୁ ଟଙ୍କା ଯୋଗାଇ ଦିଆଯାଇଛି। ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ସୁଶାସନ ଦିବସରେ ମନ୍ତ୍ରୀ ସୁରେଶ ପୂଜାରୀ ଏହା କହିଛନ୍ତି।

